# ଧରିତ୍ରୀ
DHARITRI

ସମ୍ବଲପୁର, ଶୁକ୍ରବାର, ମେ ୨୧/୨୦୨୧ (୧୨ ପୃଷ୍ଠା) | Sambalpur, Friday, May 21/2021 | ★★

୧୭୩ ଭାଗ ୧୫୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-




**ଡ୍ରାଭିଡ ମୁଖ୍ୟ କୋଚ୍ ହେବେ**

ଜୁଲାଇରେ ଶ୍ରୀଲଙ୍କା ଟୁର୍ ପାଇଁ ପୂର୍ବତନ ଅଧିନାୟକ ରାହୁଲ ଡ୍ରାଭିଡ୍ ଭାରତୀୟ କ୍ରିକେଟ ଦଳର ମୁଖ୍ୟ କୋଚ୍ ହେବେ।

୧୨

୧୦

**ଓଟିଟିରେ ରିଲିଜ୍ ହେବନି 'ମୈଦାନ'**

ଅଜୟ ଦେବଗନଙ୍କ ଅଭିନୀତ ଚଳଚ୍ଚିତ୍ର 'ମୈଦାନ' ଓଟିଟି ପ୍ଲାଟଫର୍ମରେ ରିଲିଜ୍ ହେବା ନେଇ ହେଉଥିବା ଗୁଜବକୁ ଏହାର ନିର୍ମାତା ଖଣ୍ଡନ କରିଛନ୍ତି।



# ନିଜେ କରିପାରିବେ କରୋନା ଟେଷ୍ଟ




## ଆସିଲା କୋଭିସେଲ୍ଫ ହୋମ୍ ଟେଷ୍ଟ କିଟ୍

## ଆଇସିଏମ୍ଆର୍‌ର ଅନୁମୋଦନ

ନୂଆଦିଲ୍ଲୀ, ୨୦।୫

ଏଣିକି ଘରେ ରହି ୨ ମିନିଟ୍‌ରେ କୋଭିଡ୍ ପରୀକ୍ଷା କରିହେବ ଓ ୧୫ ମିନିଟରେ ଫଳାଫଳ ଜଣାପଡ଼ିଯିବ। ପୁଣେର ମାଇଁଲାବ୍ ଡିସ୍‌କଭରି ସଲ୍ୟୁଶନ୍ସ ଲିଃ କୋଭିସେଲ୍ଫ ନାମରେ ଏକ ହୋମ ଟେଷ୍ଟ କିଟ୍ ଆଣିଛି। ଭାରତର ଭେଷଜ ଗବେଷଣା ପରିଷଦ (ଆଇସିଏମ୍ଆର୍) ଏହି ରାପିଡ୍ ଆଣ୍ଟିଜେନ୍ ଟେଷ୍ଟିଂ କିଟ୍‌କୁ ବ୍ୟବହାର ପାଇଁ ଅନୁମୋଦନ କରିଛି। ଏହାକୁ କେବଳ ଲକ୍ଷଣ ଥିବା ବ୍ୟକ୍ତି ଏବଂ ଅନ୍ୟ ପଜିଟିଭ୍ ରୋଗୀଙ୍କ ସଂସ୍ପର୍ଶରେ ଆସିଥିବା ବ୍ୟକ୍ତିଙ୍କ କ୍ଷେତ୍ରରେ ବ୍ୟବହାର କରିବାକୁ ପରାମର୍ଶ ଦିଆଯାଇଛି। କେବଳ ନାକରୁ ସ୍ୱାବ୍ ନେଇ ପରୀକ୍ଷା କରାଯିବ। ଆସନ୍ତା ସପ୍ତାହରେ କୋଭିସେଲ୍ଫ ଟେଷ୍ଟ କିଟ୍ ବଜାରରେ ଉପଲବ୍ଧ ହେବ ବୋଲି ମାଇଁଲାବ୍ ଡିସ୍‌କଭରି ସଲ୍ୟୁଶନ୍ସର ନିର୍ଦ୍ଦେଶକ ସୁଜିତ ଜୈନ କହିଛନ୍ତି। କିଟ୍‌ର ଦାମ୍ ୨୫୦ ଟଙ୍କା ରହିବ ବୋଲି କୁହାଯାଉଛି।

କୋଭିସେଲ୍ଫ କିଟ୍‌ରେ ପଜିଟିଭ୍ ଚିହ୍ନଟ ହୋଇଥିବା ବ୍ୟକ୍ତିଙ୍କୁ କରୋନା ସଂକ୍ରମିତ ବିବେଚନା କରାଯିବ ଓ ଅନ୍ୟ ପରୀକ୍ଷା କରାଇବାକୁ ପଡ଼ିବ ନାହିଁ ବୋଲି ଆଇସିଏମ୍ଆର୍ କହିଛି। ତେବେ ଉକ୍ତ କିଟ୍‌ରେ ଜଣେ ନେଗେଟିଭ୍ ଚିହ୍ନଟ ହେଲେ ତୁରନ୍ତ ଆର୍‌ଟି-ପିସିଆର୍ ପରୀକ୍ଷା କରାଇ ନେବାକୁ ପରାମର୍ଶ ଦିଆଯାଇଛି। ହୋମ୍ ଟେଷ୍ଟିଂ ମୋବାଇଲ୍ ଆପ୍ ଗୁଗଲ୍ ପ୍ଲେ ଷ୍ଟୋର ଏବଂ ଆପଲ୍ ଷ୍ଟୋରରେ ଉପଲବ୍ଧ ଏବଂ ବ୍ୟବହାରକାରୀ ଏହାକୁ ଡାଉନଲୋଡ କରିପାରିବେ। ଟେଷ୍ଟିଂ ପ୍ରକ୍ରିୟାରେ ଏହି ଆପ୍ ଏକ ଗାଇଡ୍ ଭାବେ କାର୍ଯ୍ୟ କରିବ।

# ମହାମାରୀ ତାଲିକାଭୁକ୍ତ 'ବ୍ଲାକ୍ ଫଙ୍ଗସ୍'

## ଘୋଷଣା କଲେ ରାଜ୍ୟ ସରକାର

ଭୁବନେଶ୍ୱର, ୨୦।୫(ବ୍ୟୁରୋ)

'ବ୍ଲାକ୍ ଫଙ୍ଗସ୍'କୁ ରାଜସ୍ଥାନ ଓ ତେଲଙ୍ଗାନା ମହାମାରୀ ଘୋଷଣା କରିବା ପରେ ଓଡ଼ିଶା ସରକାର ଗୁରୁବାର ଏହାକୁ ମହାମାରୀ ଆଇନ-୧୮୯୭ରେ ଅନ୍ତର୍ଭୁକ୍ତ କରିଛନ୍ତି। ଏନେଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବକିଶୋର ଦାସ ସୂଚନା ଦେଇଛନ୍ତି। ବ୍ଲାକ୍ ଫଙ୍ଗସ୍‌କୁ ମହାମାରୀ ଘୋଷଣା କରିବାକୁ କେନ୍ଦ୍ର ସରକାର ପରାମର୍ଶ ଦେଇଥିଲେ। ହେଲେ ରାଜ୍ୟ ସରକାର ଏନେଇ ସ୍ୱାସ୍ଥ୍ୟ ବିଶେଷଜ୍ଞ କମିଟିର ସୁପାରିସକୁ ଆଧାର କରି ଏହାକୁ ମହାମାରୀ ତାଲିକାଭୁକ୍ତ ରୋଗ (ନୋଟିଫାଏବଲ୍ ଡିଜିଜ୍) ଭାବେ ଗ୍ରହଣ କରିଛନ୍ତି। କରୋନା ଭଳି ଅତିମାରି ସମୟରେ ଲୋକଙ୍କୁ ସଚେତନ ପାଇଁ ଜରୁରୀ ଅବଗତ ନିମନ୍ତେ ସରକାର ଏଭଳି ପଦକ୍ଷେପ ନେଇଛନ୍ତି। ଓଡ଼ିଶାରେ ଖୁବ୍ କମ୍ ସଂଖ୍ୟକ କରୋନା ସଂକ୍ରମିତଙ୍କ ଠାରେ ବ୍ଲାକ୍ ଫଙ୍ଗସ୍ ଚିହ୍ନଟ ହୋଇଛି। ଏହା ରାଜ୍ୟରେ ମହାମାରୀ ସ୍ଥିତି ସୃଷ୍ଟି କରି ନାହିଁ ବୋଲି ସରକାରଙ୍କ ପକ୍ଷରୁ ସ୍ପଷ୍ଟ କରାଯାଇଛି।

ମିଳିଥିବା ସୂଚନାନୁଯାୟୀ, ଓଡ଼ିଶାରେ ଏପର୍ଯ୍ୟନ୍ତ ୧୧ଜଣ ବ୍ଲାକ୍ ଫଙ୍ଗସ୍ ରୋଗୀ ଚିହ୍ନଟ ହୋଇଛନ୍ତି। ରାଜ୍ୟ ସରକାର ଗତ ୩ଦିନ ତଳେ ବ୍ଲାକ ଫଙ୍ଗସ୍ ରୋଗର



ଲକ୍ଷଣ ଓ ଏହାର ମୁକାବିଲା ପାଇଁ ଏକ ଉଚ୍ଚସ୍ତରୀୟ ବିଶେଷଜ୍ଞ କମିଟି ଗଠନ କରିଥିଲେ। ବରିଷ୍ଠ ଡାକ୍ତରମାନଙ୍କୁ ନେଇ ଗଠିତ ଏହି କମିଟି ରାଜ୍ୟ ସରକାରଙ୍କୁ ମୁଖ୍ୟତଃ ୬ଟି ସୁପାରିସ କରିଥିଲା। ବ୍ଲାକ୍ ଫଙ୍ଗସ୍ ରୋଗରେ ପୀଡ଼ିତ ରୋଗୀଙ୍କୁ ଆବଶ୍ୟକ ଔଷଧ ଯୋଗାଇଦେବା, ପରୀକ୍ଷା ନିରୀକ୍ଷା ଓ ଚିକିତ୍ସା ପାଇଁ ସ୍ୱତନ୍ତ୍ର ପ୍ରୋଟୋକଲ, ଜିଲାସ୍ତରରେ ରୋଗ ଜଣାଇବାକୁ ବାଧ୍ୟ କରାଯିବା, ଜନସଚେତନତା ଏବଂ ଖବର ସଂଗ୍ରହ ଉପରେ ବ୍ୟବସ୍ଥା କରିବା ନିମନ୍ତେ କମିଟି ରାଜ୍ୟ ସରକାରଙ୍କୁ ☞ପୃଷ୍ଠା-୪

## ଆସିଲାଣି ହ୍ୱାଇଟ୍ ଫଙ୍ଗସ୍

ପାଟନା, ୨୦।୫

■ ପାଟନାରେ ହ୍ୱାଇଟ୍ ଫଙ୍ଗସ୍ ରୋଗୀ ଚିହ୍ନଟ
■ ବ୍ଲାକ୍ ଫଙ୍ଗସ୍‌ଠାରୁ ଅଧିକ ବିପଜ୍ଜନକ

ବ୍ଲାକ୍ ଫଙ୍ଗସ୍ ପରେ ବିହାର ରାଜଧାନୀ ପାଟନାରେ ଗୁରୁବାର ୪ ହ୍ୱାଇଟ୍ ଫଙ୍ଗସ୍ ସଂକ୍ରମିତ ରୋଗୀ ଚିହ୍ନଟ ହୋଇଛନ୍ତି। ଏହା ରୋଗୀଙ୍କ ଚର୍ମକୁ ନଷ୍ଟ କରିଦେବା ସହ ଫୁସ୍‌ଫୁସ୍‌କୁ ସଂକ୍ରମଣ କରିଥାଏ ଏବଂ ଅବହେଳା କଲେ ଜୀବନ ନେଇଯାଇପାରେ ବୋଲି ବିଶେଷଜ୍ଞମାନେ କହିଛନ୍ତି। ସେଥିପାଇଁ ହ୍ୱାଇଟ୍ ଫଙ୍ଗସ୍ ବ୍ଲାକ ଫଙ୍ଗସ୍ ଠାରୁ ଅଧିକ ବିପଜ୍ଜନକ ବୋଲି କୁହାଯାଉଛି। ଡାଇବେଟିସ୍ ରୋଗୀ ☞ପୃଷ୍ଠା-୪



## ଦିନକରେ ସର୍ବାଧିକ ୨୫ ମୃତ

ଭୁବନେଶ୍ୱର, ୨୦।୫(ବ୍ୟୁରୋ)



■ ୨୪ ଘଣ୍ଟାରେ ୧୧,୪୯୮ ଆକ୍ରାନ୍ତ ଚିହ୍ନଟ
■ ଖୋର୍ଦ୍ଧା ଜିଲାରେ ଲକ୍ଷେ ଟପିଲା ସଂକ୍ରମଣ

ରାଜ୍ୟରେ ଏବେ କରୋନାର ଦ୍ୱିତୀୟ ଲହର ସକ୍ରିୟ ରହିଛି। ଏଥିରେ ସଂକ୍ରମିତଙ୍କ ସଂଖ୍ୟା ଭଳି ମୃତ୍ୟୁ ସଂଖ୍ୟା ମଧ୍ୟ ବଢ଼ିଚାଲିଛି। ଦୈନିକ ମୃତ୍ୟୁସଂଖ୍ୟା ୨୦ରୁ ଊର୍ଦ୍ଧ୍ୱ ରହୁଛି। ଗତ ୨୪ଘଣ୍ଟାରେ ରାଜ୍ୟରେ ସର୍ବାଧିକ ୨୫ଜଣଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ କଳାହାଣ୍ଡି ଓ ଖୋର୍ଦ୍ଧାରୁ ସର୍ବାଧିକ ୪ଜଣ ଲେଖାଏ ଥିବାବେଳେ ଅନୁଗୋଳରୁ ୩ଜଣ ରହିଛନ୍ତି। ସେହିପରି ଗଞ୍ଜାମ, ରାୟଗଡ଼, ସୁନ୍ଦରଗଡ଼ରୁ ୨ଜଣ ଲେଖାଏ ଥିବାବେଳେ ବଲାଙ୍ଗୀର, ବୌଦ୍ଧ, ବାଲେଶ୍ୱର, ବରଗଡ଼, ଢେଙ୍କାନାଳ, କେନ୍ଦୁଝର, ପୁରୀ ଓ କଟକରୁ ଜଣେ ଲେଖାଏ ରହିଛନ୍ତି। ଏମାନଙ୍କୁ ମିଶାଇ ରାଜ୍ୟରେ ମୋଟ କରୋନା ମୃତ୍ୟୁ ସଂଖ୍ୟା ୨,୪୦୩କୁ ବୃଦ୍ଧି ପାଇଛି।

ଅପରପକ୍ଷେ ରାଜ୍ୟରେ ଗତ ୨୪ଘଣ୍ଟାରେ ଆଉ ୧୧,୪୯୮ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ☞ପୃଷ୍ଠା-୪

## ଆଇଟିଆର୍ ଫାଇଲିଂ ଅବଧି ସେପ୍ଟେମ୍ବର ୩୦ ଯାଏ ବୃଦ୍ଧି




**ନୂଆଦିଲ୍ଲୀ,୨୦।୫:** ଆର୍ଥିକ ବର୍ଷ ୨୦୨୦-୨୧ର ଆୟକର ରିଟର୍ନ (ଆଇଟିଆର୍) ଫାଇଲିଂ ଅବଧିକୁ ସରକାର ଗୁରୁବାର ଚଳିତ ବର୍ଷ ସେପ୍ଟେମ୍ବର ୩୦ ଯାଏ ବୃଦ୍ଧି କରିଛନ୍ତି। ବର୍ତ୍ତମାନ କୋଭିଡ ସ୍ଥିତିକୁ ଧ୍ୟାନରେ ରଖି ବ୍ୟକ୍ତିବିଶେଷଙ୍କ ସୁବିଧା ଲାଗି ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି। ସେହିଭଳି କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ବୋର୍ଡ (ସିବିଡିଟି) ପକ୍ଷରୁ କମ୍ପାନୀଗୁଡିକ ଲାଗି ଆଇଟିଆର୍ ଫାଇଲିଂ କରିବା ଅବଧିକୁ ଆଉ ଗୋଟିଏ ମାସ ବଢ଼ାଯାଇ ନଭେମ୍ବର ୩୦ କରାଯାଇଛି। ଉଲ୍ଲେଖଯୋଗ୍ୟ, ବ୍ୟକ୍ତି ବିଶେଷଙ୍କ ଆଇଟିଆର୍-୧ ଏବଂ ଆଇଟିଆର୍-୪ ଫର୍ମରେ ଫାଇଲିଂ ସୀମା ଚଳିତ ବର୍ଷ ଜୁଲାଇ ୩୧ ଯାଏ ରହିଥିଲା। ଏହାବାଦ କମ୍ପାନୀ ଏବଂ ଫାର୍ମଗୁଡିକର ଅଡିଟ କ୍ଷେତ୍ରରେ ଫାଇଲିଂ ଅବଧି ଅକ୍ଟୋବର ୩୧ ରହିଥିଲା। ନିଯୁକ୍ତିଦାତାଙ୍କ ପକ୍ଷରୁ କର୍ମଚାରୀଙ୍କୁ ଫର୍ମ-୧୬ ଇସ୍ୟୁ କରିବାର ଅବଧି ଜୁଲାଇ ୧୫ ଯାଏ ବଢ଼ାଯାଇଥିବା ସିବିଡିଟି ପକ୍ଷରୁ ସ୍ପଷ୍ଟ କରାଯାଇଛି। ସେହିଭଳି ଟାକ୍ସ ଅଡିଟ ରିପୋର୍ଟ ଏବଂ ଟ୍ରାନ୍ସଫର ପ୍ରାଇସିଂ ସାର୍ଟିଫିକେଟ ଫାଇଲିଂ କରିବା ଅବଧି ବଢ଼ାଯାଇ ଯଥାକ୍ରମେ ଅକ୍ଟୋବର ୩୧ ଏବଂ ନଭେମ୍ବର ୩୦ ରହିଛି। ଅବଧି ପରେ କିମ୍ବା ପରିବର୍ତ୍ତିତ ରିଟର୍ନ ଦାଖଲ କରିବାକୁ ହେଲେ ବ୍ୟକ୍ତି ବିଶେଷ ୨୦୨୨ ଜାନୁୟାରୀ ୩୧ ଯାଏ ପଇଠ କରିପାରିବେ। ୨୦୨୦-୨୧ ରିଟର୍ନ ଫାଇଲ ଲାଗି ସିବିଡିଟି ପକ୍ଷରୁ ଏପ୍ରିଲ ପହିଲାରେ ବିଜ୍ଞପ୍ତି ଜାରି କରାଯାଇଥିଲା। କୋଭିଡକୁ ନଜରରେ ରଖି ଫର୍ମରେ ବିଶେଷ କିଛି ପରିବର୍ତ୍ତନ କରାଯାଇ ନ ଥିଲା। ନୂତନ ଟିକସ ସିଷ୍ଟମ ଗ୍ରହଣ କରିବା ନେଇ ଟିକସଦାତାଙ୍କୁ ଏଥିରେ ଏକ ବିକଳ୍ପ ପ୍ରଦାନ କରାଯାଇଥିଲା।




# ମୋଦିଙ୍କ କୋଭିଡ୍ ବୈଠକ ସୁପର ଫ୍ଲପ୍

## ଅଣଭାଜପା ଶାସିତ ରାଜ୍ୟର ମୁଖ୍ୟମନ୍ତ୍ରୀମାନଙ୍କୁ କହିବାକୁ ଦିଆଗଲା ନାହିଁ: ମମତା

କୋଲକାତା/ନୂଆଦିଲ୍ଲୀ,୨୦।୫

କୋଭିଡ୍-୧୯ ସ୍ଥିତିନେଇ ମୁଖ୍ୟମନ୍ତ୍ରୀମାନଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବୈଠକ 'ସୁପର ଫ୍ଲପ୍' ହୋଇଛି। ଏଥିରେ ତାଙ୍କ ସମେତ ଅନ୍ୟ ମୁଖ୍ୟମନ୍ତ୍ରୀଙ୍କୁ କହିବାକୁ ଦିଆଯାଇନାହିଁ, ଯାହାକି ସେମାନଙ୍କ ପ୍ରତି ଅପମାନ ବୋଲି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କହିଛନ୍ତି।

କୋଲକାତାସ୍ଥିତ ରାଜ୍ୟ ସଚିବାଳୟ 'ନବାନ୍ନ'ରେ ଗଣମାଧ୍ୟମକୁ ମମତା କହିଛନ୍ତି, କେବଳ ଭାଜପା ଶାସିତ ରାଜ୍ୟଗୁଡ଼ିକର ମୁଖ୍ୟମନ୍ତ୍ରୀମାନଙ୍କୁ ବୈଠକରେ କହିବାକୁ ସୁଯୋଗ ଦିଆଯାଇଛି। ଅନ୍ୟମାନଙ୍କ ସହ କଣ୍ଢେଇ ଭଳି ବ୍ୟବହାର ଦେଖାଯାଇଛି। ଏହା ଏକ ଗୁରୁତ୍ୱହୀନ ତଥା ସୁପର




ଫ୍ଲପ୍ ବୈଠକ। ଏଥିରେ ଆମେ ସମସ୍ତେ ଅପମାନିତ ହୋଇଛୁ। ଦେଶର ସଂଘୀୟ ବ୍ୟବସ୍ଥାକୁ ଧ୍ୱସ୍ତବିଧ୍ୱସ୍ତ କରିବା ପାଇଁ ଏହା ଏକ ଉଦ୍ୟମ। ପ୍ରଧାନମନ୍ତ୍ରୀ ମୋଦି ନିଜକୁ ଏତେ ଅସୁରକ୍ଷିତ ମଣୁଛନ୍ତି ଯେ, ସେ ଆମ କଥା ଶୁଣିବାକୁ ନାରାଜ। ଏପରି କି ପଶ୍ଚିମବଙ୍ଗ କିପରି କୋଭିଡ୍ ସ୍ଥିତିର ମୁକାବିଲା କରୁଛି ଓ ନିଜ ପାଖରେ କେତେ ଭାକ୍ସିନ ଅଥବା ଅକ୍ସିଜେନ ରଖିଛି, ସେନେଇ ମଧ୍ୟ ପ୍ରଧାନମନ୍ତ୍ରୀ ଜାଣିବାକୁ ଚାହିଁ ନ ଥିଲେ ବୋଲି ମମତା ଅଭିଯୋଗ ଆଣିଛନ୍ତି। ସେହିପରି ଦେଶରେ କୋଭିଡ୍ ମାମଲା ହ୍ରାସ ପାଇବାରେ ଲାଗିଛି ବୋଲି ପ୍ରଧାନମନ୍ତ୍ରୀଙ୍କ ଦାବି ଉପରେ ମମତା କହିଛନ୍ତି, ଯଦି ମୋଟ ସଂକ୍ରମିତଙ୍କ ସଂଖ୍ୟା କମୁଛି ତେବେ ଏତେ ସଂଖ୍ୟକ ମୃତ୍ୟୁ କାହିଁକି ଘଟୁଛି। ଦେଶରେ କୋଭିଡ୍-୧୯ ସ୍ଥିତିର ମୁକାବିଲା ପାଇଁ କେନ୍ଦ୍ର ସରକାରଙ୍କ ପାଖରେ କୌଣସି ଉପଯୁକ୍ତ ଯୋଜନା ନାହିଁ ବୋଲି ମମତା ସମାଲୋଚନା କରିଛନ୍ତି। ଅନ୍ୟପକ୍ଷେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଡ୍ରାମା କରୁଥିବା କେନ୍ଦ୍ର ସରକାରଙ୍କ ପକ୍ଷରୁ କୁହାଯାଇଛି। ଇତିମଧ୍ୟରେ ମମତା ପଶ୍ଚିମବଙ୍ଗର ରାଜ୍ୟ ଓ କେନ୍ଦ୍ରୀୟ କର୍ମଚାରୀଙ୍କ ପାଇଁ ୨୦ ଲକ୍ଷ ଡୋଜ୍ ଭାକ୍ସିନ ଦାବି କରି ପ୍ରଧାନମନ୍ତ୍ରୀଙ୍କ ନିକଟକୁ ଚିଠି ଲେଖିଛନ୍ତି।

# ହୃଷୀକେଶ ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତି

ଭୁବନେଶ୍ୱର, ୨୦।୫ (ବ୍ୟୁରୋ)

ଓଡ଼ିଶା ସାହିତ୍ୟ ଏକାଡେମୀର ସଭାପତି ଭାବେ ଗୁରୁବାର ନିଯୁକ୍ତି ପାଇଛନ୍ତି ବିଶିଷ୍ଟ କବି ଡ. ହୃଷୀକେଶ ମଲ୍ଲିକ। ଉନ୍ନୟନ କମିଶନର ପ୍ରଦୀପ ଜେନାଙ୍କ ଅଧ୍ୟକ୍ଷତାରେ ଗଠିତ ଚୟନ କମିଟି ସୁପାରିସକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନୁମୋଦନ କଲାପରେ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଏ ନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ଡ. ମଲ୍ଲିକଙ୍କୁ ୩ବର୍ଷ ପାଇଁ ସରକାର ଏହି ନିଯୁକ୍ତି ପ୍ରଦାନ କରିଛନ୍ତି। ତାଙ୍କ ନିଯୁକ୍ତିକୁ ସାହିତ୍ୟିକମାନେ ସ୍ୱାଗତ କରିଛନ୍ତି।

ଡ. ମଲ୍ଲିକ ଓଡ଼ିଆ କବିତାର ଜଣେ ଧାରା ପ୍ରବର୍ତ୍ତକ କବି, ଯାହାଙ୍କର ପ୍ରଥମ କବିତା ବହି 'ଧାନ ସାଉଁଟା ଝିଅ' ୧୯୮୮ରେ ଓଡ଼ିଆ ସାହିତ୍ୟ ଏକାଡେମୀ ଦ୍ୱାରା ପୁରସ୍କୃତ ହୋଇଥିଲା। ଏଯାବତ୍ ତାଙ୍କର ୧୨ଖଣ୍ଡ କବିତା ବହି, ୨ଟି ଗଳ୍ପଗ୍ରନ୍ଥ ଓ ୧୦ଖଣ୍ଡରୁ ଊର୍ଦ୍ଧ୍ୱ ସମାଲୋଚନା ପୁସ୍ତକ ସହ ମୋଟ୍ ପ୍ରାୟ ୪୦ରୁ ଅଧିକ ପୁସ୍ତକ ପ୍ରକାଶ ପାଇଛି। କବିତା ରଚନା ପାଇଁ ସେ ବହୁ ରାଜ୍ୟସ୍ତରୀୟ ପୁରସ୍କାରରେ ସମ୍ମାନିତ ହୋଇଛନ୍ତି।



ଡ. ହୃଷୀକେଶ ମଲ୍ଲିକ

ଯହିଁରେ ସାମିଲ 'ଧରିତ୍ରୀ କବିତା ପୁରସ୍କାର', 'ଭାନୁଜୀରାଓ ସ୍ମୃତି ପୁରସ୍କାର', 'ଶାରଳା ପୁରସ୍କାର', 'ଝଙ୍କାର ବିଷୁବ ପୁରସ୍କାର'ଓ 'ସଚ୍ଚି ରାଉତରାୟ କବିତା ପୁରସ୍କାର'। ୧୯୭୯ରୁ ୧୯୮୦ ଯାଏଁ ଡ. ମଲ୍ଲିକ ରବିବାସରୀୟ ଧରିତ୍ରୀ ପୃଷ୍ଠାର ସଂପାଦକ, ୨୦୧୪ରୁ ତାଙ୍କ ସଂପାଦନାରେ ଧରିତ୍ରୀ 'ସାହିତ୍ୟାୟନ' ସଂପାଦିତ ହୋଇ ବୃହତ୍ତର ଓଡ଼ିଆ ପାଠିକାପାଠକଙ୍କ ପ୍ରଶଂସାଭାଜନ ହୋଇପାରିଛି। ମଲ୍ଲିକଙ୍କର କବିତା ହିନ୍ଦୀ, ଇଂଲିଶ ଓ ବଙ୍ଗଳା ଭାଷାରେ ଅନୂଦିତ ହୋଇ ତାଙ୍କୁ ସର୍ବଭାରତୀୟ ଖ୍ୟାତି ଆଣି ଦେଇଛି।

# ୨୬ରେ ଆସୁଛି 'ୟାସ୍'

ଭୁବନେଶ୍ୱର, ୨୦।୫(ବ୍ୟୁରୋ)

ସମ୍ଭାବ୍ୟ ସାମୁଦ୍ରିକ ବାତ୍ୟା 'ୟାସ୍'କୁ ନେଇ ପଶିଲାଣି ଛନକା। ଆସନ୍ତା ୨୨ ତାରିଖରେ ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗରରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବ। ଏହା ଧୀରେ ଧୀରେ ଘନୀଭୂତ ହୋଇ ୨୪ ତାରିଖରେ ସାମୁଦ୍ରିକ ଘୂର୍ଣ୍ଣିଝଡ଼ରେ ପରିଣତ ହେବ। ଏହା ଉତ୍ତର-ପଶ୍ଚିମ ଦିଗରେ ଗତି କରି ପଶ୍ଚିମବଙ୍ଗ ଏବଂ ଓଡ଼ିଶା ଉପକୂଳ ଦେଇ ଆସନ୍ତା ୨୬ ତାରିଖ ସକାଳେ ସ୍ଥଳଭାଗ ଅତିକ୍ରମ କରିବା ସମ୍ଭାବନା ରହିଛି ବୋଲି ପାଣିପାଗ ବିଭାଗ ଅନୁମାନ କରିଛି। ବାତ୍ୟା ପ୍ରଭାବରେ ୨୩ ତାରିଖରେ ଆଣ୍ଡାମାନ ଓ ପୂର୍ବକେନ୍ଦ୍ରୀୟ ବଙ୍ଗୋପସାଗରରେ ଘଣ୍ଟାକୁ ୪୫ରୁ ୫୫ କି.ମି. ବେଗରେ ପବନ ବହିବ। ବେଳେ ବେଳେ ଏହାର ବେଗ ଘଣ୍ଟା ପ୍ରତି ୭୫ କି.ମି. ଛୁଇଁପାରେ। ୨୪ ତାରିଖରୁ କେନ୍ଦ୍ରୀୟ ବଙ୍ଗୋପସାଗରର ଅଧିକାଂଶ ସ୍ଥାନରେ ପବନର ବେଗ ଘଣ୍ଟା ପ୍ରତି ୬୫ରୁ ୭୫ କି.ମି ଏବଂ ସ୍ଥଳ ବିଶେଷରେ ୮୫ କି.ମି. ଟପିଯାଇପାରେ। ୨୫ ତାରିଖ



■ ସକାଳେ ସ୍ଥଳଭାଗ ଅତିକ୍ରମ କରିବ ବାତ୍ୟା
■ ଉତ୍ତର ଓଡ଼ିଶାରେ ପ୍ରବଳ ବର୍ଷା ସମ୍ଭାବନା
■ ୨୩ରୁ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ଯିବାକୁ ବାରଣ
■ ଜିଲାପାଳଙ୍କ ସହ ଏସ୍ଆର୍‌ସିଙ୍କ ଆଲୋଚନା
■ ବାତ୍ୟା ପ୍ରସ୍ତୁତି ଆରମ୍ଭ କଲା ଜିଲା ପ୍ରଶାସନ

ବେଳକୁ ଏହା ଆହୁରି ବଳଶାଳୀ ହୋଇ ସ୍ଥଳଭାଗମୁହାଁ ହେବ। ଏହାର ପ୍ରଭାବରେ ମେ' ୨୫ ତାରିଖ ରାତିରୁ ଉପକୂଳ ଓଡ଼ିଶାର ଜଗତ୍‌ସିଂହପୁର, କେନ୍ଦ୍ରାପଡ଼ା, ଯାଜପୁର, ଭଦ୍ରକ, କଟକ, ବାଲେଶ୍ୱର, ମୟୂରଭଞ୍ଜ, ପୁରୀ, ଖୋର୍ଦ୍ଧା, ନୟାଗଡ଼ ଆଦି ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବା ସମ୍ଭାବନା ରହିଛି। ବୁଢ଼ାବଳଙ୍ଗ ଏବଂ ସୁବର୍ଣ୍ଣରେଖା ନଦୀରେ ବନ୍ୟା ଆସିବା ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। ବାତ୍ୟାକୁ ଦୃଷ୍ଟିରେ ରଖି ଗଭୀର ସମୁଦ୍ରକୁ ଯାଇଥିବା ମତ୍ସ୍ୟଜୀବୀଙ୍କୁ ୨୩ ତାରିଖ ସୁଦ୍ଧା କୂଳକୁ ଫେରି ଆସିବାକୁ ପରାମର୍ଶ ଦିଆଯାଇଛି।

ଅପରପକ୍ଷେ ସମ୍ଭାବ୍ୟ ବାତ୍ୟା ମୁକାବିଲା ପାଇଁ ରାଜ୍ୟ ସରକାର ପ୍ରସ୍ତୁତି ଆରମ୍ଭ କରିଛନ୍ତି। ସ୍ୱତନ୍ତ୍ର ରିଲିଫ୍ କମିଶନର (ଏସ୍ଆର୍‌ସି) ପ୍ରଦୀପ କୁମାର ଜେନା ଗୁରୁବାର ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ପୁରୀ, ଗଞ୍ଜାମ, ମୟୂରଭଞ୍ଜ, ଯାଜପୁର, ନୟାଗଡ଼, ଖୋର୍ଦ୍ଧା, କଟକ, ଗଜପତି ଜିଲାର ଜିଲାପାଳ, ଅତିରିକ୍ତ ଜିଲାପାଳ, ଏସ୍‌ପି, ଜିଲା ଜରୁରିକାଳୀନ ଅଧିକାରୀ, ଜିଲା ଅଗ୍ନିଶମ ସେବା ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ଲିଙ୍ଗ ଅନୁପାତ ଓ ଚାଇନା ଅର୍ଥନୀତି

## ସଂକ୍ଷେପରେ

### ଶପଥ ନେଲେ ବିଜୟନ



**ଥିରୁଭାନନ୍ତପୁରମ୍, ୨୦।୫:** ପିନାରାୟୀ ବିଜୟନ କ୍ରମାଗତ ଦ୍ୱିତୀୟ ଥର ପାଇଁ କେରଳ ମୁଖ୍ୟମନ୍ତ୍ରୀ ଭାବେ ଗୁରୁବାର ଶପଥ ଗ୍ରହଣ କରିଛନ୍ତି। ରାଜ୍ୟପାଳ ଅରିଫ୍ ମହମ୍ମଦ ଖାନ୍ ଥିରୁଭାନନ୍ତପୁରମ୍ ସେଣ୍ଟ୍ରାଲ ଷ୍ଟାଡିୟମରେ ବିଜୟନଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଥିଲେ। ୨୦ ଜଣ ମନ୍ତ୍ରୀ ମଧ ଶପଥ ନେଇଛନ୍ତି। ଉତ୍ସବରେ କଂଗ୍ରେସ ନେତୃତ୍ୱାଧୀନ ୟୁଡିଏଫ୍‌ର ନେତାମାନେ ଯୋଗଦେଇ ନ ଥିଲେ। କେରଳ ବିଧାନସଭା ପାଇଁ ଏପ୍ରିଲ ୬ରେ ନିର୍ବାଚନ ଅନୁଷ୍ଠିତ ହୋଇଥିବାବେଳେ ମେ’୨ରେ ଫଳାଫଳ ପ୍ରକାଶ ପାଇଥିଲା। ଶପଥ ଉତ୍ସବକୁ ବାମ ଗଣତାନ୍ତ୍ରିକ ମେଣ୍ଟ (ଏଲ୍‌ଡିଏଫ୍) ନେତା, କର୍ମୀ ଓ ସମର୍ଥକମାନେ ଦୀର୍ଘଦିନ ହେଲା ପ୍ରତୀକ୍ଷା କରିଥିଲେ। ୧୪୦ ଆସନ ବିଶିଷ୍ଟ କେରଳ ବିଧାନସଭାରେ ଏଲ୍‌ଡିଏଫ୍ ୯୯ ଆସନରେ ବିଜୟୀ ହୋଇଥିଲାବେଳେ ବିରୋଧୀ ୟୁଡିଏଫ୍‌କୁ ୪୧ ଆସନ ମିଳିଥିଲା। ମଙ୍ଗଳବାର ବିଜୟନଙ୍କୁ ସଂସଦୀୟ ଦଳ ନେତା ନିର୍ବାଚନ କରାଯାଇଥିଲା।

### ସାନିଟାଇଜରରୁ ମଦ ପ୍ରସ୍ତୁତି: ୬ ଗିରଫ

**ଚେନ୍ନାଇ, ୨୦।୫:** ସାନିଟାଇଜରରୁ ମଦ ପ୍ରସ୍ତୁତ କରିବା ଅଭିଯୋଗରେ ତାମିଲନାଡୁର କୁଡାଲୋର ଜିଲା ରାମନାଥନ କୁପମ୍ ଅଞ୍ଚଳରୁ ୬ ଜଣଙ୍କୁ ପୋଲିସ ଗିରଫ କରିଛି। ସେମାନଙ୍କଠାରୁ ୩୦୦ ଲିଟର ହ୍ୟାଣ୍ଡ ସାନିଟାଇଜର, ଖାଲି ବୋତଲ ଏବଂ ଟାଟା ଏସ୍ ଯାନ ଜବତ ହୋଇଛି। ନିର୍ଦ୍ଦିଷ୍ଟ ସୂତ୍ରରୁ ସୂଚନା ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ୬ ଜଣ ମଦ ପ୍ରସ୍ତୁତିରେ ଲିପ୍ତ ଥିବା ଦେଖିବାକୁ ପାଇଥିଲା। ମଦ ପ୍ରସ୍ତୁତିରେ ସାନିଟାଇଜର ବ୍ୟବହୃତ ହେଉଥିବା ସ୍ୱାସ୍ଥ୍ୟ ବିଭାଗ ଅଧିକାରୀମାନେ ଯାଞ୍ଚ ପରେ ସ୍ପଷ୍ଟ କରିଛନ୍ତି।

### ପାକିସ୍ତାନ ସପକ୍ଷରେ ସ୍ଲୋଗାନ ଦେଇ ୫ ଗିରଫ

**କନୌଜ, ୨୦।୫(ଆଇଏଏନ୍‌ଏସ୍):** ପାକିସ୍ତାନ ସପକ୍ଷରେ ସ୍ଲୋଗାନ ଦେବା ଅଭିଯୋଗରେ ଉତ୍ତରପ୍ରଦେଶ ପୋଲିସ ୫ ଜଣଙ୍କୁ ଗିରଫ କରିବା ସହ ୧୫ ଜଣଙ୍କ ବିରୋଧରେ ମାମଲା ରୁଜୁ କରିଛି। ସେମାନଙ୍କ ସ୍ଲୋଗାନ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଗିରଫ ବ୍ୟକ୍ତିମାନଙ୍କ ମଧ୍ୟରେ ସ୍ଥାନୀୟ ମୁସଲମାନ ମୌଲବୀ ଅଛନ୍ତି। ଭାଇରାଲ ଭିଡିଓକୁ ଦେଖି ପୋଲିସ ସ୍ଲୋଗାନ ଦେଉଥିବା ଲୋକମାନଙ୍କୁ ଚିହ୍ନଟ କରିଥିଲା। ମେ’ ୧୫ରେ ଉକ୍ତ ଭିଡିଓ ଭାଇରାଲ ହୋଇଥିଲା। ଗିରଫ ୫ ଜଣଙ୍କ ବିରୋଧରେ ଆଇପିସିର ଧାରା ୧୫୩-ବି, ୫୦୫(୨) ଓ ଅନ୍ୟାନ୍ୟ ଧାରାରେ ମାମଲା ରୁଜୁ ହୋଇଛି। ଅନ୍ୟମାନଙ୍କୁ ଧରିବା ଲାଗି ଉଦ୍ୟମ ଜାରି ରହିଥିବା କନୌଜ ସର୍କଲ ଅଫିସର ଶିବ ପ୍ରତାପ ସିଂ କହିଛନ୍ତି।

# ଯୋଗୀ: ସତ ବନାମ ମିଛ

## ୬୪% ଗ୍ରାମ କରୋନାମୁକ୍ତ ହୋଇଛି: ୟୁପି ସରକାର

**ନୂଆଦିଲ୍ଲୀ/ଲକ୍ଷ୍ନୌ, ୨୦।୫**

କରୋନା ଭୂତାଣୁ ବୁଧବାର ୨.୭୬ ଲକ୍ଷ ଲୋକଙ୍କୁ ସଂକ୍ରମିତ କରିଛି। ଏହାସହ ଦେଶରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୨.୫୭ କୋଟି ଅତିକ୍ରମ କରିଥିବା ଗୁରୁବାର ପୂର୍ବାହ୍ନ ୧୦ଟାରେ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ସେହିପରି ଗତ ୨୪ ଘଣ୍ଟା ମଧ୍ୟରେ ୩,୮୭୪ ଜଣଙ୍କ ମୃତ୍ୟୁ ସହ ଦେଶରେ ମୋଟ କୋଭିଡ୍‌ଜନିତ ମୃତ୍ୟୁସଂଖ୍ୟା ୨,୮୭,୧୨୨ରେ ପହଞ୍ଚିଥିବା ସରକାରୀ ବୁଲେଟିନ୍ କହୁଛି। କେନ୍ଦ୍ର ସରକାରଙ୍କ ରିପୋର୍ଟ ଅନୁସାରେ ସଂକ୍ରମଣରେ ମହାରାଷ୍ଟ୍ର ସର୍ବାଗ୍ରେ ଥିବାବେଳେ ଏହା ତଳକୁ କର୍ଣ୍ଣାଟକ, କେରଳ, ତାମିଲନାଡୁ ଓ ଉତ୍ତରପ୍ରଦେଶ (ୟୁପି) ରହିଛି। ନୂଆ ସଂକ୍ରମଣ ମାମଲା କ୍ଷେତ୍ରରେ ୫ ନମ୍ବର ସ୍ଥାନରେ ଥିବା ୟୁପିର ୬୪% ଗ୍ରାମ କରୋନାମୁକ୍ତ ହୋଇଥିବା ଯୋଗୀ ସରକାର ଦାବି କରିଛନ୍ତି।

ୟୁପି ସରକାରଙ୍କ ପକ୍ଷରୁ ବୁଧବାର ଜାରି ସ୍ୱାସ୍ଥ୍ୟ ବୁଲେଟିନ୍ ଅନୁସାରେ ରାଜ୍ୟର ୬୪ ପ୍ରତିଶତ ଗ୍ରାମ ଏବେ କୋଭିଡ୍-୧୯ ମହାମାରୀରୁ ମୁକ୍ତ ହୋଇସାରିଛି। ଏଥିରେ



ଯୋଗୀ ଆଦିତ୍ୟନାଥ

ଦାବି କରାଯାଇଛି ଯେ, ପୂର୍ବ ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ ମୋଟ ୨,୯୭,୩୨୭ ନମୁନା ସଂଗ୍ରହ କରାଯାଇଥିଲା। ସେଥିରୁ ୭୩% ଟେଷ୍ଟ ଗ୍ରାମାଞ୍ଚଳରେ କରାଯାଇଥିଲା। ରାଜ୍ୟରେ ୭,୩୩୬ ନୂଆ ସଂକ୍ରମିତ ଚିହ୍ନଟ ହୋଇଥିବାବେଳେ ଏହି ଅବଧି ମଧ୍ୟରେ ୨୮୨ ରୋଗୀଙ୍କ ମୃତ୍ୟୁ ଘଟିଥିଲା। ସେହିପରି ଦିନକ ମଧ୍ୟରେ ୧୯,୬୬୯ ରୋଗୀ ଆରୋଗ୍ୟ ଲାଭ କରିଥିବା ଏଥିରେ ଦର୍ଶାଇଛି। ଅନ୍ୟପକ୍ଷରେ ୟୁପିରେ ଉଭୟ ସଂକ୍ରମଣ ଓ ମୃତ୍ୟୁସଂଖ୍ୟା ସରକାରୀ ରିପୋର୍ଟଠାରୁ ଢେର ଅଧିକ ବୋଲି ବିଶେଷଜ୍ଞମାନେ ମତ ଦେଉଛନ୍ତି। କାରଣ ସଦ୍ୟ ଅନୁଷ୍ଠିତ ପଞ୍ଚାୟତ ନିର୍ବାଚନ ଦାୟିତ୍ୱରେ ନିୟୋଜିତ ଥିବା ୧,୬୦୦ ଶିକ୍ଷକ କୋଭିଡ୍-୧୯ କବଳରେ ଆସି ପ୍ରାଣ ହରାଇଥିବା ପ୍ରାଥମିକ ଶିକ୍ଷକ ସଂଘ ଦାବି କରିଥିଲା। ଏହାକୁ ଯୋଗୀ ସରକାର ଖଣ୍ଡନ କରି ଜୀବନ ଯାଇଥିବା ଶିକ୍ଷକଙ୍କ ସଂଖ୍ୟା ମାତ୍ର ୩ ବୋଲି କହିଛନ୍ତି। ଅଧିକ ସଂଖ୍ୟକ କୋଭିଡ୍ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦେବା ପାଇଁ ଚାହୁଁ ନ ଥିବା ରାଜ୍ୟ ସରକାର ମିଛ କହୁଥିବା ଶିକ୍ଷକ ସଂଘ ଦାବି କରିଛି। ପୂର୍ବରୁ ରାଜ୍ୟରେ ପର୍ଯ୍ୟାପ୍ତ ଅକ୍ସିଜେନ ଅଛି ବୋଲି ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଦାବି କରୁଥିବାବେଳେ ହସ୍ପିଟାଲଗୁଡ଼ିକରେ ବହୁ ରୋଗୀ ଅମ୍ଳଜାନ ଅଭାବରୁ ପ୍ରାଣ ହରାଇଥିଲେ। ସେହିପରି କୋଭିଡ୍ ମୃତକଙ୍କ ଶବ ଗଙ୍ଗାନଦୀରେ ଭାସିବା ଓ ପୋତା ବାଲିରୁ ଉପରକୁ ଉଠିବା ଦୃଶ୍ୟ ସମସ୍ତଙ୍କୁ ବ୍ୟଥିତ କରିଥିଲା। ତେଣୁ ୟୁପିର ୬୪% ଗ୍ରାମ କରୋନାମୁକ୍ତ ହୋଇଥିବା ଦାବିକୁ ଅନେକେ ବିଶ୍ୱାସ କରିପାରୁ ନାହାନ୍ତି।

### ହସ୍ପିଟାଲ ଲୁଟୁଛନ୍ତି, ଚିକିତ୍ସା ମହଙ୍ଗା

ୟୁପିରେ କୋଭିଡ୍ ସଂକ୍ରମଣ ବଢୁଥିବା ଦେଖି ରାଜ୍ୟର କଂଗ୍ରେସ ପ୍ରଭାରୀ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଗୁରୁବାର ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କୁ ଚିଠି ଲେଖିଛନ୍ତି। ଯୋଗୀ ଜନତାଙ୍କୁ ସେମାନଙ୍କ ଅବସ୍ଥାରେ ଛାଡ଼ି ନ ଦେଇ ଲୋକଙ୍କ ପୀଡ଼ାକୁ ଅନୁଭବ କରନ୍ତୁ। ସେମାନଙ୍କ ହିତରେ ପଦକ୍ଷେପ ନିଅନ୍ତୁ ବୋଲି ପ୍ରିୟଙ୍କା ପ୍ରସ୍ତାବ ଦେଇଛନ୍ତି। ହସ୍ପିଟାଲଗୁଡ଼ିକରେ ଚିକିତ୍ସା ନାଁରେ ଲୁଟାଯାଉଛି। ଡାକ୍ତରୀ ସୁବିଧା ମହଙ୍ଗା ହେବାରେ ଲାଗିଛି। ତେଣୁ ହସ୍ପିଟାଲଗୁଡ଼ିକରେ ସର୍ବନିମ୍ନ ଖର୍ଚ୍ଚରେ ଚିକିତ୍ସା ଉପଲବ୍ଧ କରାଇବାକୁ କଂଗ୍ରେସ ସାଧାରଣ ସମ୍ପାଦକ ପ୍ରିୟଙ୍କା ଦାବି କରିଛନ୍ତି।





ବ୍ରିଟେନର ପ୍ରିନ୍ସ ୱିଲିୟମ୍ ଲଣ୍ଡନରେ କରୋନା ଭାଇରସ୍ ଟିକା ନେଉଛନ୍ତି।

# ଦ୍ୱିତୀୟ ଲହରରେ ୩୨୯ ଡାକ୍ତର ମୃତ

**ନୂଆଦିଲ୍ଲୀ, ୨୦।୫**

ଦେଶରେ କୋଭିଡ୍-୧୯ର ଦ୍ୱିତୀୟ ଲହର ୩୨୯ ଡାକ୍ତରଙ୍କ ଜୀବନ ନେଲାଣି। ଦୈନିକ ହାରାହାରି ୨୦ ଜଣ ଡାକ୍ତର କରୋନାରେ ପ୍ରାଣ ହରାଉଥିବା ଭାରତୀୟ ମେଡିକାଲ ଆସୋସିଏଶନ (ଆଇଏମ୍‌ଏ) କହିଛି। କେବଳ ବିହାରରେ ଏହି ସମୟରେ ସର୍ବାଧିକ ୮୦ ଡାକ୍ତରଙ୍କ ମୃତ୍ୟୁ ଘଟିଛି। ରାଜ୍ୟର ଦୁଇଟି ପ୍ରମୁଖ ହସ୍ପିଟାଲରେ ୫୦୦ ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀ ସଂକ୍ରମିତ ହୋଇଥିବା ଜଣାପଡ଼ିଛି। ସେହିପରି ଦ୍ୱିତୀୟ ଲହରରେ ଦିଲ୍ଲୀରେ ୭୩ ଡାକ୍ତରଙ୍କ ଜୀବନ ଯାଇଛି। ଦିଲ୍ଲୀରେ ଡାକ୍ତର ଅଭାବରୁ ବିଭିନ୍ନ ହସ୍ପିଟାଲରେ



କାର୍ଯ୍ୟରତ ଡାକ୍ତରଙ୍କୁ ଦିନରାତି କାମ କରିବାକୁ ପଡୁଛି। ଉତ୍ତରପ୍ରଦେଶରେ ଦ୍ୱିତୀୟ ଲହରରେ ୪୧ ଡାକ୍ତରଙ୍କ ଜୀବନ ଯାଇଛି। ଗତବର୍ଷ ପ୍ରଥମ ଲହରରେ ୭୪୮ ଡାକ୍ତରଙ୍କ ମୃତ୍ୟୁ ଘଟିଥିଲା। ତେବେ ବାସ୍ତବ ମୃତ୍ୟୁସଂଖ୍ୟା ଏହାଠାରୁ ଅଧିକ ହେବ ବୋଲି ଆସୋସିଏଶନ ପକ୍ଷରୁ କୁହାଯାଇଛି। କାରଣ ଏହା କେବଳ ୩.୫ ଲକ୍ଷ ସଦସ୍ୟଙ୍କ ରେକର୍ଡ ରଖୁଥିବାବେଳେ ଭାରତରେ ୧୨ ଲକ୍ଷରୁ ଅଧିକ ଡାକ୍ତର ଅଛନ୍ତି। କୋଭିଡ୍ ଭାକ୍ସିନ ପ୍ରଥମେ ସ୍ୱାସ୍ଥ୍ୟ କର୍ମଚାରୀମାନଙ୍କୁ ଦିଆଯାଇଥିଲା। ତେବେ ଏପର୍ଯ୍ୟନ୍ତ ମାତ୍ର ୬୬ ପ୍ରତିଶତ ସ୍ୱାସ୍ଥ୍ୟକର୍ମୀ ସମ୍ପୂର୍ଣ୍ଣ ଡୋଜ୍ ନେଇଛନ୍ତି।

# ବାୟୁରେ ୧୦ ମିଟର ଗତି କରିପାରେ ଭାସମାନ କଣିକା

**ନୂଆଦିଲ୍ଲୀ, ୨୦।୫**

ବାୟୁରେ ଭାସମାନ କ୍ଷୁଦ୍ର କଣିକା (ଏରୋସୋଲ) ଓ ଜଳକଣା ୧୦ ମିଟର ପର୍ଯ୍ୟନ୍ତ ଗତି କରିପାରେ। ତେଣୁ କରୋନା ଭୂତାଣୁ ବାୟୁରେ ଅଧିକ ଦୂର ଗତି କରିପାରିବ ବୋଲି ସରକାର ସତର୍କ କରାଇବା ସହ କୋଭିଡ୍ ମୁକାବିଲା ପାଇଁ ଗୁରୁବାର ନୂଆ ଗାଇଡ୍‌ଲାଇନ ଆଣିଛନ୍ତି। ଏଥିରେ ଦୁଇଟି ମାସ୍କ ବ୍ୟବହାର କରିବା ସହ ସାମାଜିକ ଦୂରତ୍ୱ ବଜାୟ ରଖିବା ଓ ବାୟୁ ଚଳାଚଳ ସ୍ଥାନରେ ରହିବା ପାଇଁ ପରାମର୍ଶ ଦିଆଯାଇଛି। ଉପଯୁକ୍ତ ଭେଣ୍ଟିଲେଟର ବ୍ୟବହାର କରୋନା ସଂକ୍ରମଣକୁ ରୋକିପାରିବ ବୋଲି କେନ୍ଦ୍ର ସରକାରଙ୍କ ପ୍ରମୁଖ ବୈଜ୍ଞାନିକ ପରାମର୍ଶଦାତା କେ. ବିଜୟ ରାଘବନ୍‌ଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ସେହିପରି ଝରକା, କବାଟ ବନ୍ଦ କରି ଏୟାର କଣ୍ଡିଶନର (ଏସି) ଚଳାଇବାକୁ ବିରୋଧ କରାଯାଇଛି। କାରଣ ଏସି ଚଳାଇବା ଦ୍ୱାରା ଘରେ ସଂକ୍ରମିତ ବାୟୁ ଆବଦ୍ଧ ହୋଇ ରହେ ଓ ଜଣେ ସଂକ୍ରମିତଙ୍କଠାରୁ ଅନ୍ୟ ଜଣଙ୍କୁ ଭୂତାଣୁ ସଂକ୍ରମଣ ଆଶଙ୍କା

### ଅଧିକ ସତର୍କ ହେବାକୁ ନୂଆ କୋଭିଡ୍ ଗାଇଡ୍‌ଲାଇନ

ବଢ଼ିଥାଏ। ଲକ୍ଷଣ ନ ଥିବା ବ୍ୟକ୍ତି ମଧ ଭୂତାଣୁ ସଂକ୍ରମଣ କରିପାରିବେ। ତେଣୁ କୋଭିଡ୍‌ର ଉପଯୁକ୍ତ ଆଚରଣକୁ କଡ଼ାକଡ଼ି ପାଳନ କରିବା ଲାଗି ଜନସାଧାରଣଙ୍କୁ ଅନୁରୋଧ କରାଯାଇଛି। ଏରୋସୋଲ ଅଧିକ କ୍ଷୁଦ୍ର ହୋଇଥିବାରୁ ବାୟୁରେ ୧୦ ମିଟର ପର୍ଯ୍ୟନ୍ତ ଗତି କରିପାରେ ବୋଲି ଗାଇଡ୍‌ଲାଇନରେ କୁହାଯାଇଛି। ସେଥିପାଇଁ ଡବଲ ଲେୟାର ମାସ୍କ କିମ୍ବା ଏନ୍-୯୫ ମାସ୍କ ପିନ୍ଧିବାକୁ ନୂଆ ଗାଇଡ୍‌ଲାଇନରେ ପରାମର୍ଶ ଦିଆଯାଇଛି। ସେହିପରି ଗୋଟିଏ ସର୍ଜିକାଲ ମାସ୍କ ସହ ଅନ୍ୟ ଏକ ଟାଇଟ୍ ଫିଟିଙ୍ଗ୍ କପଡ଼ା ମାସ୍କ ବ୍ୟବହାର କରିବା ଲାଗି କୁହାଯାଇଛି। ବାୟୁ ଚଳାଚଳ ଘରେ ରହିବା ଓ ଘରର ଡୋର୍ ହ୍ୟାଣ୍ଡଲ୍, ଲାଇଟ୍ ସୁଇଚ୍, ଟେବଲ, ଚେୟାର, ଚଟାଣଗୁଡ଼ିକୁ ବାରମ୍ବାର ବ୍ଲିଚିଂ ଓ ଫିନାଇଲ୍‌ରେ ବିଶୋଧନ କରିବା ଲାଗି ପରାମର୍ଶ ଦିଆଯାଇଛି।



ଜମ୍ମୁରେ ବଢ଼େଇମାନେ କୋଭିଡ୍ ମୃତକଙ୍କ ପାଇଁ କମ୍ ଦାମର କଫିନ ତିଆରି କରୁଛନ୍ତି।

### କର୍ଲାଙ୍କ ଶୁଣାଣିବେଳେ ସଲମାନ ଖାନ୍‌ଙ୍କ ଟୁଇଟ୍ କଥା କହିଲେ ଓକିଲ

**ନୂଆଦିଲ୍ଲୀ, ୨୦।୫:** ଦିଲ୍ଲୀରେ ଅକ୍ସିଜେନ କଳାବଜାର ମାମଲାରେ ଗିରଫ ହୋଇଥିବା ଖାନ୍ ଚାଚା ରେଷ୍ଟୁରାଣ୍ଟ ମାଲିକ ନବନୀତ କର୍ଲାଙ୍କ ଜାମିନ ଆବେଦନ ବେଳେ କୋର୍ଟରେ ଗୁରୁବାର ତାଙ୍କ ଓକିଲ ବଲିଉଡ୍ ଅଭିନେତା ସଲମାନ ଖାନ୍‌ଙ୍କ ଟୁଇଟ୍‌ର ଅବତାରଣା କରିଛନ୍ତି। କର୍ଲାଙ୍କ ୩ ଦିନିଆ ରିମାଣ୍ଡ ଅବଧି ଗୁରୁବାର ଶେଷ ହେବା ପରେ ତାଙ୍କୁ ଅତିରିକ୍ତ ସେସନ୍ସ କୋର୍ଟରେ ହାଜର କରାଯାଇଥିଲା। କର୍ଲାଙ୍କ ଓକିଲ ବିନୀତ ମାଲହୋତ୍ରା ସଲମାନ ଖାନ୍‌ଙ୍କ ଟୁଇଟ୍ ଦାଖଲ କରି ରିମାଣ୍ଡ ଦାବିକୁ ବିରୋଧ କରିଥିଲେ। କହିଥିଲେ, ସ୍ୱାଇସ୍‌ଜେଟ୍ ଦ୍ୱାରା ଏପରି ୫୦,୦୦୦ ମେଶିନ୍ ଆମଦାନୀ କରାଯାଇଛି। ସଲମାନଙ୍କ ଟୁଇଟର ହ୍ୟାଣ୍ଡଲରେ ଅକ୍ସିଜେନ କନ୍‌ସନ୍‌ଟ୍ରେଟରଗୁଡ଼ିକର ଫଟୋ ଅଛି। ସରକାର ଅକ୍ସିଜେନ୍ କନ୍‌ସନଟ୍ରେଟର ଆମଦାନୀକୁ ଅନୁମତି ଦେଇଛନ୍ତି। ଗତକାଲି ସଲମାନ ୫୦୦ ମେଶିନ୍ ପାଇଛନ୍ତି। ଯେଉଁ ଆମଦାନୀକାରୀମାନେ ଜାମିନରେ ମୁକୁଳିସାରିଲେଣି ସେମାନଙ୍କଠାରୁ ନବନୀତ କର୍ଲା ଏହି ମେଶିନଗୁଡ଼ିକୁ ନେଇଥିଲେ। ସେମାନେ କର୍ଲାଙ୍କୁ ଜଣେ ‘ପୋଷ୍ଟର ବୟ’ କରିବାକୁ ଚାହୁଁଛନ୍ତି। ତେବେ ବିଚାରପତି କର୍ଲାଙ୍କ ପୋଲିସ କଷ୍ଟଡିକୁ ନେଇ ରାୟ ସଂରକ୍ଷିତ ରଖିଛନ୍ତି।

# ମୃତକଙ୍କୁ ବଞ୍ଚାଇବା ପାଇଁ ଗୋବର ଖାତରେ ପୋତିଲେ



**ଅମ୍ବିକାପୁର(ଛତିଶଗଡ଼), ୨୦।୫**

ବଜ୍ରପାତରେ ପ୍ରାଣ ହରାଇଥିବା ଜଣେ ୩୭ ବର୍ଷୀୟ ବ୍ୟକ୍ତିଙ୍କୁ ବଞ୍ଚାଇବା ପାଇଁ ତାଙ୍କ ମୃତଦେହକୁ ଗୋବର ଭର୍ତ୍ତି ଖାତରେ ପୋତିବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ଛତିଶଗଡ଼ର ସୁରଗୁଜା ଜିଲାରେ ଏଭଳି ଅନ୍ଧବିଶ୍ୱାସ ଦେଖିବାକୁ ମିଳିଛି। ମୃତବ୍ୟକ୍ତି ହେଲେ ଲଖନପୁର ମୁଟ୍‌କି। ସାମୁଦ୍ରିକ ଝଡ଼ ତଉକତାଏ ପ୍ରଭାବରେ ସୁର୍‌ଗୁଜା ଜିଲାରେ ବର୍ଷା ଲାଗି ରହିଥିବାବେଳେ ବୁଧବାର ସନ୍ଧ୍ୟାରେ ବଜ୍ରପାତ ହୋଇଥିଲା। ବଜ୍ରପାତରେ ଗୁରୁତର ମୁଟ୍‌କିଙ୍କୁ ହସ୍ପିଟାଲ ନିଆଯାଇଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୁନର୍ବାର ବଞ୍ଚିବା ଆଶାରେ ପରିବାର ସଦସ୍ୟମାନେ ତାଙ୍କ ମୃତଦେହକୁ ଗୋବର ଖାତରେ ପୋତି ଦେଇଥିଲେ। ସେମାନଙ୍କ ବିଶ୍ୱାସ ଯେ, ବଜ୍ରପାତରେ ମୃତ ବ୍ୟକ୍ତିଙ୍କୁ ଗୋବରରେ ସମ୍ପୂର୍ଣ୍ଣ ପୋତିଦେଲେ ସେ ପୁନର୍ଜୀବନ ଲାଭ କରିପାରନ୍ତି।

# ବ୍ଲାକ୍ ଫଙ୍ଗସ୍ ଚିକିତ୍ସା ପାଇଁ କ’ଣ ପଦକ୍ଷେପ ନେଇଛ

**ନୂଆଦିଲ୍ଲୀ, ୨୦।୫(ପି.ଟି.)**

ବ୍ଲାକ୍ ଫଙ୍ଗସ୍ ଚିକିତ୍ସାରେ ବ୍ୟବହୃତ ଔଷଧ ବିଦେଶରୁ ଆମଦାନୀ କରିବା ପାଇଁ କେନ୍ଦ୍ର ସରକାର କ’ଣ ପଦକ୍ଷେପ ନେଇଛନ୍ତି ଜଣାଇବା ପାଇଁ ଦିଲ୍ଲୀ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଭାରତରେ ଔଷଧର ଅଭାବ ଦେଖାଦେଇଛି। ଦେଶରେ ଔଷଧ ଉତ୍ପାଦନ

### କେନ୍ଦ୍ରକୁ ହାଇକୋର୍ଟଙ୍କ ପ୍ରଶ୍ନ

କ୍ଷମତା କେତେ, ଲାଇସେନ୍ସ ପାଇଥିବା କମ୍ପାନୀଗୁଡ଼ିକର ସବିଶେଷ ବିବରଣୀ ଏବଂ ସେମାନେ କେବେ ସୁଦ୍ଧା ଔଷଧ ଉତ୍ପାଦନ ବୃଦ୍ଧି କରିପାରିବେ, ତାହାର ଏକ ଷ୍ଟାଟସ୍ ରିପୋର୍ଟ ଦାଖଲ କରିବାକୁ କୋର୍ଟ କେନ୍ଦ୍ରକୁ ନର୍ଦ୍ଦେଶ ଦେଇଛନ୍ତି। ଆମ୍ଫୋଟେରିସିନ୍ ବି ଔଷଧ ବିଶ୍ୱରେ ଯେଉଁଠି ମିଳୁଥିଲେ ବି ଏବେଠାରୁ ତାହାକୁ ସଂଗ୍ରହ କରିବା ଲାଗି ପଦକ୍ଷେପ ନିଆଯାଉ ବୋଲି ଜଷ୍ଟିସ୍ ବିପିନ ସାଙ୍ଘି ଏବଂ ଯଶମିତ୍ ସିଂଙ୍କୁ ନେଇ ଗଠିତ ଖଣ୍ଡପୀଠ ସରକାରଙ୍କୁ କହିଛନ୍ତି।

# ଅନାଥ ଶିଶୁଙ୍କୁ ମାଗଣା ଶିକ୍ଷା ଦିଅ

**ନୂଆଦିଲ୍ଲୀ, ୨୦।୫**

କୋଭିଡ୍-୧୯ ମହାମାରୀରେ ନିଜ ମା’ବାପାଙ୍କୁ ହରାଇଥିବା ଅନାଥ ପିଲାଙ୍କୁ ନବୋଦୟ ବିଦ୍ୟାଳୟଗୁଡ଼ିକରେ ମାଗଣାରେ ଶିକ୍ଷାଦାନ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କଠାରେ ଗୁରୁବାର କଂଗ୍ରେସ ଅଧକ୍ଷା ସୋନିଆ ଗାନ୍ଧୀ ଦାବି କରିଛନ୍ତି।

ମୋଦିଙ୍କୁ ପଠାଇଥିବା ପତ୍ରରେ ସୋନିଆ ଲେଖିଛନ୍ତି, ମା’ବାପାଙ୍କୁ ହରାଇ ଦୁଃଖରେ ଥିବା ପିଲାମାନଙ୍କ ଭବିଷ୍ୟତ ଭଲ ହେଉ ବୋଲି ଦେଶ ଚାହେଁ। ତେଣୁ କରୋନାରେ ଉଭୟ ମା’ ଓ ବାପାଙ୍କୁ କିମ୍ବା ଆୟକାରୀ ଅଭିଭାବକଙ୍କୁ ହରାଇଥିବା ପିଲାଙ୍କୁ ନବୋଦୟ ବିଦ୍ୟାଳୟରେ ମାଗଣାରେ ଶିକ୍ଷାଦାନ କରାଯାଉ। ଏହି ଅବସରରେ ସୋନିଆ ତାଙ୍କ ସ୍ୱର୍ଗତ ସ୍ୱାମୀ ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ଦ୍ୱାରା ସାରା ଦେଶରେ ନବୋଦୟ ସ୍କୁଲ ପ୍ରତିଷ୍ଠା ହୋଇଥିବା ବିଷୟ ସ୍ମରଣ କରିଛନ୍ତି। ବର୍ତ୍ତମାନ ଦେଶରେ ୬୬୧ ନବୋଦୟ ବିଦ୍ୟାଳୟ

### ପ୍ରଧାନମନ୍ତ୍ରୀଙ୍କୁ ସୋନିଆଙ୍କ ଚିଠି



ରହିଥିବା ସେ ଚିଠିରେ ଉଲ୍ଲେଖ କରିଛନ୍ତି। ସୋନିଆଙ୍କ ପୁଅ ତଥା କଂଗ୍ରେସ ନେତା ରାହୁଲ ଗାନ୍ଧୀ ଏହି ଚିଠିକୁ ଟୁଇଟରରେ ଶେୟାର କରିଛନ୍ତି। କେନ୍ଦ୍ର ସରକାର ଏହି ପ୍ରସ୍ତାବ ଉପରେ ଗମ୍ଭୀରତା ସହ ବିଚାର କରିବା ଉଚିତ ବୋଲି ରାହୁଲ ଲେଖିଛନ୍ତି।

# ଆଣ୍ଟାର୍କଟିକାରେ ସର୍ବବୃହତ୍ ହିମଶୈଳ

**ଲଣ୍ଡନ, ୨୦।୫:** ଜଳବାୟୁ ପରିବର୍ତ୍ତନ ଯୋଗୁ ସାରା ବିଶ୍ୱରେ ବରଫ ତରଳିବାରେ ଲାଗିଥିବାବେଳେ ଆଣ୍ଟାର୍କଟିକା ମହାଦେଶ ପୃଥିବୀର ସର୍ବବୃହତ୍ ବରଫଖଣ୍ଡକୁ ଜନ୍ମ ଦେଇଛି। ଭୂମଧ୍ୟସାଗରରେ ଥିବା ସ୍ପେନ୍‌ର ଲୋକପ୍ରିୟ ପର୍ଯ୍ୟଟନ କେନ୍ଦ୍ର ମାଜୋରିକା(୩୬୪୦ ବର୍ଗ କି.ମି. ବା ୧,୪୦୫ ବର୍ଗ ମାଇଲ୍) ଆଇଲାଣ୍ଡଠାରୁ ମଧ୍ୟ ଏହି ହିମଶୈଳର ଆୟତନ ବଡ଼ ବୋଲି ୟୁରୋପିଆନ୍ ସ୍ପେସ୍ ଏଜେନ୍ସି ପକ୍ଷରୁ ଗୁରୁବାର ସ୍ପଷ୍ଟ କରାଯାଇଛି।

ଆଣ୍ଟାର୍କଟିକାରେ ସଦ୍ୟ ସୃଷ୍ଟି ହୋଇଥିବା ବରଫଖଣ୍ଡକୁ ବୈଜ୍ଞାନିକମାନେ ‘ଏ-୭୬’ ନାଁ ଦେଇଛନ୍ତି। ଉକ୍ତ ହିମଶୈଳର ଲମ୍ବ ୧୦୯ ମାଇଲ (୧୭୫ କି.ମି.) ଓ ଚଉଡ଼ା ୧୬ ମାଇଲ (୨୫ କି.ମି.)। ଏହାର ମୋଟ ଆୟତନ ୪୩୨୦ ବର୍ଗ କି.ମି.(୧,୬୬୮ ବର୍ଗ ମାଇଲ)। ପୂର୍ବରୁ ୩,୩୮୦ ବର୍ଗ କି.ମି. ଆୟତନର ‘ଏ-୨୩ଏ’ ଆଇସ୍‌ବର୍ଗକୁ ସବୁଠୁ ବଡ଼ ହିମଶୈଳ ବୋଲି କୁହାଯାଉଥିଲା। ୱେଡେଲ୍ ସାଗରରେ ‘ଏ-୭୬’କୁ ପ୍ରଥମେ ବ୍ରିଟିଶ୍ ଆଣ୍ଟାର୍କଟିକ୍ ସର୍ଭେ ପକ୍ଷରୁ ଠାବ କରାଯାଇଥିଲା, ଯେତେବେଳେ ଏହା ରୋନେ ଆଇସ୍ ସେଲଫଠାରୁ ବିଚ୍ଛିନ୍ନ ହୋଇଥିଲା। ଆମେରିକାର ନ୍ୟାଶନାଲ ଆଇସ୍ ସେଣ୍ଟର କୋପରନିକସ୍ ସେଣ୍ଟିନେଲ୍-୧ ମିଶନକୁ ବ୍ୟବହାର କରି ଉପଗ୍ରହ ଚିତ୍ର ଜରିଆରେ ଏ ସମ୍ପର୍କିତ ବିବରଣୀକୁ ସୁନିଶ୍ଚିତ କରିଛି। ଆଇସ୍ ସେଲଭ୍‌ସଠାରୁ ଆଇସ୍‌ବର୍ଗଗୁଡ଼ିକୁ ବିଚ୍ଛିନ୍ନ କରୁଥିବା ପ୍ରାକୃତିକ ପ୍ରକ୍ରିୟାକୁ ‘କାଲ୍‌ଭିଙ୍ଗ୍’ କୁହାଯାଏ। ବ୍ରିଟିଶ୍ ଆଣ୍ଟାର୍କଟିକ୍ ସର୍ଭେର ଗ୍ଲାସିୟର ଜିଓଫିଜିସିଷ୍ଟ ଆଲେକ୍ସ ବ୍ରିସ୍‌ବର୍ନ କହିଛନ୍ତି, ୱେଡେଲ୍ ସି’ ରେ ବର୍ତ୍ତମାନ ଉତ୍ତାପ ନାହିଁ। କିନ୍ତୁ ଆଣ୍ଟାର୍କଟିକା ମହାଦେଶର ଅନ୍ୟଭାଗରେ ଜଳବାୟୁ ପରିବର୍ତ୍ତନ ରହିଥିବାରୁ ଏହାର ପ୍ରଭାବରେ ବିଶ୍ୱର ସର୍ବବୃହତ୍ ହିମଶୈଳ ଜନ୍ମ ନେଇଛି। ଏଥିଯୋଗ ସମୁଦ୍ରପତ୍ତନ ବୃଦ୍ଧିପାଇପାରେ।




ସୁପରନିକସ୍ ଦ୍ୱାରା ଉତ୍ତୋଳନ କରାଯାଇଥିବା ‘ଏ-୭୬’ ଆଇସ୍‌ବର୍ଗର ଉପଗ୍ରହ ଚିତ୍ର।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧୬,୫୯,୪୦,୬୪୭ | ୩୪,୩୮,୪୭୯ | ୧୪,୫୧,୦୬,୬୫୧ |
| ଭାରତ | ୨,୬୦,୦୯,୪୬୯ | ୨,୯୦,୯୦୯ | ୨,୨୬,୭୪,୭୨୩ |
| ଓଡ଼ିଶା | ୬,୫୫,୮୯୯ | ୨୪୦୩(+୫୩) | ୫,୫୬,୫୦୧ |

ଗୁରୁବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ଚିକିତ୍ସା ସେବା ବଡ଼ ଚ୍ୟାଲେଞ୍ଜ




**ଭୁବନେଶ୍ୱର, ୨୦।୫(ବ୍ୟୁରୋ)**

ସାରା ଦେଶରେ ଏବେ ଦ୍ୱିତୀୟ ଲହର କାୟା ବିସ୍ତାର କରୁଥିବାବେଳେ ତୃତୀୟ ଲହରକୁ ନେଇ ଚିନ୍ତା ବଢ଼ିଲାଣି। ତୃତୀୟ ଲହରରେ ପିଲାମାନେ ଅଧିକ ସଂକ୍ରମିତ ହେବେ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞ ଆକଳନ କରୁଛନ୍ତି। ବର୍ତ୍ତମାନ ସ୍ଥିତିରେ ଲୋକଙ୍କୁ ଉପଯୁକ୍ତ ଚିକିତ୍ସା ସେବା ଯୋଗାଇ ଦେବାରେ କେନ୍ଦ୍ର ସରକାର ବିଫଳ ହୋଇଥିବାବେଳେ ଆଗକୁ ଏହାକୁ କିପରି ମୁକାବିଲା କରିବେ ତାହା ଏବେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ନିକଟରେ ଜାତୀୟ ଗଣମାଧ୍ୟମ 'ଇକୋନୋମିକ୍ ଟାଇମ୍ସ' ରେ ପ୍ରକାଶିତ ଖବର ଅନୁସାରେ, ଦେଶରେ ଏବେ ୧୬.୫୦ କୋଟି ହେଉଛନ୍ତି ୧୨ବର୍ଷରୁ କମ୍ ବୟସର ପିଲା। ଏମାନଙ୍କ ମଧ୍ୟରୁ ଯଦି ୨୦ପ୍ରତିଶତ ସଂକ୍ରମିତ ହେବେ ଓ ୫ପ୍ରତିଶତ ଗୁରୁତର ହେବେ, ତେବେ ଆମକୁ ସର୍ବନିମ୍ନ ୧.୬୫ ଲକ୍ଷ ପେଡିଆଟ୍ରିକ୍ ଆଇସିୟୁ ବେଡ୍‌ର ଆବଶ୍ୟକ ପଡ଼ିବ। କିନ୍ତୁ ବର୍ତ୍ତମାନ ଆମ ନିକଟରେ ବୟସ୍କଙ୍କ ପାଇଁ ୯୦ହଜାର ଆଇସିୟୁ ବେଡ୍ ଏବଂ ପିଲାଙ୍କ ପାଇଁ ୨ହଜାରରୁ କମ୍ ବେଡ୍ ରହିଛି। ତେଣୁ ଆଗକୁ ସଂକ୍ରମିତ ସଂଖ୍ୟା ବଢ଼ିଲେ ଭୟଙ୍କର ସ୍ଥିତି ଉପୁଜିବ ବୋଲି ଏଥିରୁ ସ୍ପଷ୍ଟ ବାରି ହୋଇପଡୁଛି। ପ୍ରଥମ ଲହର ପରେ ଦ୍ୱିତୀୟ ଲହରକୁ ଗୁରୁତ୍ୱ ଦିଆ ନ ଯିବାରୁ ଦେଶରେ ସଂକ୍ରମଣ ହୁ ହୁ ବଢ଼ିଗଲା। ସେହିଭଳି ତୃତୀୟ ଲହରକୁ ଯଦି ଠିକ୍ ଭାବେ ସମୟ ପୂର୍ବରୁ ଗୁରୁତ୍ୱ ଦିଆ ନ ଯିବ, ତେବେ ସାଙ୍ଘାତିକ ପରିସ୍ଥିତି ହେବ। ତେଣୁ ଏବେଠାରୁ ଏଥିପାଇଁ ପଦକ୍ଷେପ ନେଇଯିବା ଜରୁରୀ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ କହୁଛନ୍ତି।

## ବିଶେଷଜ୍ଞଙ୍କ ମତରେ...



"ଭାରତରେ ସ୍ୱାସ୍ଥ୍ୟ ଭିତ୍ତିଭୂମି ଅପେକ୍ଷାକୃତ ଦୁର୍ବଳ। ସେଥିପାଇଁ ଦ୍ୱିତୀୟ ଲହରରେ ସଂକ୍ରମଣ ସଂଖ୍ୟା ବଢ଼ିଗଲା। ତେବେ ତୃତୀୟ ଲହର କେବେ ଆସିବ ଜଣାପଡ଼ି ନାହିଁ। ପିଲାଙ୍କ ପାଇଁ ଟିକା ଆସିବାରେ ଅତି କମ୍‌ରେ ୪ମାସ ଲାଗିଯିବ। ତେଣୁ ଏହି ସମୟରେ ଯଦି ତୃତୀୟ ଲହର ଆସିଯାଏ, ତେବେ ଶିଶୁମାନେ ଅଧିକ ସଂକ୍ରମିତ ହେବାର ସମ୍ଭାବନା ରହିଛି। ବର୍ତ୍ତମାନ ସରକାର ୧୮ବର୍ଷ ତଳକୁ କେତେ ପିଲା ଅଛନ୍ତି ତାହା ବାହାର କରିବା ଉଚିତ୍। ସେଥିରୁ କେତେ ସଂକ୍ରମିତ ହୋଇସାରିଲେଣି ଓ କେତେ ଜଣଙ୍କୁ ହେବାର ସମ୍ଭାବନା ରହିଛି ତା'ର ତଥ୍ୟ ମିଳିଯିବ। ଯଦି ଓଡ଼ିଶାରେ ୪୦% ପିଲାଙ୍କୁ ଟିକାକରଣ କରାଯାଏ, ତେବେ ତୃତୀୟ ଲହରକୁ ମୁକାବିଲା କରିହେବ। ଏବେଠାରୁ ଯେଉଁଠି ଭେଣ୍ଟିଲେଟର ରହିଛି, ସେଠାରେ ପିଲାଙ୍କ ପାଇଁ ଅତି କମ୍‌ରେ ୧୦% ବେଡ୍ ସଂରକ୍ଷିତ କରି ରଖିବା ଉଚିତ୍।

**– ଡା. ରଶ୍ମି ରଞ୍ଜନ ଦାସ, ଆଡିସିନାଲ ପ୍ରଫେସର, ଶିଶୁରୋଗ ବିଭାଗ, ଏମ୍ସ**



"ପ୍ରଥମ ଲହରରେ ୨ରୁ ୩% ପିଲା ସଂକ୍ରମିତ ହୋଇଥିବାବେଳେ ୨ୟ ଲହରରେ ୧୨ରୁ ୧୫% ସଂକ୍ରମିତ ହେଉଛନ୍ତି। ତେବେ ଗୁରୁତର ଅଧିକ ହେଉ ନାହାନ୍ତି। ପ୍ରାୟ ୯୫% ଭଲ ହୋଇଯାଉଛନ୍ତି। ପିଲାଙ୍କ ମୃତ୍ୟୁହାର ମଧ୍ୟ କମ୍ ରହିଛି। ଏବେ ଯେଉଁ ହାରରେ ସଂକ୍ରମିତ ବଢୁଛି ତାହା ଯଦି ଜାରି ରହିବ, ତା'ହେଲେ ଆଗକୁ ନିଶ୍ଚିତ ଭାବେ ସଂଖ୍ୟା ବଢ଼ିବ। ତୃତୀୟ ଲହରରେ ପିଲାଙ୍କଠାରେ କେଉଁଭଳି ଲକ୍ଷଣ ଦେଖାଯିବ ତାହା ମଧ୍ୟ ଗୁରୁତ୍ୱ ବହନ କରେ। ବର୍ତ୍ତମାନ ପାଇଁ ଆମର ଆବଶ୍ୟକ ମୁତାବକ ବ୍ୟବସ୍ଥା ରହିଛି। କିନ୍ତୁ ସଂଖ୍ୟା ବଢ଼ିଲେ କିମ୍ବା ଗୁରୁତର ରୋଗୀ ହେଲେ ନିଶ୍ଚିତ ଭାବେ ଅଧିକ ପ୍ରସ୍ତୁତ ହେବାକୁ ପଡ଼ିବ।

**– ଡା. ସୁରେନ୍ଦ୍ର ନାଥ ମିଶ୍ର, ସିନିୟର କନ୍‌ସଲଟାଣ୍ଟ, ଶିଶୁବିଭାଗ, କ୍ୟାପିଟାଲ ହସ୍ପିଟାଲ**



"ଆମ ରାଜ୍ୟରେ ପ୍ରସ୍ତୁତି ଭଲ ରହିଛି। କିନ୍ତୁ ଶିଶୁମାନଙ୍କ ଚିକିତ୍ସା ପାଇଁ ଭିତ୍ତିଭୂମି ସଜାଡ଼ିବାକୁ ପଡ଼ିବ। ବୟସ୍କଙ୍କ ପାଇଁ ଉଦ୍ଦିଷ୍ଟ ଆଇସିୟୁକୁ ଯେପରି ଆବଶ୍ୟକ ପଡ଼ିଲେ ପିଲାଙ୍କ କ୍ଷେତ୍ରରେ ବ୍ୟବହାର କରାଯାଇପାରିବ, ସେନେଇ ପ୍ରସ୍ତୁତ ରହିବା ଆବଶ୍ୟକ। ତେଣୁ ଯେଉଁଠି ଆଇସିୟୁ ରହିଛି, ସେଠାରେ ପାଖାପାଖି ୧୦ରୁ ୨୦% ବେଡ୍ ପିଲାଙ୍କ ପାଇଁ ମହଜୁଦ ରଖିବା ଆବଶ୍ୟକ। ତୃତୀୟ ଲହରରେ ୩୦% ପିଲା ସଂକ୍ରମିତ ହେବେ ବୋଲି ଆକଳନ କରାଯାଉଛି।

**– ଡା. ଅରଜିତ ମହାପାତ୍ର, ନବଜନ୍ମିତ ଶିଶୁରୋଗ ବିଶେଷଜ୍ଞ, ଜଗନ୍ନାଥ ହସ୍ପିଟାଲ**



"ଆଇସିଏମ୍ଆର୍‌ର ତଥ୍ୟାନୁସାରେ, ଦେଶରେ ୦ରୁ ୧୦ବର୍ଷ ମଧ୍ୟରେ ୩.୩% ଓ ୧୦ରୁ ୨୦ ବର୍ଷ ମଧ୍ୟରେ ୮.୩% ପିଲା କରୋନାରେ ଆକ୍ରାନ୍ତ ହୋଇଛନ୍ତି। କହିବାକୁ ଗଲେ ଏଯାବତ୍ ମୋଟ ସଂକ୍ରମିତଙ୍କ ମଧ୍ୟରେ ୧୧ରୁ ୧୨% ହେଉଛନ୍ତି ପିଲା। ତୃତୀୟ ଲହରରେ ଏହା ୩୦ରୁ ୪୦% ହେବ ବୋଲି ଆଶା କରାଯାଉଛି। ତେଣୁ ଏବେଠାରୁ ସବୁ ପ୍ରକାର ବ୍ୟବସ୍ଥା କରିଦେବା ଉଚିତ୍। ଆକ୍ରାନ୍ତ ପିଲା ପାଖରେ ଜଣେ ପ୍ରଶିକ୍ଷିତ ନର୍ସ ରହିବା ଜରୁରୀ। ଏକ ସଫ୍ଟୱେର ଇନ୍‌ଷ୍ଟଲ କରିଦେଲେ ବଡ଼ମାନଙ୍କ ପାଇଁ ଯେଉଁ ଭେଣ୍ଟିଲେଟର ଅଛି ତାକୁ ପିଲାଙ୍କ ପାଇଁ ମଧ୍ୟ ବ୍ୟବହାର କରାଯାଇପାରିବ। ସେହିପରି ନେଫ୍ରୋଟିକ୍ ସିଣ୍ଡ୍ରୋମ, ସିକିଲ୍ ସେଲ୍, ଥାଲାସେମିଆ, ହିମୋଫିଲିଆ ଭଳି ରୋଗୀ କିମ୍ବା କୌଣସି କ୍ୟାନ୍‌ସର ରୋଗୀ ଯିଏ ଚିକିତ୍ସିତ ହୋଇ ସୁସ୍ଥ ହେବା ଷ୍ଟେଜ୍‌ରେ ରହିଥିବ, ସେମାନେ ସଂକ୍ରମିତ ହେଲେ ଗୁରୁତର ହୋଇଯିବେ। ତେଣୁ ସେମାନଙ୍କ ଉପରେ ଅଧିକ ସତର୍କତା ଅବଲମ୍ବନ କରିବାକୁ ପଡ଼ିବ।

**– ପ୍ରଫେସର ଡା. ମୃତ୍ୟୁଞ୍ଜୟ ଦାସ, ଶିଶୁରୋଗ ବିଭାଗ, ସମ୍ ହସ୍ପିଟାଲ**



"କରୋନାର ମ୍ୟୁଟାଣ୍ଟ ଭାରିଆଣ୍ଟ କରୁଥିବାରୁ ସ୍ଥିତି ଭୟଙ୍କର ହେଉଛି। ପ୍ରଥମ ଲହର ଅପେକ୍ଷା ଦ୍ୱିତୀୟ ଲହରରେ ଷ୍ଟ୍ରେନ୍ ଅଧିକ ମାରାତ୍ମକ ରହିଛି। ତେଣୁ ତୃତୀୟ ଲହରରେ ଯେଉଁ ଷ୍ଟ୍ରେନ୍ ଆସିବ ସିଏ ଆହୁରି ବିପଜ୍ଜନକ ରହିବ ବୋଲି ଆକଳନ କରାଯାଉଛି। ଏଥିରେ ଯଦି ଅଧିକ ପିଲା ସଂକ୍ରମିତ ହେବେ, ସେତିକି ପରିମାଣର ବ୍ୟବସ୍ଥା ବର୍ତ୍ତମାନ ସୁଦ୍ଧା କରାଯାଇଥିବା ଜଣାପଡୁ ନାହିଁ। ଭୁବନେଶ୍ୱର, କଟକ କିମ୍ବା ରାଜ୍ୟର ସବୁ ମେଡିକାଲ କଲେଜରେ ପିଲାଙ୍କୁ ଡିଲ୍ କରିବା ପାଇଁ ଭେଣ୍ଟିଲେସନରେ ଡାକ୍ତରମାନେ ଯେଉଁ ଜ୍ଞାନ ଆହରଣ କରିଛନ୍ତି, ତାହା ଆଉ କେଉଁଠି ହୋଇନାହିଁ। ପ୍ରତି ସଦର ମହକୁମାରେ ଡାକ୍ତରଙ୍କୁ ସେହିଭଳି ଟ୍ରେନିଂ ଦିଆଯିବା ସହିତ ଆଇସିୟୁ ସେଟ୍ ଅପ୍ କରାଯିବା ଉଚିତ।

**– ପ୍ରଫେସର ଡା. ନିର୍ମଳ କୁମାର ମହାକୁଡ଼, ଶିଶୁରୋଗ ବିଭାଗ, କିମ୍ସ ହସ୍ପିଟାଲ**



"ଭାରତରେ ଜନ୍ମରୁ ୧୮ବର୍ଷ ମଧ୍ୟରେ ଜନସଂଖ୍ୟା ଅଧିକ। ଆଗକୁ ଯଦି ସଂକ୍ରମିତଙ୍କ ସଂଖ୍ୟା ବଢ଼େ ତେବେ ସମ୍ଭାଳିବା କଷ୍ଟ ହୋଇପଡ଼ିବ। ଆମ ରାଜ୍ୟରେ ପିଲାଙ୍କ ପାଇଁ ବହୁତ କମ୍ ଆଇସିୟୁ ବେଡ୍ ରହିଛି। କେବଳ ମେଡିକାଲ କଲେଜ ସହିତ କିଛି ଘରୋଇ ହସ୍ପିଟାଲରେ ପିଲାଙ୍କ ପାଇଁ ସୁବିଧା ରହିଛି। ନବଜନ୍ମିତ ଶିଶୁମାନଙ୍କ ପାଇଁ ଏନ୍ଆଇସିୟୁ ରହିଛି। କିନ୍ତୁ ରାଜ୍ୟରେ ପେଡିଆଟ୍ରିକ୍ ଆଇସିୟୁ ପାଇଁ ଏ ପର୍ଯ୍ୟନ୍ତ କେହି ପ୍ରସ୍ତୁତ ହୋଇନାହାନ୍ତି। ଯଦି ସଂକ୍ରମିତ ସଂଖ୍ୟା ବଢ଼ିବ ତେବେ ତାହା ଆମ ପାଇଁ ବହୁତ ବଡ଼ ଚ୍ୟାଲେଞ୍ଜ ହେବ। ଏବେଠାରୁ ଭେଣ୍ଟିଲେଟର ପାଇଁ ପ୍ରସ୍ତୁତ ହେବାକୁ ପଡ଼ିବ। ସେହିପରି କରୋନା ଚାଲିଛି ବୋଲି ପିଲାକୁ ଅନ୍ୟ ଟିକା ଦେବାରେ ଅବହେଳା କରିବା ଉଚିତ ନୁହେଁ।

**– ଡା. ଜାନକୀ ବଲ୍ଲଭ ପ୍ରଧାନ, ସିନିୟର କନ୍‌ସଲଟାଣ୍ଟ, ଶିଶୁରୋଗ ବିଭାଗ, ଆମ୍ରି ହସ୍ପିଟାଲ**



"ଦ୍ୱିତୀୟ ଲହର ପ୍ରାୟ ଜୁନ୍ ଶେଷରେ ସରିବ। ତୃତୀୟ ଲହର ଡିସେମ୍ବର ଆଡ଼କୁ ଆସିପାରେ। ତେଣୁ ଆମ ପଖରେ ସମୟ ରହିଛି। ପିଲାଙ୍କ ପାଇଁ ଟିକା ଆସନ୍ତା ୨ରୁ ୩ମାସ ଭିତରେ ଆସିଯାଇପାରେ। ଟିକା ଆସିବା ମାତ୍ରେ ଶୀଘ୍ର ପିଲାଙ୍କୁ ଟିକାକରଣ କରିବା ପାଇଁ ରାଜ୍ୟ ସରକାର ପ୍ରସ୍ତୁତ ହେବା ଦରକାର। ସେଥିପାଇଁ ଏବେଠାରୁ ଟିକା କମ୍ପାନୀ ସହିତ ଯୋଗାଯୋଗ କରିବା ଉଚିତ୍। ବର୍ତ୍ତମାନ ଯେଉଁ ହାରରେ ଟିକାକରଣ ହେଉଛି ସେପରି ଚାଲିଲେ ୨ବର୍ଷ ଲାଗିବ। ଟିକାକରଣକୁ ଆହୁରି ତ୍ୱରାନ୍ୱିତ କରିବା ଦରକାର।

**– ଡା. ବିଶ୍ୱଜିତ ମିଶ୍ର, ଶିଶୁରୋଗ ବିଶେଷଜ୍ଞ, ଜଗନ୍ନାଥ ହସ୍ପିଟାଲ**



"ତୃତୀୟ ଲହରରେ ପିଲାଙ୍କୁ ଅଧିକ ସଂକ୍ରମିତ ହେବ ବୋଲି ଯେଉଁ ଆକଳନ କରାଯାଉଛି ଆମେ ତାକୁ ମୁକାବିଲା କରିବା ପାଇଁ ପଦକ୍ଷେପ ନେଉଛୁ। ଯେହେତୁ ପିଲାଙ୍କ ପାଇଁ ଏ ପର୍ଯ୍ୟନ୍ତ ଟିକାର ବ୍ୟବସ୍ଥା ହୋଇନାହିଁ, ସେଥିପାଇଁ ଏହାକୁ କିପରି ଉଚିତ ଢଙ୍ଗରେ ମୁକାବିଲା କରାଯାଇପାରିବ ସେନେଇ ଚେଷ୍ଟା ଜାରି ରହିଛି। ଏଥିପାଇଁ ଏକ କମିଟି ଗଠନ ହୋଇଛି। ସେଥିରେ ଥିବା ଶିଶୁରୋଗ ବିଷେଜ୍ଞମାନେ ପରାମର୍ଶ ଦେବା ପରେ ଏକ ଏସ୍ଓପି ଜାରି ହେବ। ତେବେ ଓଡ଼ିଶାରେ ଆମର ଯେଉଁଠି କୋଭିଡ୍ ହସ୍ପିଟାଲ ରହିଛି ସେଠାରେ ପିଲାଙ୍କ ଚିକିତ୍ସା ପାଇଁ ଆଉ କିଛି ବ୍ୟବସ୍ଥା କରିବାକୁ ପଡ଼ିବ।

**– ଡା. ବିଜୟ କୁମାର ପାଣିଗ୍ରାହୀ, ନିର୍ଦ୍ଦେଶକ, ପରିବାର କଲ୍ୟାଣ, ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ**

# ରଘୁନାଥ ମହାପାତ୍ରଙ୍କ ବଡ଼ ପୁଅ ଯଶୋବନ୍ତଙ୍କ ପରଲୋକ

**ଭୁବନେଶ୍ୱର, ୨୦।୫(ବ୍ୟୁରୋ)**

ପିତାଙ୍କ ପଛେ ପଛେ ଚାଲିଗଲେ ଦୁଇପୁଅ। ବିଶିଷ୍ଟ ଭାସ୍କର୍ଯ୍ୟ ଶିଳ୍ପୀ ପଦ୍ମବିଭୂଷଣ ରଘୁନାଥ ମହାପାତ୍ରଙ୍କର ମହାମାରୀ କରୋନାରେ ମୃତ୍ୟୁ ଖବର ଏଯାଏ ମନରୁ ଲିଭି ନ ଥିବା ବେଳେ ତାଙ୍କର ଦୁଇପୁଅଙ୍କ ଦେହାନ୍ତ ହେବା ଖବର ସମସ୍ତଙ୍କୁ ହତବାକ୍ କରିଦେଇଛି। ଗୁରୁବାର ରଘୁନାଥଙ୍କ ବଡ଼ପୁଅ ଯଶୋବନ୍ତ ମହାପାତ୍ରଙ୍କର ପରଲୋକ ହୋଇଯାଇଛି। ଯଶୋବନ୍ତ କରୋନାରେ ଆକ୍ରାନ୍ତ ହୋଇ ପ୍ରଥମେ ଭୁବନେଶ୍ୱର ଏମ୍ସରେ ଚିକିତ୍ସିତ ହେଉଥିଲେ। ପରେ ତାଙ୍କୁ ପରିବାର ଲୋକେ ସ୍ଥାନୀୟ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ତେବେ ଡାକ୍ତର ଓ ନର୍ସମାନଙ୍କର ସମସ୍ତ ପ୍ରଚେଷ୍ଟା ଓ ନିରବଚ୍ଛିନ୍ନ ଚିକିତ୍ସା ସତ୍ତ୍ୱେ ତାଙ୍କର ଗୁରୁବାର ଅପରାହ୍ନ ୧ଟାରେ ମୃତ୍ୟୁ ଘଟିଛି। ତାଙ୍କୁ ୫୨ବର୍ଷ ବୟସ ହୋଇଥିଲା। ରଘୁନାଥ ହାତକୁ ନେଉଥିବା ସମସ୍ତ କାର୍ଯ୍ୟ ଯଶୋବନ୍ତଙ୍କ ତତ୍ତ୍ୱାବଧାନରେ ହେଉଥିଲା। ତାଙ୍କ ନିରୀକ୍ଷଣରେ ଛତିଶଗଡ଼ର ରାୟପୁରରେ ଏକ ଜଗନ୍ନାଥ ମନ୍ଦିର ଏବଂ ଲଣ୍ଡନରେ ହେବାକୁ ଥିବା ଜଗନ୍ନାଥ ମନ୍ଦିର ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମୂର୍ତ୍ତି ଅଧାଗଢ଼ାରେ ରହିଗଲା। ଏଠାରେ ଉଲ୍ଲେଖଯୋଗ୍ୟ, ବୁଧବାର କରୋନା ଆକ୍ରାନ୍ତ ଥିବା ତାଙ୍କ ସାନ ଭାଇ ତଥା କ୍ରିକେଟର ପ୍ରଶାନ୍ତ ଏବଂ ୯ତାରିଖରେ ପିତା ରଘୁନାଥଙ୍କର କୋଭିଡ୍ ସଂକ୍ରମଣରେ ମୃତ୍ୟୁ ଘଟିଥିଲା। ପ୍ରାୟ ୩ ବର୍ଷ ତଳେ ରଘୁନାଥ ମହାପାତ୍ରଙ୍କର ସବା ସାନପୁଅ ପ୍ରାଣ ହରାଇଥିଲେ।


ଯଶୋବନ୍ତ ମହାପାତ୍ର

# ଏମ୍‌କେସିଜିରେ ଅକ୍ସିଜେନ ପ୍ଲାଣ୍ଟ



ବ୍ରହ୍ମପୁରସ୍ଥିତ ଏମ୍‌କେସିଜିରେ ଅକ୍ସିଜେନ ପ୍ଲାଣ୍ଟକୁ ମୁଖ୍ୟମନ୍ତ୍ରୀ ଭର୍ଚୁଆଲ ମୋଡ୍‌ରେ ଉଦ୍‌ଘାଟନ କରିବା ଅବସରରେ ସେଠାରେ ଉପସ୍ଥିତ ଅତିଥି।

- ଦକ୍ଷିଣ ଓଡ଼ିଶା ଜିଲାଗୁଡ଼ିକର ଆବଶ୍ୟକତା ପୂରଣ କରିବ
- ପ୍ରତ୍ୟେକ ମୂଲ୍ୟବାନ ଜୀବନ ବଞ୍ଚାଇବାକୁ ସରକାର ପଦକ୍ଷେପ ନେଉଛନ୍ତି: ମୁଖ୍ୟମନ୍ତ୍ରୀ
- ୨ କୋଟି ବ୍ୟୟରେ ନିର୍ମିତ ପ୍ଲାଣ୍ଟରୁ ୨୦ ହଜାର ଲିଟର ଅକ୍ସିଜେନ ଉତ୍ପାଦନ ହେବ

**ଭୁବନେଶ୍ୱର (ବ୍ୟୁରୋ)/ବ୍ରହ୍ମପୁର ଅଫିସ୍, ୨୦।୫**

ବ୍ରହ୍ମପୁରସ୍ଥିତ ମହାରାଜା କୃଷ୍ଣଚନ୍ଦ୍ର ଗଜପତି (ଏମ୍‌କେସିଜି) ମେଡିକାଲ କଲେଜରେ ସ୍ଥାପିତ ଲିକ୍ୟୁଇଡ୍ ମେଡିକାଲ ଅକ୍ସିଜେନ(ଏଲ୍ଏମ୍ଓ) ପ୍ଲାଣ୍ଟକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ଭର୍ଚୁଆଲ ମାଧ୍ୟମରେ ଉଦ୍‌ଘାଟନ କରିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଉକ୍ତ ପ୍ଲାଣ୍ଟ ଏମ୍‌କେସିଜି ମେଡିକାଲ କଲେଜ ଓ ହସ୍ପିଟାଲରେ ହେଉଥିବା ଅକ୍ସିଜେନ ସିଲିଣ୍ଡର ଚାପକୁ ହ୍ରାସ କରିବାରେ ସହାୟକ ହେବ। ଏହା ଦକ୍ଷିଣ ଓଡ଼ିଶା ଜିଲା ବିଶେଷକରି ଗଞ୍ଜାମର ଆବଶ୍ୟକତାକୁ ପୂରଣ କରିବ। ବହୁମୂଲ୍ୟ ଜୀବନ ବଞ୍ଚାଇବାକୁ ସରକାର ଯଥାସମ୍ଭବ ପଦକ୍ଷେପ ନେଉଛନ୍ତି। ଅକ୍ସିଜେନ ଯୋଗାଣକୁ ପ୍ରତିଘଣ୍ଟାରେ ତଦାରଖ କରାଯାଉଛି। ଅକ୍ସିଜେନ ପରିଚାଳନାକୁ ସୁଦୃଢ଼ କରିବାକୁ ରାଜ୍ୟ ସରକାର ଅକ୍ସିଜେନ ସିଲିଣ୍ଡର ଖରିଦ୍ କରିବା ସହ ଅମ୍ଳଜାନ ଉତ୍ପାଦନ ବୃଦ୍ଧି ଏବଂ ଏଲ୍ଏମ୍ଓ କଣ୍ଟେନରକୁ ମଧ୍ୟ ନିୟୋଜିତ କରିଛନ୍ତି। ଆଗାମୀ ଦିନରେ ଅକ୍ସିଜେନ ଆବଶ୍ୟକତା ଏବଂ ପରିଚାଳନାକୁ ଦେଖି ରାଜ୍ୟ ସରକାର ଟାସ୍କଫୋର୍ସ ଗଠନ କରିଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି। କୋଭିଡ୍ ବିରୋଧୀ ଲଢ଼େଇରେ ସହଯୋଗ ପାଇଁ ମୁଖ୍ୟମନ୍ତ୍ରୀ ଜନସାଧାରଣଙ୍କୁ ଧନ୍ୟବାଦ ଦେଇଛନ୍ତି। ଏକାଠି ହୋଇ ଲଢ଼ିଲେ ମହାମାରୀକୁ ଦୂରେଇବା ସହିତ ଖୁବ୍‌ଶୀଘ୍ର ସ୍ୱାଭାବିକ ଅବସ୍ଥା ଫେରିବ ବୋଲି ସେ ଆଶାପ୍ରକଟ କରିଛନ୍ତି। ମହାମାରୀକୁ ନିୟନ୍ତ୍ରଣ କରିବାରେ ଗୋଷ୍ଠୀଗତ ସହଯୋଗ ପାଇଁ ଗଞ୍ଜାମବାସୀଙ୍କୁ ମୁଖ୍ୟମନ୍ତ୍ରୀ ପ୍ରଶଂସା କରିଛନ୍ତି।

ଏହି ଅବସରରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବ କିଶୋର ଦାସ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀଙ୍କ ତତ୍ତ୍ୱାବଧାନରେ ଓଡ଼ିଶା କୋଭିଡ୍ ବିରୋଧରେ ଲଢ଼େଇ ଜାରି ରଖିଛି। ୨ କୋଟି ଟଙ୍କା ବ୍ୟୟରେ ଏଲ୍ଏମ୍ଓ ପ୍ଲାଣ୍ଟ ସ୍ଥାପନ କରାଯାଇଛି। ଏହାର ଉତ୍ପାଦନ କ୍ଷମତା ୨୦ ହଜାର ଲିଟର ହେବ ବୋଲି ସେ ସୂଚନା ଦେଇଛନ୍ତି। ବ୍ରହ୍ମପୁର ଏମ୍‌ପି ଚନ୍ଦ୍ର ଶେଖର ସାହୁ, ବ୍ରହ୍ମପୁର ବିଧାୟକ ବିକ୍ରମ ପଣ୍ଡା ଏହି ଅବସରରେ ନିଜର ବକ୍ତବ୍ୟ ରଖିଥିଲେ। ମୁଖ୍ୟମନ୍ତ୍ରୀଙ୍କ ସଚିବ ଭି.କେ. ପାଣ୍ଡିଆନ ବୈଠକ ସଂଚାଳନ କରିଥିଲେ। ଏଥିରେ ମୁଖ୍ୟମନ୍ତ୍ରୀଙ୍କ ମୁଖ୍ୟ ପରାମର୍ଶଦାତା ଆର୍. ବାଲକ୍ରିଷ୍ଣନ, ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷ ଅସିତ ତ୍ରିପାଠୀ, ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ ମହାପାତ୍ର , ଶିଳ୍ପ ବିଭାଗ ସଚିବ ହେମନ୍ତ ଶର୍ମା, ଜିଲାର ବରିଷ୍ଠ ଅଧିକାରୀ, ଏମ୍‌କେସିଜି ମେଡିକାଲର ବରିଷ୍ଠ ଡାକ୍ତର ଉପସ୍ଥିତ ଥିଲେ। ଗଞ୍ଜାମ ଜିଲାପାଳ ସ୍ୱାଗତ ଭାଷଣ ଦେଇଥିବା ବେଳେ ବ୍ରହ୍ମପୁର ମହାନଗର ନିଗମ କମିଶନର ଧନ୍ୟବାଦ ଅର୍ପଣ କରିଥିଲେ।



**ଆଜିର ମନ୍ତବ୍ୟ**
ଦେଶରେ କୋଭିଡ୍-୧୯ ସ୍ଥିତିର ମୁକାବିଲା ପାଇଁ କେନ୍ଦ୍ର ସରକାରଙ୍କ ପାଖରେ କୌଣସି ଉପଯୁକ୍ତ ଯୋଜନା ନାହିଁ।
-ମମତା ବାନାର୍ଜୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆମ୍ଭ କଷି**
**କଥା ଲହସରେ ଚାଲି ଆଇଲି**
**ନ ବୋଲିବୁ ମୋତେ ବଳେ ପଶି ।**

ବେଳେବେଳେ କିଛି ବ୍ୟକ୍ତି ନିଜର ଭିତିରି ଉଦ୍ଦେଶ୍ୟ ପୂରଣ କରିବା ଲକ୍ଷ୍ୟରେ କଥା ଛଳରେ ଘରେ ପହଞ୍ଚିଯାଇଥାନ୍ତି। କାଳେ କିଏ ଖରାପ ଭାବିବ ସେନେଇ ଆଗତୁରା କଥା ଲହସରେ ଚାଲି ଆସିଥିବା ନେଇ ସଫେଇ ଦେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଆଗେ ମାଡ଼**
**ପଛେ ବିଚାର ।**

ବିଚାର ହେଲେ ଭୁଲ୍ କାହାର ହେବ, ସେତ ଦୂରର କଥା। ଆଗେ ମାଡ଼ ମାରି କଥାଟାକୁ ଉସୁକେଇବା ଏବଂ ବାହାଦୁରି ନେବା ଏ ଯୁଗର ଏକ ରୀତି ହୋଇଗଲାଣି କହିଲେ ଅତ୍ୟୁକ୍ତି ହେବ ନାହିଁ। ପ୍ରଥମେ ମାଡ଼ ଦେଇ ପ୍ରତିହିଂସା ଶୁଝାଯିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ

# ସମ୍ବଲପୁରୀ ଗୀତରେ ଝୁମିଲେ ରୋଗୀ



ଭିମ୍‌ସାର କୋଭିଡ୍ ମେଡିକାଲରେ ଡାକ୍ତର, କର୍ମଚାରୀ ନୃତ୍ୟ ପରିବେଷଣ କରୁଛନ୍ତି ।

**ଭିମ୍‌ସାର କୋଭିଡ୍ ମେଡିକାଲ ୨**
- ଚାପମୁକ୍ତ କରିବାକୁ ପ୍ରୟାସ
- ବିଭିନ୍ନ ମହଲରୁ ପ୍ରଶଂସା

**ସମ୍ବଲପୁର, ୨୦।୫(ବ୍ୟୁରୋ)**

ସଂକ୍ରମିତ ରୋଗୀଙ୍କୁ ମାନସିକ ଚାପରୁ ମୁକ୍ତ କରିବା ପାଇଁ ଭିମ୍‌ସାର କୋଭିଡ୍ ମେଡିକାଲ-୨ରେ ଅଭିନବ ପ୍ରୟାସ କରାଯାଇଛି। କାର୍ଯ୍ୟରତ କେତେଜଣ ଡାକ୍ତର ଓ ଅନ୍ୟ କର୍ମଚାରୀ ନୃତ୍ୟକରି ରୋଗୀଙ୍କୁ ଖୁସି କରିବାକୁ ଚେଷ୍ଟା କରିଛନ୍ତି। ରୋଗୀମାନେ ମଧ୍ୟ ସମ୍ବଲପୁରୀ ଗୀତର ତାଳେ ତାଳେ ଝୁମିଥିଲେ। କେବଳ ସମ୍ବଲପୁରୀ ନୁହେଁ ହାମ୍ ହୋଙ୍ଗେ କାମିୟାବ... ଗୀତରେ ରୋଗୀଙ୍କ ମନୋବଳକୁ ଦୃଢ କରିଛନ୍ତି। ଏହାର ଭିଡିଓ ଭାଇରାଲ ହେବା ପରେ ଘଟଣା ଲୋକଲୋଚନକୁ ଆସିଛି। ଡାକ୍ତର, କର୍ମଚାରୀଙ୍କ ଏଭଳି କାର୍ଯ୍ୟକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଉଛି।

ଭାଇରାଲ ଭିଡିଓରେ ପିପିଇ କିଟ୍ ପିନ୍ଧି ଡାକ୍ତର, କର୍ମଚାରୀମାନେ ମୋବାଇଲରେ ଗୀତ ବଜାଇ ନୃତ୍ୟ ପରିବେଷଣ କରୁଛନ୍ତି। ପ୍ରଭୁଦେବାଙ୍କ ମୁକାବିଲା ଗୀତର ମଧ୍ୟ ଡ୍ୟାନ୍ସ କରିଛନ୍ତି। ଏହାସହ ରୋଗୀମାନଙ୍କ ହାତରେ ହାତ ମିଳାଇ ଚିଅରଅପ୍ କରୁଛନ୍ତି। ଏ ସମ୍ପର୍କରେ ଅଧୀକ୍ଷକ ପ୍ରଫେସର ଲାଲ ମୋହନ ନାଏକ କହିଛନ୍ତି, ସେଭଳି କରିବାକୁ କାହାକୁ କୁହାଯାଇ ନ ଥିଲା। ଭିଡିଓ ଭାଇରାଲ ହେବା ପରେ ଆମେ ଜାଣିବାକୁ ପାଇଲୁ। ଡାକ୍ତରଙ୍କ ସହ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଅଛନ୍ତି। ରୋଗୀଙ୍କୁ ମାନସିପ ଚାପରୁ ମୁକ୍ତ କରାଯିବାକୁ ଚେଷ୍ଟା କରାଯାଉଛି। ସେହିପରି ନିର୍ଦ୍ଦେଶକ ପ୍ରଫେସର ଲଳିତ ମେହେର କହିଛନ୍ତି, ଅନ୍ୟ ମେଡିକାଲର ଏଭଳି ଅନେକ ଭିଡିଓ ଭାଇରାଲ ହୋଇଛି। କୋଭିଡ୍ ମେଡିକାଲ ୨ର କେତେଜଣ ଡାକ୍ତର ଓ କର୍ମଚାରୀ ମିଶି ରୋଗୀଙ୍କ ମନୋବଳ ବଢାଇବା ପାଇଁ ନାଚଗୀତ କରିଛନ୍ତି।

# ଅରୁଣା ମହାନ୍ତି ସଙ୍ଗୀତ ନାଟକ ଏକାଡେମୀ ସଭାପତି



**ଭୁବନେଶ୍ୱର, ୨୦।୫(ବ୍ୟୁରୋ)**

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧୀନରେ କାର୍ଯ୍ୟରତ ବିଭିନ୍ନ ଏକାଡେମୀ ପାଇଁ ଗୁରୁବାର ନୂତନ ସଭାପତି, ଉପସଭାପତି ଓ ସଚିବଙ୍କୁ ମନୋନୀତ କରାଯାଇଛି। ଓଡ଼ିଶା ସାହିତ୍ୟ ଏକାଡେମୀର ସଭାପତି ଭାବେ ଶାରଳା ପୁରସ୍କାରପ୍ରାପ୍ତ କବି ଡ. ହୃଷୀକେଶ ମଲ୍ଲିକ ମନୋନୀତ ହୋଇଥିବାବେଳେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଭାପତି ଭାବେ ପଦ୍ମଶ୍ରୀ ଅରୁଣା ମହାନ୍ତିଙ୍କୁ ମନୋନୀତ କରାଯାଇଛି। ସାହିତ୍ୟ ଏକାଡେମୀ ଉପସଭାପତି ଭାବେ ସଂଗ୍ରାମ ଜେନା, ସଚିବ ଭାବେ ପ୍ରବୋଧ କୁମାର ରାଉତ (ଓକାକ୍‌ରେ କାର୍ଯ୍ୟରତ ଓଏଏସ୍ ଅଧିକାରୀ), ସଙ୍ଗୀତ ନାଟକ ଏକାଡେମୀର ଉପସଭାପତି ଭାବେ ମନ୍ମଥ କୁମାର ଶତପଥୀ, ଓଡ଼ିଶା ଲଳିତ କଳା ଏକାଡେମୀ ଉପସଭାପତି ଭାବେ ଶ୍ରୀନିବାସ ପଢ଼ିଆରୀ, ସଚିବ ଭାବେ ପଞ୍ଚାନନ ସାମଲ ଏବଂ ଓଡ଼ିଶା ଉର୍ଦ୍ଦୁ ଏକାଡେମୀର ସଚିବ ଭାବେ ଡ. ସୟେଦ ମୁସୀର ଆଲାମ୍‌ଙ୍କୁ ମନୋନୀତ କରାଯାଇଛି।

ଏସବୁ ପଦବୀ ପୂରଣ ପାଇଁ ୭ଜଣିଆ ମନୋନୟନ କମିଟି ଗଠନ କରାଯାଇଥିଲା। କମିଟିର ଅଧ୍ୟକ୍ଷ ତଥା ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଗଠିତ ଏହି କମିଟିରେ ପ୍ରିନ୍ସିପାଲ ସେକ୍ରେଟାରୀ ଡ. ବିଷ୍ଣୁପଦ ସେଠୀ, ରବିନାରାୟଣ ସେନାପତି, ରମେଶ ପାଣିଗ୍ରାହୀ, ଡ. ପ୍ରିୟମ୍ବଦା ମହାନ୍ତି ହେଜମାଦୀ ଏବଂ ସଦାଶିବ ପ୍ରଧାନ ସଦସ୍ୟ ଥିଲେ। କମିଟି ପକ୍ଷରୁ ମନୋନୀତ ନାମଗୁଡ଼ିକୁ ସରକାରଙ୍କ ଅନୁମୋଦନ ନିମନ୍ତେ ସୁପାରିସ କରାଯାଇଥିଲା। କମିଟି ଦ୍ୱାରା ପ୍ରସ୍ତାବିତ ନାମକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ଅନୁମୋଦନ କରିଛନ୍ତି।

# ୨୪ ଘଣ୍ଟିଆ ହେଲ୍ପଲାଇନ୍ ନମ୍ବର ୧୦୯୮ ଜାରି

- ଶିଶୁ ସୁରକ୍ଷା ପାଇଁ ବିଶେଷ ପଦକ୍ଷେପ
- ସବୁ ଜିଲାରେ ଅସ୍ଥାୟୀ ବାସସ୍ଥଳୀ ବ୍ୟବସ୍ଥା

**ଭୁବନେଶ୍ୱର, ୨୦।୫(ବ୍ୟୁରୋ)**

ବର୍ତ୍ତମାନ କରୋନାରେ ଅନେକ ପରିବାରରେ ମାତାପିତାଙ୍କ କୋଭିଡ୍‌ରେ ମୃତ୍ୟୁ ହେବା କିମ୍ବା ସଂକ୍ରମିତ ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେବା ସମୟରେ ସେମାନଙ୍କ ପିଲାମାନେ ଅନାଥ ଏବଂ ଅସହାୟ ହୋଇଯାଉଛନ୍ତି। ଏହି ଶିଶୁମାନଙ୍କୁ ରଖିବା ପାଇଁ ମଧ୍ୟ କେହି ଆତ୍ମୀୟସ୍ୱଜନ, ନିକଟ ସମ୍ପର୍କୀୟ ଆଗେଇ ଆସୁନାହାନ୍ତି। ଏଭଳି ପରିସ୍ଥିତିରେ ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗ ପକ୍ଷରୁ ବିଶେଷ ପଦକ୍ଷେପ ନିଆଯାଇଛି। ବିଭାଗ ପକ୍ଷରୁ ଗୁରୁବାର ଏକ ୨୪ଘଣ୍ଟିଆ ହେଲ୍ପଲାଇନ୍ ନମ୍ବର ୧୦୯୮ ଏବଂ ଓଡ଼ିଶା ରାଜ୍ୟ ଶିଶୁ ସୁରକ୍ଷା ଆୟୋଗର ସହାୟତା ନମ୍ବର ୧୮୦୦-୩୪୫-୪୪୯୪ ସହ ରାଜ୍ୟ ହେଲ୍ପଲାଇନ୍ ନମ୍ବର ୧୦୪ ଜାରି କରାଯାଇଛି। ୧୮ବର୍ଷରୁ କମ୍ ବୟସର ଅସହାୟ ଓ ବିପଦସଙ୍କୁଳ ଅବସ୍ଥାରେ ଥିବା କୌଣସି ଶିଶୁ, ମାତାପିତାବିହୀନ ଶିଶୁ କିମ୍ବା କରୋନା ସଂକ୍ରମିତ ହୋଇ ସଙ୍ଗରୋଧରେ ଥିବା ମାତାପିତାଙ୍କ ଶିଶୁ କାହାର ନଜରକୁ ଆସିଲେ ତୁରନ୍ତ ଉପରୋକ୍ତ ହେଲ୍ପଲାଇନ୍‌ରେ କିମ୍ବା ନିକଟସ୍ଥ ଜିଲା ଶିଶୁ ସୁରକ୍ଷା ଅଧିକାରୀ କିମ୍ବା ଜିଲା ଶିଶୁ ମଙ୍ଗଳ କମିଟିକୁ ଯୋଗାଯୋଗ କରିବାକୁ କୁହାଯାଇଛି। ଏଥିପାଇଁ ପ୍ରତି ଜିଲାରେ ସରପଞ୍ଚମାନଙ୍କୁ ନେଇ ହ୍ୱାଟସ୍‌ଆପ୍ ଗ୍ରୁପ୍ ଗଠନ ହୋଇଛି। ଏହି ଶିଶୁମାନଙ୍କ ତଥ୍ୟ ସଂଗ୍ରହ କରାଯାଇ ସେମାନଙ୍କୁ ସମସ୍ତ ସହାୟତା ଯୋଗାଇଦେବା ପାଇଁ ନାଗରିକ ସଙ୍ଗଠନ ଓ ସାମାଜିକ ଅନୁଷ୍ଠାନର ସହଯୋଗ ନିଆଯାଉଛି। ଅସୁବିଧାରେ ଥିବା ପ୍ରତ୍ୟେକ ଶିଶୁଙ୍କୁ ତୁରନ୍ତ ଉଦ୍ଧାର କରି ସେମାନଙ୍କୁ ସାମୟିକ ଭାବେ ସୁରକ୍ଷିତ କରି ରଖିବା ପାଇଁ ୩୦ଟି ଜିଲାରେ ୩୦ଟି ଅସ୍ଥାୟୀ ବାସସ୍ଥଳୀର ବ୍ୟବସ୍ଥା କରାଯାଇଛି। ଶିଶୁଙ୍କ ଯତ୍ନ ଏବଂ ସୁରକ୍ଷା ପାଇଁ ପ୍ରତି ଜିଲାରେ ନୋଡାଲ ଅଫିସରମାନଙ୍କୁ ନିଯୁକ୍ତ କରାଯାଇଛି। ଏ ପର୍ଯ୍ୟନ୍ତ ଚିହ୍ନଟ ହୋଇଥିବା କୋଭିଡ୍ ପ୍ରଭାବିତ ୪ ଅସହାୟ ଶିଶୁଙ୍କୁ ଉଦ୍ଧାର କରାଯାଇ ଆର୍ଥିକ ସହାୟତା ପ୍ରଦାନ ସହ ସାମୟିକ ଭାବେ ରଖାଯାଇଛି। ଶିଶୁ କଲ୍ୟାଣ ବିଭାଗୀୟ ଯୁଗ୍ମ ସଚିବଙ୍କୁ ରାଜ୍ୟ ନୋଡାଲ ଅଧିକାରୀ ଭାବେ ଘୋଷଣା କରାଯାଇଛି। ସୂଚନାଯୋଗ୍ୟ, ରାଜ୍ୟରେ ଥିବା ୨୩୮ ଶିଶୁ ଯତ୍ନ ଅନୁଷ୍ଠାନରେ ୮,୫୦୦ ଶିଶୁ ରହୁଛନ୍ତି ଏବଂ ସେମାନଙ୍କ ଯତ୍ନ ନେବା ପାଇଁ ୨,୦୦୦ କର୍ମଚାରୀ କାର୍ଯ୍ୟ କରୁଛନ୍ତି। ବିଭାଗ ପକ୍ଷରୁ ମାର୍ଗଦର୍ଶିକା ଜାରି କରାଯାଇ ଏହି ଶିଶୁ ଯତ୍ନ ଅନୁଷ୍ଠାନଗୁଡ଼ିକରେ କୋଭିଡ୍ ସମ୍ପର୍କିତ ସମସ୍ତ ସତର୍କତା ଓ ନିୟମାବଳୀ ପାଳନ ନିମନ୍ତେ ପଦକ୍ଷେପ ନିଆଯାଇଛି। ବିଭାଗ ପକ୍ଷରୁ ଗୁରୁବାର ଆୟୋଜିତ ଭର୍ଚୁଆଲ ବୈଠକରେ ଏହି ସୂଚନା ମିଳିଛି। ବିଭାଗୀୟ ପ୍ରମୁଖ ଶାସନ ସଚିବ ଅନୁ ଗର୍ଗ ଶିଶୁଙ୍କ ସୁରକ୍ଷା ଓ ଥଇଥାନ ପାଇଁ ତ୍ୱରିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଜିଲା ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସମନ୍ୱିତ ଶିଶୁ ବିକାଶ ନିର୍ଦ୍ଦେଶକ ଅରବିନ୍ଦ ଅଗ୍ରୱାଲ ସମସ୍ତ ଜିଲାପାଳଙ୍କୁ ପତ୍ର ଲେଖି ସମ୍ପୂର୍ଣ୍ଣ ମାର୍ଗଦର୍ଶିକା ପ୍ରେରଣ କରିବା ସହ ଶିଶୁ ସୁରକ୍ଷାକୁ ସୁନିଶ୍ଚିତ କରିବା ନିମନ୍ତେ ଅନୁରୋଧ କରିଛନ୍ତି।

# ଜେଲରୁ ଚମ୍ପଟ୍ ମାରି ଧରାପଡ଼ିଲେ କଏଦୀ

**କୋରାପୁଟ, ୨୦।୫(ସ୍ୱ.ପ୍ର.)**

କୋରାପୁଟ ଜିଲା ମଣ୍ଡଳ କାରାଗାରରୁ ଫେରାର ବିଚାରାଧୀନ କଏଦୀ ଗୁରୁବାର ସକାଳେ କୋରାପୁଟ ବ୍ଲକର ମସ୍ତିପୁଟ ଜଙ୍ଗଲରୁ ଧରାପଡିଛନ୍ତି। ସେ ହେଲେ ଗଜପତି ଜିଲା ମୁର୍ଖଣ୍ଡି ଥାନା ଅଞ୍ଚଳର ଗଣେଶ ରାଉତ (୨୫)। ଗତ ୮ ମାସ ତଳେ ଏକ ହତ୍ୟା ମାମଲାରେ ଜଡିତ ଥିବାରୁ ବିଚାରାଧୀନ ବନ୍ଦୀ ଭାବେ ମଣ୍ଡଳ କାରାଗାରରେ ରହି ଆସୁଥିଲେ। ବୁଧବାର ସେ ମଣ୍ଡଳ କାରାଗାରର କାନ୍ଥ ଡେଇଁ ଫେରାର ହୋଇଯାଇଥିଲେ। ଏନେଇ ବିଳମ୍ବରେ ବିଭାଗ ପକ୍ଷରୁ ଟାଉନ ଥାନାକୁ ଅବଗତ କରାଯାଇଥିଲା। କେସ୍ ନଂ.୧୨୫/୨୧ରେ ଏକ ମାମଲା ରୁଜୁ କରି ପୋଲିସ ଗଣେଶଙ୍କୁ ଖୋଜିବା ଆରମ୍ଭ କରିଥିଲା। କୋରାପୁଟର ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିବା ପରେ ଗୁରୁବାର ସକାଳେ ତାଙ୍କୁ ମସ୍ତିପୁଟ ଜଙ୍ଗଲରୁ ଧରାଯାଇଥିବା ଟାଉନଥାନା ଏସ୍‌ଆଇ ସୁଦର୍ଶନ ଅଧିକାରୀ କହିଛନ୍ତି। ଅନ୍ୟପକ୍ଷରେ ଗଣେଶ ଜେଲରୁ ଫେରାର ହେବା ନେଇ ଜେଲ କର୍ତ୍ତୃପକ୍ଷ ତଦନ୍ତ ଆରମ୍ଭ କରିଛନ୍ତି।

# ଭିମସାର କୋଭିଡ୍ ମେଡିକାଲ ନର୍ସ ବହିଷ୍କୃତ

**ସମ୍ବଲପୁର, ୨୦।୫(ବ୍ୟୁରୋ)**

ସମ୍ବଲପୁରର ବୁର୍ଲାସ୍ଥିତ କୋଭିଡ୍ ମେଡିକାଲରେ ଜଣେ ମହିଳା କୋଭିଡ୍ ରୋଗୀଙ୍କୁ ତ୍ରୁଟିପୂର୍ଣ୍ଣ ପ୍ରକ୍ରିୟାରେ ଇଞ୍ଜେକଶନ ଦିଆଯାଇଥିବା ନେଇ ଅଭିଯୋଗ ହୋଇଥିଲା। ଏହି ଘଟଣାରେ ଭିମ୍‌ସାର କର୍ତ୍ତୃପକ୍ଷ ଅସ୍ଥାୟୀ ଭାବେ କାର୍ଯ୍ୟରତ ନର୍ସ ଉର୍ବସୀ ନାଏକଙ୍କୁ ବହିଷ୍କୃତ କରିଛନ୍ତି। ଭିମସାର ପ୍ରଶାସନିକ ଅଧିକାରୀ ଏ ନେଇ ନୋଟିସ ଜାରି କରିଛନ୍ତି। ସୂଚନାଯୋଗ୍ୟ, କୋଭିଡ୍ ମେଡିକାଲରେ ଜଣେ ମହିଳା ରୋଗୀଙ୍କୁ ନର୍ସ ଉର୍ବସୀ ତ୍ରୁଟିପୂର୍ଣ୍ଣ ପ୍ରକ୍ରିୟାରେ ଇଞ୍ଜେକଶନ ଦେଇଥିଲେ। ରାତିରେ ପୁଣି ଥରେ ସେ ଇଞ୍ଜେକଶନ ଦେବାକୁ ଆସିଥିବାବେଳେ ମହିଳା ରୋଗୀ ମନା କରିଥିଲେ। ମହିଳାଜଣକ ଏହାର ଏକ ଭିଡିଓ କରି ସାମାଜିକ ଗଣମାଧ୍ୟମରେ ଭାଇରାଲ କରିଥିଲେ।

# ଚିତ୍ରକୋଣ୍ଡା ଡଙ୍ଗାବୁଡ଼ି ଘଟଣା: ଜଣଙ୍କ ମୃତଦେହ ମିଳିଲା

**ମାଲକାନଗିରି/ଚିତ୍ରକୋଣ୍ଡା, ୨୦।୫(ଡି.ଏନ.ଏ.):** ମାଲକାନଗିରି ଜିଲା ଚିତ୍ରକୋଣ୍ଡାସ୍ଥିତ ବାଲିମେଳା ଜଳଭଣ୍ଡାରରେ ବୁଧବାର ଦେଶୀ ଡଙ୍ଗା ଓଲଟି ୩ଜଣ ନିଖୋଜ ହୋଇଯାଇଥିଲେ। ଗୁରୁବାର ସେମାନଙ୍କ ମଧ୍ୟରୁ ଜଣକର ମୃତଦେହ ଜବତ ହୋଇଛି। ସେ ହେଲେ ଦାମୋଦରବେଡା ଗ୍ରାମର ବୁଦ୍ରି ମୁଦୁଲି (୭୦)। ନାକାମାମୁଡ଼ି ପଞ୍ଚାୟତ ଅନ୍ତର୍ଗତ ଦାମଦୋରବେଡ଼ା ଗ୍ରାମର ୧୪ ଜଣ ବ୍ୟକ୍ତି ଏକ ବାହାଘର କାର୍ଯ୍ୟରେ ଯୋଗ ଦେବାକୁ ଦେଶୀ ଡଙ୍ଗାରେ ମାଲକାନଗିରି ଜିଲା ଓରାପଦର ଗ୍ରାମରୁ କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ନାକାମାମୁଡି ପଞ୍ଚାୟତର ବାକୁଲି ଗ୍ରାମକୁ ଯାଉଥିଲେ। ତେବେ ଜଳଭଣ୍ଡାର ମଧ୍ୟରେ ଭାରସାମ୍ୟ ହରାଇ ଡଙ୍ଗାଟି ଓଲଟି ପଡ଼ିଥିଲା। ଗୁରୁବାର ସକାଳୁ ନଦୀଘାଟରେ ଏସ୍‌ଡିପିଓ ସୁନାରାମ ହେମ୍ବ୍ରମଙ୍କ ନେତୃତ୍ୱରେ ୧୮ ଜଣ ଯବାନ ଓ ଦମକଳବାହିନୀର ୭ କର୍ମଚାରୀ ଉଦ୍ଧାର କାର୍ଯ୍ୟ ଜାରି ରଖିଥିଲେ। ଏହି ସମୟରେ ବୁଦ୍ରିଙ୍କ ମୃତଦେହ ଜବତ କରାଯାଇଛି। ତେବେ ଯମୁନା ମୁଦୁଲି ଓ ତାଙ୍କ ଶିଶୁକନ୍ୟା ନିଖୋଜ ଅଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ୨୬ରେ ଆସୁଛି...

ବାତ୍ୟା ମୁକାବିଲା ପାଇଁ ତୃଣମୂଳସ୍ତରରେ ସମସ୍ତ ପ୍ରସ୍ତୁତି ଯୁଦ୍ଧକାଳୀନ ଭିତ୍ତିରେ ଶେଷ କରିବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହିତ ରାଜ୍ୟସ୍ତରରେ ସମ୍ପୃକ୍ତ ସମସ୍ତ ବିଭାଗକୁ ପ୍ରାକ୍ ପ୍ରସ୍ତୁତି କରିବାକୁ ଜଣାଇ ଦିଆଯାଇଛି।

ଅନ୍ୟପକ୍ଷରେ ସମସ୍ତ ଜିଲା ପ୍ରଶାସନ ବହୁମୁଖୀ ବାତ୍ୟା, ବନ୍ୟା ଆଶ୍ରୟସ୍ଥଳୀ ପରିଦର୍ଶନ କରି ସେଗୁଡ଼ିକୁ ବ୍ୟବହାର ଉପଯୋଗୀ କରିବା ନିମନ୍ତେ କାର୍ଯ୍ୟାରମ୍ଭ କରିଛନ୍ତି। ଆଶ୍ରୟସ୍ଥଳୀଗୁଡ଼ିକରେ ବିକଳ୍ପ ବିଦ୍ୟୁତ୍ ଯୋଗାଣ, ପାନୀୟ ଜଳ, ପରିମଳ ବ୍ୟବସ୍ଥା ଇତ୍ୟାଦି ଉପରେ ତଦାରଖ କରାଯାଇଛି। ସ୍ଥାନାନ୍ତରଣ ସମୟରେ ବୃଦ୍ଧାବୃଦ୍ଧ, ଅସୁସ୍ଥ ବ୍ୟକ୍ତି, ଦିବ୍ୟାଙ୍ଗ, ଗର୍ଭବତୀ, ପ୍ରସୂତି ଏବଂ ଶିଶୁମାନଙ୍କ ଉପରେ ସ୍ୱତନ୍ତ୍ର ଦୃଷ୍ଟି ଦିଆଯିବା ବ୍ୟବସ୍ଥା କରାଯାଇଛି। ସମ୍ପୃକ୍ତ ଅଞ୍ଚଳର ଡାକ୍ତରଖାନାରେ ବିକଳ୍ପ ବିଦ୍ୟୁତ୍ ଯୋଗାଣ ପାଇଁ ଜେନେରେଟର ବ୍ୟବସ୍ଥା କରାଯାଉଛି। ଅଗ୍ନିଶମ ବାହିନୀ, ଓଡ୍ରାଫ୍ ଏବଂ ଏନ୍‌ଡିଆରଏଫ୍ କର୍ମଚାରୀମାନେ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ବାତ୍ୟା ପୂର୍ବ ଓ ପରେ ଅତ୍ୟାବଶ୍ୟକ ଦ୍ରବ୍ୟର ଉପଲବ୍ଧତାକୁ ସୁନିଶ୍ଚିତ କରିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯାଇଛି।

ଜିଲାର ମତ୍ସ୍ୟ ଓ ପଶୁସମ୍ପଦ ଅଧିକାରୀଙ୍କ ଦ୍ୱାରା ମତ୍ସ୍ୟଜୀବୀଙ୍କୁ ସମୁଦ୍ର ଭିତରକୁ ନ ଯିବାକୁ ସତର୍କ କରାଯାଉଛି। ମତ୍ସ୍ୟଜୀବୀ ବସ୍ତିରେ ଏ ସମ୍ବନ୍ଧରେ ଜନସଚେତନତା ପାଇଁ ମାଇକ୍ ଯୋଗେ ପ୍ରଚାର କରାଯାଉଛି। ଗୃହ ଓ ନଗର ଉନ୍ନୟନ ବିଭାଗ, ନିର୍ମାଣ, ଗ୍ରାମ୍ୟ ଉନ୍ନୟନ ବିଭାଗ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ସେମାନଙ୍କ ସମସ୍ତ ପ୍ରସ୍ତୁତି ଆରମ୍ଭ କରିସାରିଛନ୍ତି। ରାସ୍ତାଘାଟର ତ୍ୱରିତ ମରାମତି, ପାନୀୟ ଜଳ ବ୍ୟବସ୍ଥାକୁ ପୁନଃ କାର୍ଯ୍ୟକ୍ଷମ କରିବା ନିମନ୍ତେ ସାମଗ୍ରୀ ମହଜୁଦ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ଶକ୍ତି ବିଭାଗ ତରଫରୁ ବାତ୍ୟା ପରବର୍ତ୍ତୀ ସମୟରେ କ୍ଷତିଗ୍ରସ୍ତ ବିଦ୍ୟୁତ୍ ସରବରାହ ଭିତ୍ତିଭୂମିର ତ୍ୱରିତ ପୁନଃନିର୍ମାଣ ପାଇଁ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ କୁଶଳୀ କର୍ମୀ ଦଳ ଓ ଯନ୍ତ୍ରାଂଶ ଗଚ୍ଛିତ ରଖାଯାଉଛି। ବାତ୍ୟା ସମୟରେ ଦୂରସଞ୍ଚାର ବ୍ୟବସ୍ଥା କାର୍ଯ୍ୟକ୍ଷମ ରଖିବା ଓ ପରବର୍ତ୍ତୀ ସମୟରେ କ୍ଷତିଗ୍ରସ୍ତ ଦୂରସଞ୍ଚାର ଭିତ୍ତିଭୂମିର ପୁନଃକାର୍ଯ୍ୟକ୍ଷମ କରିବା ନିମନ୍ତେ ଏସ୍‌ଆରସି ଦୂରସଞ୍ଚାର ସେବା ପ୍ରଦାନକାରୀ ସଂସ୍ଥା, ଭାରତ ସରକାରଙ୍କ ଦୂରସଞ୍ଚାର ବିଭାଗ, ରାଜ୍ୟ ସରକାରଙ୍କ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଭାଗ ସହ ଆଲୋଚନା କରିଛନ୍ତି।

### ମହାମାରୀ ତାଲିକାଭୁକ୍ତ...

ସୁପାରିସ୍ କରିଥିଲା। ଏଠାରେ ଉଲ୍ଲେଖଯୋଗ୍ୟ, କରୋନାରୁ ସୁସ୍ଥ ହେବା ପରେ ଏହି ରୋଗ ଦେଖାଯାଉଛି। ଆଖି ଫୁଲିଯିବା ସହିତ ନାକରୁ କଳାପାଣି ନିର୍ଗତ ହେବା, ଶରୀରରେ କଳା କଳା ଫୋଟକା ପରି ହୋଇଯିବା ଭଳି ଲକ୍ଷଣ ଦେଖାଯାଉଛି। ତେବେ ଏହା କୌଣସି ନୂଆ ରୋଗ ନୁହେଁ। ଏହା ଆଗରୁ ମଧ୍ୟ ଥିଲା ଓ ଏହାର ଚିକିତ୍ସା ମଧ୍ୟ ରହିଛି। ଶୀଘ୍ର ଜଣାପଡ଼ିଲେ ଏହାର ଚିକିତ୍ସା ହୋଇପାରିବ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ମତପ୍ରକାଶ କରିଛନ୍ତି।

### ବ୍ଲାକ୍ ଫଙ୍ଗସ୍‌କୁ ମହାମାରୀ ଘୋଷଣା କର: କେନ୍ଦ୍ର

**ନୂଆଦିଲ୍ଲୀ, ୨୦।୫**

ମ୍ୟୁକୋର୍‌ମାଇକୋସିସ ବା ବ୍ଲାକ୍ ଫଙ୍ଗସ୍‌କୁ ମହାମାରୀ ଘୋଷଣା କରିବା ଲାଗି କେନ୍ଦ୍ର ସରକାର ସମସ୍ତ ରାଜ୍ୟକୁ କହିଛନ୍ତି। କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ରାଜ୍ୟଗୁଡ଼ିକୁ ପଠାଯାଇଥିବା ପତ୍ରରେ ବ୍ଲାକ୍ ଫଙ୍ଗସ୍‌କୁ ସଂକ୍ରାମକ ରୋଗ ଆଇନରେ ବିରଳ କିନ୍ତୁ ସମ୍ଭାବିତ ଘାତକ ସଂକ୍ରମଣ ଭାବେ ତାଲିକାଭୁକ୍ତ କରିବା ଲାଗି କୁହାଯାଇଛି। ଏହାର ଅର୍ଥ ସମସ୍ତ ବ୍ଲାକ୍ ଫଙ୍ଗସ୍ ସଂକ୍ରମଣ ଏବଂ ସନ୍ଦିଗ୍ଧ ମାମଲା ସମ୍ପର୍କରେ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟକୁ ରିପୋର୍ଟ କରାଯିବ। କୋଭିଡ୍-୧୯ ରୋଗୀଙ୍କୁ ଚିକିତ୍ସାରେ ଅତ୍ୟଧିକ ଷ୍ଟିରଏଡ୍ ଦିଆଯିବା ଏବଂ ଅବ୍ୟବସ୍ଥିତ ଶର୍କରା ନିୟନ୍ତ୍ରଣ ଯୋଗୁ ବ୍ଲାକ୍ ଫଙ୍ଗସ୍ ସଂକ୍ରମଣ ହେଉଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ଯୁଗ୍ମ ସଚିବ ଲଭ୍ ଅଗ୍ରୱାଲ କହିଛନ୍ତି। ଏହି ଫଙ୍ଗସ୍ ସଂକ୍ରମଣ ଯୋଗୁ କୋଭିଡ୍ ରୋଗୀଙ୍କ ମଧ୍ୟରେ ଦୀର୍ଘ ସମୟ ରୁଗ୍ଣତା ଓ ମୃତ୍ୟୁ ଆଶଙ୍କା ବଢ଼ାଉଛି। ଏହାର ଚିକିତ୍ସା ପାଇଁ ଆଖି ଡାକ୍ତର, ଇଏନ୍‌ଟି ବିଶେଷଜ୍ଞ, ସାଧାରଣ ସର୍ଜନ, ନ୍ୟୁରୋସର୍ଜନ, ଡେଣ୍ଟାଲ ଫେସିଆଲ ସର୍ଜନ ଏବଂ ସ୍ୱତନ୍ତ୍ର ଆଣ୍ଟି-ଫଙ୍ଗାଲ ଔଷଧ ଆମ୍ଫୋଟେରିସିନ ଆବଶ୍ୟକ। ତେଣୁ ଉକ୍ତ ରୋଗର ସ୍କ୍ରିନିଂ, ଡାଇଗ୍ନୋସିସ୍ ଏବଂ ମ୍ୟୁକୋର୍‌ମାଇକୋସିସ ପରିଚାଳନା ଲାଗି ଗାଇଡ୍‌ଲାଇନ ଅନୁସରଣ କରିବାକୁ ଅଗ୍ରୱାଲ ରାଜ୍ୟଗୁଡ଼ିକୁ କହିଛନ୍ତି।

ଏହି ରୋଗର ଲକ୍ଷଣଗୁଡ଼ିକ ହେଲା ନାକ କଳା ପଡ଼ିବା ବା ଫିକା ଦେଖାଯିବା, ଝାପ୍‌ସା କିମ୍ବା ଗୋଟିଏ ଜିନିଷ ଦୁଇଥର ଦେଖାଯିବା, ଛାତି ଯନ୍ତ୍ରଣା, ଶ୍ୱାସକ୍ରିୟାରେ କଷ୍ଟ ଅନୁଭବ କରିବା, କାଶରେ ରକ୍ତ ପଡ଼ିବା, ନାକ ଗୋଟିଏ ପାର୍ଶ୍ୱ ବନ୍ଦ ହୋଇଯିବା, ମୁଣ୍ଡବିନ୍ଧା, ମୁହଁ ଫୁଲିବା, ଦାନ୍ତ ବିନ୍ଧିବା। ମହାରାଷ୍ଟ୍ରରେ ସର୍ବାଧିକ ୧,୫୦୦ ଲୋକଙ୍କୁ ବ୍ଲାକ୍ ଫଙ୍ଗସ୍ ସଂକ୍ରମିତ ହୋଇଥିବାବେଳେ ୯୦ ଜଣଙ୍କର ଜୀବନ ଗଲାଣି। ରାଜସ୍ଥାନ ଓ ତେଲଙ୍ଗାନା ବ୍ଲାକ୍‌ଫଙ୍ଗସ୍‌କୁ ମହାମାରୀ ଘୋଷଣା କରିସାରିଛନ୍ତି।

### ଆସିଲାଣି ହ୍ୱାଇଟ୍...

ଏବଂ ଯେଉଁମାନେ ଅଧିକ ଦିନ ପର୍ଯ୍ୟନ୍ତ ଷ୍ଟିରଏଡ୍ ନେଉଛନ୍ତି, ସେମାନଙ୍କଠାରେ ହ୍ୱାଇଟ୍ ଫଙ୍ଗସ୍ ସଂକ୍ରମଣ ସମ୍ଭାବନା ଅଧିକ ରହିଥିବା ସ୍ୱାସ୍ଥ୍ୟ ବିଶେଷଜ୍ଞ କହିଛନ୍ତି।

ପାଟନା ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲରେ ୪ ହ୍ୱାଇଟ୍ ଫଙ୍ଗସ୍ ରୋଗୀ ଚିକିତ୍ସିତ ହେଉଥିବା ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି। ଏହାକୁ ନେଇ କରୋନା ରୋଗୀଙ୍କ ମଧ୍ୟରେ ଏକପ୍ରକାର ଆତଙ୍କ ସୃଷ୍ଟି ହୋଇଛି। ଏହା ହ୍ୱାଇଟ୍ ଫଙ୍ଗସ୍ ମାମଲା ବୋଲି ମେଡିକାଲର ମାଇକ୍ରୋବାୟୋଲୋଜି ବିଭାଗ ମୁଖ୍ୟ ଡ. ଏସ୍.ଏନ୍. ସିଂ ସ୍ପଷ୍ଟ କରିଛନ୍ତି। ଏଥିପାଇଁ ଉପଲବ୍ଧ ଚିକିତ୍ସା ପ୍ରଦାନ କରାଯାଉଥିବା ସେ କହିଛନ୍ତି। ବିହାରରେ ଏପର୍ଯ୍ୟନ୍ତ ୫୦ରୁ ଊର୍ଦ୍ଧ୍ୱ ବ୍ଲାକ୍ ଫଙ୍ଗସ୍ ରୋଗୀ ଚିହ୍ନଟ ହୋଇଛନ୍ତି। ରାଜ୍ୟରେ ଜଣେ ଡାକ୍ତର ଏବଂ ଜଣେ ମହିଳା ବ୍ଲାକ୍ ଫଙ୍ଗସ୍‌ରେ ପ୍ରାଣ ହରାଇଛନ୍ତି।

### ଦିନକରେ ସର୍ବାଧିକ...

ଏମାନଙ୍କ ମଧ୍ୟରେ ଖୋର୍ଦ୍ଧାରୁ ସର୍ବାଧିକ ୧,୪୯୭ ଥିବାବେଳେ କଟକରୁ ୧,୧୦୭, ଅନୁଗୋଳ ୮୯୭, ସୁନ୍ଦରଗଡ଼ ୭୦୩, ମୟୂରଭଞ୍ଜ ୫୩୮, ବାଲେଶ୍ୱର ୫୨୪, ପୁରୀ ୪୨୪, ବରଗଡ଼ ୩୯୫, ସମ୍ବଲପୁର ୩୯୩, ନୟାଗଡ଼ ୩୮୨, ଯାଜପୁର ୩୭୮, ନବରଙ୍ଗପୁର ୩୪୬, ଜଗତ୍‌ସିଂହପୁର ୩୨୫, ବୌଦ୍ଧ ୩୧୩, ବଲାଙ୍ଗୀର ୨୯୪, କୋରାପୁଟ ୨୬୬, ଢେଙ୍କାନାଳ ୨୫୧, ଝାରସୁଗୁଡ଼ା ୨୪୭, ରାୟଗଡ଼ା ୨୩୩, ଗଞ୍ଜାମ ୨୨୮, ସୋନପୁର ୨୨୭, କଳାହାଣ୍ଡି ୨୦୫, କେନ୍ଦ୍ରାପଡ଼ା ୨୦୪ଜଣ ରହିଛନ୍ତି। ବାକି ସବୁ ଜିଲାରେ ସଂକ୍ରମିତ ସଂଖ୍ୟା ୨ଶହ ତଳକୁ ରହିଥିବା ବେଳେ ରାଜ୍ୟରେ ମୋଟ ପଜିଟିଭ୍ ସଂଖ୍ୟା ୬,୫୫,୮୯୯ରେ ପହଞ୍ଚିଛି। ଖୋର୍ଦ୍ଧା ଜିଲାରେ ମୋଟ ସଂକ୍ରମିତ ସଂଖ୍ୟା ଏକଲକ୍ଷ ଟପିଛି। ଏହି ଜିଲାରେ ରାଜ୍ୟର ସର୍ବାଧିକ ସଂକ୍ରମିତଙ୍କ ସଂଖ୍ୟା ୧,୦୦,୪୦୬ରେ ପହଞ୍ଚିଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** — ଆଜି ଆପଣଙ୍କର ଉନ୍ନତ ଚିନ୍ତା ଓ ନୂତନ ଯୋଜନାର ଶୁଭାରମ୍ଭ କରାଇବେ। କର୍ମକ୍ଷେତ୍ରରୁ ଉଚ୍ଚ ପଦାଧିକାରୀଙ୍କ ସାହାଯ୍ୟ ଓ ସହଯୋଗର ଅବାରିତ ଧାରା ମନକୁ ପ୍ରଫୁଲ୍ଲିତ କରିବ। ଶିଳ୍ପ, ବାଣିଜ୍ୟ, ପରିବହନ ଓ ବ୍ୟବସାୟରେ ଶିଥିଳତା ପରିଲକ୍ଷିତ ହେଲେ ମଧ୍ୟ ଲାଭ ଊଣା ହେବନି। ପରିବାରରେ ଅଶାନ୍ତି ଦୂର ଲାଗି ବନ୍ଧୁଙ୍କ ସାହାଯ୍ୟ ନେଇ ପାରନ୍ତି।

**ବୃଷ** — ମାନସିକ ଅସ୍ଥିରତାରେ ଅନ୍ୟମନସ୍କ ହେତୁକ କୌଣସି ଭୁଲ୍ କାମ କରି ଅନୁତପ୍ତ ହୋଇ ପାରନ୍ତି। କର୍ମକ୍ଷେତ୍ର ମନ୍ଦ ନ ହେଲେ ମଧ୍ୟ ଶାନ୍ତିପ୍ରଦ ହୋଇ ନ ପାରେ। ଅଫିସରେ ପରିସ୍ଥିତିକୁ ସ୍ୱାଭାବିକ କରିବା ମାନସରେ ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେବେ। ସାହିତ୍ୟ, ସାମ୍ବାଦିକତା, ଆଲୋଚନା, ଯୋଗାଯୋଗ ଓ ସମ୍ପାଦନରେ ସୁଫଳ ପାଇବେ।

**ମିଥୁନ** — ବିଶେଷ ଝଡଝଞ୍ଜା ନ ଥାଇ ଦିନଟି ଏକ ପ୍ରକାର ଭଲରେ ଭଲରେ ଅତିବାହିତ ହେବ। ହସଖୁସୀ ଓ ମଜାମଉଜର ପରିବେଶ ମଧ୍ୟରେ ନିଜର ସ୍ଥିତିକୁ ମଧ୍ୟ ପାସୋରି ଦେଇପାରନ୍ତି। ଶୁଭେଚ୍ଛୁଙ୍କ ଦ୍ୱାରା ପ୍ରଶଂସା ପାଇବା ସମୟରେ ନିନ୍ଦୁକ ଗୋଷ୍ଠୀ କୁତ୍ସାରଟନା କରିପାରନ୍ତି। ବ୍ୟବସାୟ, ଫ୍ଲଟିଂ କାରବାର କ୍ଷେତ୍ରରେ ସଫଳତା ପାଇବେ ନାହିଁ।

**କର୍କଟ** — ଆଜି କର୍ମକ୍ଷେତ୍ର ଓ ପାରିବାରିକ ଜୀବନକୁ ସମସ୍ୟା ବହୁଳ କରିପାରନ୍ତି। ସାମାଜିକ ସ୍ତରରେ ଅନ୍ୟାୟ ବିରୋଧରେ ସ୍ୱର ଉଠାଇବେ ସତ କିନ୍ତୁ ସହଯୋଗ ପାଇବେନି। କୌଣସି ଗୁରୁତ୍ୱପୂର୍ଣ୍ଣ କାମ ସକାଶେ ଅର୍ଥ ଅଭାବ ହେବ। ଶିଳ୍ପ, ବାଣିଜ୍ୟ, ଯାତ୍ରା, ରାଜନୀତି, ପ୍ରଶାସନ କ୍ଷେତ୍ରରେ ସମସ୍ୟାକୁ ସୁଧାରି ନେବା ପାଇଁ ପ୍ରଯତ୍ନ କରିବେ।

**ସିଂହ** — ଧୈର୍ଯ୍ୟର ସହ ପ୍ରତ୍ୟେକ ପରିସ୍ଥିତିର ସଫଳ ମୁକାବିଲା କରିବାରେ ସମର୍ଥ ହେବେ। ବନ୍ଧୁଙ୍କ ସଭାସମିତିରେ ପ୍ରିୟଜନମାନଙ୍କୁ ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେବେ। କିଛି ମୂଲ୍ୟବାନ ଜିନିଷ କିଣିବା ସକାଶେ ମନ ବଳାଇ ପାରନ୍ତି। ଜମିଜମା, କଚେରି ମାମଲା, ପରିବହନ, ବାଣିଜ୍ୟ, ବ୍ୟବସାୟ କ୍ଷେତ୍ରରୁ ଉପକୃତ ହେବ।

**କନ୍ୟା** — ଶାରୀରିକ ସ୍ୱାସ୍ଥ୍ୟ ଭଲ ରହିଲେ ମଧ୍ୟ ମାନସିକ ସୁସ୍ଥତା ରହି ନ ପାରେ। କର୍ମ କ୍ଷେତ୍ରରେ ଏକ ମାମୁଲି ଘଟଣାରେ ଉଚ୍ଚବାଚ ଘଟିପାରେ। ପାରିବାରିକ କ୍ଷେତ୍ରରେ ଖର୍ଚ୍ଚଭାର ଯୋଗୁଁ ଚିନ୍ତାପ୍ରକଟ କରିବେ। ଆଗାମୀ ମାଙ୍ଗଳିକ କାମ ପରିପ୍ରେକ୍ଷୀରେ ଗାଡ଼ି, ମୋଟର, ଯାନ୍ତ୍ରିକ ଜିନିଷ କିମ୍ବା ଘର ସାଜସଜ୍ଜାରେ ବ୍ୟସ୍ତ ରହିପାରନ୍ତି।

**ତୁଳା** — ପାରିବାରିକ ପ୍ରତିରୋଧ କିମ୍ବା ବୃଦ୍ଧ ପିତାଙ୍କ ସ୍ୱାସ୍ଥ୍ୟହାନି ମାନସିକ ସ୍ଥିତିକୁ ଦୋହଲାଇ ଦେଇପାରେ। ଅତି ନିକଟରେ ରହି ସାହାଯ୍ୟ କରୁଥିବା ବ୍ୟକ୍ତି ଉପରେ ବିରକ୍ତି ପ୍ରକାଶ କରନ୍ତୁ ନାହିଁ। କେତେକ କ୍ଷେତ୍ରରେ ମନକଥା ମନରେ ରଖି ଗୁରୁଜନମାନଙ୍କୁ ପ୍ରତାରିତ କରି ଅନୁଶୋଚନା କରିବେ। ଅଫିସ୍‌ରେ ପରିଚାଳନା ଦାୟିତ୍ୱ କ୍ରମେ ବୃଦ୍ଧି ପାଇବ।

**ବିଛା** — ଯେତେ ଉପାୟ ଅବଲମ୍ବନ କଲେ ମଧ୍ୟ ସମୟଚକ୍ର ଦୁଃଖସୀମାକୁ ଆଜି ଅତିକ୍ରମ କରିପାରିବ ନାହିଁ। କିନ୍ତୁ ଅନୁରାଧା ନକ୍ଷତ୍ର କର୍ମ କ୍ଷେତ୍ରରେ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ୍ୟ କାର୍ଯ୍ୟ ସାଧନ କରିବେ। ଉଚ୍ଚବର୍ଗଙ୍କ ସହାୟତା ଲାଭ କରି ସ୍ଥଗିତ କାମର ପୁନରୁଦ୍ଧାର କରିପାରନ୍ତି। ଦୀର୍ଘଦିନରୁ କ୍ଷୁଣ୍ଣ ହୋଇଥିବା ସମ୍ପର୍କ ପୁନଶ୍ଚ ଫେରି ପାଇବେ।

**ଧନୁ** — ସକାଳୁ କୌଣସି ବନ୍ଧୁଙ୍କ ନିମନ୍ତ୍ରଣ ପାଇ ଦୂରସ୍ଥାନକୁ ଯାତ୍ରା କରିପାରନ୍ତି। ଅଭାବ ନ ଥିଲେ ମଧ୍ୟ ମାନସିକ ସୁସ୍ଥତା ଅଭାବରୁ କୌଣସି ସୁଖଦ ପରିସ୍ଥିତି ମଧ୍ୟ ଉପଭୋଗ୍ୟ ହେବନାହିଁ। ପ୍ରକାଶନ, ପ୍ରଶାସନ, ରଚନାତ୍ମକ କାମ, ଗବେଷଣା, ଅନୁସନ୍ଧାନ, କଳା, ସାହିତ୍ୟ ପ୍ରଭୃତି କ୍ଷେତ୍ରରେ ଶୁଭଫଳ ପାଇବେ। ପଡୋଶୀଙ୍କ ଶତ୍ରୁତା ମନୋଭବରେ କ୍ଷୁବ୍ଧ ହେବେ।

**ମକର** — ପ୍ରତିରୋଧର ସାମ୍ନା କରି ନିଜର ଲକ୍ଷ୍ୟ ସାଧନ ଦିଗରେ ଅଗ୍ରସର ହେବେ। ଯୁକ୍ତିଯୁକ୍ତ କଥା କହି ନିଜ ସଂସ୍ପର୍ଶରେ ଆସୁଥିବା ଲୋକଙ୍କୁ ମୁଗ୍ଧ କରିବେ। ଆର୍ଥିକ ଋଣ ଭାର କ୍ରମଶଃ ବୃଦ୍ଧି ପାଉଥିବା କାରଣରୁ ସାମୟିକ ଚିନ୍ତା କରିବେ। ଦୀର୍ଘ ପ୍ରତୀକ୍ଷାର ଅବସାନ ଘଟିବ ଏବଂ ହଠାତ୍ କୌଣସି ଖବର ପାଇ ଖୁସି ହେବେ।

**କୁମ୍ଭ** — ସ୍ୱାସ୍ଥ୍ୟ ସମସ୍ୟା ଅପରିବର୍ତ୍ତିତ ରହିବା ହେତୁ ଚିନ୍ତା କରିପାରନ୍ତି। ଗତକାଲିଠାରୁ ସ୍ଥଗିତ କାମକୁ ଆଜି ପୂରା ଦମରେ କରିବାପାଇଁ ନିଷ୍ପତ୍ତି ନେବେ। କର୍ମକ୍ଷେତ୍ରରେ ସମ୍ମାନନୀୟ ବ୍ୟକ୍ତି ବିଶେଷ ସହାୟତା କରିବା ଦ୍ୱାରା ଅଟକି ଥିବା କାମ ତ୍ୱରାନ୍ୱିତ ହେବ। ସାହିତ୍ୟ, କଳା ଓ ରଚନାତ୍ମକ କାମରେ ଉଚ୍ଚ ପ୍ରଶଂସା ପାଇବେ।

**ମୀନ** — କର୍ମକ୍ଷେତ୍ରରେ ସାମାନ୍ୟ ସୁଧାର ଆସିଲେ ମଧ୍ୟ ପାରିବାରିକ ସ୍ଥିତି ପୂର୍ବପରି ରହିବ। ଅଭାବ ନ ଥିଲେ ମଧ୍ୟ କ୍ରମଶଃ ଆବଶ୍ୟକତା ବୃଦ୍ଧି ପାଉଥିବାର ଅନୁଭବ କରିବେ। ବ୍ୟବସାୟ, ପରିବହନ ଓ ବାଣିଜ୍ୟ କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ। ସଭାସମିତିରେ ବନ୍ଧୁ ମିଳନରୁ ଆନନ୍ଦିତ ହେବେ।

ଆଜି ବୈଶାଖ ଶୁକ୍ଳପକ୍ଷର ସୀତାନବମୀ ଯୁକ୍ତ ଦଶମୀ ଶୁକ୍ରବାର, ମେ ୨୧ ତାରିଖ, ଆତଙ୍କବାଦ ବିରୋଧୀ ଦିବସ, ପୂର୍ବତନ ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀଙ୍କ ତିରୋଧାନ ଦିବସ। ରାଶିନକ୍ଷତ୍ର-ପୂର୍ବାଫାଲଗୁନୀ/ସିଂହ, ଘ.୦୩.୨୧ମି.ରେ ଉତ୍ତରା ଫାଲଗୁନୀ ନକ୍ଷତ୍ର, ନବମୀର ଏକୋଦ୍ଦିଷ୍ଟ ଓ ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଅଦ୍ୟ ବିବାହ ପାଣିଗ୍ରହଣ, ଗୃହ ପ୍ରବେଶ, ବିଦ୍ୟାରମ୍ଭ, ଜଳାଶୟାରମ୍ଭ, ସକାଳ ଘ.୦୬.୦୫ମି. ମଧ୍ୟେ, ଘ.୦୯.୩୩ମି. ଗତେ ଘ.୧୧.୧୭ମି.ମଧ୍ୟେ, ଘ.୦୯.୩୩ମି. ଗତେ ଘ.୧୦.୨୫ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ.୧୨.୦୯ମି. ଗତେ ଘ.୦୨.୪୫ମି. ମଧ୍ୟେ ଅମୃତବେଳା।

## ବରିଷ୍ଠ ନାଗରିକଙ୍କୁ ସଚେତନ କଲେ ଥାନା ଅଧିକାରୀ

ଝାରସୁଗୁଡ଼ା ଅଫିସ: ଝାରସୁଗୁଡ଼ା ଜିଲା ଓରିଏଣ୍ଟ ଥାନାରେ ନୂତନ ଥାନା ଅଧିକାରୀ ଭାବେ ଯୋଗଦେଇଥିବା କଲ୍ୟାଣି ବେହେରା ସାନଯୋବ, ଆଦର୍ଶନଗର, କାଳୀନଗର, ଅଭୟପୁର ଆଦି ଅଞ୍ଚଳ ଗସ୍ତକରି ବରିଷ୍ଠ ନାଗରିକଙ୍କୁ ଭେଟିଥିଲେ। କରୋନା ମହାମାରୀକୁ ଦୃଷ୍ଟିରେ ରଖି ଥାନା ଅଧିକାରୀ ସେମାନଙ୍କୁ ମାସ୍କ ଓ ସାନିଟାଇଜର ବାଣ୍ଟିଥିଲେ। ଏହାସହ ସମଦୂରତା ରକ୍ଷା କରିବା ସମ୍ପର୍କରେ ସଚେତନ କରାଇଥିଲେ। କୌଣସି ସମସ୍ୟା ହେଲେ ତାଙ୍କୁ ଫୋନ୍ ମାଧ୍ୟମରେ ଜଣାଇବା ପାଇଁ କହିଥିଲେ।

### ସଂକ୍ଷେପରେ

## ମହିଳାଙ୍କୁ ବଳାତ୍କାର ଅଭିଯୋଗରେ ଯୁବକ ଗିରଫ

ଝାରସୁଗୁଡ଼ା ଅଫିସ୍,୨୦।୫: ମହିଳାଙ୍କୁ ବଳାତ୍କାର କରିଥିବା ଅଭିଯୋଗରେ ଲଖନପୁର ଥାନା ପୋଲିସ ଗୁରୁବାର ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫକରି କୋର୍ଟ ଚାଲାଣ କରିଛି । ସେ ହେଲେ କର୍ଲାଯୋରୀ ଗ୍ରାମର ରାଜୀବ ଦିସିରୀ(୩୧)। ଅଭିଯୋଗକ୍ରମେ ୨୦୧୯ ଜୁନ୍ ମାସରେ ମହିଳା ଜଣଙ୍କ କର୍ଲାଯୋରୀ ଗ୍ରାମକୁ କାମ କରିବାକୁ ଯାଇ ଫେରୁଥିବାବେଳେ ରାଜୀବ ତାଙ୍କୁ ଜଙ୍ଗଲକୁ ନେଇ ଜୋରଜବରଦସ୍ତ ବଳାତ୍କାର କରିଥିଲେ। ଏହାସହ ଏ ସମ୍ପର୍କରେ କାହାକୁ ନ କହିବା ପାଇଁ ଧମକ ଦେଇଥିଲେ। ମହିଳା ଜଣକ ଏ ନେଇ ଥାନାରେ ଅଭିଯୋଗ କରିବା ପରେ ପୋଲିସ ୮୩/୨୧ରେ ମାମଲା ରୁଜୁକରି ତଦନ୍ତ ଚଳାଇଥିଲା। ୨ବର୍ଷ ପରେ ପୀଡିତାଙ୍କ ଏଭଳି ଅଭିଯୋଗକୁ ନେଇ ଭିନ୍ନ କଥା ଚର୍ଚ୍ଚା ହେଉଛି।

## ୨ ଦୋକାନ ସିଲ୍

ଝାରସୁଗୁଡ଼ା ଅଫିସ,୨୦।୫: ଲକ୍‌ଡାଉନ ଜାରି ରହିଥିବାବେଳେ ବ୍ରଜରାଜନଗର ଓରିଏଣ୍ଟ ଥାନା ମଣ୍ଡଳିଆ ଛକରେ କୋଭିଡ୍ ନିୟମ ଉଲ୍ଲଂଘନ କରି ଏକ ଚପଲ ଦୋକାନ ଓ ଚା ଦୋକାନ ଖୋଲିଥିବା ଦେଖିବାକୁ ମିଳିଥିଲା। ଖବରପାଇ କୋଭିଡ୍ ମାଜିଷ୍ଟ୍ରେଟ୍ ଝାରସୁଗୁଡା ତହସିଲଦାର କୁଳମଣି ରଣବିଡା ଓ ଓରିଏଣ୍ଟ ଥାନା ଆଇଆଇସି କଲ୍ୟାଣି ବେହେରା ପହଞ୍ଚି ଉଭୟ ଦୋକାନ ସିଲ୍ କରିଥିଲେ। ଉଭୟ ବ୍ୟବସାୟୀ ଜିଲା ପ୍ରଶାସନ ନିକଟରେ ଜରିମାନା ଜମା କଲାପରେ ଦୋକାନ ସିଲ୍ ଖୋଲାଯିବ ବୋଲି ମାଜିଷ୍ଟ୍ରେଟ୍ ରଣବିଡା କହିଛନ୍ତି।

## ଏନ୍‌ଏସ୍‌ସିବି କଲେଜ ଅଧକ୍ଷଙ୍କ ପରଲୋକ

ସମ୍ବଲପୁର,୨୦।୫(ବ୍ୟୁରୋ): ସମ୍ବଲପୁର ନେତାଜୀ ସୁଭାଷ ଚନ୍ଦ୍ର ବୋଷ (ଏନ୍‌ଏସ୍‌ସିବି) ସରକାରୀ କଲେଜ ଅଧକ୍ଷ ପ୍ରଫେସର ହରିଶଙ୍କର ସାହୁଙ୍କ



ଗୁରୁବାର ବୁର୍ଲା ଭିମ୍‌ସାରରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ହୋଇଛି। ତାଙ୍କୁ ୫୭ ବର୍ଷ ହୋଇଥିଲା। ମୃତ୍ୟୁଶଯ୍ୟା ନିକଟରେ ସ୍ତ୍ରୀ ବିନୟା, ଝିଅ ରୋଜିନା ସ୍ୱୟଂସିଦ୍ଧା, ପୁଅ ନିତିଶ ଭରଦ୍ୱାଜ ଓ ବନ୍ଧୁ ପରିଜନ ଉପସ୍ଥିତ ଥିଲେ । ତାଙ୍କ ପରଲୋକରେ ଶିକ୍ଷାବିତଙ୍କ ସମେତ ଏନ୍‌ଏସ୍‌ସିବି ଛାତ୍ରୀଛାତ୍ର, ଅଧାପିକା, ଅଧାପକ, କର୍ମଚାରୀ ଶୋକବ୍ୟକ୍ତ କରିଛନ୍ତି। ସୁନ୍ଦରଗଡ ଜିଲା ଉଜଳପୁର ମୂଳବାସିନ୍ଦା ହରିଶଙ୍କର ଇତିହାସ ବିଭାଗର ଅଧାପକ ଭାବେ ଫୁଲବାଣୀ ସରକାରୀ କଲେଜରେ ଅଧାପନା ଜୀବନ ଆରମ୍ଭ କରିଥିଲେ। ପରବର୍ତ୍ତି ସମୟରେ ରାଜ୍ୟର ବିଭିନ୍ନ କଲେଜରେ ଅଧାପକ ଭାବେ ସୁନାମ ଅର୍ଜନ କରିଥିଲେ। ଆସନ୍ତା ୨୦୨୩ ମସିହାରେ ସେ ଚାକିରିରୁ ଅବସର ନେଇଥାନ୍ତେ।

# ପୁଣି ସଞ୍ଜୀବନୀ ହେବ ଏମ୍‌ଜିଏନ୍‌ଆର୍‌ଇଜିଏସ୍

ସମ୍ବଲପୁର,୨୦।୫(ବ୍ୟୁରୋ)



ସମ୍ବଲପୁର ଜିଲାରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଏକ ପ୍ରକଳ୍ପ କାମ କରୁଛନ୍ତି ଶ୍ରମିକ।

■ ୭୫ ଲକ୍ଷ ଶ୍ରମ ଦିବସ ସୃଷ୍ଟି ଲକ୍ଷ୍ୟ

■ ୧୨ ହଜାର ପ୍ରକଳ୍ପ, ୨୮୪ କୋଟି ମଞ୍ଜୁର

ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍) ଗତବର୍ଷ କୋଭିଡ୍ ସମୟରେ ସମ୍ବଲପୁର ଜିଲାର ଲୋକମାନଙ୍କୁ ସାହା ହୋଇଥିଲା। କଟକଣା ଯୋଗୁ ରୋଜଗାର ହରାଇଥିବା ପ୍ରବାସୀ ଶ୍ରମିକ ଓ ସ୍ଥାନୀୟ ଶ୍ରମିକମାନଙ୍କ ଆର୍ଥିକ ସମସ୍ୟା ଦୂର କରିପାରିଥିଲା। ମହିଳା ଏସ୍‌ଏଚ୍‌ଜି, ଯୁବଗୋଷ୍ଠୀ ଏପରି କି ବ୍ୟକ୍ତିଗତ ଭାବେ ପ୍ରକଳ୍ପ ଦିଆଯାଇଥିଲା। କରୋନା ଦ୍ୱିତୀୟ ଲହରରେ ମଧ୍ୟ କଟକଣା ଲାଗୁ ହୋଇଛି। କେତେକ ପ୍ରବାସୀ ଶ୍ରମିକ ଫେରିଥିବାବେଳେ ସ୍ଥାନୀୟ ଅଞ୍ଚଳରେ ମଧ ରୋଜଗାର କମିଯାଇଛି। ତେଣୁ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଚଳିତବର୍ଷ ମଧ ସଞ୍ଜୀବନୀ ଭାବେ ଲୋକଙ୍କ କାମରେ ଆସିବ ବୋଲି ଆଶା କରାଯାଉଛି। ଅନ୍ୟପକ୍ଷେ ଗତବର୍ଷ ୫୦ ଲକ୍ଷ ଶ୍ରମ ଦିବସ ସୃଷ୍ଟି କରିବା ଲକ୍ଷ୍ୟ ରହିଥିବା ବେଳେ ଆର୍ଥିକବର୍ଷ ୨୦୨୧-୨୨ରେ ଅଧିକ ୨୫ ଲକ୍ଷ ଅର୍ଥାତ୍ ୭୫ ଲକ୍ଷ ଶ୍ରମ ଦିବସ ସୃଷ୍ଟି କରିବା ଲକ୍ଷ୍ୟ ରଖିଛି ଜିଲା ପ୍ରଶାସନ। ଏଥିପାଇଁ ଏ ପର୍ଯ୍ୟନ୍ତ ୧୨ ହଜାର ପ୍ରକଳ୍ପ ଅନୁମୋଦନ ହୋଇ ୨୮୪ କୋଟି ଟଙ୍କା ମଞ୍ଜୁର ହୋଇଥିବା ଜଣାପଡିଛି।

ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଜିଲା ସଂଯୋଜକ ଶୋଭିତ ବିଶି କହିଛନ୍ତି, ଗତବର୍ଷ ତୁଳନାରେ ଚଳିତବର୍ଷ ଅଧିକ ଶ୍ରମ ଦିବସ ସୃଷ୍ଟି କରିବା ଲକ୍ଷ୍ୟ ରହିଛି। ପ୍ରାୟ ସମସ୍ତ ବ୍ଲକରେ ବିଭିନ୍ନ ପ୍ରକଳ୍ପ କାମ ଜାରି ରହିଛି। ଜିଲାରେ ୧ଲକ୍ଷରୁ ଅଧିକ ପରିବାରକୁ ସାମିଲ କରାଯାଇ ରୋଜଗାର ଦିଆଯିବ। ବିଶେଷକରି ଜଳ ସଂରକ୍ଷଣ କରିବା ପାଇଁ ପୋଖରୀ ଖନନ ଓ ପୁରାତନ ପୋଖରୀ ପୁନରୁଦ୍ଧାର, ଚାଷୀମାନଙ୍କ ପାଇଁ ବ୍ୟକ୍ତିଗତ ଫାର୍ମ ପଣ୍ଡ ଖନନ, ଜଳସେଚନ ପାଇଁ କେନାଲ ନିର୍ମାଣ, ଗଭୀର ନଳକୂପ କରିବା, ଗ୍ରାମ ପଞ୍ଚାୟତ ଭବନ ନିର୍ମାଣ କରିବା ଭଳି ଅନେକ ପ୍ରକଳ୍ପ ରହିଛି। ଗତବର୍ଷ ଧାର୍ଯ୍ୟ ଲକ୍ଷ୍ୟର ୯୩ ପ୍ରତିଶତ ହାସଲ ହୋଇଥିଲା। ଏଥିରେ ଅନେକ ପ୍ରବାସୀ ଓ ଗରିବ ଶ୍ରେଣୀର ଲୋକ ଉପକୃତ ହୋଇଥିଲେ। କାମ ମିଳିଥିବାରୁ ଅନେକ ପ୍ରବାସୀଙ୍କୁ ବାହାର ରାଜ୍ୟକୁ ଯିବାକୁ ପଡି ନ ଥିଲା ବୋଲି କହିଥିଲେ। ମିଳିଥିବା ରିପୋର୍ଟ ଅନୁସାରେ ମାର୍ଚ୍ଚ ମାସରୁ ଶ୍ରମିକ ପାଉଣା ଦେବାରେ ବିଳମ୍ବ ହୋଇଥିଲା। ତେଣୁ ଶ୍ରମିକମାନେ କାମ କରିବାକୁ ଇଚ୍ଛାପ୍ରକାଶ କରୁ ନ ଥିଲେ। ଏବେ ଟଙ୍କା ପାଇଁ କାମରେ ଯୋଗ ଦେଉଛନ୍ତି। ଗୁରୁବାର ଜିଲାରେ ୨୧,୩୨୯ ଜଣ ଶ୍ରମିକ ନିୟୋଜିତ ରହିଛନ୍ତି। ମେ' ମାସ ଟାର୍ଗେଟର ୪୪ ପ୍ରତିଶତ ହାସଲ ହୋଇପାରିଛି। ଏପ୍ରିଲ ୧ ତାରିଖଠାରୁ ମେ' ୨୦ ତାରିଖ ପର୍ଯ୍ୟନ୍ତ ଜିଲାରେ ମୋଟ ୩,୫୩,୪୯୨ ଶ୍ରମ ଦିବସ ସୃଷ୍ଟି ହୋଇଛି। ଜିଲାରେ ରେଢାଖୋଲ ବ୍ଲକ ସର୍ବାଧିକ ୩୯ ପ୍ରତିଶତ ଲକ୍ଷ୍ୟ ହାସଲ କରିଥିବା ବେଳେ କୁଚିଣ୍ଡା ବ୍ଲକ ପଛରେ ରହି କେବଳ ୧୯ ପ୍ରତିଶତ ହାସଲ କରିଛି। ସେହିପରି ଯୁଯୁମୁରା ବ୍ଲକ ୩୦ ପ୍ରତିଶତ, ଜମନକିରା ବ୍ଲକ ୨୧.୮୫, ବାମରା ବ୍ଲକ ୨୭.୩୯, ରେଙ୍ଗାଲି ବ୍ଲକ ୨୬.୨୨, ମାନେଶ୍ୱର ବ୍ଲକ ୨୪, ନାକଟିଦେଉଳ ବ୍ଲକ ୨୫.୨୯, ଧନକଉଡା ବ୍ଲକ ୨୧.୫୫ ପ୍ରତିଶତ ଲକ୍ଷ୍ୟ ହାସଲ କରିଛନ୍ତି। ଆଉ ୨୦ ଦିନ ବାକି ରହିଥିବାବେଳେ ଶତପ୍ରତିଶତ ଲକ୍ଷ୍ୟ ହାସଲ ହେବା ନେଇ ସନ୍ଦେହ ସୃଷ୍ଟି ହୋଇଛି।

## ବୋଲେରୋ ଧକ୍କାରେ ବାଇକ୍ ଆରୋହୀ ମୃତ

ଦେବଗଡ଼,୨୦।୫(ଡି.ଏନ.ଏ)

ଦେବଗଡ଼ ଥାନା ଅଧିନ କୁରଡ ବାଲିପୋଶି ଗ୍ରାମ ନିକଟସ୍ଥ ୪୯ ନମ୍ବର ଜାତୀୟ ରାଜପଥରେ ଏକ ବୋଲେରୋ ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କର ମୃତ୍ୟୁ ଘଟିଛି। ଖବର ମୁତାବକ ଗୁରୁବାର ସନ୍ଧ୍ୟା ପ୍ରାୟ ୬ଟାରେ ଜଣେ ଯୁବକ ବାଇକ ନଂ. ଓଡି ୨୮-୬୫୧୨ ଯୋଗେ କୁରଡ ପଟୁ ତିଲେଇବଣି ଆଡକୁ ଯାଉଥିଲେ। ଏହି ସମୟରେ ବିପରୀତ ଦିଗରୁ ଆସୁଥିବା ଏକ ବୋଲେରୋ ନଂ. ଓଡି ୦୫ ଏକ୍ସ-୧୩୧୬ ତାଙ୍କୁ ସମ୍ମୁଖ ପଟୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ବାଇକ୍ ଆରୋହୀଙ୍କର ମୃତ୍ୟୁ ଘଟିଥିଲା। ଦୁର୍ଘଟଣା ପରେ ବୋଲେରୋ ଡ୍ରାଇଭର ଘଟଣାସ୍ଥଳରୁ ଫେରାର୍ ହୋଇଯିବାକୁ ଉଦ୍ୟମ କରୁଥିବାବେଳେ ସ୍ଥାନୀୟ ଯୁବକମାନେ ଗୋଡାଇ ଅଟକାଇବା ସହ ଚାଳକଙ୍କୁ ଅଟକ ରଖି ଦେବଗଡ଼ ଆଦର୍ଶ ଥାନା ପୋଲିସକୁ ସୂଚନା ଦେଇଥିଲେ। ସୂଚନା ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଯୁବକଙ୍କ ମୃତଦେହ ଜବତ କରିବା ସହ ବୋଲେରୋ ଚାଳକଙ୍କୁ ଗିରଫ କରିଛି। ଦୁର୍ଘଟଣାଗ୍ରସ୍ତ ଗାଡି ଦ୍ୱୟକୁ ମଧ ଜବତ କରିଛି। ମୃତ ବାଇକ୍ ଆରୋହୀଙ୍କର ପରିଚୟ ମିଳିପାରିନାହିଁ।

# ଉଦାହରଣ ସୃଷ୍ଟି କଲେ ଏସ୍‌ଏଚ୍‌ଜି ମହିଳା



ମହିଳାମାନେ ସଂଗ୍ରହ କରିଥିବା ଆମ୍ବ ଓ ସେଥିରୁ ପ୍ରସ୍ତୁତ ଆମ୍ବୁଲ।

ସମ୍ବଲପୁର,୨୦।୫(ବ୍ୟୁରୋ)

■ ଅବିକ୍ରି ଆମ୍ବକୁ ଆମ୍ବୁଲ କରି ବିକିଲେ

■ ସପ୍ତାହରେ ଆୟ ୩ ଲକ୍ଷ ୨୪ ହଜାର

ରାଜ୍ୟ ସରକାରଙ୍କ ମିଶନଶକ୍ତି ଯୋଜନା ମହିଳା ସଶକ୍ତୀକରଣର ଏକ ମାଧ୍ୟମ ପାଲଟିଛି। ଏହା ମାଧ୍ୟମରେ ମହିଳାମାନେ ରୋଜଗାର କରି ସ୍ୱାବଲମ୍ବୀ ହୋଇପାରୁଛନ୍ତି। ଏହାର ଏକ ଉଦାହରଣ ସାଜିଛନ୍ତି ସମ୍ବଲପୁର ଜିଲା ନାକଟିଦେଉଳର ସାହେବି ପୂଜାରାଣୀ ପ୍ରଡ୍ୟୁସର ଗ୍ରୁପ ମହିଳାମାନେ। କାଳ ବୈଶାଖିରେ ଗଛରୁ ପଡି ନଷ୍ଟ ହୋଇଯାଉଥିବା ଆମ୍ବକୁ ସେମାନେ ଆମ୍ବୁଲ କରି ବିକ୍ରି କରିଛନ୍ତି। ଏଥିରେ ଖର୍ଚ୍ଚାନ୍ତ ନ ହୋଇ ସେମାନଙ୍କୁ କେବଳ ପରିଶ୍ରମ କରିବାକୁ ପଡିଛି। ମହିଳାଙ୍କ କହିବା କଥା ଆମ୍ବ ପାଚିବା ପୂର୍ବରୁ ପବନରେ ଗଛରୁ ଖସିପଡିଥିଲା। ଏହି ଆମ୍ବର ବଜାର ଚାହିଦା ନାହିଁ। ପୁଣି ଦାଗ ଓ ଫାଟି ଯାଇଥିବାରୁ ଶୀଘ୍ର ନଷ୍ଟ ହେବାକୁ ବସିଥିଲା। ଏପରିସ୍ଥଳେ ଏହି ଅବିକ୍ରି ଆମ୍ବକୁ ସେମାନେ ବିକ୍ରି ଯୋଗ୍ୟ କରିପାରିଛନ୍ତି। ଉପଯୁକ୍ତ ବୁଦ୍ଧି ଖଟାଇ ଆମ୍ବକୁ ଫାଳକରି ଆମ୍ବୁଲ ତିଆରି କରିଥିଲେ। ଖବର ପାଇବା ପରେ ଜିଲା ତଥା ବାହାର ଜିଲାରୁ ଗ୍ରାହକମାନେ ଆସି ଏହାକୁ କିଣି ନେଇଥିଲେ। ଏକସପ୍ତାହ ଭିତରେ କେଜି ପ୍ରତି ୪୦ ଟଙ୍କାରେ ୮୧ କୁଇଣ୍ଟାଲ ଆମ୍ବୁଲ ବିକ୍ରି କରିଛନ୍ତି। ଏଥିରେ ସେମାନେ ୩ ଲକ୍ଷ ୨୪ ହଜାର ଟଙ୍କା ରୋଜଗାର କରିଥିବା କହିଛନ୍ତି। ଏ ସମ୍ପର୍କରେ ଓର୍‌ମାସ ଜିଲା ସଂଯୋଜକ ଶ୍ରୀମନ୍ତ ହୋତା କହିଛନ୍ତି, ସାହେବି ପଞ୍ଚାୟତ ପୂଜାରାଣୀ ଏସ୍‌ଏଚ୍‌ଜି ମହିଳା ଉଦାହରଣ ସୃଷ୍ଟି କରିଛନ୍ତି। ବର୍ଷା ଓ ପବନରେ ଝଡି ପଡିଥିବା ଆମ୍ବକୁ ମହିଳାମାନେ ସଂଗ୍ରହ କରି ୧୫ ଦିନ ଶୁଖାଇବା ପରେ ବିକ୍ରି ଯୋଗ୍ୟ କରିପାରିଛନ୍ତି। କେବଳ ପରିଶ୍ରମ କରି ସେମାନେ ରୋଜଗାର କରିବାକୁ ସକ୍ଷମ ହୋଇଛନ୍ତି। ଆମ୍ବୁଲର ଚାହିଦା ଥିବାରୁ ବେପାରୀମାନେ ମହିଳାଙ୍କ ଘରକୁ ଆସି ଏହା ସଂଗ୍ରହ କରି ନେଉଛନ୍ତି। ପ୍ରତିବର୍ଷ ଜିଲାର ବିଭିନ୍ନ ବ୍ଲକରୁ ସୁଆଦିଆ ଆମ୍ବ ରାଜ୍ୟ ତଥା ରାଜ୍ୟ ବାହରକୁ ରପ୍ତାନୀ ହୋଇଥାଏ। ଏବେ କୋଭିଡ୍ କଟକଣାରେ ସାମାନ୍ୟ ସମସ୍ୟା ହୋଇଛି। ପାଚିଲା ଆମ୍ବ ମଧ ମହିଳାମାନେ କେଜି ପ୍ରତି ୨୦ ଟଙ୍କାରେ ବିକ୍ରି କରୁଛନ୍ତି। ସେମାନଙ୍କ ପାଇଁ ସ୍ୱତନ୍ତ୍ର ଷ୍ଟଲ ବ୍ୟବସ୍ଥା କରାଯିବାକୁ ଯୋଜନା କରାଯାଉଛି।

## ବାପା ମା'ଙ୍କୁ ନିର୍ଯାତନା: ଯୁବକ ଗିରଫ

ଦେବଗଡ଼,୨୦।୫(ଡି.ଏନ.ଏ.)

ଜନ୍ମକଲା ପିତା ମାତାଙ୍କ ଉପରେ ନିର୍ଯାତନା ଅଭିଯୋଗରେ ଦେବଗଡ଼ ଆଦର୍ଶ ଥାନା ପୋଲିସ ଗୁରୁବାର କଣ୍ଢାପାଲି ଗ୍ରାମର ବିବେକା ପ୍ରଧାନ(୨୯) ନାମକ ଜଣେ ଯୁବକଙ୍କୁ ଗିରଫ କରିଛି। ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ କଣ୍ଢାପାଲି ଗ୍ରାମର ବିବେକା ପ୍ରଧାନ ଦୀର୍ଘ ପ୍ରାୟ ୭ ବର୍ଷ ହେଲା ତାଙ୍କ ପିତା ମାତାଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଇଆସୁଥିଲେ। ସେହିପରି ବିଭିନ୍ନ ସମୟରେ ନିଜର ଜନ୍ମକଲା ମା'ଙ୍କୁ ବାପାଙ୍କ ଅନୁପସ୍ଥିତିରେ ଅଶ୍ଳିଳ ଇଙ୍ଗିତ କରିବା ସହ ଘରୁ ତଡିଦେବା ଭଳି ଅସ୍ୱାଭାବିକ ଆଚରଣ କରୁଥିଲେ। ଗୁରୁବାର ପୂର୍ବାହ୍ନ ପ୍ରାୟ ୧୧ଟାରେ ବିବେକା ନିଜର ବାପା, ଅଜା ଓ ଆଈଙ୍କ ଉପସ୍ଥିତିରେ ମା'ଙ୍କୁ ଆମ୍ବ ବିକ୍ରି ଟଙ୍କା ମାଗିଥିଲେ। କିନ୍ତୁ ତାଙ୍କୁ ଏହି ଟଙ୍କା ଦେବା ପାଇଁ ମନା କରିବାରୁ ସେ ଉକ୍ତ ୪ ଜଣଙ୍କୁ ଆକ୍ରମଣ କରି ମୁଣ୍ଡ ଫଟାଇ ଦେବା ସହ ଘରୁ ତଡି ଦେଇଥିଲେ। ଏନେଇ ଗୁରୁବାର ସମ୍ପୃକ୍ତ ଯୁବକଙ୍କ ମା' ଦେବଗଡ଼ ଆଦର୍ଶ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ବିଭିନ୍ନ ଦଫାରେ ମାମଲା ରୁଜୁ କରି ଯୁବକଙ୍କୁ ଗିରଫ କରିଛି। ଅଭିଯୁକ୍ତ ବିବେକା ୨୦୧୮ ଅଗଷ୍ଟ ମାସରେ ସେମାନଙ୍କୁ କିରୋସିନ ଢାଳି ପୋଡି ମାରିଦେବାକୁ ଉଦ୍ୟମ କରିଥିଲେ।

## ସଂକ୍ରମିତଙ୍କୁ ସେବା ଯୋଗାଇବ ଜେସିଏ




ଅକ୍ସିଜେନ୍ ବ୍ୟାଙ୍କ ସେବା ଉଦ୍‌ଘାଟନ କରୁଛନ୍ତି ଏମ୍‌ପି ସୁରେଶ ପୂଜାରୀ।

ଝାରସୁଗୁଡ଼ା ଅଫିସ,୨୦।୫

### ଅକ୍ସିଜେନ୍ ବ୍ୟାଙ୍କ ଉଦ୍‌ଘାଟିତ

ଝାରସୁଗୁଡ଼ା ଜିଲାର କେତେକ ସ୍ୱେଚ୍ଛାସେବୀ ଅନୁଷ୍ଠାନକୁ ନେଇ ଝାରସୁଗୁଡ଼ା କୋଭିଡ୍ ଆର୍ମି (ଜେସିଏ) ଗଠନ ହୋଇଛି । ଏଥିରେ ୟଙ୍ଗଷ୍ଟାର୍ ଚାରିଟେବୁଲ୍ ଟ୍ରଷ୍ଟ, ମାରୁଆଡି ଯୁବମଞ୍ଚ, ଜେସିଆଇ, ଏଇତ ଜୀବନ, ଲାୟନ୍ସ କ୍ଲବ୍, ଏକଲ ଗ୍ରୁପ୍, ଆର୍‌ଏସ୍‌ଏସ୍ ଆଦି ସ୍ୱେଚ୍ଛାସେବୀ ଅନୁଷ୍ଠାନ ସାମିଲ ହୋଇଛନ୍ତି। ଜିଲାରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଉଥିବାବେଳେ ଏହି ମିଳିତ ଅନୁଷ୍ଠାନ ତରଫରୁ ଆମ୍ବୁଲାନ୍ସ, ଅକ୍ସିଜେନ୍, ଖାଦ୍ୟ, ଡାକ୍ତରଖାନାରେ ଚିକିତ୍ସା ଆଦି ସେବା ମାଗଣାରେ ଯୋଗାଇ ଦିଆଯିବ। ଏଥିପାଇଁ କେତେକ ସ୍ୱତନ୍ତ୍ର ଗ୍ରୁପ୍ ଗଠନ କରାଯାଇଛି। ଏହିସବୁ ଗ୍ରୁପ୍ ମଧ୍ୟରେ ଦାୟିତ୍ୱ ବଣ୍ଟନ କରାଯାଇଛି। ଏହି କାର୍ଯ୍ୟକ୍ରମକୁ ସ୍ଥାନୀୟ ମାରୁଆଡି ମହିଳା ସମିତି କାର୍ଯ୍ୟାଳୟରେ ଗୁରୁବାର ମୁଖ୍ୟଅତିଥି ବରଗଡ ଏମ୍‌ପି ସୁରେଶ ପୂଜାରୀ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଇନଜୀବୀ ଦୀନେଶ ଜୈନ, ପବନ ସୁଲତାନିଆ, ହିମାଂଶୁ ଶେଖର ବଡପଣ୍ଡା, ରାଜେଶ ପାଢୀ, ମାନସୀ ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ସଂଗଠନର ଆବାହକ ଅଶୋକ ଗାନ୍ଧୀ ସଂଯୋଜନା କରିଥିବାବେଳେ ମନିଷ ସାହା ମଞ୍ଚ ପରିଚାଳନା କରିଥିଲେ। ଆନନ୍ଦ ଶର୍ମା ଧନ୍ୟବାଦ ଦେଇଥିଲେ। କରୋନା ମହାମାରୀ ସମୟରେ ସ୍ୱେଚ୍ଛାସେବୀ ଅନୁଷ୍ଠାନର ଏଭଳି କାର୍ଯ୍ୟକୁ ମୁଖ୍ୟଅତିଥି ଏମ୍‌ପି ପୂଜାରୀ ପ୍ରଶଂସା କରିଥିଲେ। ଏହି ଅବସରରେ ଲାୟନ୍ସ କ୍ଲବ୍ ତରଫରୁ ୩୦ହଜାର ଟଙ୍କାର ସହାୟତା ରାଶି ଚେକ୍ ସ୍ୱେଚ୍ଛାସେବୀ ଅନୁଷ୍ଠାନକୁ ପ୍ରଦାନ କରାଯାଇଥିଲା।

# ୧୫ ଦିନରେ ସାରିବାକୁ ତାଗିଦ

### ମାନେଶ୍ୱର ଗ୍ରୀଡ୍ ପରିଦର୍ଶନ କଲା ଉଚ୍ଚସ୍ତରୀୟ ଟିମ୍

ସମ୍ବଲପୁର,୨୦।୫(ବ୍ୟୁରୋ)

### ଶୀଘ୍ର କାର୍ଯ୍ୟକ୍ଷମ ନ ହେଲେ ଆନ୍ଦୋଳନ ଚେତାବନୀ

ସମ୍ବଲପୁର ମହାନଗର ନିଗମ ୪୦ନଂ. ୱାର୍ଡ ରାଶନପୁର ବାଙ୍କିଟିକ୍ରାରେ ଚାଲିଥିବା ମାନେଶ୍ୱର ଗ୍ରୀଡ୍ ନିର୍ମାଣ କାମ ଅଧାପନ୍ତରିଆ ହୋଇ ରହିଛି। ଏହାକୁ ନେଇ ଗତ ୧୫ ତାରିଖରେ ଧରିତ୍ରୀ ଓ ୧୬ ତାରିଖରେ ଓଡ଼ିଶାପୋଷ୍ଟରେ ଖବର ପ୍ରକାଶ ପାଇଥିଲା। ଏହାପରେ ବିଦ୍ୟୁତ୍ ବିଭାଗର ଏକ ଉଚ୍ଚସ୍ତରୀୟ ଟିମ୍ ମାନେଶ୍ୱର ଗ୍ରୀଡ୍ ପରିଦର୍ଶନ କରିଛି। ଏଥିରେ ଅପରେଶନ ମୁଖ୍ୟ ସୁମିତ ଘୋଷ, ଏସ୍‌ଇ ସଞ୍ଜିତ ନାଏକ, ନିର୍ବାହୀଯନ୍ତ୍ରୀ ଏସ୍. ଶତପଥୀ, ଧନୁପାଲି ଏସ୍‌ଡିଓ ମାନସ ଦାସ ପ୍ରମୁଖ ସାମିଲ ଥିଲେ। କାମ କରୁଥିବା ଠିକା କମ୍ପାନୀ ଗୁପ୍ତା ଇଲେକ୍‌ଟ୍ରୋନିକ୍‌ର କର୍ମଚାରୀ ଉପସ୍ଥିତ ରହିଥିଲେ। ଟିମ୍ ସଦସ୍ୟ ଗ୍ରୀଡ୍‌ରେ କେଉଁ କାମ ବାକି ରହିଛି, କ'ଣ ସାମଗ୍ରୀ ଆବଶ୍ୟକ ରହିଛି ତାହା ଯାଞ୍ଚ କରିଥିଲେ। କର୍ମଚାରୀମାନେ କୋଭିଡ୍ ଆଳ ଦେଖାଇ ଫାଙ୍କିବାକୁ ଚେଷ୍ଟା କରିଥିଲେ। ହେଲେ ଅଧିକାରୀମାନେ ସେମାନଙ୍କ ଉପରେ ବର୍ଷିଥିଲେ। ୪ ବର୍ଷ ପରେ ବି କାମ ସମ୍ପୂର୍ଣ୍ଣ ହୋଇପାରିଲା ନାହିଁ। ଏଭଳି ଉନ୍ନୟନ କାମ ପାଇଁ କଟକଣାରେ କୋହଳ ରହିଛି। ତେଣୁ ବାହାନା ନ କରି ୧୫ ଦିନ ଭିତରେ କାମ ସମ୍ପୂର୍ଣ୍ଣ କରିବାକୁ କଡା ତାଗିଦ କରିଥିଲେ। ଏ ସମ୍ପର୍କରେ ଏସ୍‌ଡିଓ ଦାସ କହିଛନ୍ତି, ଠିକାଦାରଙ୍କୁ କାମ ସାରିବାକୁ କୁହାଯାଇଛି। ଠିକ୍ ଭାବେ କାମ କଲେ ଏକ ସପ୍ତାହ ଭିତରେ ସମ୍ପୂର୍ଣ୍ଣ ହୋଇଯିବ। ଜୁନ୍ ପହିଲାରେ ଗ୍ରୀଡ୍ କାର୍ଯ୍ୟକ୍ଷମ ହେବା ଲକ୍ଷ୍ୟ ରଖାଯାଇଛି ବୋଲି କହିଥିଲେ। ସୂଚନାଯୋଗ୍ୟ, ମାନେଶ୍ୱର ଓ ଆଖପାଖ ପ୍ରାୟ ୨୦ ଗ୍ରାମବାସୀଙ୍କୁ ପୁଟିବନ୍ଧ ଗ୍ରୀଡ୍‌ରୁ ବିଦ୍ୟୁତ୍ ସଂଯୋଗ ଦିଆଯାଇଛି। ବିଦ୍ୟୁତ୍ କାଟ ଓ ଲୋ ଭୋଲ୍‌ଟେଜ ସମସ୍ୟା ଲାଗିରହୁଥିବାବେଳେ ସାମାନ୍ୟ ତ୍ରୁଟି ହେଲେ ମରାମତି କରାଯାଇ ପାରୁନାହିଁ। ଗତ ୧୫ତାରିଖରେ ଏଭଳି ଏକ ତ୍ରୁଟି ଦେଖାଦେବାରୁ ପ୍ରାୟ ୧୫ଘଣ୍ଟା ଧରି ଗ୍ରାମଗୁଡିକ ଅନ୍ଧାରରେ ରହିଥିଲା। ଏହି ସମସ୍ୟା କାରଣରୁ ସରକାର ମାନେଶ୍ୱରରେ ଏକ ୩୩ କେଭି ଗ୍ରୀଡ୍ ନିର୍ମାଣ କରିବାକୁ ସ୍ଥିର କରିଥିଲେ। ଟେଣ୍ଡର ମାଧ୍ୟମରେ ଠିକାଦାର ୪ବର୍ଷ ପୂର୍ବରୁ କାମ ଆରମ୍ଭ କରିଥିଲେ ମଧ୍ୟ ସରିପାରୁନାହିଁ। ବିଦ୍ୟୁତ୍ ବିଭାଗ ତତ୍ପରତା ଦେଖାଇ ଗ୍ରୀଡ୍ ଶୀଘ୍ର କାର୍ଯ୍ୟକ୍ଷମ ନ କଲେ ଅଞ୍ଚଳବାସୀ ରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

Office of District Manager
**ODISHA STATE CIVIL SUPPLIES CORPORATION LTD. (OSCSC)**
Cuttack (District) Phone : 0671-2507744
District Web site : www.cuttack.nic.in

Tender No. 1749 Dt-20.05.2021

District Manager, Odisha State Civil Supplies Corporation Ltd., Cuttack invites tenders in Double Cover System through **ONLINE MODE ONLY** for the works below.

| | | |
|---|---|---|
| 1 | Name of the Work | Selection and appointment of **Handling** Contractor for handling of foodgrains (Rice & Wheat) at All RRCs Except PEG, Katarapa, Salipur. |
| 2 | Availability of bid document in the portal | From 21.05.2021 |
| 3 | Last Date / Time for receipt of bids in the portal | Dt.05.06.2021 up to 5 P.M. |
| 4 | Date/Time of Opening of Technical bid | Dt.07.06.2021 at 11.00 A.M. |
| 5 | Name and address of Officer Inviting Tender | District Manager, OSCSC Ltd., Chandinichowk, Cuttack (District) |

Tender documents and other details can be seen from the e-procurement portal **www.oscsc.in**, **www.foododisha.in** & **www.tendersodisha.gov.in** along with district website. Amendments / corrigendum / cancellation / retenders etc. if any shall be published only in above websites.

Sd/-
District Manager,
OSCSC Ltd, Cuttack

# କରୋନା ପ୍ରଭାବିତଙ୍କୁ ସହାୟତା ଦାବିରେ ବିକ୍ଷୋଭ

ଝାରସୁଗୁଡ଼ା ଅଫିସ,୨୦।୫



ଟ୍ରେଡ୍ ୟୁନିୟନ କର୍ମକର୍ତ୍ତା ପ୍ଲାକାର୍ଡ ଧରି ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

କରୋନା ମହାମାରୀରେ ପ୍ରଭାବିତ ହେଉଥିବା ଲୋକଙ୍କୁ ସହାୟତା ଯୋଗାଇବା ଦାବିରେ ଗୁରୁବାର ଟ୍ରେଡ ୟୁନିୟନ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ ସହ ଜିଲାପାଳଙ୍କୁ ଦାବିପତ୍ର ଦିଆଯାଇଥିଲା। ପ୍ରମୁଖ ଦାବି ମଧ୍ୟରେ ଯେଉଁମାନେ ଆୟକର ଦେଉନାହାନ୍ତି ସେହି ପରିବାରଙ୍କୁ ୭ହଜାର ୫ଶହ ଟଙ୍କା ଆର୍ଥିକ ସହାୟତା, ମୁଣ୍ଡପିଛା ୧୦କେଜି ଚାଉଳ, ଗରିବ ଅସହାୟ ପରିବାରକୁ ମାଗଣାରେ ରାଶନ ସାମଗ୍ରୀ ପ୍ରଦାନ, ମାଇକ୍ରୋ ଫାଇନାନ୍ସ କମ୍ପାନୀ ଋଣ ସଂଗ୍ରହକୁ ୩ମାସ ପାଇଁ କୋହଳ କରିବା, କୋଭିଡ୍ ସମୟରେ ଶ୍ରମିକଙ୍କୁ ଛଟେଇ ନ କରିବା, ଡିଜେଲ୍, ପେଟ୍ରୋଲ୍ ଦର ବୃଦ୍ଧି ବନ୍ଦ କରିବା, କୋଭିଡ୍ ହସ୍ପିଟାଲ୍‌ରେ ଆବଶ୍ୟକ ଅକ୍ସିଜେନ୍ ଯୋଗାଇଦେବା, ଟିକାଦାନ ସମୟରେ କୌଣସି କଟକଣା ନକରି ସାର୍ବଜନୀନ କରିବା ଆଦି ଅନ୍ୟତମ। ଏ ନେଇ ସିଆଇଟିୟୁ ଓ ଏଆଇଟିୟୁସି ଆଦି ଟ୍ରେଡ୍‌ୟୁନିୟନ୍ ତରଫରୁ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ଏହି ଅବସରରେ ସିଆଇଟିୟୁ ଜିଲା ସଭାପତି ଗୌରୀଶଙ୍କର ପାତ୍ରଙ୍କ ନେତୃତ୍ୱରେ ଝାରସୁଗୁଡା ବେହେରାମାଲ କିଷାନ ଛକରେ ବିକ୍ଷୋଭ ପ୍ରଦର୍ଶନ ସହିତ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଢଗେଶ୍ୱର ନାୟକ, ବାସୁଦେବ ଧ୍ରୁଆ, ହରିଶଙ୍କର ସାହୁ, ଧର୍ମେନ୍ଦ୍ର କିଷାନ, ଭବସାଗର ନାୟକ, ନବୀନ ଧ୍ରୁଆ ଓ ପ୍ରଭାସିନୀ ପରୁଆ ପ୍ରମୁଖ ଯୋଗଦେଇଥିଲେ।

**ODISHA COAL AND POWER LTD.**
(A GOVT. OF ODISHA COMPANY)
OCPL Odisha Coal and Power Limited
Zone-A, Ground Floor, Fortune Towers, Chandrasekharpur,
Bhubaneswar – 751023, Odisha., Tel No: 0674-2300654 /2300664

**SHORT NOTICE INVITING TENDER**

NITNo:OCPL/SER-124/2021
Date: 21/05/2021
Sealed bids in prescribed format are invited from companies/ agencies/firm for the following work:

| Sl. No. | Name of the work | Cost of tender paper | BID Security | Issue of tender document | Last date of sale/ download of tender document | Last date of submission / opening of bid |
|---|---|---|---|---|---|---|
| 01 | Transportation of Coal from Manoharpur Coal Mines to ACB / MCL Siding at Kanika, Sundargarh by Road | Rs.10,800/- (Rupees Ten thousand and eight hundred only) inclusive of GST @ 18%. | Rs.10,00,000/- (Rupees Ten lakhs only) | 21.05.2021 | 28.05.2021 | 11.00 A.M. on 31.05.2021<br>11.30 A.M. on 31.05.2021 |

For further details, bidders may visit our website, i.e. www.ocpl.org.in. Any clarification may please be addressed to the undersigned at the above address or by email to: a.kanungo@ocpl.org.in.

Sd./- Addl. General Manager (C&CA)

ବିଶ୍ୱବ୍ରହ୍ମାଣ୍ଡର ସୃଷ୍ଟି କ୍ରମରେ ମଣିଷ ଶେଷ ସୃଷ୍ଟି ନୁହେଁ। କ୍ରମବିକାଶ ଗତି କରି ଚାଲିଛି। ଏବଂ ମନୁଷ୍ୟକୁ ଅତିକ୍ରମ କରି ଏହା ଆଗକୁ ଆଗକୁ ଚାଲିବ। ବର୍ତ୍ତମାନ ପ୍ରତ୍ୟେକ ମଣିଷ ନିଜେ ସିଦ୍ଧାନ୍ତ ନେଉ ଯେ, ସେ ଏହି ନୂତନ ଜାତିର (ଅତିମାନବ) ଅଭ୍ୟୁଦୟ ପାଇଁ ଦୁଃସାହସିକ ଅଭିଯାନରେ ଭାଗ ନେବ କି ନାହିଁ। —ଶ୍ରୀମା



# ଲିଙ୍ଗ ଅନୁପାତ ଓ ଚାଇନା ଅର୍ଥନୀତି



ଶାଙ୍ଗ୍-ଜିନ୍ ୱି

ଚାଇନାର ସଦ୍ୟତମ ପ୍ରକାଶିତ ଜନଗଣନା ଅନୁସାରେ ପୁରୁଷଙ୍କ ସଂଖ୍ୟା ଚିନ୍ତାଜନକ ଭାବେ ଅଧିକ ରହିଛି। ବୈଶ୍ୱିକ ମାନକ ତୁଳନାରେ ଏହା ଯଥେଷ୍ଟ ବେଶି ରହିଛି। ଜନସଂଖ୍ୟା ପରିସଂଖ୍ୟାନରେ ଜନ୍ମରୁ ଆରମ୍ଭ କରି ସବୁ ବର୍ଗରେ ରହିଥିବା ଲିଙ୍ଗଗତ ସାଂଖ୍ୟିକ ତାରତମ୍ୟ ଆର୍ଥିକ ଦୃଷ୍ଟିକୋଣରୁ ବହୁ ଗୁରୁତ୍ୱ ବହନ କରୁଛି ଏବଂ ଏହି ଅସନ୍ତୁଳନତାର ପ୍ରଭାବ କେବଳ ଚାଇନା ମଧ୍ୟରେ ସୀମିତ ନୁହେଁ। ହାରାହାରି ମହିଳାମାନେ ପୁରୁଷଙ୍କ ତୁଳନାରେ ବେଶି ଦିନ ବଞ୍ଚି ରହୁଥିବା ଯୋଗୁ ଅଧିକାଂଶ ଦେଶରେ ପୁରୁଷଙ୍କ ତୁଳନାରେ ମହିଳାଙ୍କ ସଂଖ୍ୟା ଅଧିକ ରହିଥାଏ। ଉଦାହରଣ ସ୍ୱରୂପ, ୨୦୨୦ରେ ଆମେରିକାରେ ପ୍ରତି ୧୦୦ଜଣ ମହିଳାରେ ୯୭ଜଣ ପୁରୁଷ ଅଛନ୍ତି। ଅନ୍ୟପକ୍ଷରେ ଚାଇନାରେ ଏହାର ବିପରୀତ ଦେଖିବାକୁ ମିଳିଛି। ଏଠାରେ ସର୍ବଶେଷ ଜନଗଣନା ଅନୁସାରେ ପ୍ରତି ୧୦୦ଜଣ ମହିଳାରେ ପୁରୁଷଙ୍କ ସଂଖ୍ୟା ରହିଛି ୧୦୫ ଜଣ। ଯଦିଓ ଚାଇନାରେ ହାରାହାରି ମହିଳାମାନେ ପୁରୁଷଙ୍କ ତୁଳନାରେ ପ୍ରାୟ ୩ ବର୍ଷ ଅଧିକ ବଞ୍ଚନ୍ତି, ହେଲେ ମହିଳାଙ୍କ ତୁଳନାରେ ପୁରୁଷଙ୍କ ଜନ୍ମହାର ଅଧିକ ଥିବାରୁ ଚାଇନାରେ ସେମାନଙ୍କ ସଂଖ୍ୟା ଅଧିକ ହୋଇଛି। ଚାଇନାରେ ଜନ୍ମ ସମୟରେ ଲିଙ୍ଗ ଅନୁପାତ ହେଉଛି ପ୍ରତି ୧୦୦ ଜଣ ଝିଅରେ ୧୦୬ ଜଣ ପୁଅ। ପୁଅ ଏବଂ ଯୁବକଙ୍କ ମୃତ୍ୟୁହାର ସାମାନ୍ୟ ଅଧିକ ରହିଥିବା, ପତିପତ୍ନୀଙ୍କ ମଧ୍ୟରେ ସାଧାରଣତଃ ସ୍ୱାମୀମାନଙ୍କ ବୟସ ଅଧିକ ହେବା କାରଣରୁ ପ୍ରଜନନ ବୟସରେ ପହଞ୍ଚିବା ବେଳକୁ ପ୍ରାକୃତିକ ଜନ୍ମ ହାର ପ୍ରାୟ ୧:୧ ହୋଇଥାଏ। ଯଦିଓ ୧୯୭୦ରେ ଚାଇନାରେ ଜନ୍ମ ସମୟରେ ପୁରୁଷ ଓ ମହିଳାଙ୍କ ଅନୁପାତ ୧:୧ର ପାଖାପାଖି ଥିଲା ତେବେ ବିଭିନ୍ନ ପ୍ରକାର କାରଣରୁ ଏହା ବହୁତ ବୃଦ୍ଧି ପାଇଛି। ଏହାର ମୁଖ୍ୟ କାରଣ ହେଉଛି ପୁତ୍ର ସନ୍ତାନର ପ୍ରାପ୍ତି ଆଶା ଲୋକଙ୍କର ବହୁଗୁଣ ବଢ଼ିଯାଇଛି। ଆଉ ଆଧୁନିକ ଟେକ୍ନୋଲୋଜିର ବିଭିନ୍ନ ପ୍ରକ୍ରିୟା ତଥା ଅଲଟ୍ରାସାଉଣ୍ଡ ଯୋଗୁଁ ଏବେ ମାତାପିତାମାନେ ଭ୍ରୁଣର ଲିଙ୍ଗ ଜାଣିବାକୁ ସମର୍ଥ ହେଉଛନ୍ତି ଏବଂ ୧୯୮୦ରେ ସରକାରଙ୍କ ଦୃଢ଼ ପରିବାର ନିୟନ୍ତ୍ରଣ ଯୋଜନା ଆଇନ ପରଠାରୁ ଅନେକ ପରିବାରର ଅଧିକ ସନ୍ତାନ ପ୍ରାପ୍ତି ଆଶାରେ ଭଙ୍ଗା ପଡ଼ଯାଇଛି।

ପରିବାର ନିଯୋଜନ ଯୋଜନା ଅନୁସାରେ କେତେକ ପରିବାରରେ ମାତାପିତାମାନେ ଲିଙ୍ଗ ନିରୂପଣ କରି ଗର୍ଭପାତ କରିବାକୁ ପସନ୍ଦ କରୁଛନ୍ତି। ଏହି ଲିଙ୍ଗ ନିରୂପଣଜନିତ ଗର୍ଭପାତ ନିଷେଧ କରିବାକୁ ଚାଇନା ସରକାର ବିଭିନ୍ନ ପଦକ୍ଷେପ ନେବାକୁ ଚେଷ୍ଟା କଲେ, କିନ୍ତୁ ଜନ୍ମ ନିୟନ୍ତ୍ରଣ କରିବାକୁ ଏହାର ଆବଶ୍ୟକତା ପଡୁଥିବାରୁ ଅଧିକାଂଶ ଏଭଳି ଭାବେ ଗର୍ଭପାତ କରାଉଛନ୍ତି। ଫଳରେ ଜନ୍ମ ସମୟରେ ଲିଙ୍ଗ ଅନୁପାତ ଦ୍ରୁତ ଗତିରେ ବଢ଼ି ଚାଲିଛି। ୨୦୦୯ରେ ପ୍ରତି ୧୦୦ ଝିଅରେ ଥିଲେ୧୨୧ଜଣ ପୁଅ ରହିଥିଲେ। କିନ୍ତୁ ବର୍ତ୍ତମାନର ଜନଗଣନା ଅନୁସାରେ ଏହି ଅନୁପାତ କମ୍ ହୋଇଛି, ଝିଅ ପୁଅ ଅନୁପାତ ୧୦୦: ୧୧୧.୩ ରହିଛି। ତେଣୁ ପୂର୍ବ ତୁଳନାରେ ପୁରୁଷ ଓ ମହିଳାଙ୍କ ଅନୁପାତ ଅଧିକ ସନ୍ତୁଳିତ ହୋଇପାରିଛି। ତଥାପି ପୁଅ ଝିଅ ଅନୁପାତରେ ରହିଥିବା ଏହି ତାରତମ୍ୟ ଭ୍ରୂଣ ହତ୍ୟା ଯୋଗୁଁ ହିଁ ଘଟୁଛି।

ଚାଇନାରେ ଅଧିକ ପୁରୁଷ ଜନ୍ମ ହେଉଥିବାରୁ ଏବେ ଅଧିକାଂଶ ଯୁବକଙ୍କୁ ବିବାହ ନିମନ୍ତେ କନ୍ୟା ମିଳିବା ସମ୍ଭବ ହେଉ ନାହିଁ। ପରିସଂଖ୍ୟାନ ଅନୁସାରେ ଚାଇନାରେ ପ୍ରତି ୯ ଜଣରେ ଜଣେ ପୁରୁଷ ନିଜ ପାଇଁ ପ୍ରେମିକା କିମ୍ବା ପତ୍ନୀ ଯୋଗାଡ କରିପାରୁ ନାହାନ୍ତି। ଗୁଆଙ୍ଗଡଙ୍ଗ ଏବଂ ଅନହୁଇ ଭଳି ଗ୍ରାମାଞ୍ଚଳରେ ଏହି ସମସ୍ୟା ଅତ୍ୟନ୍ତ ଚିନ୍ତାଜନକ, ଯେଉଁଠି ୬ ଜଣ ପୁଅରେ ଜଣଙ୍କୁ ଜୀବନ ସାଥୀ ପାଇବାକୁ କଷ୍ଟକର ହୋଇପଡୁଛି।

ଗୋଟିଏ ପରେ ଗୋଟିଏ ବିଭିନ୍ନ ସହ-ଗବେଷକଙ୍କ ସହ ମୁଁ ଅନେକ ଗବେଷଣା କରିଛି। ଏହା ଉପରେ ପ୍ରସ୍ତୁତ କରାଯାଇଛି ବହୁ ପ୍ରାମାଣିକ ତଥ୍ୟ ସମ୍ବଳିତ ରିପୋର୍ଟ ବା ଆଲେଖ୍ୟ। ବେଳେବେଳେ ଚାଇନା ଓ ବିଶ୍ୱର ବିଷମ ଲିଙ୍ଗ ଅନୁପାତର ଆଶ୍ଚର୍ଯ୍ୟକର ଆର୍ଥିକ ପରିଣାମ ରହିଥିବା ଲକ୍ଷ୍ୟ କରାଯାଇଛି। ନୂଆଜୀବନ ଆରମ୍ଭ କରିବାକୁ ଯାଉଥିବା ଯୁବକ, ବିଶେଷ କରି ମାତାପିତାଙ୍କ ସହ ରହୁଥିବା ଅବିବାହିତ ଯୁବକ ସେମାନଙ୍କ ସଞ୍ଚୟ ହାର ଅତ୍ୟଧିକ ବୃଦ୍ଧି କରିଥାନ୍ତି। ଡେଟିଂ ଏବଂ ମ୍ୟାରେଜ ମାର୍କେଟରେ ସେମାନଙ୍କର ତୁଳନାତ୍ମକ ପ୍ରତିଯୋଗିତାତ୍ମକ ମନୋଭାବ ଯୋଗୁ ସେମାନେ ଏଭଳି ସଞ୍ଚୟ ବୃଦ୍ଧି କରିଥାଆନ୍ତି। ୨୦୧୧ରେ ଅନୁଧ୍ୟାନ ସମ୍ପର୍କିତ ଏକ ରିପୋର୍ଟରୁ ଜିଆଓବୋ ଝାଙ୍ଗ୍ ଏବଂ ମୁଁ ଜାଣିବାକୁ ପାଇଥିଲୁ ଯେ, ୧୯୯୦ ରୁ ୨୦୦୭ ମଧ୍ୟରେ ଚାଇନାରେ ବିବାହ ପୂର୍ବ ବୟସର ଯୁବ ଗୋଷ୍ଠୀଙ୍କର ସ୍ତ୍ରୀ-ପୁରୁଷ ଅନୁପାତ ବୃଦ୍ଧି କାରଣରୁ ଏହି ସମୟରେ ପରିବାରର ସଞ୍ଚୟ ହାରରେ ପ୍ରାୟ ଅଧା ବୃଦ୍ଧି ପାଇଥିଲା। ସଞ୍ଚୟରେ ବୃଦ୍ଧି ଗୋଟିଏ ଦେଶକୁ ବାଣିଜ୍ୟ ବ୍ୟବସାୟରେ ଆଗକୁ ବଢ଼ିବାରେ ଶକ୍ତି ଯୋଗାଇଥାଏ। ଚାଇନାର ଅନ୍ୟ ଦେଶଗୁଡ଼ିକ ସହ ଏହାର ବ୍ୟବସାୟରେ ହୋଇଥିବା ଅଗ୍ରଗତିର ଅଧା କିମ୍ବା ଏକ ତୃତୀୟାଂଶ ଯୋଗଦାନ ଦେଶର ସ୍ତ୍ରୀ-ପୁରୁଷ ଅନୁପାତ ବୃଦ୍ଧି ଯୋଗୁ ହୋଇଥାଇପାରେ ବୋଲି ୨୦୧୩ରେ କ୍ୱିଙ୍ଗୟାନ ଡୁ ଏବଂ ମୁଁ ପ୍ରକାଶ କରିଥିଲୁ। ଏହିପରି ଲିଙ୍ଗଗତ ଅସନ୍ତୁଳନ ଆମେରିକା ଏବଂ ଚାଇନା ମଧ୍ୟରେ ଟ୍ରେଡ୍ ଟେନ୍‌ଶନର ଏକ ଗୁରୁତ୍ୱପୂର୍ଣ୍ଣ ଉତ୍ସ ଭାବେ ସହାୟକ ହେଉଥିବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇ ନ ପାରେ। ତଥାପି ଦ୍ୱିପାକ୍ଷିକ ବ୍ୟବସାୟ ଏଭଳି ସମ୍ପର୍କକୁ କମ୍ ଧ୍ୟାନ ଦେଉଛି।

ନିକଟରେ ଜର୍ନାଲ ଅଫ୍ ଡେଭଲପ୍‌ମେଣ୍ଟ ଇକୋନୋମିକ୍ସରେ ପ୍ରକାଶ ପାଇବାକୁ ଥିବା ଏକ ରିସର୍ଚ୍ଚ ପେପର୍‌ରେ ଝିବୋ ଟାନ୍ ଏବଂ ଜିଆଓବୋ ଝାଙ୍ଗଙ୍କ ସହ ମୁଁ ଦର୍ଶାଇଛୁ ଯେ, ଚାଇନାର ଅସନ୍ତୁଳିତ ସ୍ତ୍ରୀ-ପୁରୁଷ ଅନୁପାତ ମଧ୍ୟ କର୍ମକ୍ଷେତ୍ରରେ କାର୍ଯ୍ୟ କରିବାରେ ଏକ ଅସୁରକ୍ଷିତ ବାତାବରଣ ସୃଷ୍ଟି କରେ। ଏହାଯୋଗୁ କାର୍ଯ୍ୟସ୍ଥଳୀରେ ଅନେକ ଆହତ ହେଉଛନ୍ତି ଓ ଅନେକଙ୍କର ମଧ୍ୟ ମୃତ୍ୟୁ ଘଟୁଛି। ସମ୍ଭାବିତ କନ୍ୟା ଅଭାବ ଯୋଗୁ ଅନେକ ମାତାପିତାଙ୍କ ସହ ବିବାହ ଯୋଗ୍ୟ ବୟସର ପୁଅମାନେ ଅଧିକ କାର୍ଯ୍ୟ କରୁଛନ୍ତି ଏବଂ ବେଶି ଦରମା ଚାହୁଁଛନ୍ତି। ସେମାନେ ମାଇନିଂ, ନିର୍ମାଣ ଆଦି ବିପଜ୍ଜନକ କ୍ଷେତ୍ରରେ କିମ୍ବା କ୍ଷତିକାରକ ଉପାଦାନ ଓ ଅତ୍ୟଧିକ ଉତ୍ତାପ ଏବଂ ଥଣ୍ଡା ସଂସ୍ପର୍ଶରେ ଆସୁଥିବା କ୍ଷେତ୍ରରେ କାମ କରୁଛନ୍ତି। ସେମାନେ ଏହି ଚାକିରି କରିବାକୁ ମଧ୍ୟ ବେଶି ଚାହୁଁଛନ୍ତି। ଅନେକ ସମୟରେ ମାଲିକମାନେ କାର୍ଯ୍ୟସ୍ଥଳୀରେ କର୍ମଚାରୀଙ୍କ ସୁରକ୍ଷା ପାଇଁ କମ୍ ବ୍ୟୟ କରୁଛନ୍ତି। ଫଳରେ କାର୍ଯ୍ୟକ୍ଷେତ୍ର ସମ୍ପର୍କିତ ଆହତ ଓ ମୃତ୍ୟୁ ମାମଲା ବୃଦ୍ଧି ପାଉଛି।

ସହ-ଗବେଷକ ଏବଂ ମୁଁ ମଧ୍ୟ ଜାଣିବାକୁ ପାଇଛୁ ଯେ, ଯେଉଁ ଅଞ୍ଚଳରେ ଯୁବକଙ୍କ ତୁଳନାରେ କମ୍ ଯୁବତୀ ରହିଛନ୍ତି, ସେହି ସବୁ ଅଞ୍ଚଳରେ ଆକସ୍ମିକ ଦୁର୍ଘଟଣା ଜନିତ ଆଘାତ ଏବଂ କାର୍ଯ୍ୟ କ୍ଷେତ୍ରରେ ମୃତ୍ୟୁ ଅତ୍ୟଧିକ ରହୁଛି। ଏହାସହ ଅଭିଭାବକଙ୍କ ସହ ରହୁଥିବା ବିବାହ ଯୋଗ୍ୟ ବୟସର ପୁଅମାନେ ଅଧିକ ଆହତ କିମ୍ବା ମୃତ୍ୟୁର ଶିକାର ହେବା ସ୍ପଷ୍ଟ ହୋଇଛି। ଅସନ୍ତୁଳିତ ଲିଙ୍ଗଗତ ଅନୁପାତ ନିୟନ୍ତ୍ରିତ ହୋଇପାରିବ। କିନ୍ତୁ ଏହା କେବଳ ମନ୍ଥର ଗତିରେ ହେବ। ସ୍ୱଇଚ୍ଛାରେ ଅବିବାହିତ ରହିବାର ନିଷ୍ପତ୍ତିରୁ ପୁଅମାନଙ୍କୁ ଦୂରେଇ ରଖିବା ପାଇଁ ମାତାପିତାମାନେ ଅଧିକ ଆର୍ଥିକ ଓ ଶାରୀରିକ ବୋଝ ନିଜ କାନ୍ଧକୁ ନେଉଥିବା ଲକ୍ଷ୍ୟ କରାଯାଉଛି। ପୁଅମାନେ ବି ଏଭଳି ବୋଝ ବହନ କରୁଛନ୍ତି। ଅନେକ ଯୁବ ଦମ୍ପତି ଗୋଟିଏ ପୁଅ ସବୁଦୃଷ୍ଟିରୁ ଭଲ ବୋଲି ବିଚାର କରନ୍ତି। କିନ୍ତୁ ସଦ୍ୟତମ ଗବେଷଣାରୁ ଜଣାପଡିଛି ଯେ, ଲିଙ୍ଗଗତ ଜନ୍ମ ଅନୁପାତ ଅସନ୍ତୁଳିତ ରହିଛି। ଏଥିରୁ ବୁଝାପଡୁଛି, ଏଯାବତ ଝିଅମାନଙ୍କ ପ୍ରତି ବିଦ୍ୱେଷ ଭାବ ଜାରି ରହିଛି।

ଦେଶର ଜନସଂଖ୍ୟା ବୃଦ୍ଧି ହାର ହ୍ରାସ ପାଇବାକୁ ନେଇ ଚାଇନା ଚିନ୍ତିତ ଥିବାବେଳେ ଏହା ତା'ର ପରିବାର ନିଯୋଜନ ନୀତିକୁ କ୍ରମଶଃ କୋହଳ କରିଚାଲିଛି। ନୀତିନିର୍ଦ୍ଧାରକମାନେ ମଧ୍ୟ ଏଥିପାଇଁ ଆଗେଆସିବା ଉଚିତ ଓ କନ୍ୟା ସନ୍ତାନ ଥିବା ମାତାପିତାଙ୍କୁ ଆଖିଦୃଶିଆ ଆର୍ଥିକ ସହାୟତା ଯୋଗାଇ ଦେବା ଦରକାର। ଏହି ପଦକ୍ଷେପ ଜନ୍ମସମୟର ଲିଙ୍ଗଗତ ଅନୁପାତରେ ରହିଥିବା ଅସନ୍ତୁଳନରେ ଶୀଘ୍ର ସୁଧାର ଆଣିପାରିବ ଏବଂ ସାମଗ୍ରିକ ଜନ୍ମ ହାରରେ ଘଟୁଥିବା ହ୍ରାସକୁ ରୋକିପାରିବ। ଏକ ସନ୍ତୁଳିତ ଲିଙ୍ଗଗତ ଅନୁପାତ କାର୍ଯ୍ୟର ଏକ ସୁରକ୍ଷିତ ପରିବେଶ ସୃଷ୍ଟି କରିବା ଲାଗି ଲୋକମାନଙ୍କୁ ଉତ୍ସାହିତ କରିବ। ଏହା ମଧ୍ୟ ଅନ୍ୟ ଦେଶ ସହ ଚାଇନାର ଟ୍ରେଡ ଟେନ୍‌ଶନକୁ ହ୍ରାସ କରିବାରେ ସାହାଯ୍ୟ କରିବ।

ପୂର୍ବତନ ଅର୍ଥନୀତିଜ୍ଞ, ଏସିଆନ୍ ଡେଭଲପ୍‌ମେଣ୍ଟ ବ୍ୟାଙ୍କ୍
ପ୍ରଫେସର, ଫାଇନାନ୍ସ ଆଣ୍ଡ୍ ଇକୋନୋମିକ୍ସ (କଲମ୍ବିଆ ବିଜନେସ ସ୍କୁଲ), ସ୍କୁଲ ଅଫ୍ ଇଣ୍ଟରନ୍ୟାଶନାଲ ଆଣ୍ଡ୍ ପବ୍ଲିକ ଆଫେୟାର୍ସ (କଲମ୍ବିଆ ୟୁନିଭର୍ସିଟି)

# ଆଦିଗୁରୁ



ଅଲେଖ ଚନ୍ଦ୍ର ମିଶ୍ର

ନାମ ଗୁରୁଚରଣ। ଘର ନାମ ଗୁରୁକୃପା। ପୁଅ ଗୁରୁପ୍ରସାଦ। ଝିଅ ଗୁରୁପ୍ରିୟା। ପତ୍ନୀଙ୍କୁ ଗେହ୍ଲାରେ ଡାକନ୍ତି ଗୁରୁପ୍ରଭା। ଇଏ ହେଲା କୁଳଭୂଷଣଙ୍କ (ଆଫିଡେଭିଟ କରି ଗୁରୁଚରଣ ହୋଇଥିବା) ସଂକ୍ଷିପ୍ତ ପରିଚୟ। ଗୃହର ଏକ ନିଭୃତ ବାତାନୁକୂଳ କୋଠରି ଠାକୁରଘର। ସେଇଟି ଗୁରୁଙ୍କ ପାଇଁ ଉଦ୍ଦିଷ୍ଟ। ସେ ଘରର ସଜାସଜି ଦେଖିଲେ ଆଖି ଖୋସି ହୋଇଯିବ। ଚନ୍ଦନ କାଠରେ କୋଟିକାମ ହୋଇଥିବା ଏକ ଖଟୁଲି ଉପରେ ମଖମଲ ଶେଯ ଓ ମୁଢ଼ୁଲା ମଧ୍ୟରେ ଅତି ସନ୍ତର୍ପଣରେ ରଖାଯାଇଅଛି ବାବା (ଗୁରୁ) ଙ୍କର ପୂର୍ଣ୍ଣାବୟବ ଏକ ରଙ୍ଗିନ ଫଟୋଚିତ୍ର। ଦାମୀ ସୁବାସିତ ରୁମ୍ ସ୍ପ୍ରେ ଓ ଅଗରବତିରେ ଘରସାରା ମହକି ଉଠୁଥାଏ। ନନାଜାତିର ଫୁଲ ଓ ଚନ୍ଦନରେ ସଜାହୋଇ ଖଟୁଲିଟି ଏକ ଅପୂର୍ବ ଶୋଭା ଧାରଣ କରିଥାଏ। ସକାଳେ ସନ୍ଧ୍ୟାରେ ଦୁଇ ଓଳି ନାନା ପ୍ରକାରର ଲୋଭନୀୟ ସାମଗ୍ରୀ ବାବାଙ୍କୁ ଭୋଗଲାଗେ। ଅନ୍ୟୂନ ଦୁଇଘଣ୍ଟା ଧରି ବାବାଙ୍କ ପୂଜାର୍ଚ୍ଚନା ହୁଏ। ସାରା ପରିବାର ବନ୍ଦନା ଓ ପ୍ରାର୍ଥନା କରନ୍ତି। ଜଳ ଧୂପକାଠିର ପାଉଁଶ (ବିଭୂତି)କୁ ମଥାରେ ବୋଳନ୍ତି। ମୁଣ୍ଡରେ ବିଭୂତି ନ ଲଗାଇ ବାହାରକୁ ବାହାରନ୍ତି ନାହିଁ ଗୁରୁଚରଣ। ପାଞ୍ଚ ଅଙ୍ଗୁଳିରେ ବାବାଙ୍କର ବିଭିନ୍ନ ଆକୃତିର ଚିତ୍ର ଥିବା ମୁଦି। ବେକରେ ବାବାଙ୍କର ଫଟୋ ଥିବା ଲକେଟ, କଥା କଥାକେ କହନ୍ତି, 'ସବୁ ସେଇ ବାବାଙ୍କର ଇଚ୍ଛା।' ଅଫିସରେ ବାବା ଶବ୍ଦଟିକୁ ୧୦୮ ଥର ଲେଖିଲାପରେ କାମ ଆରମ୍ଭ କରନ୍ତି। ସେପଟେ ବାଲ୍‌କୋନିରେ ପାଲଟିଏ ଟଙ୍ଗା ହୋଇ ତିଆରି ହୋଇଥାଏ ବୋଉର ଘର। ଦରଭଙ୍ଗା ବେଞ୍ଚକୁ ଯୋଡି ତା' ଉପରେ ଅଧାଚିରା କନ୍ଥା ପକେଇ ବୋଉ ଶୋଇବା ପାଇଁ ବ୍ୟବସ୍ଥା କରା ଯାଇଥାଏ। ବୋଉ ସେଇଠି ରହେ। ଯାହା ଦିଅନ୍ତି ଖାଏ। ଠାକୁରଘର ବାରଣ୍ଡାକୁ ବି ଯିବାପାଇଁ ଶକ୍ତ ମନା। ଭୋଗ ସାମଗ୍ରୀକୁ ଦେଖିବା ତ ସ୍ୱପ୍ନ।

ଅସଂଖ୍ୟ ବାବାପ୍ରେମୀଙ୍କ ମଧ୍ୟରୁ ଏହା ଗୋଟିଏ ଦୃଷ୍ଟାନ୍ତ। କେହି କେହି ବାବା କାଢ଼ିଥିବା ପାନଛେଦାକୁ ଅମୃତ ତୁଲ୍ୟ ମନେକରି ସେବନ କରନ୍ତି ଓ ଅନ୍ୟକେହି ତାଙ୍କର ପାଦଧୂଳିକୁ ମୁଣ୍ଡରେ ବୋଳି କୃତାର୍ଥ ହୋଇଯାନ୍ତି। ବାବାଙ୍କ ସାନ୍ନିଧ୍ୟ ଲାଭ ଓ ଅଙ୍ଗସେବାର ସୁଯୋଗ ପାଇବା ତ ପରମ ସୌଭାଗ୍ୟ। ଗୁରୁଙ୍କ ପ୍ରତି ଏପରି ଐକାନ୍ତିକ ସମର୍ପଣଭାବ ହୁଏତ ଗୁରୁ ପରମ୍ପରାର ଏକ ବଳିଷ୍ଠ ନିଦର୍ଶନ ହୋଇପାରେ। କିନ୍ତୁ ତା' ଭିତରେ ଗୁରୁତ୍ୱର ମହାନତା ଓ ପବିତ୍ରତାକୁ ଠିକ୍ ଭାବରେ ବୁଝିବାରେ କିଞ୍ଚିତ ତ୍ରୁଟି ରହିଯାଏ। ଗୁରୁ ସଂସ୍କୃତି ଯୁଗ ଯୁଗର ଅବଦାନ। ସତ୍ୟଯୁଗରେ ପ୍ରହ୍ଲାଦ ଗୁରୁ ନାରଦଙ୍କ କୃପାରୁ ମାତା କୟାଧୂଙ୍କର ଗର୍ଭରେ ଥାଇ ବି ଈଶ୍ୱରପ୍ରାପ୍ତିର ମାର୍ଗ ଜାଣିଥିଲେ। ତ୍ରେତୟାରେ ଶବରୀ ଗୁରୁ ମାତଙ୍ଗ ଋଷିଙ୍କ ପ୍ରବର୍ତ୍ତିତ ନୀତିକୁ ଅନୁସରଣ କରି ପ୍ରଭୁ ଶ୍ରୀରାମଙ୍କୁ ପାଇପାରିଥିଲେ। ଦ୍ୱାପରରେ ଗୁରୁ ଦ୍ରୋଣାଚାର୍ଯ୍ୟ ବି ଜଗଦଗୁରୁ ପ୍ରଭୁ ଶ୍ରୀକୃଷ୍ଣଙ୍କର ଦୟାରୁ ସକଳ ପାପରୁ ମୁକ୍ତ ହୋଇଥିଲେ। କଳିଯୁଗରେ ନାମ ସଂକୀର୍ତ୍ତନ ହିଁ ମୋକ୍ଷ ପ୍ରାପ୍ତିର ଉପାୟ ବୋଲି ହରିନାମକୁ ପ୍ରାଧାନ୍ୟ ଦିଆଯାଇଛି, ''ହରେର୍ନାମ, ହରେର୍ନାମ, ହରେର୍ନାମୈବ କେବଳଂ, କଲୌ ନାସ୍ତ୍ୟେବ ନାସ୍ତ୍ୟେବ ନାସ୍ତ୍ୟେବ ଗତିରନ୍ୟଥା।'' ତଥାପି କିଛି ଲୋକ ଦ୍ୱନ୍ଦ୍ୱରେ ପଡି ଗୁରୁଙ୍କୁ ଭଗବାନ କୁହନ୍ତି। କିନ୍ତୁ ଗୁରୁ ସ୍ୱୟଂ ଭଗବାନ ନୁହନ୍ତି ବୋଲି ସେ ନିଜେ ବି କୁହନ୍ତି। ଭଗବାନଙ୍କୁ ପାଇବା ପାଇଁ ସେ ଏକ ମାର୍ଗଦର୍ଶକ। ଉଦ୍‌ଭ୍ରାନ୍ତ ମାନବ ସମାଜ ପାଇଁ ଦିଗ୍‌ଦର୍ଶକ। ଗୁରୁ ମାନବ ଜନ୍ମର ଅନ୍ତିମ ଲକ୍ଷ୍ୟ ନୁହନ୍ତି। ଲକ୍ଷ୍ୟ ପ୍ରାପ୍ତିର ମାଧ୍ୟମ ମାତ୍ର। ଅଜ୍ଞ ମାନବକୁ ଅନ୍ଧାର ଭିତରେ ଜ୍ଞାନର ଆଲୋକ ଦେଖେଇ ବାଟ କଢ଼ାନ୍ତି।'' 'ଗୁ' କାରଶ୍ଚ ଅନ୍ଧକାରୋ 'ରୁ' କାରୋ ତେଜୋ ଉଚ୍ୟତେ। ସେଭଳି ଗୁରୁଙ୍କୁ ପାଇବା ଦୁଃସାଧ୍ୟ। ସେ ମିଳନ୍ତିନି, ତାଙ୍କୁ ଖୋଜି ବାହାର କରିବାକୁ ପଡ଼େ। ସାଂସାରିକ ଜଞ୍ଜାଳରୁ ସନ୍ନ୍ୟାସ ନେଇ ଜନବସତିରୁ ଅନେକ ଦୂରରେ କେଉଁ ଅଜ୍ଞାତ, ଅଗମ୍ୟ ଘଞ୍ଚ ବନାନୀ ଭିତରେ ଅଥବା ସାଧାରଣ ମଣିଷର ଅପହଞ୍ଚ ଇଲାକାରେ ସେ ହୁଏତ କୃଚ୍ଛ୍ର ସାଧନା କରୁଥିବେ। ସେମାନଙ୍କଠାରୁ କୌଣସି ଭୌତିକ, ସାଂସାରିକ ଅଥବା ପାର୍ଥିବ କାମନା ପୂରଣ କରିବାର ଆଶା ବୃଥା। ଅଥଚ ପୁରପଲ୍ଲୀରୁ ଜନପଦ ପର୍ଯ୍ୟନ୍ତ ନିତି ଦୃଷ୍ଟିଗୋଚର ହୁଅନ୍ତି ଅସଂଖ୍ୟ ବାବା। କେହି କେହି ଆଶ୍ରମ ସ୍ଥାପନ କରି ସୁଖ ସ୍ୱାଚ୍ଛନ୍ଦ୍ୟରେ ଦିନ କାଟନ୍ତି। ଏମାନେ ନିଜର ତଥାକଥିତ ଚମତ୍କାରିତା ଓ ଅଲୌକିକତାର ପ୍ରଚାର ମାଧ୍ୟମରେ ଲୋକଙ୍କୁ ଆକୃଷ୍ଟ କରନ୍ତି ଏବଂ ସେମାନଙ୍କର ଦୁର୍ବଳ ମାନସିକତାର ସୁଯୋଗ ନେଇ ପ୍ରକାରାନ୍ତରେ ସେମାନଙ୍କୁ ଶୋଷଣ କରନ୍ତି। ଏପରି ଘଟଣା ଏତେ ବ୍ୟାପକ ହୋଇଗଲାଣି ଯେ ତା'ର ଉପସ୍ଥାପନା କରିବା ନିଷ୍ପ୍ରୟୋଜନ। ପାର୍ଥିବ ପଦାର୍ଥ ଲୋଭରେ ଲୋକେ ହିତାହିତ ଜ୍ଞାନ ହରେଇ ଉପରେ ବର୍ଣ୍ଣିତ କୁଳଭୂଷଣଙ୍କ ପରି ସ୍ୱାର୍ଥାନ୍ଧ ହୋଇ ଭଣ୍ଡବାବାଙ୍କୁ ଗୁରୁ ଏବଂ ଭଗବାନ ମାନନ୍ତି। ଅଥଚ ନିଜକୁ ଜନ୍ମଦେଇଥିବା ମାତାପିତାଙ୍କୁ ଘୋର ଅବହେଳା କରନ୍ତି। ଏମାନେ ଭୁଲିଯାନ୍ତି ଯେ ମାତାପିତା ହିଁ ଆଦ୍ୟ ଗୁରୁ (ହିତ ଗୁରୁ)।

'ସାରଦାଶ୍ରୀ, ୯୦୪, ଶାସ୍ତ୍ରୀନଗର, ୟୁନିଟ-୪, ଭୁବନେଶ୍ୱର, ମୋ:- ୯୪୩୮୬୭୩୮୯୮

## ଏଇ ଭାରତରେ

ଶକ୍ତି ଅପଚୟ ରୋକିବା ଲାଗି ବହୁ ସମୟରେ ଅନେକ ଅଭିନବ ଉପାୟ ସାମ୍ନାକୁ ଆସୁଛି। ଏହି ରେସ୍‌ରେ ସାମିଲ ବ୍ୟକ୍ତିମାନଙ୍କ ମଧ୍ୟରୁ ଚେନାବ୍ ଭ୍ୟାଲିର ମହମ୍ମଦ ଜୱାଦ ଖାନ୍ ଅନ୍ୟତମ। ସେ ପୁରୁଣା କାର୍‌ଗୁଡ଼ିକୁ ବିଦ୍ୟୁତ୍‌ଚାଳିତ (ଇଭି) କାର୍ କରି ତା' ମାଧ୍ୟମରେ ଶକ୍ତି ବଞ୍ଚାଇବାର ନୂଆ ବାଟ ଦେଖାଇଛନ୍ତି। ଏଥିପାଇଁ ସେ ଆରମ୍ଭ କରିଛନ୍ତି ଷ୍ଟାର୍ଟ ଅପ୍ ଟ୍ୟାଡ୍‌ପୋଲ ପ୍ରୋଜେକ୍ଟ। ଏବକାର ଆଧୁନିକ କାର୍‌ଗୁଡ଼ିକୁ ବି ସେ ଇଭି କାର୍ କରିପାରୁଛନ୍ତି। ମହମ୍ମଦଙ୍କର ବୟସ ୨୩। ଜମ୍ମୁର ଚେନାବ୍ ଭ୍ୟାଲିର ଭଦର୍‌ୱା ସହରରେ ରହୁଛନ୍ତି। ତାଙ୍କ ପିତାଙ୍କର ଏହି ସହରରେ ଏକ ଛୋଟ ଇଲେକ୍ଟ୍ରିକ୍ ରିପେୟାରିଂ ଦୋକାନ ରହିଛି ଓ ମାତା ଜଣେ ଶିକ୍ଷୟିତ୍ରୀ। ଇଲେକ୍ଟ୍ରିକାଲ ଇଞ୍ଜିନିୟରିଂରେ ଡିଗ୍ରୀ କରିବା ସମୟରେ ଏହାର ପରିକଳ୍ପନା କରି ୨୦୨୦ ସେପ୍ଟେମ୍ବରରେ କାର୍ଯ୍ୟ ଆରମ୍ଭ କରିଥିଲେ। ଉକ୍ତ କାର୍ଯ୍ୟରେ ସହଯୋଗ କରୁଛି ଆଇଆଇଟି ଦିଲ୍ଲୀର ସେଣ୍ଟର୍ ଫର୍ ରିସର୍ଚ୍ଚ ଅନ୍ କ୍ଲିନ୍ ଏୟାର (ସିଆର୍‌ସିଏ)। ୧୯୪୮ର ଭେକ୍ସୱାଗନ ବିଟିଲ ଏବଂ ୧୯୩୬ର ଅଷ୍ଟିନ୍ ୧୦ ଭଳି ଅତି ପୁରୁଣା କାରକୁ ସେ ଇଭି କାର କରିପାରିଛନ୍ତି। ଏହି କାର୍‌ଗୁଡ଼ିକ ଘଣ୍ଟା ପ୍ରତି ୬୦ରୁ ୭୦ କି.ମି. ବେଗରେ ଯାଇପାରୁଛି। ଭବିଷ୍ୟତରେ ୧୨୦ରୁ ୧୩୦ କି.ମି ବେଗରେ ଯିବା ଭଳି ଇଭି କାର୍ କରିବାର ଯୋଜନା କରିଛନ୍ତି। ସେ ପୁରୁଣା କାର୍‌ର ୯୦% ବଡି ରଖୁଛନ୍ତି ଓ ୧୦% ନୂଆ ବଡି ଯୋଗ କରୁଛନ୍ତି। ଏବେ ସୁଦ୍ଧା ୩୦ କାରକୁ ଇଭି କରିବା ଲାଗି ସେ ଅର୍ଡର ପାଇସାରିଲେଣି।

## ୨୫ ବର୍ଷ ତଳର ଧରିତ୍ରୀ

୨୧ ମେ ୧୯୯୬

- ବାଂଲାଦେଶ ସେନାବାହିନୀ ମୁଖ୍ୟ ଲ୍ୟୁଟ୍‌ନାଣ୍ଟ ଜେନେରାଲ ଏ.ଏସ୍.ଏମ୍. ନାସୀମଙ୍କୁ ରାଷ୍ଟ୍ରପତି ଏ.ଆର୍. ବିଶ୍ୱାସ ବହିଷ୍କାର କରିବା ପରେ ବାଂଲାଦେଶରେ ସାମରିକ ବିଦ୍ରୋହ ଦେଖାଦେଇଛି।
- ଦେଶର ସାମ୍ପ୍ରତିକ ରାଜନୈତିକ ଦୃଶ୍ୟପଟରେ ଅଧିକ ଗତିଶୀଳ ହୋଇଉଠିଥିବା ତୃତୀୟ ସାମ୍ମୁଖ୍ୟକୁ ଏହାର ନେତାମାନେ 'ମିଳିତ ସାମ୍ମୁଖ୍ୟ' ଭାବେ ନାମିତ କରିଛନ୍ତି।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | 3 | 4 | | |
| | 9 | 7 | | 4 | 1 | 5 | | |
| | | | | | | 6 | | |
| | | | | | | 3 | 6 | |
| | | 1 | 6 | 7 | 2 | | | |
| | | | | 8 | | | 4 | |
| | 3 | | | | | | | 9 |
| | | | 7 | | | | | |
| 9 | 8 | | | 1 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 5 | 9 | 2 | 4 | 1 | 8 | 7 | 6 |
| 7 | 2 | 1 | 8 | 6 | 9 | 4 | 3 | 5 |
| 6 | 4 | 8 | 5 | 3 | 7 | 9 | 1 | 2 |
| 8 | 9 | 6 | 4 | 7 | 2 | 1 | 5 | 3 |
| 2 | 7 | 3 | 1 | 8 | 5 | 6 | 4 | 9 |
| 4 | 1 | 5 | 6 | 9 | 3 | 2 | 8 | 7 |
| 1 | 3 | 4 | 7 | 2 | 6 | 5 | 9 | 8 |
| 5 | 6 | 7 | 9 | 1 | 8 | 3 | 2 | 4 |
| 9 | 8 | 2 | 3 | 5 | 4 | 7 | 6 | 1 |

ଗତକାଲିର ଉତ୍ତର

# ଭଗବାନ୍ ଭରସା



ପ୍ରକାଶ ତ୍ରିପାଠୀ

କରୋନାର ଦ୍ୱିତୀୟ ଲହରରେ ଭାରତ ଲହୁଲୁହାଣ ହେବାରେ ଲାଗିଛି। ପ୍ରତିଦିନ କେହି ନା କେହି ଚିହ୍ନା ପରିଚିତ ଲୋକଙ୍କ କରୋନା ଜନିତ ମୃତ୍ୟୁଖବର ମନକୁ ବିଚଳିତ କରୁଛି। ଏହା ସହ ଡାକ୍ତରଖାନାରେ ଶଯ୍ୟାର ଅଭାବ, ଜୀବନ ରକ୍ଷାକାରୀ ଔଷଧର ଅଭାବ ଓ ବର୍ତ୍ତମାନ ସମୟରେ ଅମ୍ଳଜାନର ଅଭାବ ସମ୍ପର୍କିତ ଗଣମାଧ୍ୟମରେ ପ୍ରକାଶିତ ଖବର ଜନସାଧାରଣରେ ଭୟାକୁଳ ପରିବେଶ ସୃଷ୍ଟି କରିଛି। କରୋନାର ପ୍ରଥମ ଲହରରୁ ଭାରତ କିଛି ଶିକ୍ଷାଲାଭ କରିଥିବା ଭଳି ମନେ ହୁଏନାହିଁ। କାରଣ ଦ୍ୱିତୀୟ ଲହର ବିଦେଶରେ ତାଣ୍ଡବ ରଚୁଥିବା ବେଳେ ଆମେ କରୋନା ଉପରେ ବିଜୟ ପ୍ରାପ୍ତି କରିଦେଲୁ ବୋଲି ଡିଣ୍ଡିମ ପିଟିଲୁ। ସବୁ କଟକଣାକୁ ଭୁଲିଗଲୁ। କେବଳ ମାସ୍କ ଓ ସାମାଜିକ ଦୂରତାକୁ ଅନୁସରଣ କରି ଅନେକ ରାଷ୍ଟ୍ର କରୋନାକୁ ହରାଇଥିଲା ବେଳେ ଭାରତପକ୍ଷେ ତାହା ସମ୍ଭବ ହୋଇ ପାରିନାହିଁ। ଏବେ ଫଳ ଆମ ହାତରେ। ପ୍ରଥମ ଦଫାରେ ଷାଠିଏ ବର୍ଷରୁ ଊର୍ଦ୍ଧ୍ୱ ନାଗରିକଙ୍କୁ ଟିକା ଦେବା ପାଇଁ କାର୍ଯ୍ୟକ୍ରମ ହେଲା। ଦ୍ୱିତୀୟ ଦଫାରେ ୪୫ ବର୍ଷରୁ ଊର୍ଦ୍ଧ୍ୱଙ୍କୁ ଟିକା ଦେବାପାଇଁ ଘୋଷଣା ହେଲା ଓ ଏବେ ପୂର୍ବ ପ୍ରସ୍ତୁତି ନ ଥାଇ ୧୮ ବର୍ଷରୁ ଊର୍ଦ୍ଧ୍ୱଙ୍କୁ ଟିକା ଦେବା ଲାଗି କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ପ୍ରଥମେ ପ୍ରଥମେ ଟିକା ନେବା ସକାଶେ ଆଗ୍ରହ ହେଉନଥିଲା। ଡାକ୍ତରଖାନାଗୁଡ଼ିକରେ କର୍ମଚାରୀମାନେ ଟିକା ଦେବା ପାଇଁ ଲୋକଙ୍କ ଅପେକ୍ଷାରେ ରହୁଥିଲେ। ଏବେ କରୋନା ତା'ର କାୟା ବିସ୍ତାର କରି ଗୋଟିଏ ପରେ ଗୋଟେ ମୁଣ୍ଡ ନେବା ପରେ ଜନତା ଓ ସରକାରଙ୍କର ଚେତା ପଶୁଛି। ଡାକ୍ତରଖାନାଗୁଡ଼ିକରେ ନାହିଁ ନଥିବା ଗହଳି। ଏଣେ ଟିକାର ଅଭାବ, ତେଣେ କରୋନା ରୋଗୀଙ୍କ ଅବସ୍ଥା ଜଟିଳ ହେବା ସହ ମୃତ୍ୟୁସଂଖ୍ୟା ବଢ଼ିବା ଲୋକଙ୍କ ନିଦ ହଜାଇ ସାରିଲାଣି।

ବର୍ତ୍ତମାନ ବିଶ୍ୱରେ ଭାରତ ସର୍ବାଧିକ କରୋନା ସଂକ୍ରମିତ ଦେଶ ଭାବେ ପରିଚିତ ହୋଇଛି। ବିଦେଶୀ ଗଣମାଧ୍ୟମରେ ସବୁଠି ଭାରତର ଦୁରାବସ୍ଥାର ଆଲୋଚନା। ଯେଉଁ ସମୟରେ କରୋନାର ଦ୍ୱିତୀୟ ଲହର ପାଇଁ ଗୁରୁତ୍ୱ ଦେବା କଥା, ସେତେବେଳେ ପାଞ୍ଚଟି ରାଜ୍ୟରେ ନିର୍ବାଚନ ପରିଚାଳନାକୁ ଅଗ୍ରାଧିକାର ଦିଆଗଲା। ଯେଉଁ ସମୟରେ ଅର୍ଥନୈତିକ ଅନଗ୍ରସର ଆମର ପଡ଼ୋଶୀ ଦେଶ ପାକିସ୍ତାନ, ଭୁଟାନ୍, ନେପାଳ ଓ ବଙ୍ଗଳାଦେଶ ଦ୍ୱିତୀୟ ଲହରକୁ ସଫଳତାର ସହ ମୁକାବିଲା କରିପାରିଲେ, ସେତେବେଳେ ଭାରତ ଏଥିରେ ଏକରକମ ବିଫଳ ହୋଇଥିବା ସାମ୍ପ୍ରତିକ ଘଟଣାବଳୀ ପ୍ରମାଣଦିଏ। ଏବେ କରୋନାର ବିଦେଶୀ ଷ୍ଟ୍ରେନ୍ ଭାରତରେ ସଂକ୍ରମଣ ବଢ଼ାଉଛି ବୋଲି କୁହାଗଲେ ମଧ୍ୟ ଭାରତରେ ନୂଆ ନୂଆ ଷ୍ଟ୍ରେନ୍ ଉପଲବ୍ଧ ହେଉଥିବା ବିଶେଷଜ୍ଞମାନେ ମତ ଦେଉଛନ୍ତି। ପ୍ରଥମେ ମହାରାଷ୍ଟ୍ର ଷ୍ଟ୍ରେନ୍, ପରେ ପଶ୍ଚିମବଙ୍ଗ ଷ୍ଟ୍ରେନ୍ ଓ ଏବେ ଆନ୍ଧ୍ର ଷ୍ଟ୍ରେନ୍। ଅବଶ୍ୟ କିଛି ରାଜ୍ୟ ଇତିମଧ୍ୟରେ ଲକ୍‌ଡାଉନ୍ ଘୋଷଣା କରି ପରିସ୍ଥିତିକୁ ଆୟତ୍ତ କରିବାକୁ ଚେଷ୍ଟା କରୁଛନ୍ତି। ମାତ୍ର କରୋନାର ତୃତୀୟ ଲହର ସମ୍ଭାବନାକୁ ବିଜ୍ଞାନୀମାନେ ସତର୍କ କରିବା ପରେ ଏବେ ଚିନ୍ତା ବଢ଼ିଯାଇଛି।

ଭାରତରେ କରୋନାର ଭୟଙ୍କର ସ୍ଥିତିକୁ ନେଇ ସମ୍ପ୍ରତି ବିଶ୍ୱ ସମୁଦାୟ ଚିନ୍ତାଗ୍ରସ୍ତ। ଭାରତକୁ ସବୁପ୍ରକାର ସହାୟତା ଯୋଗାଇ ଦେବାକୁ ସେମାନେ ଆଗେଇ ଆସୁଛନ୍ତି। ଅକ୍ସିଜେନଠାରୁ ଆରମ୍ଭ କରି ଟିକା ଓ ଔଷଧ ବି ଯୋଗାଇ ଦେଉଛନ୍ତି। ବିଳମ୍ବରେ ହେଲେ ମଧ୍ୟ ଭାରତର ଏବେ ଚେତା ଉଦ୍ରେକ ହୋଇଛି। ଲକ୍‌ଡାଉନ୍, ଶଟ୍‌ଡାଉନ୍ ଓ କଣ୍ଟେନ୍‌ମେଣ୍ଟ ଜୋନ୍ ଘୋଷଣା ଆରମ୍ଭ ହୋଇଛି। କିନ୍ତୁ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଯେଉଁଭଳି ପଦକ୍ଷେପ ନେବା କଥା, ତାହା ହୋଇପାରିନି। ଡାକ୍ତରଖାନାରେ ଆଇସିୟୁରେ ବେଡ୍, ଅମ୍ଳଜାନ ଓ ଭେଣ୍ଟିଲେଟର ଅଭାବ ପାଇଁ ରୋଗୀ ମୃତ୍ୟୁହାର କମୁନାହିଁ। ଇତିମଧ୍ୟରେ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ପକ୍ଷରୁ ପ୍ରକାଶିତ ସାପ୍ତାହିକ ରିପୋର୍ଟରେ ଦର୍ଶାଯାଇଛି ଯେ, ଏବେ ସମଗ୍ର ବିଶ୍ୱରେ କରୋନା ସଂକ୍ରମଣ ହାର ଭାରତରେ ସର୍ବାଧିକ। ଅର୍ଥାତ୍ ବିଶ୍ୱର ସମୁଦାୟ କରୋନା ସଂକ୍ରମଣର ୪୬ ପ୍ରତିଶତ ଭାରତରେ ଘଟୁଛି। ସଂକ୍ରମଣ ଭଳି ମୃତ୍ୟୁସଂଖ୍ୟା ବି ଭାରତରେ ସର୍ବାଧିକ। ବିଶ୍ୱର ୨୫ ପ୍ରତିଶତ ମୃତ୍ୟୁ ଭାରତରେ ହେଉଛି। ପ୍ରଥମ କରୋନା ଲହର ପରେ ଦ୍ୱିତୀୟ କରୋନା ଲହର ଆସିବ ବୋଲି ଜାଣି ମଧ୍ୟ ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ସଜାଡ଼ି ନାହିଁ ଏ ଦେଶ। ସବୁ ଗାଁକୁ ଏବେ ବି ସ୍ୱାସ୍ଥ୍ୟସେବା ଅପହଞ୍ଚ।

ଯଦି ଓଡ଼ିଶା କଥା ବିଚାର କରିବା, ତେବେ କରୋନାର ନୂଆ ନୂଆ ଷ୍ଟ୍ରେନ୍ ଓଡ଼ିଶା ପାଇଁ ବିପଦ ସୃଷ୍ଟି କରିପାରନ୍ତି। ପଶ୍ଚିମବଙ୍ଗ ଓ ଆନ୍ଧ୍ରର ଷ୍ଟ୍ରେନ୍‌ଗୁଡ଼ିକ ଅଧିକ କ୍ଷତିକାରକ ବୋଲି ଡାକ୍ତରମାନେ କହୁଛନ୍ତି। ଯଦି ସଂକ୍ରମଣକୁ ସଫଳତାର ସହ ରୋକାଯାଇ ପାରିବ, ତେବେ ଆଗାମୀ ଦିନରେ ଅମ୍ଳଜାନ, ଭେଣ୍ଟିଲେଟର ଓ ହସ୍ପିଟାଲଗୁଡ଼ିକ ଉପରେ ଚାପ ନିଶ୍ଚିତ କମିବ। ଟିକାକରଣ ଅଭିଯାନ ମଧ୍ୟ ସଂକ୍ରମଣକୁ ରୋକିବାରେ ସହାୟକ ହେବ। କରୋନା ଭୂତାଣୁ ଲୋକଙ୍କ ପାଖକୁ ଆସେନା, ଲୋକ ଏହା ପାଖକୁ ଯାଇ ସଂକ୍ରମିତ ହୁଅନ୍ତି। ତେଣୁ ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଲା, ସତର୍କତା ଅବଲମ୍ବନ କରିବା। ଜୀବନ ରହିଲେ ଜୀବିକା ଆସିବ। ତେଣୁ ପ୍ରଥମେ ଜୀବନ ଓ ପରେ ଅନ୍ୟ କିଛି। ଟିକିଏ ଅସାବଧାନ ହେଲେ ଏହା ନିଜ ସହ ନିଜ ପରିବାର ଓ ନିଜ ଅଞ୍ଚଳ ପାଇଁ ଗଣବିନାଶର କାରଣ ହେବ। ଉନ୍ନତ ମାନର ମାସ୍କ ପିନ୍ଧିବା, ବିଶେଷ କାମ ନ ଥିଲେ ବାହାରକୁ ନ ବାହାରିବା, ସାମାଜିକ ଦୂରତା ଅବଲମ୍ବନ କରିବା, ସାମାନ୍ୟ ଲକ୍ଷଣ ପ୍ରକାଶ ପାଇଲେ ସଙ୍ଗରୋଧରେ ରହିବା, ନିର୍ଦ୍ଦିଷ୍ଟ ସମୟରେ ଶୃଙ୍ଖଳାର ସହ ଟିକାଗ୍ରହଣ କରିବା, ନିୟମିତ ବ୍ୟବଧାନରେ ମୁହଁ ଓ ହାତ ଧୋଇବା ଭଳି କିଛି ଛୋଟ ଛୋଟ କଥାକୁ ଧ୍ୟାନ ଦେଲେ ଆମେ ଅନାୟାସରେ କରୋନା ଉପରେ ବିଜୟଲାଭ କରିପାରିବା। ଏଥିପାଇଁ ସରକାରୀ ଘୋଷଣାନାମା ବା ପୋଲିସର ପ୍ରହାରାଦାରିର ଆବଶ୍ୟକତା ନାହିଁ। ନିଜ ସୁରକ୍ଷା ନିଜ ହାତରେ ନେବାର ସମୟ ଉପନୀତ। କାରଣ ଆଗକୁ ଅଧିକ ବିପଦ ଆସୁଛି। କରୋନାର ତୃତୀୟ ଲହର ଆସିବା ନିଶ୍ଚିତ ଓ ଏହା କରୋନାର ଦ୍ୱିତୀୟ ଲହରଠାରୁ ଅଧିକ ଭୟଙ୍କର ହେବ ବୋଲି ଚେତାବନୀ ଶୁଣାଇଛନ୍ତି ଦିଲ୍ଲୀ ଏମ୍ସର ନିର୍ଦ୍ଦେଶକ ଡାକ୍ତର ରଣଦୀପ ଗୁଲେରିଆ। ସମାନ ଚେତାବନୀ ବି ଦେଇଛନ୍ତି ଭାରତ ସରକାରଙ୍କର ପ୍ରମୁଖ ପରାମର୍ଶଦାତା ଡ. ବିଜୟ ରଘବନ। ତୃତୀୟ ଲହରରେ କରୋନାର ନୂଆ ରୂପ ଯେକୌଣସି ମାଧ୍ୟମରେ ଏହା ଅନ୍ୟକୁ ସଂକ୍ରମିତ କରିବା ସହ ଶରୀରର ରୋଗ ପ୍ରତିରୋଧକ ଶକ୍ତିକୁ ନଷ୍ଟ କରିବ ଓ ଦେଶରେ ଏହା ଗୁରୁତର ସ୍ୱାସ୍ଥ୍ୟ ସଙ୍କଟ ସୃଷ୍ଟି କରିବ ବୋଲି ଚେତାବନୀ ମିଳିଛି। କରୋନାର ଦ୍ୱିତୀୟ ଲହର ପୂର୍ବରୁ କୋହଳ ମନୋବୃତ୍ତିର ଫଳାଫଳ ଏବେ ଆମ ସାମ୍ନାରେ। ତେଣୁ ତୃତୀୟ ଲହର ପୂର୍ବରୁ ଭାରତକୁ ଯଥେଷ୍ଟ ସତର୍କତା ଅବଲମ୍ବନ କରିବା ସହ ସଜାଗ ରହିବାକୁ ପଡ଼ିବ।

କରୋନା ଭୂତାଣୁ ନିୟମିତ ଭାବେ ନିଜକୁ ପରିବର୍ତ୍ତନ କରୁଛି ଓ ବୈଜ୍ଞାନିକମାନେ ଏହାକୁ ଅନୁଧ୍ୟାନ କରି ଏହାର ପ୍ରତିଷେଧକ ବ୍ୟବସ୍ଥା ପାଇଁ ଗବେଷଣା ଜାରି ରଖିଛନ୍ତି। ଏହାର ପ୍ରକରଣ ଯେତେ ବଦଳିବ, ଏହା ସେତେ ଘାତକ ସାବ୍ୟସ୍ତ ହେବ ବୋଲି ବୈଜ୍ଞାନିକମାନେ ଆଶଙ୍କା ପ୍ରକାଶ କରୁଛନ୍ତି। ଭାରତ ଏକ ସର୍ବାଧିକ ଜନବହୁଳ ଦେଶ ହୋଇଥିବାରୁ ତଥା ଭାରତୀୟମାନେ ସେତେଟା ସ୍ୱାସ୍ଥ୍ୟ ସଚେତନ ନ ଥିବାରୁ କରୋନାର ଦ୍ୱିତୀୟ ଲହର ଘାତକ ସାବ୍ୟସ୍ତ ହୋଇଛି। ଟିକା ନେବା ପାଇଁ ଡାକ୍ତରଖାନାରେ ଧାଡ଼ିରେ ଠିଆ ହେବାକୁ ଯଦି ପୋଲିସର ଆବଶ୍ୟକତା ପଡୁଛି, ମାସ୍କ ପିନ୍ଧି ବାହାରକୁ ଯିବାକୁ ଦିନ ରାତି ପ୍ରଚାର ହେଉଥିଲେ ମଧ୍ୟ ପୋଲିସକୁ ଏଥିପାଇଁ ନାକେଦମ୍ ହେବାକୁ ପଡୁଛି, ସେଭଳି ସ୍ଥଳେ କେବଳ ଭଗବାନ୍‌ଙ୍କୁ ଭରସା କରିବା ବ୍ୟତୀତ ଅନ୍ୟ ଉପାୟ ନାହିଁ।

prakas.tripathy୦୯@gmail.com

## ପାଠକ ଶ୍ରେଷ୍ଠ ବିଚାରକ

### ଅଭିଭାବକଙ୍କ ମତିଗତି

ମହାଶୟ,

ରାଜ୍ୟ ସରକାର ଲଗାତର ଦୁଇବର୍ଷ ବିନା ପାସ୍ ଫେଲ୍‌ରେ ସମସ୍ତ ବିଦ୍ୟାର୍ଥୀଙ୍କୁ ଉତ୍ତୀର୍ଣ୍ଣ କରାଇବା ପରେ ପରେ ବହୁ ଅଭିଭାବକ ପିଲାର କେଉଁ ଶ୍ରେଣୀ ହେଲା ଭୁଲ୍ କହୁଛନ୍ତି। ଖାତା କାଗଜ କଲମ ପାଇଁ ବେଶି ଖର୍ଚ୍ଚାନ୍ତ ହୋଇ ନ ଥିବାରୁ ଏହି ଅଭିଭାବକ ପିଲାର ପାଠ ପ୍ରତି କିଭଳି ଆଗ୍ରହ ବଢ଼ିବ ଚିନ୍ତା ନ କରି ନିଜେ ହାଲୁକା ହୋଇଯିବା ଠିକ୍ ନୁହେଁ। କାହିଁକି ଆଉ ପଢ଼େଇବା ଭାବୁଥିବା ଅଭିଭାବକଙ୍କ ନିଷ୍ପତ୍ତି ବିମେରାଂ ସାବ୍ୟସ୍ତ ହେବାକୁ ଯାଉଛି। ନୂତନ ଶିକ୍ଷାବର୍ଷ ଆରମ୍ଭ ହୋଇଯିବା ସଙ୍ଗେ ସଙ୍ଗେ ବିଦ୍ୟାର୍ଥୀଙ୍କୁ ବହିଠୁ ଜୋତା ଓ ସ୍କୁଲ ପୋଷାକ ବ୍ୟତୀତ ମଧ୍ୟାହ୍ନଭୋଜନ ବଦଳରେ ଘରକୁ ଚାଉଳ ବଦଳରେ ଟଙ୍କା ମିଳିବା ଆରମ୍ଭ ହୋଇଛି। ଏତଦ୍ ବ୍ୟତୀତ ସମସ୍ତ ସରକାରୀ ସହାୟତା ହାତେଇବା ପରେ ପରେ ବାଳଶ୍ରମିକ ଆଡ଼କୁ ଅଗ୍ରସର ହେଉଥିବା ବିଦ୍ୟାର୍ଥୀ ଓ ଅଭିଭାବକଙ୍କ ମତିଗତି ଉପରେ ଶିକ୍ଷା ବିଭାଗ ନଜର ରଖିବା ଦରକାର।

-ମନୋରଞ୍ଜନ ପାତ୍ର, ସୁନହଟ, ବାଲେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ହେଉ ଅନ୍ଧ ଏ ନୟନ
ନିନ୍ଦା ତବ ଦେଖେଁ ଯଦି ତାହା,
ସବୁ ଦରଶନ ମମ
ହେଉ ଦୂର, ଜୀବନର ନାହା ! -(ଆସ୍ତିକର ଆକୁତି)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୩୧ ଯାଏ ମହିଳା କମିଶନଙ୍କ ଶୁଣାଣି ସ୍ଥଗିତ

ଭୁବନେଶ୍ୱର,(ବ୍ୟୁରୋ):ରାଜ୍ୟ ମହିଳା କମିଶନଙ୍କ କାର୍ଯ୍ୟାଳୟରେ ଚଳିତ ମାସ ୨୧ରୁ ୩୧ ତାରିଖ ପର୍ଯ୍ୟନ୍ତ ଜନସାଧାରଣଙ୍କ ପ୍ରବେଶ ମନା କରାଯାଇଛି। ଏଥିସହ କମିଶନ ଏହି ସମୟରେ ସମସ୍ତ ମାମଲାର ଶୁଣାଣି ସ୍ଥଗିତ ରଖିଛନ୍ତି। କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ନିଆଯାଇଥିବା କମିଶନଙ୍କ ଆବାହକ ସଦସ୍ୟ ଗୁରୁବାର ଏକ ପ୍ରେସ ବିଜ୍ଞପ୍ତି ମାଧମରେ ଜଣାଇଛନ୍ତି। ସୂଚନାଯୋଗ୍ୟ, ପ୍ରତି କାର୍ଯ୍ୟ ଦିବସରେ ବିଭିନ୍ନ ଜିଲାରୁ ଶହ ଶହ ମାମଲା ଭୁବନେଶ୍ୱର ତୋଷାଳୀ ଭବନସ୍ଥିତ ରାଜ୍ୟ ମହିଳା କମିଶନଙ୍କ କାର୍ଯ୍ୟାଳୟକୁ ଆସୁଛି। ତେବେ ସମ୍ପ୍ରତି କରୋନା ସଂକ୍ରମଣ ବଢ଼ିବାରେ ଲାଗିଛି। ଲୋକଙ୍କ ସୁରକ୍ଷା ଦୃଷ୍ଟିରୁ କାର୍ଯ୍ୟାଳୟରେ ଭିଡ଼ ନ ଜମାଇବାକୁ ଆୟୋଗଙ୍କ ତରଫରୁ ସମସ୍ତ ଶୁଣାଣିକୁ ସ୍ଥଗିତ ରଖାଯାଇଛି।

## ସଂକ୍ଷେପରେ

### ଟିକା ନେବାକୁ ରାଜି ହେଲେ ବଣ୍ଡା ଅଧିବାସୀ

**ମାଲକାନଗିରି,୨୦।୫(ଡି.ଏନ.ଏ.):** ମାଲକାନଗିରି ଜିଲା ଖଇରପୁଟ ବ୍ଲକ ବଣ୍ଡାଘାଟିର ମୁଦୁଲିପଡା ସ୍ୱାସ୍ଥ୍ୟକେନ୍ଦ୍ରରେ ଗୁରୁବାର ୭ଟି ପଞ୍ଚାୟତର ବରିଷ୍ଠ ନାଗରିକଙ୍କୁ ସରକାରୀ ଖର୍ଚ୍ଚରେ ଟିକା ଦିଆଯାଇଥିବା ସିଡିଏମ୍‌ଓ ପ୍ରଫୁଲ୍ଲ କୁମାର ନନ୍ଦ କହିଛନ୍ତି। ପୂର୍ବରୁ ମୁଦୁଲିପଡ଼ା ଓ ଖଇରପୁଟର ଏହି ବଣ୍ଡାମାନେ କରୋନାର ଭୟାବହତା ସମ୍ପର୍କରେ ଜାଣିପାରି ନ ଥିଲେ। ସଚେତନତା କାର୍ଯ୍ୟକ୍ରମ ଯୋଗୁ ଏହି ରୋଗ ସମ୍ପର୍କରେ ଜାଣି ସେମାନେ ଟିକା ନେବାକୁ ରାଜି ହୋଇଛନ୍ତି। କିପରି ମାସ୍କ ବ୍ୟବହାର କରି ସମଦୂରତା ରକ୍ଷା କରିପାରିବେ ସେନେଇ ସଚେତନ ହୋଇଛନ୍ତି। ଅନ୍ୟପକ୍ଷରେ ବଣ୍ଡାମାନେ ଆନ୍ଧ୍ର ସୀମାନ୍ତର ଅନକାଡେଲି ରାସ୍ତା ଦେଇ ଆନ୍ଧ୍ରକୁ ଯାଇ ନିଜର ଆବଶ୍ୟକ ଜିନିଷପତ୍ର କିଣାକିଣି କରୁଥିଲେ। ଏହି ରାସ୍ତାକୁ ପ୍ରଶାସନ ଗୁରୁବାର ସିଲ୍ କରିଦେଇଛି। ସୂଚନାଯୋଗ୍ୟ, କରୋନାର ପ୍ରଥମ ଲହର ବଣ୍ଡାଘାଟିକୁ ଛୁଇଁ ପାରି ନ ଥିଲା।

### ଏସ୍‌ପିଙ୍କୁ ତଦନ୍ତ ନିର୍ଦ୍ଦେଶ ଦେଲେ ଡିଜିପି
#### ପୁରୀରେ ଖବରଦାତାଙ୍କୁ ପୋଲିସର ମାଡ଼ ଘଟଣା

**ଭୁବନେଶ୍ୱର,୨୦।୫(ବ୍ୟୁରୋ):** ପୁରୀ ବଡ଼ଶଙ୍ଖ ପରିବା ମାର୍କେଟରେ ଖବରଦାତା ଓ ଫଳ ଦୋକାନୀଙ୍କ ଉପରେ ପୋଲିସର ବର୍ବରତା ନେଇ ଅଭିଯୋଗ ଆସିଥିଲା। ବୁଧବାର ପୋଲିସ ଜଣେ ଫଳ ଦୋକାନୀଙ୍କୁ ମାଡ଼ ମାରିବା ସହ ଏହି ଘଟଣାର ଖବର ସଂଗ୍ରହ କରୁଥିବା ଧରିତ୍ରୀର ପୁରୀ ଜିଲା ପ୍ରତିନିଧି ଦତ୍ତାତ୍ରେୟ ନାୟକଙ୍କୁ ମଧ ଆକ୍ରମଣ କରିଥିଲା। ପୋଲିସ କର୍ମଚାରୀଙ୍କ ଏଭଳି କାର୍ଯ୍ୟକୁ ସବୁ ମହଲରେ ତୀବ୍ର ନିନ୍ଦା କରାଯାଇଥିଲା। ଏହାପରେ ଓଡ଼ିଶା ପୋଲିସ ପକ୍ଷରୁ ଏହାକୁ ଗୁରୁତ୍ୱର ସହ ନିଆଯାଇଛି। ଏହି ଆକ୍ରମଣ ଘଟଣାର ତୁରନ୍ତ ତଦନ୍ତ କରି ରିପୋର୍ଟ ଦାଖଲ କରିବାକୁ ପୁରୀ ଏସ୍‌ପି କନୱର ବିଶାଲ ସିଂଙ୍କୁ ପୋଲିସ ମହାନିର୍ଦ୍ଦେଶକ ଅଭୟ ନିର୍ଦ୍ଦେଶ ଦେଇଛନ୍ତି। ଏସ୍‌ପି ନିଜେ ଏହାର ତଦନ୍ତ କରିବାକୁ ଡିଜିପି ଅଭୟ ନିର୍ଦ୍ଦେଶ ଦେଇଛନ୍ତି। ଏ ନେଇ ଗୁରୁବାର ରାଜ୍ୟ ପୋଲିସ ମୁଖ୍ୟାଳୟ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି।

ସୂଚନା ଅନୁଯାୟୀ, ଦୀପକ ସାହୁ ନାମକ ଫଳଦୋକାନୀ ଠେଲାରେ ଫଳ ନେଇ ବିକ୍ରି କରିବାକୁ ଯାଉଥିଲେ। ଏହି ସମୟରେ ପୋଲିସ ତାଙ୍କୁ ଅଟକାଇ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ମାଡ଼ ମାରିଥିଲେ। ପୋଲିସ ଦୀପକଙ୍କୁ ଏମିତି ମାଡ଼ ମାରିଥିଲେ ଯେ, ଶେଷରେ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଘଟଣା ସମ୍ପର୍କରେ ସୂଚନା ପାଇ ଧରିତ୍ରୀର ପୁରୀ ଜିଲା ପ୍ରତିନିଧି ଦତ୍ତାତ୍ରେୟ ନାୟକ ଘଟଣାସ୍ଥଳରେ ପହଞ୍ଚି ଖବର ସଂଗ୍ରହ କରୁଥିଲେ। ଏହା ଦେଖି ପୋଲିସ ଉତ୍କ୍ଷିପ୍ତ ହୋଇ ଆକ୍ରୋଶମୂଳକ ଭାବେ ଦତ୍ତାତ୍ରେୟଙ୍କୁ ଆକ୍ରମଣ କରିଥିଲା। ନିଜକୁ ଖବରଦାତାର ପରିଚୟ ଦେଇଥିଲେ ମଧ ପୋଲିସ ତାଙ୍କୁ ଜବରଦସ୍ତି ଭ୍ୟାନ୍‌ରେ ଭର୍ତ୍ତି କରିବାକୁ ଚେଷ୍ଟା କରିଥିଲା। ସିଟି ଡିଏସ୍‌ପି ଜନାର୍ଦ୍ଦନ ପାଢ଼ୀ ଏବଂ କୁମ୍ଭାରପଡ଼ା ଥାନା ଆଇଆଇସି ବିଚିତ୍ରାନନ୍ଦ ସେଠୀଙ୍କ ଉପସ୍ଥିତିରେ ଏହି ଘଟଣା ଘଟିବା ସତ୍ତ୍ୱେ ଉଭୟେ ଚୁପ୍ ରହିଥିଲେ।

### ପୁଅ ବାହା ହୋଇ ଫେରିବା ପରେ ମା'ର ମୃତ୍ୟୁ

**ବିନିକା,୨୦।୫(ଡି.ଏନ୍.ଏ.):** ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ସିଂଘିଯୁବା ଉପରପଡାରେ ଗୁରୁବାର ରାତିରେ ଘଟିଛି ଏକ ଦୁଃଖଦ ଘଟଣା। ପୁଅ ବାହା ହୋଇ ନବବଧୂକୁ ଧରି ଘରକୁ ଫେରିବା ପରେ ମା ସୂର୍ଯ୍ୟକାନ୍ତି ମଲ୍ଲିକଙ୍କର ହୃଦ୍‌ଘାତରେ ମୃତ୍ୟୁ ଘଟିଛି। ଏଥିରେ ବାହାଘରର ଉଲ୍ଲାସ କ୍ଷଣିକରେ ମଉଳି ଯାଇଛି। ସୂର୍ଯ୍ୟକାନ୍ତିଙ୍କ ଜୁଇ ଜଳିଛି ଗାଁ ମଶାଣିରେ। ସୂଚନା ଅନୁସାରେ ଗାଁର ଅମର ମଲ୍ଲିକ ଓ ସୂର୍ଯ୍ୟକାନ୍ତିଙ୍କ ଜ୍ୟେଷ୍ଠପୁତ୍ର ଲୁଲୁଙ୍କ ବିବାହ ବିନିକା ବ୍ଲକ ଶଙ୍କରା ଗ୍ରାମରେ କୋଭିଡ ଗାଇଡଲାଇନ ଅନୁସାରେ ଗୁରୁବାର ସମ୍ପନ୍ନ ହୋଇଥିଲା। ବୈଦିକ ରୀତିନୀତି ଅନୁସାରେ ବିବାହ ପରେ ଲୁଲୁ ନବବଧୂଙ୍କୁ ଧରି ରାତି ପ୍ରାୟ ୭ଟାରେ ସିଂଘିଯୁବାସ୍ଥିତ ବାସଭବନକୁ ଫେରିଥିଲେ। ସେତେବେଳକୁ ଅପରାହ୍ନରେ ହୃଦ୍‌ଘାତ ପରେ ବୁର୍ଲା ସ୍ଥାନାନ୍ତର ହୋଇଥିବା ଲୁଲୁଙ୍କ ମାଙ୍କର ମୃତ୍ୟୁ ଖବର ଆସିଥିଲା।

# ସେନା କର୍ମଚାରୀ କହି ୧.୮୦ ଲକ୍ଷ ଠକେଇ

**ସାକ୍ଷୀଗୋପାଳ,୨୦।୫(ଡି.ଏନ୍.ଏ.)**

ନିଜକୁ ସେନା କର୍ମଚାରୀ ପରିଚୟ ଦେଇ ପୁରୀ ଜିଲା ସାକ୍ଷୀଗୋପାଳ ବଜାରରେ ଏକ ଜନ ସେବା କେନ୍ଦ୍ରରେ ବ୍ୟାଙ୍କ ଚେକ୍ ଦେଇ କେନ୍ଦ୍ର ଅପରେଟରଙ୍କଠାରୁ ୧.୮୦ ଲକ୍ଷ ଟଙ୍କା ଠକେଇ ହୋଇଛି। ଏ ନେଇ ଅପରେଟର କାଳୀପ୍ରସାଦ ମହାପାତ୍ରଙ୍କ ଅଭିଯୋଗକ୍ରମେ ସତ୍ୟବାଦୀ ଥାନା ପୋଲିସ ନଂ. ୨୧୦/ ୨୧ରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ସେ ହେଲେ ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ଥାନା ଅନ୍ତର୍ଗତ କରଞ୍ଜପଡା ଗ୍ରାମର ପ୍ରଭାସ କୁମାର ସେଠୀ। ସେ ୬ମାସ ହେବ ସତ୍ୟବାଦୀ ଥାନା ଉଆଁସଡିହ ଗ୍ରାମ ନିକଟରେ ଏକ ଭଡ଼ାଘରେ ରହୁଥିଲେ। କୋର୍ଟ ତାଙ୍କ ଜାମିନ ଆବେଦନକୁ ନାମଞ୍ଜୁର କରି ଜେଲ ପଠାଇଛି। ସୂଚନା ମୁତାବକ, ପ୍ରଭାସ ଚତୁରତାର ସହ ନିଜକୁ ଜଣେ ସେନା କର୍ମଚାରୀ ବୋଲି କହି ଭଡ଼ାଘରେ ରହୁଥିଲେ। ଏପରି କି ସ୍ଥାନୀୟ ଲୋକଙ୍କୁ ଚାକିରି କରାଇଦେବା କହିବା ସହ ହୋଟେଲରେ ବାକିରେ ଖାଇବା, ଘର ମାଲିକଙ୍କୁ ଭଡା ନ ଦେଇ ଓ ବ୍ୟବସାୟ ଆଳ ଦେଖାଇ ଅନେକ ଲୋକଙ୍କୁ ଠକେଇ କରି ଚାଲିଥିଲେ। ପରେ କାନାରା ବ୍ୟାଙ୍କ ସତ୍ୟବାଦୀ ଶାଖାରେ ଏକ ଆକାଉଣ୍ଟ ଖୋଲି ସେଠାରୁ ବ୍ୟାଙ୍କ ଚେକ୍ ସଂଗ୍ରହ କରିଥିଲେ। ଗତ ସପ୍ତାହରେ କାଳୀପ୍ରସାଦଙ୍କ ଜନ ସେବା କେନ୍ଦ୍ରକୁ ପ୍ରଭାସ ଯାଇ ପରିବାରର



ଗିରଫ ଅଭିଯୁକ୍ତ।

ଚିକିତ୍ସା ନିମନ୍ତେ ଟଙ୍କା ପଠାଇବା ଜରୁରୀ ବୋଲି କହି କିଛି ନଗଦ ଅର୍ଥ ପ୍ରଦାନ କରି ଅନଲାଇନ ମନି ଟ୍ରାନ୍ସଫର କରିଥିଲେ। ପରେ ୪/୫ଥର ମନି ଟ୍ରାନ୍ସଫର କରି କାଳୀପ୍ରସାଦଙ୍କୁ ବିଶ୍ୱାସ ଜନ୍ମାଇଥିଲେ। ପରେ ୫ଥରରେ ୧ଲକ୍ଷ ୮୦ହଜାର ଟଙ୍କା ପଠାଇବାକୁ କହି ଦୁଇଟି ଚେକ୍ ଦେଇଥିଲେ। କିନ୍ତୁ ଉକ୍ତ ୨ଟି ଚେକ୍‌ରେ ଟଙ୍କା ନ ଥିବା କାଳୀପ୍ରସାଦ କହିବାରୁ ପ୍ରଭାସ ପୁଣି ଅନ୍ୟ ୨ଟି ଫାଇନାନ୍ସ ବ୍ୟାଙ୍କର ୩ଟି ଚେକ୍ ଦେଇଥିଲେ। ମାତ୍ର ସେଥିରେ ମଧ ଟଙ୍କା ନ ଥିବାରୁ ଠକେଇର ଶିକାର ହୋଇଥିବା ଜାଣି କାଳୀପ୍ରସାଦ ବୁଧବାର ଥାନାର ଦ୍ୱାରସ୍ଥ ହୋଇଥିଲେ। ପୋଲିସ ଏହାର ତଦନ୍ତ କରିବାରୁ ପ୍ରଭାସ ଜଣେ ଠକ ବୋଲି ଜାଣି ଘରେ ଚଢ଼ାଉ କରି ଧରିଥିଲା। ତାଙ୍କ ପରିବାର ସହିତ ପୋଲିସ ପକ୍ଷରୁ ଯୋଗାଯୋଗ କରାଯାଇଥିଲା। ମାତ୍ର କୌଣସି ସୁଫଳ ନ ମିଳିବାରୁ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ଏବଂ ଅନ୍ୟମାନଙ୍କର ସମ୍ପୃକ୍ତି ନେଇ ଅଧିକ ତଦନ୍ତ ଚାଲିଛି ବୋଲି ଥାନା ଆଇଆଇସି ଦେବୀ ପ୍ରସାଦ ପାତ୍ର କହିଛନ୍ତି।

# ବର୍ତ୍ତମାନ ସ୍ଥିତି ଶକ୍ତିକ୍ଷେତ୍ର ଲାଗି ବଡ଼ ଆହ୍ୱାନ: ଶକ୍ତିମନ୍ତ୍ରୀ

**ଭୁବନେଶ୍ୱର, ୨୦।୫(ବ୍ୟୁରୋ)**

ରାଜ୍ୟରେ ଶକ୍ତି କ୍ଷେତ୍ରକୁ ଆହୁରି ଅଧିକ ପାରଦର୍ଶୀ, ସୁସଂହତ ଏବଂ ଦକ୍ଷ ଭାବେ ବିକଶିତ କରିବାକୁ ଶକ୍ତିମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ବିଭିନ୍ନ ମହଲରୁ ପରାମର୍ଶ ଲୋଡ଼ିଛନ୍ତି। ଓଡ଼ିଶା ବର୍ତ୍ତମାନ ବିକାଶ ଓ ଅଭିବୃଦ୍ଧିର ଜ୍ୱଳନ୍ତ ଉଦାହରଣ। ଆଞ୍ଚଳିକ ଅସମତା, ଦାରିଦ୍ର୍ୟ ହ୍ରାସ, ଭିତ୍ତିଭୂମି ବିକାଶ ଓ ପୁଞ୍ଜିନିବେଶ ପାଇଁ ଅନୁକୂଳ ବାତାବରଣ ସୃଷ୍ଟି କରିବା ରାଜ୍ୟର ଆଭିମୁଖ୍ୟ ବୋଲି ଦିବ୍ୟଶଙ୍କର କହିଛନ୍ତି।

ଓଡ଼ିଶା ଶକ୍ତି କ୍ଷେତ୍ର- ରାଜ୍ୟଠାରୁ ଶିକ୍ଷା ଶୀର୍ଷକ ଆଲୋଚନା ଚକ୍ରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶକ୍ତିମନ୍ତ୍ରୀ କହିଛନ୍ତି ଯେ ବର୍ତ୍ତମାନ ସ୍ଥିତି ଶକ୍ତି କ୍ଷେତ୍ର ପାଇଁ ବଡ଼ ଆହ୍ୱାନ ସୃଷ୍ଟି କରିଛି। କୋଭିଡ୍-୧୯ କଟକଣା ପାଇଁ ଶକ୍ତି ଉପଯୋଗ ହ୍ରାସ ପାଇଛି । କିନ୍ତୁ ଆଗାମୀ ଦିନରେ ଓଡ଼ିଶା ଅଗ୍ରଣୀ ବିଦ୍ୟୁତ୍ ଉପଯୋଗକାରୀ ରାଜ୍ୟ ଭାବେ ଉଭା ହେବା ନିଶ୍ଚିତ। ଲୋକଙ୍କ ଅର୍ଥନୈତିକ ପରିବର୍ତ୍ତନରେ ଶକ୍ତି ଉପଯୋଗର ପ୍ରମୁଖ ଭୂମିକା ରହିଛି। ଏହା ଲୋକଙ୍କ ଜୀବନଧାରଣର ମାନକୁ ଉନ୍ନତ ଓ ସହଜ କରିବାରେ ସାହାଯ୍ୟ କରିବ । ସରକାର ଶସ୍ତା ଓ ଭରସାଯୋଗ୍ୟ ବିଦ୍ୟୁତ୍ ଉପଲବ୍ଧ କରାଇବା ପାଇଁ ସତ ଚେଷ୍ଟିତ ।



ଶକ୍ତିମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର।

ଓଡ଼ିଶା ବିକାଶ କୈନ୍ଦ୍ରିକ, ଶିଳ୍ପ ଅନୁକୂଳ ଓ ପରିବେଶ ସଚେତନ ରାଜ୍ୟ ହୋଇଥିବାରୁ ଅକ୍ଷୟଶକ୍ତି ଉତ୍ପାଦନକୁ ପ୍ରୋତ୍ସାହନ ଦେଇଆସିଛି । ଓଡ଼ିଶା ଦେଶରେ ପ୍ରଥମ ରାଜ୍ୟ ଭାବେ 'ଓଡ଼ିଶା ଶକ୍ତି ସଂରକ୍ଷଣ ବିଲ୍ଡିଂ କୋଡ୍' ବିଜ୍ଞାପିତ କରିଛି। ୨୦୧୯-୨୦ରେ ସର୍ବମୋଟ ଶକ୍ତି ଉତ୍ପାଦନ କ୍ଷମତା ୭୬୪୮ ମେଗାୱାଟ୍ ଥିଲା । ରାଜ୍ୟର ଉଭୟ ଶିଳ୍ପ ଓ ଘରୋଇ ବିଦ୍ୟୁତ୍ ଉପଯୋଗ ପରିମାଣ ୭୨ ପ୍ରତିଶତ । ତନ୍ମଧ୍ୟରୁ କେବଳ ଘରୋଇ କ୍ଷେତ୍ରରେ ୩୭.୪୧% ଉପଯୋଗ ହେଉଛି । ରାଜ୍ୟରେ ଶକ୍ତି ଅପଚୟ ରୋକିବା ସହିତ ସଂରକ୍ଷଣ ଦିଗରେ ଗୁରୁତ୍ୱ ଦେଇ ସରକାର ଅନେକ ପଦକ୍ଷେପ ନେଉଛନ୍ତି ବୋଲି ଦିବ୍ୟଶଙ୍କର କହିଛନ୍ତି।

# ମହାରାଷ୍ଟ୍ର ଯାତ୍ରା ପାଇଁ ଆର୍‌ଟି-ପିସିଆର୍ ନେଗେଟିଭ୍ ବାଧ୍ୟତାମୂଳକ

**ଭୁବନେଶ୍ୱର, ୨୦।୫ (ବ୍ୟୁରୋ):** କରୋନାର ଭୟାବହତାକୁ ଦୃଷ୍ଟିରେ ରଖି ଟ୍ରେନ୍ ଯାତ୍ରୀଙ୍କ ପାଇଁ କଡ଼ା ନିୟମ ଲାଗୁ କରାଯାଉଛି। ଏହି କ୍ରମରେ ମହାରାଷ୍ଟ୍ର ଯାତ୍ରା କରୁଥିବା ଟ୍ରେନ୍‌ଯାତ୍ରୀଙ୍କ ପାଇଁ ଆର୍‌ଟି-ପିସିଆର୍ ନେଗେଟିଭ୍ ରିପୋର୍ଟ ବାଧ୍ୟତାମୂଳକ କରାଯାଇଛି। ଯେ କୌଣସି ପରିବହନ ଦ୍ୱାରା ମହାରାଷ୍ଟ୍ର ରାଜ୍ୟକୁ ପ୍ରବେଶ କରୁଥିବା ବ୍ୟକ୍ତିଙ୍କୁ ଆର୍‌ଟି-ପିସିଆର୍ ନେଗେଟିଭ୍ ପରୀକ୍ଷା ରିପୋର୍ଟ ଦେବାକୁ ପଡ଼ିବ। ମହାରାଷ୍ଟ୍ରରେ ପ୍ରବେଶ କରିବାର ସର୍ବାଧିକ ୪୮ ଘଣ୍ଟା ମଧ୍ୟରେ ଏହି ପରୀକ୍ଷା ହୋଇଥିବା ଆବଶ୍ୟକ। କେରଳ, ଗୋଆ, ରାଜସ୍ଥାନ, ଗୁଜରାଟ, ଦିଲ୍ଲୀ ଏବଂ ଏନ୍‌ସିଆର ଅଞ୍ଚଳ, ପଶ୍ଚିମବଙ୍ଗ ଓ ଉତ୍ତରପ୍ରଦେଶରୁ ଆସୁଥିବା ବ୍ୟକ୍ତିଙ୍କ ସମେତ ଭାରତର ଯେ କୌଣସି ଅଞ୍ଚଳରୁ ମହାରାଷ୍ଟ୍ରକୁ ଆସୁଥିବା ଯାତ୍ରୀଙ୍କ ପାଇଁ ଏପ୍ରିଲ ୧୮ ଓ ମେ ୧ ତାରିଖ ଆଦେଶନାମା ଅନୁଯାୟୀ ସମସ୍ତ ପ୍ରତିବନ୍ଧକ ପ୍ରଯୁଜ୍ୟ ହେବ। ରାଜ୍ୟଗୁଡ଼ିକର ସର୍ବଶେଷ ଉପଦେଷ୍ଟା http://contents.irctc.co.in/en/stateWiseAdvisory.htmlରେ ଉପଲବ୍ଧ ହେଉଛି।

# ଦିନରେ ସଙ୍ଗା, ରାତିରେ ମଦ୍ୟପଙ୍କ ଆଡ୍ଡାସ୍ଥଳି





ଖୋଲା ମଦ ବୋତଲ ଓ ପଲିଥିନ ପାଉଚ୍ ପଡ଼ିଛି। ପରିଚୟ ହାଉସ୍ ।

## ପରିଚୟ ଖୋଜୁଛି ପରିଚୟ ହାଉସ୍

**ଜୁନାଗଡ, ୨୦।୫ (ଡି.ଏନ.ଏ.)**

ସହର ବସ୍ତିବାସିନ୍ଦାମାନେ ବୈଠକ କରିବା ପାଇଁ ସରକାର ଏକ ପରିଚୟ ହାଉସ୍ ନିର୍ମାଣ କରୁଛନ୍ତି। ଏହାଦ୍ୱାରା ବସ୍ତିବାସିନ୍ଦାମାନେ ଗୋଟିଏ ସ୍ଥାନରେ ଏକତ୍ର ହୋଇ ବିଭିନ୍ନ ସରକାରୀ, ବେସରକାରୀ ବୈଠକ କରିପାରିବେ। ନିର୍ମାଣ ହୋଇଥିବା ଏହି ହାଉସ୍‌ର ୨ ପଟରେ ଖୋଲା ରହିଥିବାରୁ ଏବେ ଏହା ଅସାମାଜିକ ଲୋକଙ୍କ ଆଡ୍ଡାସ୍ଥଳି ପାଲଟିଛି। ଫଳରେ ଯେଉଁ ଉଦ୍ଦେଶ୍ୟ ନେଇ ଏହି ହାଉସ୍ କରାଯାଇଛି ତାହା ଏବେ ନିଜର ପରିଚୟ ଖୋଜୁଛି। ଏପରି ଏକ ଉଦାହରଣ ଦେଖିବାକୁ ମିଳିଛି କଳାହାଣ୍ଡି ଜିଲା ଜୁନାଗଡ ସହର ଅନ୍ତର୍ଗତ ୫ ନମ୍ବର ୱାର୍ଡ ଲକ୍ଷ୍ମୀସାଗର ଓ ଆମ୍ବଗଛ ପଡା ମଧ୍ୟରେ ନିର୍ମାଣ ହୋଇଥିବା ପରିଚୟ ହାଉସ୍‌ରେ। ଗତବର୍ଷ ଜୁନାଗଡ ଏନ୍‌ଏସି ପକ୍ଷରୁ ସ୍ଥାନୀୟ ବସ୍ତିବାସିନ୍ଦାଙ୍କ ପାଇଁ ଏହି ହାଉସ୍ ନିର୍ମାଣ କରାଯାଇଥିଲା। ସରକାରଙ୍କ ଇଷ୍ଟିମେଣ୍ଟ ଅନୁଯାୟୀ ହାଉସର ୨ପଟ କାନ୍ଥ ଟିକିଏ ଉଠାଇ ଅବଶିଷ୍ଟ ଖୋଲା ଛଡ଼ାଯାଇଥିଲା। ଆଗପଟ ଫାଟକ ଓ ପଛପଟ କାନ୍ଥ ରହିଥିବାରୁ ଏବେ ଅସାମାଜିକ ଲୋକମାନେ ୨ ପଟ ଖୋଲା ଥିବା କାନ୍ଥରେ ଚଢି ଭିତରକୁ ଯାଉଛନ୍ତି। ଦିନବେଳା ଏଠାରେ ସଙ୍ଗା କାରବାର ଚାଲୁଥିବା ବେଳେ ରାତିରେ ମଦ୍ୟପଙ୍କ ଆଡ୍ଡାସ୍ଥଳି ପାଲଟିଥିବା ସ୍ଥାନୀୟ ଲୋକଙ୍କଠୁ ଜଣାପଡିଛି। ହାଉସ୍ କାନ୍ଥ କଡରେ ପଡିଥିବା ଅନେକ ଖୋଲା ମଦ ବୋତଲ ଓ ପଲିଥିନ ମଦ ପାଉଚ୍‌ରୁ ଜଣାପଡୁଛି। ଜୁନାଗଡ ଏନ୍‌ଏସି କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟିଦେଇ ଖୋଲା ଥିବା ୨ପଟକୁ ବାଡ ଦେବାକୁ ଦାବି ହୋଇଛି। ସେହିପରି ସ୍ଥାନୀୟ ପୋଲିସ ପାଟ୍ରୋଲିଂକୁ କଡାକଡି କରି ଏହି ଘରେ ଅସାମାଜିକ କାମ କରୁଥିବା ବ୍ୟକ୍ତିଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହୋଇଛି।

**N.A.C. OFFICE, CHAMPUA**
**Ph.No. 06767-240050, E-mail: champuanac@gmail.com**
**'e' PROCUREMENT NOTICE**

No.1158 Date: 17.05.2021
**BID IDENTIFICATION NO. EO CHAMPUA NAC NO.33/2021-22**
No.C-263:- Bid documents consisting of specification, the schedule of quantities and the set of terms and conditions of contract and other necessary documents can be seen in the Govt. website i.e. www.tendersodisha.gov.in.

1. Nature of the work : Civil
2. No. of works : 16 Nos.
3. Estimated cost : As per DTCN
4. Period of completion : As per DTCN
5. Date & time of availability of the bid documents in the portal : 18.5.2021 at 11.00 A.M. to 27.5.2021 upto 5.00 P.M.
6. Last date / time for receipt of bids in the portal : 27.5.2021 upto 5.00 P.M.
7. Last date and time of submission of hard copies of the documents original by Speed Post / Registered Post : 01.6.2021 upto 5.00 P.M.
8. Bids received online shall be opened on : 02.06.2021 at 11.00 A.M.
9. Name & address of the officer inviting bid : Executive Officer, Champua NAC

Further the details can be seen from the procurement portal: www.tendersodisha.gov.in
**Sd./- Executive Officer, N.A.C., Champua**
OIPR-13157/11/0006/2122

**ODISHA STATE CIVIL SUPPLIES CORPORATION LIMITED, MALKANGIRI UNIT**
No.696 Date 20.05.2021
**CORRIGENDUM TO THE TENDER CALL NOTICE FLOATED VIDE TENDER NO. 665 DTD.16.05.2021**
No.CAD-318:- The name of RRC appearing at Column-1 of Appendix-I (3rd and 4th) may be read as OSWC, Malkangiri (both M.V-42 and Jayanagar, Malkangiri) instead of RMC, Godown, Kalimela (RMC Yard Near Fire Station, Kalimela), i.e. the commodities under NFSA/ SFSS in respect of Kalimela / Podia Block will be lifted from OSWC, Malkangiri.
**Sd./- District Managar,**
**OSCSC Ltd., Malkangiri**
**Date: 20.05.2021**
OIPR-07035/11/0003/2122

**GOVERNMENT OF ODISHA, DEPARTMENT OF WATER RESOURCES**
**OFFICE OF THE EXECUTIVE ENGINEER,**
**KENDRAPARA IRRIGATION DIVISION, KENDRAPARA**
**DISTRICT: KENDRAPARA**
**E-Mail ID- kendrapadairrigationdivision@gmail.com**
**"e" Procurement Notice No.KID-02 of 2021-22**
No. A-137:-
1. Name of Work:- As per detailed Tender Call Notice.
2. Total No. of package: KID-13 to KID-62 of 2021-22 = 50 No(s) individual package.
3. Estimated cost of package(s) varies from : Rs.3.42 to 44.27 Lakhs
4. Cost of Tender Paper:- Rs.2,000.00 to Rs.6,000.00
5. Bid Security: **Bid Security Declaration** to be furnished as per **Annexure-I** of **Section-2** of Bid Document.
6. Period of completion: **Sl. No.1 to Sl. No.5 = Six Months; Sl. No.6 to Sl. No.50 = Two Months**
7. Transparent Lottery (if required) drawn on 09.06.2021 at 10.00 A.M. onwards.
8. Other details.

| Procurement Officer | Bid-Identification No. | Availability of tender On-line for bidding | | Date, Time & Place of Opening of Bid |
|---|---|---|---|---|
| | | From | To | |
| 1 | 2 | 3 | 4 | 5 |
| Executive Engineer, Kendrapara Irrigation Division, Kendrapara | KID-13 to KID-62 of 2021-22 On-line | 24.05.2021 at 10.00 AM | 02.06.2021 up to 5.00 PM | 03.06.2021 at 11.00 A.M. O/o the Executive Engineer, Kendrapara Irrigation Division, Kendrapara |

Further details can be seen form the govt. Website www.tendersorissa.gov.in
OIPR-32163/11/0002/2122 **Sd./- Executive Engineer, Kendrapara Irrigation Division, Kendrapara**

**DIRECTORATE OF EMPLOYEES STATE INSURANCE SCHEME, ODISHA, BHUBANESWAR**
**ADVERTISEMENT**
No.OE -44/2021/DESI Dated.18 /05/2021
No.K-01:- Applications in the prescribed proforma are invited from willing retired Pharmacists and retired Auditors for engagement of 04 Nos. of Pharmacist and 02 Nos. of Auditor on contractual basis at a fixed consolidated remuneration of Rs. 13,000/-P.M under ESI Scheme, Odisha as per Labour and ESI Department Letter No 4691/ LESI dt.10/05/2021 for a period of one year or till filling up of the regular vacancies or till attaining the age of 65 years whichever is earlier as envisaged in G.A Department Resolution No. 23750/ Gen dt. 27/08/2014. The applicants must have good service record and physically fit for the post.
The intended candidates may apply through Registered Post/Speed Post which should reach the **O/o Director, ESI Scheme, Odisha, Plot No. A/122, Nayapalli, Unit-8, Bhubaneswar- Pin- 751012 on or before 07th of June- 2021 by 5.P.M.** The format for application along with documents required to be submitted may be downloaded from Government website of **www.Odisha.gov.in**.
The authority reserves the right to reject any or all applications without assigning any reasons thereof.
**Sd/- Dr. N. Thirumala Naik, I.A.S**
**DIRECTOR**
**ESI Scheme, Odisha, Bhubaneswar**
OIPR-17005/11/0001/2122

**GOVERNMENT OF ODISHA**
**PANCHAYATIRAJ AND DRINKING WATER DEPARTMENT**
**PANCHAYAT SAMITI, HARICHANDANPUR**
No.i-53:-
1. Total No. of works: 09.
2. Approximated estimated cost:
3. Class of contractor: 'D' 'C', 'C' 'B' & 'B' 'A'
4. Period of completion: 4 (Four calendar months).
5. Date of sale fo tender paper: 21.05.2021 to 01.06.2021 during office hour.
6. Last date of receipt of tender paper: 01.06.2021 till 1.00 P.M.
7. Date and time of opening of tender paper: 03.06.2021 at 09.00 A.M.

The details can be seen from the website http://www.keonjhar.nic.in and from the DTCN.
**Sd./- BDO, Harichandanpur**
OIPR- 19117/11/0003/2122

**ZILLA SWASTHYA SAMITI, BHADRAK - 756100**
**NOTICE INVITING BID**
**Bid Reference No. 4991** **Date: 18.05.2021**
No. E-102: Bids Expression of Interest are invited from eligible bidders for provision of 128 slice computed tomography (CT) scan service at DHH Bhadrak in a PPP mode as per the particulars mentioned below:

| Sl. No. | Particulars | Date and Time |
|---|---|---|
| 1. | Date & Time of release of Bid | 18.05.2021 |
| 2. | Date of time of Pre-bid meeting and feasibility survey by intending bidder | 25.05.2021 Venue: Conference Hall CDM & PHO Office, Bhadrak |
| 3. | Last date & time of submission of bid | 01.06.2021 upto 5 P.M. |
| 4. | Date & time of Technical Bid opening | 02.06.2021 at 11.00 A.M. |
| 5. | Date of demonstration of equipment (if required by the tender inviting authority for some equipments) | To be informed to those bidders whose bids are found to be technically responsive based on documents furnished in technical bid. |
| 6. | Date of opening of Price Bid | To be informed to the qualified bidders |

The bid document with all information relating to the bidding porcess including cost of bid document, EMDs, Pre-qualification criteria and terms & conditions are available in the website: **www.bhadrak.nic.in**. The authority reserves the right to accept/reject any part therof or all the bids without assigning any reason thereof.
**Sd./- Collector & DM Bhadrak**
**OIPR-10123/11/0002/2122**

**ଦୁର୍ଗପତିଙ୍କ କାର୍ଯ୍ୟାଳୟ, ପଞ୍ଚମ ଭାରତ ସଂରକ୍ଷିତ ବାହିନୀ, ବୌଦ୍ଧ**
**ବିଜ୍ଞାପନ**
**No. D-23**
କନେଷ୍ଟବଳ: **୫୫ ସୁଦେବ ପୁରୋହିତ**
ପିତା: ଶ୍ରୀ ପରମେଶ୍ୱର ପୁରୋହିତ
ଗ୍ରାମ: ଚାରପଲି, ପୋଷ୍ଟ: କନସିଙ୍ଗା
ଥାନା: ପଦମପୁର, ଜିଲ୍ଲା: ବରଗଡ଼
ଏତଦ୍ୱାରା ଆପଣଙ୍କୁ ଜଣାଇ ଦିଆଯାଉଅଛି କି, ଆପଣ ତା୦୯।୦୩।୨୦୨୧ରିଖ ଅପରାହ୍ନଠାରୁ ତା୧୬।୦୩।୨୦୨୧ରିଖ ଅପରାହ୍ନ ପର୍ଯ୍ୟନ୍ତ ୦୭ଦିନ ସାମୂହିକ ଛୁଟି ଯାଇଥିଲେ। ଆପଣ ତା୧୭।୦୩।୨୦୨୧ରିଖ ପୂର୍ବାହ୍ନ ସୁଦ୍ଧା କାର୍ଯ୍ୟରେ ଯୋଗ ଦେବାର ଥିଲା କିନ୍ତୁ ଆପଣ ତା୧୭।୦୩।୨୦୨୧ରିଖ ପୂର୍ବାହ୍ନଠାରୁ ନିଜ କାର୍ଯ୍ୟରେ ଯୋଗ ନ ଦେଇ ବିନା ଅନୁମତିରେ ଆବଶ୍ୟକଠାରୁ ଅଧିକ କାଳ ଛୁଟିରେ ରହି ନିଜ କର୍ତ୍ତବ୍ୟରୁ ଅନଧିକାର ଭାବରେ ଗରହାଜିର ଅଛନ୍ତି। ଆପଣ ୫ମ ଭାରତ ସଂରକ୍ଷିତ ବାହିନୀ, ବୌଦ୍ଧ କାର୍ଯ୍ୟାଳୟ ତରଫରୁ ବାରମ୍ବାର ତଲବ ନଂ. ୨୮୯ ତା୨୦।୦୩।୨୦୨୧, ନଂ. ୩୪୩ ତା୦୫।୦୪।୨୦୨୧, ନଂ. ୪୭୪, ତା୨୭।୦୪।୨୦୨୧ ଏବଂ ନଂ. ୫୦୪ ତା୦୪।୦୫।୨୦୨୧ ଅନୁଯାୟୀ କାର୍ଯ୍ୟରେ ଯୋଗଦାନ କରିବା ପାଇଁ ନିର୍ଦ୍ଦେଶନାମା ଜାରି କରାଯାଇଅଛି, କିନ୍ତୁ ଆପଣ ଉପରଲିଖିତ ତଲବଗୁଡ଼ିକ ଡାକ ବିଭାଗ ଦେଇପାରୁ ନାହିଁ ଏବଂ ଆପଣ ଅନୁପସ୍ଥିତି କହି ଫେରି ଆସୁଛି। ଆପଣଙ୍କ ଏତାଦୃଶ ଅନୁପସ୍ଥିତ ଯୋଗୁଁ ସରକାରୀ କାର୍ଯ୍ୟ ପରିଚାଳନାରେ ଗୁରୁତର ବ୍ୟାଘାତ ସୃଷ୍ଟି ହେଉଅଛି ଏବଂ ଯେଉଁ କାର୍ଯ୍ୟ ସକାଶେ ଆପଣଙ୍କୁ ପୋଲିସ ବାହିନୀରେ ନିଯୁକ୍ତି କରାଯାଇଥିଲା ତାହାର ଉଦ୍ଦେଶ୍ୟ ସାଧିତ ହୋଇ ପାରୁନାହିଁ।
ଏଣୁ, ଉକ୍ତ ବିଜ୍ଞାପନ ମାଧମରେ ଆପଣଙ୍କୁ ଜଣାଇ ଦିଆଯାଉଅଛି ଯେ, ଏହି ସମ୍ବାଦ ପ୍ରକାଶନର ୧୦ଦିନ ମଧ୍ୟରେ ଆପଣ ନିଜ କାର୍ଯ୍ୟରେ ଯୋଗଦାନ କରିବା ପାଇଁ ନିର୍ଦ୍ଦେଶନାମା ଜାରି କରାଯାଉଅଛି। ଏଥିରେ ତ୍ରୁଟି ବିଚ୍ୟୁତି କଲେ ଆପଣଙ୍କ ବିରୁଦ୍ଧରେ ବିହିତ ବିଭାଗୀୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।
ସ୍ୱା./- (ଶ୍ରୀ ବିଜୟ ପ୍ରକାଶ ବାବୁ)
ଦୁର୍ଗପତି
(୫ମ ଭାରତ ସଂରକ୍ଷିତ ବାହିନୀ, ବୌଦ୍ଧ)
**OIPR-12029/11/0005/2122**

**OFFICE OF THE NOTIFIED AREA COUNCIL, KHARIAR ROAD**
**No. 1053** **Date: 20.05.2021**
**NOTICE INVITING TENDER**
No. C-276: Sealed bid in conformity with Detailed Tender Call Notice are invited from intending registered firms/NGOs/Private companies/ Contractors working within the jurisdiction of Odisha, having eligibility criteria as stipulated in DTCN, for execution of the under mentioned work, so as to reach by **Speed Post/Registered Post only** to be Executive Officer, KHARIAR ROAD, NAC by 5.00 P.M. of Dt.07.06.2021 and bid documents will be opened on Dt.08.06.2021 at 9.00 A.M. in presence of the bidder or their authorized representatives who wish to remain present for the occasion. If the office happens to be closed due to subsequent declaration of holiday the process of receipts and opening schedule will be on next working day of the specified time and venue without any further notice. The sale of bid document shall start from Dt.24.05.2021 and close by 1.00 P.M. of 29.05.2021. The intending bidders shall have to deposit the cost of tender paper (non-refundable) in shape of Demand Draft from any Nationalized Bank drawn in favour of Executive Officer, KHARIAR ROAD, N.A.C. payable at KHARIAR ROAD.

| Sl. No. | Name of the Work | Cost of Bid Document |
|---|---|---|
| 1 | Providing manpower, all equipment and ancillaries for SWM, cleaning and sanitation service in 17 wards of KHARIAR ROAD NAC as per DTCN. | Rs.10,000.00 |

Bid documents can be purchased from office of the NAC Khariar Road against cost of bid document in the form of Demand Draft issued from any Scheduled Bank payable at KHARIAR ROAD in favour of Executive Officer, NAC, KHARIAR ROAD. The Bank Draft should be prepared on or before the last date of sale of the Bid document or the tender paper, which may be downloaded from the district portal i.e. **www.nuapada.nic.in** in from 24.05.2021 to 29.05.2021 by 1.00 P.M. and paper cost of tender paper in form of DD must be submitted with bid documents failing which the bid will be rejected.
Bid documents should be submitted through Regd. Post/Speed Post only, superscribing **"Tender for executing sanitation work under KHARIAR ROAD N.A.C."** and addressed to **Executive Officer, KHARIAR ROAD N.A.C., At/P.O.- KHARIAR ROAD, Dsit.: Nuapada, Odisha, PIN - 766104**. However KHARIAR ROAD N.A.C. will be no way responsible for postal delay to the receipts of bid documents beyond scheduled date and time. The bid must be accompanied with required E.M.D @ 1% of the Estimated value for One year in shape of Demand Draft/NSC/KVP/STDR/Bank Deposit receipts of any Nationalized Bank duly drawn/pledged in favour of Executive Officer, KHARIAR ROAD N.A.C., and payable at KHARIAR ROAD failing which the bid will be rejected out rightly. The details of the tender notice may be available and downloaded from the district portal.
**Sd./- Executive Officer, NAC, Khariar Road**
**OIPR-13136/11/0007/2122**

See Career Appointment on every Wednesday & Saturday

## ରୋଷେଇ ଗ୍ୟାସ୍ ଲିକ୍, ୫ ବଖରା ଜଳିଗଲା

ବାଉଁଶୁଣୀ (ଡି.ଏନ.ଏ): ବୌଦ୍ଧ ବ୍ଲକ ଅଁଳାପାଲି ଗ୍ରାମପଞ୍ଚାୟତ ଅଧୀନ ଗୁଡପଡା ଗ୍ରାମରେ ଗୁରୁବାର ପୂର୍ବାହ୍ନ ସାଢେ ୧୧ଟା ବେଳେ ରୋଷେଇ ଗ୍ୟାସ୍ ଲିକ୍ ହୋଇ ଅଗ୍ନିକାଣ୍ଡ ଘଟି ୫ବଖରା ଘର ପୋଡି ଯାଇଛି । ରସାନନ୍ଦ ରାଜହଂସଙ୍କ ଘରେ ରୋଷେଇ ଗ୍ୟାସ୍ ଲିକ୍ ହୋଇ ଅଗ୍ନିକାଣ୍ଡ ଘଟିଥିଲା। ଫଳରେ ଘରେ ଥିବା ସମସ୍ତ ଜିନିଷପତ୍ର ପୋଡି ଯାଇଥିଲା। ଖବର ପାଇ ବାଉଁଶୁଣୀ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଏହି ଅଗ୍ନିକାଣ୍ଡରେ ଶ୍ରୀପତି ରାଜହଂସଙ୍କ ୨ବଖରା ଏବଂ ଅଲେଖ ରାଜହଂସ, ରସାନନ୍ଦ ରାଜହଂସ ଓ ଉତ୍ତମ ରାଜହଂସଙ୍କ ବଖରା ଲେଖାଏଁ ଘରପୋଡି ଯାଇଥିବା ଜଣାପଡିଛି ।

**ସଂକ୍ଷେପରେ**

## ଗୋଁଡ଼ ସମାଜ ପକ୍ଷରୁ ମୃତାହ ଭୋଜି ବନ୍ଦ ନିଷ୍ପତ୍ତି

ବଡ଼ଗାଁ,୨୦।୫(ଡି.ଏନ.ଏ.): ଅଖିଳ ଭାରତୀୟ ଗୋଁଡ଼ୱାନା ଗୋଁଡ଼ ମହାସଭା ଓଡ଼ିଶା ପ୍ରଦେଶ ଓ ସମ୍ବଲପୁର ଜିଲା ଆୟୋଜନ ସମିତି ପକ୍ଷରୁ ଅନୁଷ୍ଠିତ ଭର୍ଚୁଆଲ ସଭାରେ ମୃତାହ ଭୋଜି ସମ୍ପୂର୍ଣ୍ଣ ବନ୍ଦ କରିବାକୁ ନିଷ୍ପତ୍ତି ନିଆଯାଇଛି। ସୂଚନାଅନୁଯାୟୀ ମହାସଭାର କର୍ମକର୍ତ୍ତାମାନଙ୍କୁ ନେଇ ଅନୁଷ୍ଠିତ ଭର୍ଚୁଆଲ ସଭାରେ ମୃତାହ ଭୋଜି ବନ୍ଦ କରିବା ସହିତ ବିବାହ ଉତ୍ସବକୁ ସ୍ଥଗିତ ରଖିବା ଓ ଜରୁରି ଥିଲେ ସରକାରଙ୍କ ଜାରି କୋଭିଡ଼ ନିୟମର ସମସ୍ତ ନିୟମ ମାନି ସମାପନ କରିବାକୁ ସଭାରେ ମତପ୍ରକାଶ ପାଇଥିଲା। ଏହା ସହିତ ଜିଲାରେ ଜଂଘା ବଡ଼ଦେଓଙ୍କ ପାଠାଗାର ପ୍ରତିଷ୍ଠା, ସରକାରଙ୍କ ମାର୍ଗଦର୍ଶିକା ପାଳନ ଓ ନବମ ଏବଂ ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ନେଇ ଭିଡ଼ିଓ କନ୍‌ଫରେନ୍ସିଂ ଜରିଆରେ ବକ୍ତୃତା ପ୍ରତିଯୋଗିତା କରିବାକୁ ଆଲୋଚନା ହୋଇଥିଲା। ଏହି ସଭାରେ ସମାଜର କର୍ମକର୍ତ୍ତା ପୁରନ୍ଦର ପଟ୍ଟା ସ୍ୱାଗତ ଭାଷଣ ଦେଲାପରେ ସମାଜର ମହାସଚିବ ପ୍ୟାରୀମୋହନ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ରାଜ୍ୟ କମିଟିର ଉପସଭାପତି ମନୋରଞ୍ଜନ ଭୋଇ, ରାଜ୍ୟ ସଚିବ ମଧୁସୁଦନ ପ୍ରଧାନ, ଶିକ୍ଷା ମହାସଚିବ ମୀନକେତନ ମାଝୀ, ସମ୍ବଲପୁର ଉପ ସଭାପତି ମନୋରଞ୍ଜନ ନାଏକ, ଡିଲେଶ୍ୱର ନାଏକ, ମହିଳା ସଭାନେତ୍ରୀ ବୀଣାପାଣି ନାଏକ, ସମସ୍ତ ବ୍ଲକ ସଭାପତି, ସଚିବ ଓ ଗୁଡ଼ିର କର୍ମକର୍ତ୍ତା ସାମିଲ ହୋଇଥିଲେ।

## ରକ୍ତଭଣ୍ଡାର କର୍ମଚାରୀଙ୍କୁ କରୋନା ଯୋଦ୍ଧା ଘୋଷଣା କରିବାକୁ ଦାବି

ଦେବଗଡ଼,୨୦।୫(ଡ଼ି.ଏନ୍.ଏ.): କରୋନା ଭୂତାଣୁ ସଂକ୍ରମଣ ସମୟରେ ରାଜ୍ୟର ୫୬ଗୋଟି ରକ୍ତଭଣ୍ଡାରର ପ୍ରାୟ ୧୮୦ ଜଣ ଅସ୍ଥାୟୀ କର୍ମଚାରୀ ନିଜ ଜୀବନକୁ ବାଜି ଲଗାଇ ରକ୍ତ ଭଣ୍ଡାର କାର୍ଯ୍ୟ ନିର୍ଭୀକଭାବରେ ପରିଚାଳନା କରୁଛନ୍ତି। ରକ୍ତ ଭଣ୍ଡାରରେ ରକ୍ତ ଅଭାବୀ ବେଳେ ବିଭିନ୍ନ ଅନୁଷ୍ଠାନ ତଥା ରକ୍ତଦାନ ଶିବିର ମାଧମରେ ରକ୍ତ ଗଚ୍ଛିତ ରଖି ଅନେକ ଜୀବନ ରକ୍ଷା ହେଉଛି। ସେହିପରି ଅନେକ କର୍ମଚାରୀ ମଧ କରୋନା ଭୂତାଣୁରେ ଆକ୍ରାନ୍ତ ହୋଇ ଜୀବନ ହରାଇଲେଣି। ଦୀର୍ଘ ୧୫ ରୁ ୨୦ ବର୍ଷ ହେବ ଅସ୍ଥାୟୀ ଓ ସ୍ୱଳ୍ପ ବେତନରେ ନିଜ ପରିବାର ଲୋକଙ୍କୁ ପଛରେ ପକାଇ ଏହି କରୋନା ଯୋଦ୍ଧରେ ସାମିଲ ହୋଇ ନିଜର କର୍ତ୍ତବ୍ୟ ଠିକ୍ ଭାବରେ ନିର୍ବାହ କରୁଛନ୍ତି। ଜିଲା ମୁଖ୍ୟ ଡ଼ାକ୍ତରଖାନାରେ ଥିବା ରକ୍ତ ଭଣ୍ଡାର କର୍ମଚାରୀମାନଙ୍କୁ ଆଗ ଧାଡ଼ିର କରୋନା ଯୋଦ୍ଧାର ମାନ୍ୟତା ଓ ପାରିଶ୍ରମିକ ବୃଦ୍ଧି ନିମନ୍ତେ ଦାବି ହେଉଛି। ଏହି ପରିପ୍ରେକ୍ଷିରେ ରକ୍ତ ଭଣ୍ଡାର କର୍ମଚାରୀମାନଙ୍କୁ ଆଗଧାଡ଼ିର କରୋନା ଯୋଦ୍ଧାର ମାନ୍ୟତା ଓ ପାରିଶ୍ରମିକ ବୃଦ୍ଧି ନିମନ୍ତେ ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି ରଖିଥିବା ଜଣାଯାଇଛି। ଓଡିଶା ରାଜ୍ୟ ରକ୍ତଭଣ୍ଡାର କର୍ମଚାରୀ ସଂଘ ରାଜ୍ୟ ସଭାପତି ମଳୟ କୁମାର ବେହେରା ସୂଚନା ଦେଇଛନ୍ତି।

## ଲହୁଣୀପଡ଼ା: ୩୮୫ରୁ ୨୭ ପଜିଟିଭ ଚିହ୍ନଟ

ଲହୁଣୀପଡ଼ା, ୨୦।୫(ଡି.ଏନ୍.ଏ.): ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ତରଫରୁ ଗୁରୁବାର ଦିନ କରୋନା ଆଣ୍ଟିଜେନ ପରୀକ୍ଷା କରାଯାଇଥିଲା। ଏଥିରେ ୩୮୫ଜଣଙ୍କର ଆଣ୍ଟିଜେନ ପରୀକ୍ଷା କରାଯାଇଥିବା ବେଳେ ୨୭ଜଣ ପଜିଟିଭ ଚିହ୍ନଟ ହୋଇଥିବା ଜଣାପଡ଼ିଛି।

## କରୋନାରେ ଆଖି ବୁଜିଲେ ସବ୍‌ଡ଼େଗା ଗୋଷ୍ଠୀ ଶିକ୍ଷାଧିକାରୀ

ସୁନ୍ଦରଗଡ଼,୨୦।୫(ଡି.ଏନ.ଏ.): ସୁନ୍ଦରଗଡ଼ ଜିଲାରେ କରୋନା ମହାମାରୀ



ଯୋଗୁ ଅନେକ ଜୀବନ ଦୀପ ଲିଭିଯାଉଛି। ଗୁରୁବାର ସନ୍ଧ୍ୟାରେ ସବ୍‌ଡ଼େଗା ବ୍ଲକ ଶିକ୍ଷାଧିକାରୀ ଅଜୟ କୁମାର ଏକ୍କାଙ୍କ ସ୍ଥାନୀୟ ଏନ୍‌ଟିପିସି କୋଭିଡ୍ ହସ୍ପିଟାଲରେ ଚିକିତ୍ସାଧିନ ଅବସ୍ଥାରେ ପରଲୋକ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୩୯ ବର୍ଷ ବୟସ ହୋଇଥିଲା। ତାଙ୍କର ବିୟୋଗରେ ଜିଲା ଶିକ୍ଷାଧିକାରୀ ଡ. ପ୍ରମୋଦ କୁମାର ଷଡ଼ଙ୍ଗୀ, ଜିଲା ପ୍ରାଥମିକ ଶିକ୍ଷକ ସଂଘର ସାଧାରଣ ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ସୁଆର ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି। ସ୍ୱର୍ଗତ ଏକ୍କା ଜଣେ ଦକ୍ଷ ଶିକ୍ଷା ପ୍ରଶାସକ ଭାବେ କାର୍ଯ୍ୟ କରିଆସୁଥିଲେ।



ଅଟୋ ଉପରେ ଗଛପଡ଼ି ଗାଡ଼ି ଭାଙ୍ଗିଯାଇଛି।



ରାଜାମୁଣ୍ଡା ବିଦ୍ୟୁତ୍ ବିଭାଗ କର୍ମଚାରୀ ପହଞ୍ଚି ମରାମତି କରୁଛନ୍ତି।

# ଲହୁଣୀପଡ଼ା ଅଞ୍ଚଳରେ କାଳବୈଶାଖୀ ତାଣ୍ଡବ

■ ଘର ଉପରେ ପଡ଼ିଲା ଗଛ
■ ବିଦ୍ୟୁତ୍ ଖୁଣ୍ଟପଡ଼ି ବିଦ୍ୟୁତ୍ ସରବରାହ ବନ୍ଦ

ଲହୁଣୀପଡ଼ା, ୨୦।୫(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ବ୍ଲକ ଅନ୍ତର୍ଗତ ବିଭିନ୍ନ ଗ୍ରାମରେ କାଳବୈଶାଖୀର ତାଣ୍ଡବ ଦେଖିବାକୁ ମିଳିଛି। ଫଳରେ ଏହାର ପ୍ରଭାବରେ ବ୍ୟାପକ କ୍ଷୟକ୍ଷତି ଘଟିଥିବା ଜଣାପଡ଼ିଛି। ଶଙ୍ଖପୋଷ ପଞ୍ଚାୟତ ଲମସି ଗ୍ରାମରେ ଗୁରୁବାର ଅପରାହ୍ନରେ କାଳବୈଶାଖିର ତାଣ୍ଡବ ଯୋଗୁ ବ୍ୟାପକ କ୍ଷୟକ୍ଷତି ଘଟିବା ସହ ବିଦ୍ୟୁତ୍ ସରବରାହ ବନ୍ଦଥିବା ଜଣାପଡ଼ିଛି। ପ୍ରାପ୍ତ ସୂଚନା ଅନୁସାରେ ଗୁରୁବାର ଅପରାହ୍ନ ପ୍ରାୟ ୩ଟାବେଳେ ହଠାତ୍ କାଳବୈଶାଖୀରେ ପ୍ରବଳ ବେଗରେ ପବନ ବୋହିବା ସହିତ ଘଡ଼ଘଡ଼ି ବର୍ଷା ହୋଇଥିଲା। ଫଳରେ ଲମସୀ ଗ୍ରାମରେ କାଳବୈଶାଖିର ପ୍ରଭାବରେ ବ୍ୟାପକ କ୍ଷୟକ୍ଷତି ହୋଇଥିବାର ଦେଖିବାକୁ ମିଳିଛି। କାଳବୈଶାଖି ଯୋଗୁ ବିଦ୍ୟୁତ୍ ଖୁଣ୍ଟ ଓ ବହୁ ଗଛ ଉପୁଡ଼ି ପଡ଼ିଛି। ଘର ଉପରେ ଗଛ ପଡ଼ି ଅନେକ ଲୋକଙ୍କର ଘର ଭାଙ୍ଗି ଯାଇଥିବା ଜଣାପଡ଼ିଛି। ବହୁ ଗ୍ରାମରେ ବିଦ୍ୟୁତ୍ ଖୁଣ୍ଟ ପଡ଼ି ବିଦ୍ୟୁତ୍ ସରବରାହ ବନ୍ଦ ରହିଛି। ଲମସି ଗ୍ରାମର ମିଳନ କିଷାନଙ୍କର ଏକ ଅଟୋ ଉପରେ ଗଛପଡ଼ି ଗାଡ଼ିଟି ଭାଙ୍ଗିଯାଇଛି। ଅନେକ ଲୋକଙ୍କ ଘରେ ଗଛ ମାଡ଼ିବସିଛି। କାହାର କାନ୍ଥ ଭାଙ୍ଗି ପଡ଼ିଛି ତ କାହାର ଛାତ ଉପରେ ଗଛଡ଼ାଳ ପଡ଼ି ଭାଙ୍ଗିଯାଇଛି। ସେପଟେ ରାଜାମୁଣ୍ଡା ବିଦ୍ୟୁତ୍ ବିଭାଗ ଖବର ପାଇ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ମରାମତି କରୁଥିବାର ଦେଖିବାକୁ ମିଳିଛି। ଅନେକ ଚାଷୀଙ୍କର ପନିପରିବା ବ୍ୟାପକ ନଷ୍ଟ ହୋଇଛି। ଆମ୍ବ ଗଛରୁ ଆମ୍ବ ଝଡ଼ିଯାଇ କ୍ଷତି ହୋଇଛି। କଦଳୀ, ଅମୃତଭଣ୍ଡା ଫସଲ କ୍ଷତିହୋଇଛି।

## ଅଟୋରିକ୍ସାକୁ ଧକ୍କାଦେଲା ଟ୍ରେଲର: ୫ ଗୁରୁତର





ଦୁର୍ଘଟଣାସ୍ଥଳରେ ଅଟୋରିକ୍ସା ଓ ଲୋକେ ରୁଣ୍ଡ ହୋଇଛନ୍ତି। ଆହତମାନଙ୍କୁ ଡାକ୍ତରଖାନାରେ ଚିକିତ୍ସା କରାଯାଉଛି।

ଦେବଗଡ଼,୨୦।୫(ଡି.ଏନ୍.ଏ.)

ଗୁରୁବାର ପ୍ରତ୍ୟୁଷ ପ୍ରାୟ ୫ଟା ୪୦ରେ ଏଠାରୁ ୫ କି.ମି. ଦୂର ଦେବଗଡ଼ ଥାନା ଅନ୍ତର୍ଗତ କୁରଡ ଗ୍ରାମ ନିକଟସ୍ଥ ୪୯ ନମ୍ବର ଜାତୀୟ ରାଜପଥରେ ଦୁର୍ଘଟଣା ଘଟିଛି। ଏକ ମାଲ ବୋଝେଇ ଟ୍ରେଲର ଅଟୋରିକ୍ସାକୁ ପଛପଟୁ ଧକ୍କା ଦେବା ଫଳରେ ୫ ଜଣ ପରିବା ବିକାଳି ଗୁରୁତର ଆହତ ହୋଇଛନ୍ତି। ଚିକିତ୍ସା ପାଇଁ ସେମାନଙ୍କୁ ପ୍ରଥମେ ଦେବଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୩ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ଅଧିକ ଚିକିତ୍ସା ନିମନ୍ତେ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି। ଖବର ମୁତାବକ କୁରଡ ଗ୍ରାମର ୬ଜଣ ପରିବା ବ୍ୟବସାୟୀ ( ଡ୍ରାଇଭର ସହ ୭) ଏକ ଅଟୋରିକ୍ସା ଯୋଗେ ପରିବା ବିକ୍ରି କରିବା ପାଇଁ ଦେବଗଡ଼ ଅଭିମୁଖେ ବାହାରିଥିଲେ। ଏହି ସମୟରେ ସମ୍ବଲପୁର ଆଡୁ ଆସୁଥିବା ଏକ ମାଲ ବୋଝେଇ ଟ୍ରେଲର ଉକ୍ତ ଅଟୋରିକ୍ସାର ପଛପଟୁ ଧକ୍କା ଦେଇ ଫେରାର୍ ହୋଇଯାଇଥିଲା। ଫଳରେ ସେଥିରେ ବସିଥିବା ସମସ୍ତେ ଆହତ ହୋଇଥିଲେ। କୁରଡ ଗ୍ରାମର ସୁଜିତ ପ୍ରଧାନ, ମମତା ପ୍ରଧାନ, ଭଗବତୀ ବରାଇ, କାଦମ୍ବିନୀ କାଲୋ ଓ ଶାନ୍ତିଲତା ସାହୁ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ ଡାକ୍ତରଖାନା ନେଇଥିଲେ।

## ବାଲ୍ୟବିବାହ ବନ୍ଦ କଲେ ଚାଇଲ୍ଡ଼ ଲାଇନ ସଂସ୍ଥା



ଦିଶା କର୍ମକର୍ତ୍ତା ବାଲ୍ୟବିବାହ ବନ୍ଦ କରୁଛନ୍ତି।

ନୂଆଗାଁ, ୨୦।୫(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ନୂଆଗାଁ ବ୍ଲକ ଅନ୍ତର୍ଗତ ମେନମେନା ଗ୍ରାମରେ ଗୁରୁବାର ଏକ ବାଲ୍ୟବିବାହ ଆୟୋଜନ ଚାଲିଥିବା ଖବର ପାଇ ବିଶ୍ରାସ୍ଥିତ ଦିଶା ଚାଇଲଡ଼ ଲାଇନର ନିର୍ଦ୍ଦେଶକ ଅବୁଲ କାଲାମ ଆଜାଦ, ଅମ୍ବର ଆଲାମ, ମନିଷା ଏକ୍କା, ନୂଆଗାଁ ବ୍ଲକ ଶିଶୁ ବିକାଶ ପ୍ରକଳ୍ପର କର୍ମଚାରୀ, ହାତୀବାରି ଥାନା ପୋଲିସ ମେନମେନା ଗ୍ରାମକୁ ଯାଇ ବାଲ୍ୟବିବାହ ଚାଲିଥିବା ଆୟୋଜନକୁ ବନ୍ଦ କରିଥିଲେ। ହାତୀବାରି ଥାନା ପୋଲିସ ବରକୁ ଅଟକ ରଖିଥିବାବେଳେ ଚାଇଲ୍ଡ଼ ଲାଇନ ପକ୍ଷରୁ ନାବାଳିକାଙ୍କୁ ଉଦ୍ଧାର କରାଯାଇଛି।

## ଜରଙ୍ଗଲୋଇରେ ଏକଲ ସେବାକେନ୍ଦ୍ର ଉଦ୍‌ଘାଟିତ

ବଡ଼ଗାଁ, ୨୦।୫(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ଜରଙ୍ଗଲୋଇ ଗ୍ରାମସ୍ଥିତ ଗ୍ରାମୋତ୍ଥାନ ସଂଶାଧନ କେନ୍ଦ୍ରରେ ଏକଲ ଗ୍ରାମୋତ୍ଥାନ ଫାଉଣ୍ଡେସନ ଦ୍ୱାରା ଏକଲ ସେବାକେନ୍ଦ୍ର ସ୍ଥାପନ କରାଯାଇ ମଙ୍ଗଳବାର ଉଦ୍‌ଘାଟନ କରାଯାଇଛି। ଏହି ଆଇସୋଲେସନ କେନ୍ଦ୍ର ୧୦ ଶଯ୍ୟା ବିଶିଷ୍ଟ। କେନ୍ଦ୍ରରେ ଏକ ପାରା ମେଡିକାଲ ଷ୍ଟାଫ୍ ସହିତ ଅକ୍ସିଜେନ କନ୍‌ସେନ୍‌ଟ୍ରେଟର ବ୍ୟବସ୍ଥା କରାଯାଇଛି। କେନ୍ଦ୍ରର କର୍ମକର୍ତ୍ତାମାନେ ଗାଁଗୁଡ଼ିକୁ ଯାଇ ଲୋକଙ୍କୁ ଭାକ୍ସିନ ନେବା, ମାକ୍ସ ଲଗାଇବା, ହାତ ଧୋଇବା ଆଦି ଜନଜାଗରଣ ଅଭିଯାନ ଆରମ୍ଭ କରିଛନ୍ତି। ଏକଲ ଅଭିଯାନର ଆରୋଗ୍ୟ ଯୋଜନାରେ ରାଉରକେଲା ଅଞ୍ଚଳର ସମସ୍ତ ଗ୍ରାମରେ ସ୍ୱାସ୍ଥ୍ୟ ସୁରକ୍ଷା ପାଇଁ ଅନ୍‌ଲାଇନ ପରାମର୍ଶ ବ୍ୟବସ୍ଥା ସହିତ ଏକ ନିଜସ୍ୱ ଆପ୍ ଜାରି କରାଯାଇଛି। କାର୍ଯ୍ୟକର୍ତ୍ତାଙ୍କ ମାଧ୍ୟମରେ ଫୋନରେ ଏହାର ସୂଚନା ଦିଆଯାଉଛି। ଆରୋଗ୍ୟ ଯୋଜନା ହେଲ୍ପ ଲାଇନ ନଂ. ୦୧୧୪୧୨୩୬୪୫୭। ଜରଙ୍ଗଲୋଇ କେନ୍ଦ୍ର ଦ୍ୱାରା ଆଖପାଖ ୬୦ଟି ଗ୍ରାମରେ ଅକ୍ସିମିଟର ଓ ଥର୍ମୋମିଟର ଦିଆଯାଇଛି। କାର୍ଯ୍ୟକର୍ତ୍ତାମାନେ ଗାଁକୁ ଯାଇ ଏହାର ବ୍ୟବହାର ପ୍ରଶିକ୍ଷଣ ଦେଉଛନ୍ତି। ଏକଲ ସେବାକେନ୍ଦ୍ର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଜରଙ୍ଗଲୋଇ ଡାକ୍ତରଖାନାର ଡାକ୍ତର କଲ୍ୟାଣୀ ଡନସନା, ଜରଙ୍ଗଲୋଇ ସଂଚାଳନ ସମିତି ଅଧ୍ୟକ୍ଷ ଦିନେଶ ବଜାଜ, ସଚିବ ବିକାଶ ଚନ୍ଦ୍ର ରାୟ, ସଦସ୍ୟ ଜୟନ୍ତ ଧଳ ପ୍ରମୁଖଙ୍କ ସହିତ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

# ବଡ଼ଗାଁ ବ୍ଲକ: ୮ ଗାଁରେ ନକଲି ଡାକ୍ତରଙ୍କ କ୍ଲିନିକ

ବଡ଼ଗାଁ,୨୦।୫ (ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକର ୮ଟି ଗାଁରେ ନକଲି ଡାକ୍ତର (କ୍ୱାକ)ଙ୍କ କ୍ଲିନିକ ଚାଲିଛି। ୧୫ରୁ ୨୦ ବର୍ଷ ହେଲା ଅବାଧରେ ବେନିୟମ କାର୍ଯ୍ୟ ଚାଲିଥିଲେ ମଧ ବିଭାଗୀୟ କର୍ମଚାରୀ ଆଖି ବନ୍ଦ କରିଦେଇଥିଲେ। ମଙ୍ଗଳବାର ଏ ସମ୍ପର୍କରେ ଖବର 'ଧରିତ୍ରୀ'ରେ ପ୍ରକାଶିତ ହେଲା ପରେ ସେ ଦିନ ମଧ୍ୟାହ୍ନରେ ବଡ଼ଗାଁ ତହସିଲଦାର, ଅତିରିକ୍ତ ତହସିଲଦାର ଓ ପୋଲିସ ନକଲି ଡାକ୍ତରଙ୍କ ପାମରା ଏବଂ ସାହାଜବାହାଲ ଗାଁରେ ଥିବା କ୍ଲିନିକ ବନ୍ଦ କରି ଦେଇଛନ୍ତି। ତେବେ ବଡ଼ଗାଁ ବ୍ଲକର ଏହି ୨ଟି ଗାଁ ବ୍ୟତୀତ ବରଙ୍ଗାକଛାର, ଇତମା, କୁସୁମା ଓ ବାଲିପୋଷ ଗାଁରେ ୨ଟି କ୍ଲିନିକରେ ନକଲି ଡାକ୍ତର ଚିକିତ୍ସା କରି ନିରୀହ ଅଧିବାସୀଙ୍କୁ ଶୋଷଣ କରୁଛନ୍ତି। ୧୦ଦିନ ପୂର୍ବେ ଖରଗଡ଼ବାହାଲ ଗ୍ରାମରେ ଗୋଟିଏ କ୍ଲିନିକକୁ ପୋଲିସ ବନ୍ଦ କରିଛନ୍ତି। ଏକମା ଓ ପାମରା ଗ୍ରାମରେ ଥିବା ଔଷଧ ଦୋକାନରେ ଚିକିତ୍ସା କରି ଓ ବିନା ଚିଠାରେ ଔଷଧ ଦେଉଥିବା ସ୍ଥାନୀୟ ଅଞ୍ଚଳର ନିର୍ବାଚିତ ଜନପ୍ରତିନିଧିଙ୍କ ଠାରୁ ଜଣାପଡ଼ିଛି। ଜରଙ୍ଗଲୋଇ ଅଞ୍ଚଳରେ ମୟୁରଭଞ୍ଜର ଜଣେ ନକଲି ଡାକ୍ତର ଘର ଘର ବୁଲି ଔଷଧ ଦେଉଥିବା ଗ୍ରାମବାସୀଙ୍କ ଠାରୁ ସୂଚନା ମିଳିଛି। ବ୍ଲକ ଅଞ୍ଚଳରେ ସମସ୍ତ ନକଲି ଡାକ୍ତରଙ୍କ କ୍ଲିନିକ ବନ୍ଦ କରିବାକୁ ଦାବି ହେଉଛି। ବର୍ତ୍ତମାନ ମହାମାରୀ ନିୟମ କାର୍ଯ୍ୟକାରୀ ହେଉଥିବାରୁ ବେନିୟମ ଭାବେ ଖୋଲିଥିବା ନକଲି ଡାକ୍ତରଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବାରୁ ପରବର୍ତ୍ତୀ ସମୟରେ କଣ ପ୍ରଶାସନ ଏହା ଉପରେ ଦୃଷ୍ଟି ଦେବ ସାଧାରଣରେ ଆଲୋଚନା ହେଉଛି। ଜିଲା ଆରକ୍ଷୀ ଅଧିକ୍ଷକ ଓ ପ୍ରଶାସନ ପଦକ୍ଷେପ ନେବାକୁ ଅନୁରୋଧ କରାଯାଇଛି ।

## ବିଜେଡି ପକ୍ଷରୁ ସୁନ୍ଦରଗଡ ସହରକୁ କରାଗଲା ବିଶୋଧନ



ବିଶୋଧନରେ ସାମିଲ ହୋଇଥିବା ସୁନ୍ଦରଗଡ଼ ବିଜୁ ଛାତ୍ର ଜନତା ଦଳର କର୍ମକର୍ତ୍ତା।

ସୁନ୍ଦରଗଡ,୨୦।୫(ଡି.ଏନ.ଏ.)

କୋଭିଡ୍ ମହାମାରୀକୁ ନେଇ ଏବେ ସବୁଠାରେ ଭୟର ବାତାବରଣ। ଏଭଳି ସ୍ଥିତି ମୁକାବିଲା ପାଇଁ ଲୋକଙ୍କୁ ସଚେତନ ସହ ସୁନ୍ଦରଗଡ ସହରର ବିଭିନ୍ନ ୱାର୍ଡରେ ବିଜେଡି ପକ୍ଷରୁ ବିଶୋଧନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଗତ ତିନି ଦିନ ଧରି ସୁନ୍ଦରଗଡ଼ ବିଜୁ ଛାତ୍ର ଜନତା ଦଳର ସଭାପତି ସୟଦ ସେହବାଜ ହୁସେନଙ୍କ ନେତୃତ୍ୱରେ ସୁନ୍ଦରଗଡ଼ ମ୍ୟୁନିସିପାଲିଟି ଅନ୍ତର୍ଗତ ସୁନାରିପଡା ଭାଗବତ ମନ୍ଦିର ଠାରୁ ଆରମ୍ଭ କରି ରିଜେଣ୍ଟ ମାର୍କେଟ, ମେନ ରୋଡ, ରାଜବାଟି ଛକ, ସାଇ ମନ୍ଦିର, ପଞ୍ଚମୁଖୀ ହନୁମାନ ମନ୍ଦିର, ପୁରୁଣା ବସଷ୍ଟାଣ୍ଡ,ଡିଆରର୍ ଡିଏ ଛକ, ସାଇ ବିହାର, ହସ୍ପିଟାଲ ଛକ, ଥାନା ପଡ଼ା, ରଙ୍ଗାଢିପା, ସୁନାରିପଡ଼ା, ବ୍ରାହ୍ମଣପଡା, ବିଏସ ହାଇସ୍କୁଲ ଛକ, ପାଲ ଛକ, ଖମାରୀପଡ଼ା ରୋଡ, ଆର୍‌ଟିଓ ଅଫିସ ରୋଡ଼, ରାଣୀ ବଗିଚା ବାଏପାସ, ରଙ୍ଗାଢିପା ଛକ, କଲେଜ ରୋଡ଼, ଆର୍‌ଆର୍‌ଆର୍ ଆଇଟି କଲୋନୀ, ହସ୍ପିଟାଲ ଛକ, ମିଶନ ଛକ, ଶଙ୍କରା ରୋଡ, ରିଜର୍ଭ ପୋଲିସ ଲାଇନ, ଏନ୍‌ଟିପିସି ମେଡିକାଲ କଲେଜ, ପାରିଜାତ ପାର୍କ ପର୍ଯ୍ୟନ୍ତ ସ୍ୱତନ୍ତ୍ର ଗାଡ଼ି ଦ୍ୱାରା ବିଶୋଧିତ କରାଯାଇଛି।

## ସୁନ୍ଦରଗଡ଼ ଏମ୍‌ପିଙ୍କ ରାଜଗାଙ୍ଗପୁର ଗସ୍ତ



ସୁନ୍ଦରଗଡ଼ ଏମ୍‌ପି ଜୁଏଲ ଓରାମ ରାଜଗାଙ୍ଗପୁର ଡାକ୍ତରଖାନା ପରିଦର୍ଶନ କରୁଛନ୍ତି।

ରାଜଗାଙ୍ଗପୁର, ୨୦।୫(ଡି.ଏନ୍.ଏ.)

ରାଜଗାଙ୍ଗପୁରରେ କରୋନା ସଂକ୍ରମଣ ବଢୁଥିବା, ବହୁ ଲୋକ ମୃତ୍ୟୁମୁଖରେ ପଡୁଥିବାବେଳେ ରାଜଗାଙ୍ଗପୁରର ସାଧାରଣ ଜନତା ଏମ୍‌ପିଙ୍କଠାରୁ ବହୁ ଆଶା ରଖିଛନ୍ତି। ଏପରିସ୍ଥଳେ ଗୁରୁବାର ସୁନ୍ଦରଗଡ଼ ଏମ୍‌ପି ଜୁଏଲ ଓରାମ ମାତ୍ର ଅଧଘଣ୍ଟା ପାଇଁ ରାଜଗାଙ୍ଗପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରକୁ ପରିଦର୍ଶନ କରି କେନ୍ଦ୍ରର ଅଧିକାରୀ ଡା. ଜଗଦୀଶ ଟପ୍ପୋ ଓ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ବିନୋଦଚନ୍ଦ୍ର ପଣ୍ଡାଙ୍କ ସହ ଆଲୋଚନା କରି ୪ଟି ପିପିକିଟ ଦେଇଥିଲେ। ରାଜଗାଙ୍ଗପୁରରେ ଏକ କୋଭିଡ୍ କେୟାର ସେଣ୍ଟର ଖୋଲାଯିବା ପାଇଁ ଏମ୍‌ପିଙ୍କୁ କୁହାଯିବାରୁ ଚେଷ୍ଟା କରୁଛନ୍ତି ବୋଲି କହିଥିଲେ। ଆଗାମୀ ଦିନରେ ଏମ୍‌ପିଙ୍କ ଦ୍ୱାରା କରୋନା ପୀଡିତଙ୍କ ପାଇଁ ରାଜଗାଙ୍ଗପୁରରେ କଣ ବ୍ୟବସ୍ଥା ହେଉଛି ବୋଲି ଜନସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏମ୍‌ପିଙ୍କ ସହ ରାଜଗାଙ୍ଗପୁରର ବହୁ ବରିଷ୍ଠ ଭାଜପା ନେତୃବୃନ୍ଦ ସ୍ୱାସ୍ଥ୍ୟକେନ୍ଦ୍ରରେ ଉପସ୍ଥିତ ରହିଥିଲେ।

## ଜାତିଆଣ ମନ୍ତବ୍ୟ ନେଇ ମାମଲା ରୁଜୁ

ବୌଦ୍ଧ,୨୦।୫(ସ୍ୱ.ପ୍ର)

ବୌଦ୍ଧ ଜିଲାର ଜଣେ ସରପଞ୍ଚଙ୍କ ସ୍ୱାମୀ ୱାର୍ଡମେମ୍ବରଙ୍କୁ ଗାଳିଗୁଲଜ କରିବା ସହ ଜାତିଆଣ ମନ୍ତବ୍ୟ ଦେଇଛନ୍ତି। ଏଭଳି ଅଭିଯୋଗ ହେବା ପରେ ପୋଲିସ ସରପଞ୍ଚଙ୍କ ସ୍ୱାମୀଙ୍କ ନାମରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

ପୋଲିସ ସୂଚନା ମୁତାବକ, ହରଭଙ୍ଗା ବ୍ଲକ ବାଣୀଭୂଷଣପୁର ଗ୍ରାମପଞ୍ଚାୟତ ୪ ନଂ. ୱାର୍ଡର ୱାର୍ଡମେମ୍ବର ଅଶୋକ ବେହେରା ଗତ ବୁଧବାର ସକାଳ ୭ଟା ସମୟରେ ଚାରିଛକ ବଜାରକୁ ସଉଦା ପାଇଁ ଆସିଥିଲେ। ଏହି ସମୟରେ ସରପଞ୍ଚଙ୍କ ସ୍ୱାମୀ ପ୍ରଶାନ୍ତ ପାତ୍ର ପୁରୁଣା ଆଜବେଷ୍ଟସକୁ ନେଇ ୱାର୍ଡମେମ୍ବର ବେହେରାଙ୍କୁ ଗାଳିଗୁଲଜ କରିବା ସହ ଜାତିଆଣ ମନ୍ତବ୍ୟ ଦେଇଥିଲେ। ଏ ନେଇ ୱାର୍ଡମେମ୍ବର ବେହେରା ପୁରୁଣାକଟକ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୪୬/୨୧) ରୁଜୁ କରିଛି। ଅନ୍ୟପକ୍ଷେ ଏହି ଘଟଣାକୁ ଅନ୍ୟ ୱାର୍ଡମେମ୍ବର ମାନେ ନିନ୍ଦା କରିବା ସହ ତୁରନ୍ତ କାର୍ଯ୍ୟନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ଏ ନେଇ ପୁରୁଣାକଟକ ଥାନାଧିକାରୀ ଜ୍ୟୋସ୍ନା କାଉଁରିଙ୍କୁ ପଚାରିବାରୁ ସରପଞ୍ଚଙ୍କ ସ୍ୱାମୀ ଜଣେ ୱାର୍ଡମେମ୍ବରଙ୍କୁ ଗାଳିଗୁଲଜ ଓ ଜାତିଆଣ ମନ୍ତବ୍ୟ ଦେଇଥିବା ନେଇ ଅଭିଯୋଗ ହୋଇଛି। ଏ ନେଇ ଏକ ମାମଲା ରୁଜୁ କରି ତଦନ୍ତ ପାଇଁ ବୌଦ୍ଧ ଏସ୍‌ପିଙ୍କୁ ଜଣାଇଥିବା କାଉଁରି ପ୍ରକାଶ କରିଥିଲେ। ତେବେ ଏ ସମ୍ପର୍କରେ ସରପଞ୍ଚଙ୍କ ସ୍ୱାମୀ ପ୍ରଶାନ୍ତ ପାତ୍ରଙ୍କ ମତାମତ ମିଳିପାରିନାହିଁ ।

# ମୃତଦେହ ଉଠାଇଲେ ୨ ପୋଲିସ ଅଧିକାରୀ

■ ଗାଡ଼ି ଧକ୍କାରେ ମାନସିକ ବିକୃତ ମହିଳା ମୃତ
■ କରୋନା ସଂକ୍ରମଣ ଭୟରେ ଛୁଇଁଲେନି କେହି

ଦେବଗଡ଼,୨୦।୫(ଡି.ଏନ୍.ଏ.)

ଦୁର୍ଘଟଣାରେ ଜଣେ ଅପରିଚିତା ମାନସିକ ବିକୃତ ମହିଳାଙ୍କର ଜୀବନ ଗଲା। ହେଲେ କରୋନା ସଂକ୍ରମଣ ଭୟରେ ମୃତଦେହ ଉଠାଇବାକୁ କେହି ଆସିଲେ ନାହିଁ। ଫଳରେ ୨ଜଣ ପୋଲିସ ଅଧିକାରୀ ମୃତଦେହକୁ ନିଜେ ବୋହି ଅଟୋରିକ୍ସାରେ ଭର୍ତ୍ତି କରିବା ସହ ବ୍ୟବଚ୍ଛେଦ ନିମନ୍ତେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିବା ଜଣାପଡିଛି। ପୋଲିସ ଅଧିକାରୀ ଦ୍ୱୟଙ୍କର ଏଭଳି ମନୋଭାବକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ ବୁଧବାର ରାତି ପ୍ରାୟ ୧ଟାରେ ଦେବଗଡ଼ ଥାନା ଅନ୍ତର୍ଗତ କଣ୍ଢଳ କଲେଜ ଛକ ସମ୍ମୁଖସ୍ଥ ୪୯ ନମ୍ବର ଜାତୀୟ ରାଜପଥରେ କୌଣସି ଏକ ଅଜଣା ଗାଡି



ପୋଲିସ ଅଧିକାରୀ ମୃତଦେହ ଉଠାଇ ବ୍ୟବଚ୍ଛେଦ ପାଇଁ ନେଉଛନ୍ତି।

ଧକ୍କାରେ ମାନସିକ ରୋଗରେ ପୀଡିତ ଜଣେ ଅପରିଚିତା ମହିଳାଙ୍କର ମୃତ୍ୟୁ ଘଟିଥିଲା। ଏ ସମ୍ପର୍କରେ ସୂଚନାପାଇ ଦେବଗଡ଼ ଥାନା ସବ୍‌ଇନ୍ସପେକ୍ଟର ବୁଦ୍ଧରାୟ ମାଝୀ ଓ ସବ୍‌ଇନ୍ସପେକ୍ଟର ପ୍ରତାପ ଚନ୍ଦ୍ର ଦଳେଇ ତୁରନ୍ତ ସେଠାରେ ପହଞ୍ଚି ମୃତଦେହ ଉଦ୍ଧାର ପ୍ରକ୍ରିୟା ଆରମ୍ଭ କରିଥିଲେ। ମାତ୍ର ଅନୁରୋଧ ସତ୍ତ୍ୱେ କରୋନା ସଂକ୍ରମଣ ଭୟରେ ସ୍ଥାନୀୟ ଲୋକେ ମୃତଦେହ ଉଠାଇବାକୁ ରାଜି ହୋଇ ନ ଥିଲେ। ଫଳରେ ପୋଲିସ ଅଧିକାରୀ ଦ୍ୱୟ ମହିଳାଙ୍କ ମୃତଦେହକୁ ନିଜେ ବୋହି ଅଟୋରିକ୍ସାରେ ଭର୍ତ୍ତି କରିବା ସହ ବ୍ୟବଚ୍ଛେଦ ନିମନ୍ତେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିଥିଲେ।

## ସଂକ୍ଷେପରେ

### ବାତ୍ୟା ଲାଗି ମନ୍ତ୍ରୀଙ୍କ ପରାମର୍ଶ
### 'ରବିଧାନ ସଂଗ୍ରହରେ ସତର୍କ ହୁଅ'

**ଭୁବନେଶ୍ୱର, ୨୦।୫(ବ୍ୟୁରୋ):** ଓଡ଼ିଶା ଉପକୂଳରେ ସମ୍ଭାବ୍ୟ ବାତ୍ୟା ଓ ତଜ୍ଜନିତ ଭୀଷଣ ବର୍ଷାର ସମ୍ଭାବନାକୁ ଦୃଷ୍ଟିରେ ରଖି ରବିଧାନ, ଡାଲି ଓ ତୈଳବୀଜ ସଂଗ୍ରହ କାର୍ଯ୍ୟରେ ସବୁ ପ୍ରକାର ସତର୍କତା ଅବଲମ୍ବନ କରିବା ପାଇଁ ଖାଦ୍ୟ ଯୋଗାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସମ୍ପ୍ରତି ରାଜ୍ୟରେ ସୋସାଇଟି ପକ୍ଷରୁ ବିଭିନ୍ନ ମଣ୍ଡିରେ ରବିଧାନ, ଡାଲି ଓ ତୈଳବୀଜ ସଂଗ୍ରହ କାର୍ଯ୍ୟ ଚାଲୁ ରହିଛି। ଏହାକୁ ସୁରକ୍ଷିତ ରଖିବା ପାଇଁ ସମସ୍ତ ବନ୍ଦୋବସ୍ତ କରିବା ସହ ଚାଷ କାର୍ଯ୍ୟ ନିମନ୍ତେ ସାର ଏବଂ ବିହନ ଯେପରି ସୁରକ୍ଷିତ ଭାବେ ଠିକଣା ସ୍ଥାନଗୁଡ଼ିକରେ ପହଞ୍ଚିପାରିବ ସେଥିଲାଗି ପଦକ୍ଷେପ ନେବାକୁ ସେ ପରାମର୍ଶ ଦେଇଛନ୍ତି। ଏତଦ୍ ବ୍ୟତୀତ କୋଭିଡ୍-୧୯ର ଦ୍ୱିତୀୟ ଲହର ସ୍ଥିତିରେ ଖାଉଟିଙ୍କୁ ସୁବିଧାରେ ପିଡିଏସ୍ ସାମଗ୍ରୀ ବଣ୍ଟନର ବ୍ୟବସ୍ଥା କରିବା ପାଇଁ ମନ୍ତ୍ରୀ କହିଛନ୍ତି। ଏହି ପରିପ୍ରେକ୍ଷୀରେ ଉଭୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଏବଂ ସମବାୟ ବିଭାଗ ପକ୍ଷରୁ ଆଗୁଆ ପଦକ୍ଷେପ ଗ୍ରହଣ କରିବା ସହିତ ତୃଣମୂଳସ୍ତରର କ୍ଷେତ୍ର ଅଧିକାରୀଙ୍କୁ ବ୍ୟାପକ ସଚେତନ କରିବା ସହ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିମନ୍ତେ ମାର୍ଗଦର୍ଶିକା ଜାରି କରିବା ପାଇଁ ମନ୍ତ୍ରୀ ସ୍ୱାଇଁ ନିର୍ଦ୍ଦେଶ ଦେଇଛନ୍ତି।

### ୧୬୦ ଦୋକାନ ସିଲ୍, ୭ ଲକ୍ଷ ଜରିମାନା ଆଦାୟ

**ନିମାପଡ଼ା,୨୦।୫(ଡି.ଏନ୍.ଏ.):** କରୋନା କଟକଣା ଉଲ୍ଲଂଘନକାରୀଙ୍କ ବିରୋଧରେ ନିମାପଡ଼ା ପୋଲିସ ସବଡିଭିଜନର ଜୋରଦାର ଚେକିଂ ଚାଲିଛି। ଏସ୍‌ଡିପିଓ ଦେବାଶିଷ ମିଶ୍ରଙ୍କ ତତ୍ତ୍ୱାବଧାନରେ ନିମାପଡ଼ା, ଗୋପ, କୋଣାର୍କ, କାକଟପୁର, ଅସ୍ତରଙ୍ଗ, ରାମଚଣ୍ଡି, ଚନ୍ଦ୍ରଭାଗା ମେରାଇନ, ଅସ୍ତରଙ୍ଗ ମେରାଇନ ଆଦି ୮ଟି ଥାନା ଅଞ୍ଚଳରେ ଚଢ଼ାଉ ଓ ଯାନବାହନ ଯାଞ୍ଚ କରାଯାଉଛି। ଗତ ୧୫ଦିନ ମଧ୍ୟରେ ଗାଡ଼ି ଚାଳକ, ବ୍ୟବସାୟୀ ଆଦି ୬ହଜାର ଅମାନିଆଙ୍କଠାରୁ ପ୍ରାୟ ୭ଲକ୍ଷ ଟଙ୍କା ଜରିମାନା ଆଦାୟ ହୋଇଥିବାବେଳେ ୧୬୦ଦୋକାନ ସିଲ୍ କରାଯାଇଛି।

# ବନ କର୍ମଚାରୀଙ୍କୁ ଅପହରଣ, ହତ୍ୟା ଉଦ୍ୟମ

**ଦିଗପହଣ୍ଡି,୨୦।୫(ଡି.ଏନ.ଏ.)**

ଗଞ୍ଜାମ ଜିଲା ଦିଗପହଣ୍ଡି ବନ କାର୍ଯ୍ୟାଳୟରେ କାମ କରୁଥିବା ଅସ୍ଥାୟୀ କର୍ମଚାରୀ ମୁରାରି ପ୍ରସାଦ ରଥଙ୍କୁ ସୁପାରି କିଲରଙ୍କ ସହାୟତାରେ ପୂର୍ବ ଯୋଜନା ଅନୁଯାୟୀ ଅପହରଣ ଓ ହତ୍ୟା ଉଦ୍ୟମ ପଣ୍ଡ ହୋଇଛି। ମୁରାରିଙ୍କ ଏତଲାକ୍ରମେ ନଂ.୧୧୬/୨୧ରେ ଘଟଣାର ମାଷ୍ଟର ମାଇଣ୍ଡ 'ସମାଜ'ଦିଗପହଣ୍ଡି ବ୍ଲକ ଖବରଦାତା ଭୀମପୁର ଶାସନର ଶିବ ପ୍ରସାଦ ରଥ, ଦିଗପହଣ୍ଡି ଅଞ୍ଚଳ କଲୋନୀ କେନାଲ ସାହିରେ ରହୁଥିବା ଦେବରାଜ ସେଠୀ ଏବଂ କେ. ନୂଆଗାଁ ଥାନା ଦେଓଖାଳିର ପପୁ ପ୍ରଧାନଙ୍କୁ ଗିରଫ କରାଯାଇ ଗୁରୁବାର କୋର୍ଟ ଚାଲାଣ କରାଯାଇଛି।

ଆଇଆଇସିଙ୍କ ସୂଚନା ଅନୁଯାୟୀ ଗତ ବୁଧବାର ରାତି ପ୍ରାୟ ସାଢ଼େ ୧୦ ଟାରେ ରାଜପୁର ରୋଡ଼ରେ ଥିବା ରେଞ୍ଜ କାର୍ଯ୍ୟାଳୟ ସମ୍ମୁଖରେ ଅଭିଯୁକ୍ତମାନେ ପହଞ୍ଚିଥିଲେ। ଆଲୁ ଓରଫ ଉଦିତ କୁମାର ଦୋରା ମୁରାରିଙ୍କୁ ଫୋନ ଯୋଗେ ବନ ବିଭାଗ ଅଫିସରୁ ଡକାଇଥିଲେ। ସେ ଆସିବା ପରେ ତାଙ୍କୁ ଅଭିଯୁକ୍ତମାନଙ୍କ ସମେତ ଅନ୍ୟ ୬ ଅଚିହ୍ନା ଯୁବକ ନିସ୍ଠୁକ ମାଡ଼ ମାରିବା ସହ ଜବରଦସ୍ତ ବଟି ମାଗିଥିଲେ। ଭୟଭୀତ ଅବସ୍ଥାରେ ମୁରାରି ସେଠାରୁ ଖସିଯିବାକୁ ଉଦ୍ୟମ କରିବାରୁ ତାଙ୍କୁ ସେମାନେ ଜବରଦସ୍ତ ଏକ ବାଇକ୍‌ରେ ଦିଗପହଣ୍ଡି-ଚିକିଟି ମୁଖ୍ୟ ରାସ୍ତାର ହାଟତୋଟା ଅଞ୍ଚଳରେ ଥିବା ଗୁପ୍ତେଶ୍ୱର ଶୈବ ପୀଠ ନିକଟକୁ ଅପହରଣ କରି ନେଇ ଖଣ୍ଡା ଓ ଭୁଜାଲି ଦେଖାଇ ହତ୍ୟା ଉଦ୍ୟମ ସହ ତାଙ୍କ ସୁନା ମୁଦି ୬ ହଜାର ଟଙ୍କା ଛଡ଼ାଇ ନେଇଥିଲେ। ପରେ ତାଙ୍କୁ ୮ ହଜାର ଟଙ୍କା ଏବେ ଆଣି ଦେବୁ ନ ହେଲେ ମାରିବାକୁ ବୋଲି ଧମକ ଦେଇଥିଲେ। ମୁରାରି ତାଙ୍କ ଭଣଜା ସିଦ୍ଧାନ୍ତଙ୍କୁ ମୁଁ ବିପଦରେ ପଡିଛି ତୁରନ୍ତ ୮ ହଜାର ଟଙ୍କା ଧରି ଦିଗପହଣ୍ଡିରେ ପହଞ୍ଚିବାକୁ ଫୋନରେ କହିଥିଲେ। ସିଦ୍ଧାନ୍ତ ଦିଗପହଣ୍ଡି ଆଇଆଇସିଙ୍କୁ ଘଟଣା ବିଷୟରେ ଜଣାଇଥିଲେ। ଆଇଆଇସି ଦିଗପହଣ୍ଡିଥାନାର ସ୍ୱତନ୍ତ୍ର ସ୍କ୍ୱାର୍ଡଙ୍କୁ ସାଙ୍ଗରେ ଧରି ଘଟଣାସ୍ଥଳରେ ପହଞ୍ଚିଥିଲେ। ସେଠାରୁ ପୋଲିସ ଦେବରାଜ ସେଠୀ ଏବଂ ପପୁ ପ୍ରଧାନଙ୍କୁ କାବୁ କରିଥିବା ବେଳେ ଅନ୍ୟ ଅଭିଯୁକ୍ତମାନେ ବାଇକ୍ ଛାଡ଼ି ଦୌଡି ପଳାଇଥିଲେ।

ସୂଚନାଯୋଗ୍ୟ, ଅଭିଯୁକ୍ତ ସାମ୍ବାଦିକ ଶିବ ପ୍ରସାଦଙ୍କ ନାଁରେ ପୂର୍ବରୁ ଦିଗପହଣ୍ଡି ଥାନା ମାମଲା ନଂ.୨୧/୦୭, ୭୩/୦୭, ୦୧/୦୮ ଅନୁଯାୟୀ ହତ୍ୟା ଉଦ୍ୟମ, ଆକ୍ରମଣ, ଧମକ ଏବଂ ଅନୁସୂଚିତ ଜାତି ଜନଜାତି ବର୍ଗର ଲୋକଙ୍କୁ ଧମକ ଓ ଆକ୍ରମଣ ପ୍ରଭୃତି ସଙ୍ଗିନ ମାମଲା ରହିଛି। ସେହିପରି ଦିଗପହଣ୍ଡି ସହରର ଏକ ହୋଟେଲରେ ଘଟିଥିବା କୁରେଶୁ ଗୌଡ ହତ୍ୟା ମାମଲା ନଂ. ୧୫୯ /୧୭ ରେ ଦେବରାଜ ଅନ୍ୟତମ ଅଭିଯୁକ୍ତ ଥାଇ ଜାମିନରେ ଜେଲରୁ ମୁକୁଳିଥିବା ଜଣାପଡିଛି। ଦିଗପହଣ୍ଡି ବସ୍‌ଷ୍ଟାଣ୍ଡରେ ତାଙ୍କର ଏକ ଆଲମିରା ଫ୍ୟାକ୍ଟ୍ରି ରହିଛି। ଅନ୍ୟତମ ଅଭିଯୁକ୍ତ ପପୁ ସେଠାରେ କାମ କରୁଛନ୍ତି। ପପୁଙ୍କ ନିକଟରୁ ୬ ହଜାର ଟଙ୍କା ଏବଂ ଅନ୍ୟମାନଙ୍କ ନିକଟରୁ ଏହି ମାମଲାରେ ବ୍ୟବହୃତ ୩ ବାଇକ୍ ଜବତ କରାଯାଇଥିବା ଆଇଆଇସି କହିଛନ୍ତି।

### ସାମ୍ବାଦିକଙ୍କ ସମେତ ୩ ଗଲେ ଜେଲ


ଗିରଫ ଅଭିଯୁକ୍ତ।

# ୮ବର୍ଷ ବାଳକଙ୍କୁ ଟାଙ୍ଗିଆରେ ହାଣି ହତ୍ୟା

■ନାବାଳିକା ଭଉଣୀ ସମ୍ମୁଖରେ ଭାଇର ଜୀବନ ଗଲା
■ହତ୍ୟା ଅଭିଯୁକ୍ତ ଗିରଫ, ଟାଙ୍ଗିଆ ଜବତ

**କଣ୍ଟାବାଞ୍ଜି,୨୦।୫(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ତୁରେକେଲା ଥାନା ଅଧୀନ ପଣ୍ଡରେନ ଗାଁରେ ଗୁରୁବାର ସକାଳେ ଏକ ଅମାନୁଷିକ ଘଟଣା ଘଟିଛି। ଘରବାଡ଼ି ବିବାଦକୁ କେନ୍ଦ୍ର କରି ଜଣେ ବ୍ୟକ୍ତି ନିଜ ପ୍ରତିପକ୍ଷଙ୍କ ୮ବର୍ଷର ପୁଅକୁ ଟାଙ୍ଗିଆରେ ହାଣି ହତ୍ୟା କରିଛନ୍ତି । ମୃତକ ହେଲେ ଜୟରାମ ଗହୀରଙ୍କ ପୁଅ ପରମେଶ୍ୱର। ନାବାଳିକା ଭଉଣୀ ଟିକେମନୀ(୧୨)ଙ୍କ ଆଖିଆଗରେ ଏହି ବୀଭତ୍ସ ଘଟଣା ଘଟିଛି। ମୃତଦେହକୁ ପୋଲିସ ବ୍ୟବଚ୍ଛେଦ ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏହି ଘଟଣା ପରେ ଜାମକି ଜଙ୍ଗଲରେ ଲୁଚିଥିବା ହତ୍ୟାକାରୀ ଜିତେନ ପୋଡ଼(୪୮)ଙ୍କୁ ଗିରଫ ସହ ବ୍ୟବହୃତ ଟାଙ୍ଗିଆକୁ ଜବତ କରାଯାଇଛି।

ସୂଚନା ଅନୁଯାୟୀ, ଗୁରୁବାର ସକାଳେ ପରମେଶ୍ୱର ଭଉଣୀ ଟିକେମନୀଙ୍କ ସହ ପଣ୍ଡରେନ-ଜାମକି ରାସ୍ତାପାର୍ଶ୍ୱ ଚାଷଜମିକୁ ମହୁଲ ଟୋଳ ଗୋଟାଇବାକୁ ଯାଇଥିଲେ। ଉଭୟ ସେଠାରେ ଟୋଳ ଗୋଟାଇବାରେ ବ୍ୟସ୍ତ ଥିବାବେଳେ ଗାଁର ଜିତେନ ସେଠାରେ ପହଞ୍ଚିଥିଲେ। ପିଲା ଦ୍ୱୟ କିଛି ଚିନ୍ତା କରିବା ପୂର୍ବରୁ ଜିତେନ ଏକ ଟାଙ୍ଗିଆରେ ପରମେଶ୍ୱରଙ୍କୁ ହାଣି ଚାଲିଥିଲେ । ଟିକେମନୀ ଏହା ଦେଖି ଚିତ୍କାର କରି ଘଟଣାସ୍ଥଳରୁ ଦୌଡି ପଳାଇ ଆସିଥିଲେ । ଟିକେମନୀଙ୍କଠାରୁ ଖବର ପାଇ ଗାଁମୁଣ୍ଡରେ ହଳ କରୁଥିବା ତାଙ୍କ ବାପା ଜୟରାମ ଘଟଣାସ୍ଥଳରେ ପହଞ୍ଚିଥିଲେ । ହେଲେ ସେତେବେଳକୁ ପରମେଶ୍ୱରଙ୍କ ରକ୍ତ ଜୁଡୁବୁଡୁ ମୃତଦେହ ଖେତରେ ପଡ଼ିରହିଥିଲା।

ଖବର ପାଇ କଣ୍ଟାବାଞ୍ଜି ଏସ୍‌ଡିପିଓ ସରୋଜ କୁମାର ମହାପାତ୍ର, ବଲାଙ୍ଗୀର ସାଇଣ୍ଟିଫିକ ଟିମ୍, ତୁରେକେଲା ଥାନା ଆଇଆଇସି କମଳ ଲୋଚନ ବେହେରା ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ତନାଘନା ଚଳାଇଛନ୍ତି। କଣ୍ଟାବାଞ୍ଜି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପରମେଶ୍ୱରଙ୍କ ମୃତଦେହ ବ୍ୟବଚ୍ଛେଦ କରାଯାଇଛି। ଏକ ମାମଲା(ନଂ.୩୬/୨୧) ରୁଜୁ କରି ପୋଲିସ ଅଧିକ ତଦନ୍ତ ଚଳାଇଛି ।

# ସର୍ବଦଳୀୟ ବୈଠକ ଲାଗି ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ନିରଞ୍ଜନ

**ଭୁବନେଶ୍ୱର, ୨୦।୫(ବ୍ୟୁରୋ):**

କରୋନା ମହାମାରୀ ପରିସ୍ଥିତିକୁ ସଫଳ ମୁକାବିଲା କରିବା ଦିଗରେ ଏକ ସର୍ବଦଳୀୟ ବୈଠକ ଅବିଳମ୍ବେ ଡାକିବା ପାଇଁ ପ୍ରଦେଶ କଂଗ୍ରେସ କମିଟି ସଭାପତି ନିରଞ୍ଜନ ପଟ୍ଟନାୟକ ଗୁରୁବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଏକ ଚିଠି ଲେଖିଛନ୍ତି। ସୂଚନାଯୋଗ୍ୟ, ଗତ ୧୫ ମାସ ପୂର୍ବରୁ ସେ ମୁଖ୍ୟମନ୍ତ୍ରୀଙ୍କୁ ଏକ ସର୍ବଦଳୀୟ ବୈଠକ ଡାକିବା ପାଇଁ ଚିଠି ଲେଖିଥିଲେ। କରୋନା ମହାମାରୀର ପ୍ରଥମ ଲହର ସରିଲା, ୨ୟ ଲହରର ପରିସ୍ଥିତି ଅଣାୟତ୍ତ ହେଲେ ମଧ୍ୟ ମୁଖ୍ୟମନ୍ତ୍ରୀ ଏ ବାବଦରେ କୌଣସି ଇଚ୍ଛାପ୍ରକଟ କଲେନାହିଁ। ତେବେ ମୁଖ୍ୟମନ୍ତ୍ରୀ ତୁରନ୍ତ ସମାଜର ପ୍ରତିଷ୍ଠିତ ସାମାଜିକ କର୍ମୀ, ବିଶେଷଜ୍ଞ ଏବଂ ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦଙ୍କୁ ନେଇ ଏକ ସର୍ବଦଳୀୟ ବୈଠକ ଡାକନ୍ତୁ। ଏହି ସମୟରେ ରାଜନୈତିକ ବାଦାନୁବାଦକୁ ପଛରେ ପକାଇ ଆମ ସମସ୍ତଙ୍କୁ ଏକାଠି ହୋଇ କାମ କରିବାକୁ ହେବ। ରାଜ୍ୟବାସୀଙ୍କୁ ରକ୍ଷା କରିବା ପାଇଁ ସେ ଏବଂ କଂଗ୍ରେସ ଯାହାକିଛି ଆର୍ଥିକ ସହାୟତା ଦେବାକୁ ପ୍ରସ୍ତୁତ ଅଛନ୍ତି। କିଭଳି ଆମେ ଆମ ଲୋକଙ୍କୁ ଅଧିକ ଟିକାକରଣ କରିପାରିବୁ ଏବଂ ମୃତ୍ୟୁମୁଖରୁ ରକ୍ଷାକରିପାରିବୁ ତାହା ହିଁ ଏ ସମୟର ବଡ଼ ଆହ୍ୱାନ। ଅତିଶୀଘ୍ର ସେ ଚିଠିର ଉତ୍ତର ପାଇବା ପାଇଁ ଆଶା ରଖିଛନ୍ତି।

# ୧୦୦ ଭେଣ୍ଟିଲେଟର ଆଇସିୟୁ ବେଡ୍ ଲୋକାର୍ପଣ

**ଭୁବନେଶ୍ୱର, ୨୦।୫(ବ୍ୟୁରୋ)**


ଲୋକାର୍ପଣ କରୁଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

ଓଡ଼ିଶା କର୍ପୋରେଟ୍ ଅନୁଷ୍ଠାନ ଏବଂ କେନ୍ଦ୍ରୀୟ ରାଷ୍ଟ୍ରାୟତ୍ତ ଉଦ୍ୟୋଗ(ପିଏସ୍‌ୟୁ) ଗୁଡ଼ିକ ପକ୍ଷରୁ ଓଡ଼ିଶାରେ ପାଖାପାଖି ୫ ହଜାର କୋଭିଡ୍ ବେଡ୍ ଏବଂ ୧ ହଜାରରୁ ଊର୍ଦ୍ଧ୍ୱ ଭେଣ୍ଟିଲେଟରର ବ୍ୟବସ୍ଥା କରାଯାଉଥିବା କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଗୁରୁବାର ନୂଆଦିଲ୍ଲୀରୁ ଭର୍ଚୁଆଲରେ ସେଲ୍ ରାଉରକେଲା ଇସ୍ପାତ କାରଖାନାର "ଇସ୍ପାତ ପୋଷ୍ଟ ଗ୍ରାଜୁଏଟ ଇନ୍‌ଷ୍ଟିଚ୍ୟୁଟ୍ ଏବଂ ସୁପର ସ୍ପେଶିଆଲିଟି" ହସ୍ପିଟାଲରେ ୧୦୦ଟି ଭେଣ୍ଟିଲେଟର ସହ ଆଇସିୟୁ ବେଡ୍‌ର ଲୋକାର୍ପଣ ଅବସରରେ ଧର୍ମେନ୍ଦ୍ର ଏହା କହିଛନ୍ତି ।

ଏହି ଅବସରରେ ସେ କହିଛନ୍ତି, କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ମିଳିତ ସହଯୋଗରେ ଓଡ଼ିଶାରେ ସ୍ୱାସ୍ଥ୍ୟସେବା ଭିତ୍ତିଭୂମିକୁ ପ୍ରାଥମିକତା ଦିଆଯାଉଛି। ରାଉରକେଲା ଇସ୍ପାତ୍ କାରଖାନା ଦ୍ୱାରା ଆଇପିଜିଆଇ ଓ ସୁପର ସ୍ପେଶିଆଲିଟି ହସ୍ପିଟାଲରେ ଜିଲା ପ୍ରଶାସନକୁ ଉତ୍ସର୍ଗ ହୋଇଥିବା ଭେଣ୍ଟିଲେଟର ସୁବିଧା ସହ କୋଭିଡ୍ ବେଡ୍‌ଗୁଡ଼ିକ ଆଗାମୀ ଦିନରେ କୋଭିଡ୍ ସଂକ୍ରମିତ ରୋଗୀଙ୍କୁ ଉନ୍ନତମାନର ସ୍ୱାସ୍ଥ୍ୟସେବା ଯୋଗାଇବ। ଜାତୀୟ ଏବଂ ଆଞ୍ଚଳିକ ସ୍ତରରେ ସେଲ୍‌ର ରାଉରକେଲା ଇସ୍ପାତ୍ କାରଖାନା ଏହି କୋଭିଡ୍ ମହାମାରୀ ମୁକାବିଲା ପାଇଁ ସମସ୍ତ ସମ୍ଭାବ୍ୟ ପଦକ୍ଷେପ ନେଉଛି। ସେଲ୍ ରାଉରକେଲାରେ ୫୦୦ ବେଡ୍ କୋଭିଡ୍ କେୟାର ସେଣ୍ଟର ପ୍ରତିଷ୍ଠା କରିବାର ଦାୟିତ୍ୱ ନେଇଛି। ଏହାଛଡା ରାଉରକେଲା ଇସ୍ପାତ୍ କାରଖାନାରେ ଅକ୍ସିଜେନ୍ ପ୍ରସ୍ତୁତ ୟୁନିଟ୍‌ରୁ ଲିକ୍ୱିଡ୍ ମେଡିକାଲ ଅକ୍ସିଜେନ୍‌ର ଉତ୍ପାଦନ ଏବଂ ଯୋଗାଣକୁ ତ୍ୱରାନ୍ୱିତ କରିବାକୁ ଗୁରୁତ୍ୱ ଦିଆଯାଉଛି। ଚଳିତବର୍ଷ ଏପ୍ରିଲରୁ ଏହି ପ୍ଲାଣ୍ଟରୁ ୧୦ ହଜାର ଟନ୍‌ରୁ ଅଧିକ ମେଡିକାଲ ଅକ୍ସିଜେନ୍ ଓଡ଼ିଶା ସମେତ ଦେଶର ବିଭିନ୍ନ ରାଜ୍ୟକୁ ଯୋଗାଇ ଦିଆଯାଇଛି। କେନ୍ଦୁଝର ଜିଲା ବଲାଣି କିମ୍ବା ବଡ଼ବିଲଠାରେ ୧୦୦ ଓ ସୁନ୍ଦରଗଡ଼ ଜିଲାର କୋଇଡ଼ା ଠାରେ ୫୦ ଅକ୍ସିଜେନ୍ ସଂଯୁକ୍ତ ବେଡ୍‌ର ବ୍ୟବସ୍ଥା ଲାଗି ସେଲ୍‌କୁ ଦାୟିତ୍ୱ ଦିଆଯାଇଛି। ସୁନ୍ଦରଗଡ଼ ଜିଲାର ଅନ୍ୟୂନ ୨ ଜଣ ସାଧାରଣ ଲୋକଙ୍କୁ ମାଗଣାରେ ଟିକା ଦେବାର ଦାୟିତ୍ୱ ମଧ୍ୟ ସେଲ୍ ନେଉ। କରୋନା ସଂକ୍ରମିତ ଲୋକଙ୍କୁ ଗୁରିନ୍ଦର ସିଂହ ମାଗଣାରେ ଅକ୍ସିଜେନ୍ ସିଲିଣ୍ଡର ଏବଂ ରନ୍ଧାଖାଦ୍ୟ ଯୋଗାଇ ଦେଉଥିବାରୁ ଧର୍ମେନ୍ଦ୍ର ସାଧୁବାଦ ଜଣାଇଛନ୍ତି।

## ଖେଳ ଖବର

# ପିଏସ୍‌ଏଲ ଅବଶିଷ୍ଟାଂଶ ଆବୁଧାବିରେ




**କରାଚୀ, ୨୦।୫(ପି.ଟି.)**

ପାକିସ୍ତାନ ସୁପରଲିଗ୍ (ପିଏସ୍‌ଏଲ) ୬ଷ୍ଠ ସଂସ୍କରଣର ଅବଶିଷ୍ଟାଂଶ ଆବୁଧାବିରେ ଅନୁଷ୍ଠିତ ହେବ। ୟୁଏଇ ସରକାରଙ୍କ ପକ୍ଷରୁ ସବୁଜ ସଙ୍କେତ ପାଇବା ପରେ ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ଏହି ଲିଗ୍‌ର ଅବଶିଷ୍ଟ ମ୍ୟାଚଗୁଡ଼ିକ ଆୟୋଜନ ପାଇଁ ଆଗଭର ହୋଇଛି। ଗତ ମାର୍ଚ୍ଚରେ ପିଏସ୍‌ଏଲର ୧୪ଟି ମ୍ୟାଚ ହେବା ପରେ ବାୟୋ-ବବ୍‌ଲରେ କରୋନା ସଂକ୍ରମଣ ଯୋଗୁ ଏହାକୁ ବନ୍ଦ ରଖାଯାଇଥିଲା। ପ୍ରତିଯୋଗିତାକୁ ସମ୍ପୂର୍ଣ୍ଣ କରିବା ପାଇଁ ବୁଧବାର ପିସିବି ପକ୍ଷରୁ ଚିନ୍ତା ପ୍ରକଟ କରାଯାଇଥିଲା। ୨୪ ଘଣ୍ଟା ମଧ୍ୟରେ ୟୁଏଇ ସରକାର ସମସ୍ତ ଆବଶ୍ୟକତା ପୂରଣ ପାଇଁ ରାଜି ନ ହେଲେ ପିଏସ୍‌ଏଲ ଆୟୋଜନ ସମ୍ଭବ ନୁହେଁ ବୋଲି ବୋର୍ଡ ପକ୍ଷରୁ କୁହାଯାଇଥିଲା। ମାତ୍ର ୟୁଏଇ ସରକାର ଏଥିପାଇଁ ରାଜି ହୋଇଯାଇଥିବା ଗୁରୁବାର ପିସିବି ପକ୍ଷରୁ ସ୍ପଷ୍ଟ କରାଯାଇଛି। ବୋର୍ଡ ଏବେ ୬ ଫ୍ରାଞ୍ଚାଇଜ୍ ସହିତ ଅନ୍‌ଲାଇନରେ ବୈଠକ କରି ଆଗାମୀ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରିବ।

# ୧୩ ହଜାରରୁ ଊର୍ଦ୍ଧ୍ୱ ଆଥ୍‌ଲେଟ, କୋଚ୍‌ଙ୍କ ଲାଗି ବୀମା

**ନୂଆଦିଲ୍ଲୀ, ୨୦।୫ (ପି.ଟି.)**

କେନ୍ଦ୍ର ସରକାର କ୍ରୀଡ଼ାବିତ୍‌ଙ୍କ ଲାଗି ଯେଉଁ ଡାକ୍ତରୀ ଓ ଦୁର୍ଘଟଣା ବୀମା ବ୍ୟବସ୍ଥା କରିଥିଲେ ଏହାର ପରିସରକୁ ବୃଦ୍ଧି କରିଛନ୍ତି। କୋଭିଡ୍‌ର ବ୍ୟାପକତା ଯୋଗୁ ଚଳିତବର୍ଷ ଅଧିକ ସଂଖ୍ୟାରେ ଆଥ୍‌ଲେଟ, ଚୁକ୍ତିଭିତ୍ତିକ କୋଚ୍ ଓ ସପୋର୍ଟ ଷ୍ଟାଫ୍‌ଙ୍କୁ ଏଥିରେ ସାମିଲ କରିଛନ୍ତି। ସରକାରଙ୍କ ନୂଆ ବୀମା ଯୋଜନାରେ ୧୩,୦୦୦ରୁ ଅଧିକ ଆଥ୍‌ଲେଟ, କୋଚ୍ ଓ ସପୋର୍ଟ ଷ୍ଟାଫ୍ ଉପକୃତ ହେବେ ବୋଲି ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ) ତରଫରୁ ଗୁରୁବାର ସୂଚନା ଦିଆଯାଇଛି। ବର୍ତ୍ତମାନର କଠିନ ପରିସ୍ଥିତିରେ ସମସ୍ତ ଆଥ୍‌ଲେଟ, ଚୁକ୍ତିଭିତ୍ତିକ ଷ୍ଟାଫ୍‌ଙ୍କୁ ସ୍ୱାସ୍ଥ୍ୟଗତ ବୀମା ଯୋଗାଇ ଦେବା ଲାଗି ଆମେ ଚାହିଁଲୁ କାରଣ ସେମାନେ ହେଉଛନ୍ତି ଆମର ଜାତୀୟ ସମ୍ପତ୍ତି ବୋଲି କ୍ରୀଡ଼ା ମନ୍ତ୍ରୀ କିରେନ୍ ରିଜିଜୁ ପ୍ରକାଶ କରିଛନ୍ତି। ସମସ୍ତ ଜାତୀୟ କ୍ୟାମ୍ପର ଅଂଶଗ୍ରହଣକାରୀ, ଖେଲୋ ଇଣ୍ଡିଆ ଆଥ୍‌ଲେଟ ଏବଂ ଦେଶବ୍ୟାପୀ ସାଇ ସେଣ୍ଟର୍ସ ଅଫ୍ ଏକ୍ସିଲେନ୍ସରେ ଟ୍ରେନିଂ ନେଉଥିବା ଜୁନିୟର ଆଥ୍‌ଲେଟଙ୍କ ଲାଗି ଜଣପିଛା ୫ ଲକ୍ଷ ଟଙ୍କାର ବୀମା କରାଯାଇଛି। ପୂର୍ବରୁ କେବଳ କ୍ୟାମ୍ପ ସମୟରେ ବୀମା ବ୍ୟବସ୍ଥା ରହିଥିଲା। କିନ୍ତୁ ବର୍ତ୍ତମାନ ଏହାର ସୀମାକୁ ୧ ବର୍ଷ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ସ୍ୱାସ୍ଥ୍ୟ ବୀମାରେ ମୃତ୍ୟୁ ଓ ଦୁର୍ଘଟଣା ପାଇଁ ୨୫ ଲକ୍ଷ ଟଙ୍କା ବ୍ୟବସ୍ଥା ରହିଛି। ବୀମା ଯୋଜନାରେ ସାମିଲ କରିବା ଲାଗି ଆଥ୍‌ଲେଟ ଓ ସପୋର୍ଟ ଷ୍ଟାଫ୍‌ମାନଙ୍କର ତାଲିକା ପଠାଇବାକୁ ସାଇ ଜାତୀୟ କ୍ରୀଡ଼ା ମହାସଂଘଗୁଡ଼ିକୁ କହିଛି।

# ଶୁଟିଂ କୋଚ୍ ମୋନାଲି ଗୋର୍‌ହେଙ୍କ ମୃତ୍ୟୁ


ମୋନାଲି ଗୋର୍‌ହେ

**ନୂଆଦିଲ୍ଲୀ, ୨୦।୫ (ପି.ଟି.):** ଭାରତୀୟ ଶୁଟିଂ କୋଚ୍ ତଥା ଟେକ୍‌ନିକାଲ ଅଫିସିଆଲ ମୋନାଲି ଗୋର୍‌ହେଙ୍କର ଗୁରୁବାର ମୁକୋରମାଇକୋସିସ୍ ରୋଗରେ ମୃତ୍ୟୁ ଘଟିଛି। ତାଙ୍କୁ ମାତ୍ର ୪୪ ବର୍ଷ ବୟସ ହୋଇଥିଲା। ସେ ତାଙ୍କ ମା' ଓ ଏକମାତ୍ର ଭଉଣୀଙ୍କୁ ଛାଡ଼ି ପରଲୋକ ଗମନ କରିଛନ୍ତି। ମୋନାଲି ପ୍ରଥମେ କରୋନା ସଂକ୍ରମିତ ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ମାତ୍ର ସେ ମୁକୋରମାଇକୋସିସ୍‌ରେ ପୀଡ଼ିତ ହେବାରୁ ପୁଣି ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ମୁକୋରମାଇକୋସିସ ଏକପ୍ରକାର ଫଙ୍ଗାଲ ଇନ୍‌ଫେକ୍ସନ। ଏହା ନାକ, କାନ ଏବଂ ବେଳେବେଳେ ମସ୍ତିଷ୍କରେ କ୍ଷତି ପହଞ୍ଚାଇଥାଏ। ମୋନାଲିଙ୍କ ମୃତ୍ୟୁର କିଛି ଘଣ୍ଟା ପୂର୍ବରୁ କରୋନା ସଂକ୍ରମିତ ତାଙ୍କ ପିତା ମନୋହର ଗୋର୍‌ହେଙ୍କର ଦେହାନ୍ତ ହୋଇଥିଲା। ମୋନାଲି ହେଉଛନ୍ତି ଜଣେ ପିସ୍ତଲ କୋର୍ ଗ୍ରୁପ୍ କୋଚ୍। ସେ ଶ୍ରୀଲଙ୍କା ଜାତୀୟ ଶୁଟିଂ ଦଳର କୋଚ୍ ଭାବେ କାର୍ଯ୍ୟ କରିଛନ୍ତି। ନାସିକ୍‌ଠାରେ ସେ 'ଏକ୍ସେଲ୍ ଶୁଟିଂ' ନାମକ ଏକ ଶୁଟିଂ କୋଚିଂ ସେଣ୍ଟର ପ୍ରତିଷ୍ଠା କରିଥିଲେ। ସେଠାରେ ମହାରାଷ୍ଟ୍ରର ଶତାଧିକ ଛାତ୍ର ତାଲିମ ନେଇ ସାରିଛନ୍ତି। ନ୍ୟାଶନାଲ ରାଇଫଲ ଆସୋସିଏଶନ ଅଫ୍ ଇଣ୍ଡିଆ (ଏନ୍‌ଆର୍‌ଏଆଇ) ପକ୍ଷରୁ ମୋନାଲି ଓ ତାଙ୍କ ପିତାଙ୍କ ମୃତ୍ୟୁରେ ଗଭୀରଶୋକ ପ୍ରକାଶ କରାଯାଇଛି।

# ଓଡ଼ିଶା ବୋଲିଂ ସଂଘର ସାଧାରଣ ପରିଷଦ ବୈଠକ

**ଭୁବନେଶ୍ୱର, ୨୦।୫ ସ୍ପୋର୍ଟ୍ସ ବ୍ୟୁରୋ)**

ରାଜ୍ୟ ବୋଲିଂ ଆସୋସିଏଶନର ସାଧାରଣ ପରିଷଦ ବୈଠକ ବୁଧବାର ଅପରାହ୍ନରେ ଭର୍ଚୁଆଲ୍ ମାଧ୍ୟମରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସଂଘ ସଭାପତି ତଥା ପୂର୍ବତନ ସାଂସଦ ଅନଙ୍ଗ ଉଦୟ ସିଂଦେଓଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ବୈଠକରେ ଓଡ଼ିଶାର ବିଭିନ୍ନ ଜିଲାରେ ଲନ୍ ବଲ୍ ଖେଳର ପ୍ରଚାର ଓ ପ୍ରସାର ଉପରେ ଗୁରୁତ୍ୱ ପ୍ରଦାନ କରାଯାଇଥିଲା। କୋଭିଡ୍ ମହାମାରୀ ଆମକୁ ରୋକିଥିଲେ ମଧ୍ୟ ଖୁବ୍ ଶୀଘ୍ର ଓଡ଼ିଶାର ପ୍ରତି ଜିଲାକୁ ପ୍ରସାରିତ ହେବୁ ବୋଲି ସଭାପତି ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ଓଡ଼ିଶା ଅଲିମ୍ପିକ୍ ସଂଘ ଲନ୍ ବଲ୍‌କୁ ସ୍ୱୀକୃତି ପ୍ରଦାନ କରିଥିବାରୁ ସମ୍ପାଦକ ସୁମିତ ରଞ୍ଜନ ପୁରୋହିତ ଏହାର ସମ୍ପାଦକ ଅଭିଜିତ ପାଲ୍ ଏବଂ ବର୍ଷିଆନ କ୍ରୀଡ଼ା ପ୍ରଶାସକ ଆଶୀର୍ବାଦ ବେହେରାଙ୍କୁ କୃତଜ୍ଞତା ଜଣାଇଥିଲେ। ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍ ଏବଂ ବଲାଙ୍ଗୀରରେ ଲନ୍ ବଲର ଏଫ୍‌ଓପି (ଫିଲ୍ଡ ଅଫ୍ ପ୍ଲେ') ଲାଗି ଯୋଜନା ହୋଇଥିବା ମଧ୍ୟ ଏହି ଖେଳର ଉଜ୍ଜ୍ୱଳ ଭବିଷ୍ୟତକୁ ଦର୍ଶାଉଛି ବୋଲି ପୁରୋହିତ ମତ ଦେଇଥିଲେ। ବୈଠକରେ ବରଗଡ଼ ଜିଲା ସଭାପତି ତଥା ପୂର୍ବତନ ସାଂସଦ ପ୍ରଭାସ ସିଂ, କେନ୍ଦ୍ରାପଡ଼ା ଜିଲା ସଭାପତି ତଥା ପୂର୍ବତନ ଅଧ୍ୟକ୍ଷ ଧୀରେନ କୁମାର ସାହୁ, ସମ୍ପାଦକ ମନୋରଞ୍ଜନ ମିଶ୍ରଙ୍କ ସହ ୧୧ ଜିଲା ଓ ୫ ଶିକ୍ଷାନୁଷ୍ଠାନରୁ ୩୬ ଜଣ ଅଂଶଗ୍ରହଣ କରିଥିଲେ।

# ଜାତୀୟ କ୍ରୀଡ଼ା ପୁରସ୍କାର ପାଇଁ ପ୍ରକ୍ରିୟା ଆରମ୍ଭ



**ନୂଆଦିଲ୍ଲୀ, ୨୦।୫ (ପି.ଟି.)**

କେନ୍ଦ୍ର କ୍ରୀଡ଼ା ମନ୍ତ୍ରଣାଳୟ ତରଫରୁ ଜାତୀୟ କ୍ରୀଡ଼ା ପୁରସ୍କାର ପାଇଁ ଦରଖାସ୍ତ ଆହ୍ୱାନ କରାଯାଇଛି। କୋଭିଡ୍ ଯୋଗୁ କ୍ରମାଗତ ଦ୍ୱିତୀୟ ବର୍ଷ ପାଇଁ ପ୍ରାର୍ଥୀମାନଙ୍କୁ ଅନ୍‌ଲାଇନ୍‌ରେ ଆବେଦନ କରିବା ଲାଗି କୁହାଯାଇଛି। ଆବେଦନର ଶେଷ ଦିବସ ଜୁନ୍ ୨୧ ରଖାଯାଇଛି। ମହାମାରୀ ଯୋଗୁ ଗତ ବର୍ଷ ଭଳି ଏଥର ବ୍ୟକ୍ତିଗତ ଭାବେ ପୁରସ୍କାର ପାଇଁ ଆବେଦନ କରିହେବ। ୨୦୧୯ ପର୍ଯ୍ୟନ୍ତ ଆବେଦନକାରୀଙ୍କ ଲାଗି ସୁପାରିସର ଆବଶ୍ୟକତା ଥିଲା। କୋଭିଡ୍ ଲକ୍‌ଡାଉନ୍ ଯୋଗୁ ନିୟମରେ କୋହଳତା ଅବଲମ୍ବନ କରାଯାଇଥିଲା। ଜାତୀୟ ପୁରସ୍କାର ପାଇଁ ଗତବର୍ଷ ୭୪ଟି ଆବେଦନପତ୍ର ମିଳିଥିଲା। ପୁରସ୍କାର ରାଶି ମଧ୍ୟ ବୃଦ୍ଧି କରାଯାଇଥିଲା। ଖେଳରତ୍ନ ପୁରସ୍କାର ବିଜେତାଙ୍କୁ ୨୫ ଲକ୍ଷ ଟଙ୍କା, ଅର୍ଜୁନ ବିଜେତାଙ୍କୁ ୧୫ ଲକ୍ଷ, ଦ୍ରୋଣାଚାର୍ଯ୍ୟ (ଲାଇଫ୍‌ଟାଇମ୍) ବିଜେତାଙ୍କୁ ୧୫ ଲକ୍ଷ ଏବଂ ଧ୍ୟାନଚାନ୍ଦ ପୁରସ୍କାର ବିଜେତାଙ୍କୁ ୧୦ ଲକ୍ଷ ଟଙ୍କା ଲେଖାଏ ପ୍ରଦାନ କରାଯାଇଥିଲା। ଗତବର୍ଷ ଏକ ଅଭୂତପୂର୍ବ କଥା ଦେଖିବାକୁ ମିଳିଥିଲା। କ୍ରିକେଟର ରୋହିତ ଶର୍ମା, ମହିଳା ହକି ଟିମ୍ ଅଧିନାୟିକା ରାଣୀ ରାମ୍‌ପାଲ, ରେସ୍‌ଲର ଭିନେଶ ଫୋଗଟ୍, ପାରାଅଲିମ୍ପିଆନ ମାରିୟାପାନ ଥଙ୍ଗାଭେଲୁ ଓ ଟିଟି ଖେଳାଳି ମନିକା ବାତ୍ରାଙ୍କୁ ମିଳିତ ଭାବେ ଖେଳରତ୍ନ ପୁରସ୍କାରରେ ସମ୍ମାନିତ କରାଯାଇଥିଲା।

# ରିଦ୍ଧିମାନଙ୍କ ଷ୍ଟାଣ୍ଡବାଇ ଭରତ


କେ.ଏସ. ଭରତ

**ନୂଆଦିଲ୍ଲୀ, ୨୦।୫**

ଭାରତୀୟ କ୍ରିକେଟ ଦଳର ଇଂଲଣ୍ଡ ଟୁର୍ ପାଇଁ ଉଇକେଟକିପର ରିଦ୍ଧିମାନ ଶାହାଙ୍କ ଷ୍ଟାଣ୍ଡବାଇ ଭାବେ ଆନ୍ଧ୍ର ପ୍ରଦେଶର କେ.ଏସ. ଭରତଙ୍କୁ ଚୟନ କରାଯାଇଛି। ରିଦ୍ଧିମାନ ନିକଟରେ କୋଭିଡ୍-୧୯ ସଂକ୍ରମଣରୁ ମୁକୁଳିଥିବାରୁ ଏପରି ନିଷ୍ପତ୍ତି ନିଆଯାଇଛି। ଭାରତ ଆଗାମୀ ଟୁର୍‌ରେ ନ୍ୟୁଜିଲାଣ୍ଡ ବିପକ୍ଷରେ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲ ଏବଂ ଇଂଲଣ୍ଡ ବିପକ୍ଷରେ ୫ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ଖେଳିବ। ନିର୍ଦ୍ଦେଶ ପାଇବା ପରେ ଭରତ ଗତ ୧୯ ତାରିଖରେ ମୁମ୍ବାଇରେ ପହଞ୍ଚି କ୍ୱାରାଣ୍ଟାଇନ୍ ଆରମ୍ଭ କରିଛନ୍ତି। ପୂର୍ବରୁ ଭାରତୀୟ ଦଳର ଅନ୍ୟ ସଦସ୍ୟମାନେ ମୁମ୍ବାଇରେ ନିଜ ନିଜ ହୋଟେଲ ରୁମ୍‌ରେ ୨ ସପ୍ତାହ ବିଶିଷ୍ଟ କ୍ୱାରାଣ୍ଟାଇନ୍‌ରେ ଅଛନ୍ତି। ଭାରତୀୟ ଦଳ ଜୁନ୍ ୨ରେ ଇଂଲଣ୍ଡ ଯିବାର କାର୍ଯ୍ୟକ୍ରମ ରହିଛି। ଭାରତ-ଏ ଦଳର ଜଣେ ନିୟମିତ ଉଇକେଟ କିପର ହେଲେ ଭରତ। ଗତ ଫେବୃୟାରୀ-ମାର୍ଚ୍ଚରେ ସେ ଭାରତର ଇଂଲଣ୍ଡ ବିପକ୍ଷ ଘରୋଇ ସିରିଜରେ ମଧ୍ୟ ସେ ଷ୍ଟାଣ୍ଡବାଇ ଥିଲେ।



କେତେକ ଆପତ୍ତିଜନକ ଦୃଶ୍ୟ ଥିବାରୁ ୨୦୧୫ରେ ହଲିଉଡ୍ ଫିଲ୍ମ ଫିଫ୍ଟି ଶେଡସ୍ ଅଫ୍ ଗ୍ରେକୁ ଭାରତୀୟ ସେନସର ବୋର୍ଡ ପକ୍ଷରୁ ରିଲିଜ୍ ପାଇଁ ଅନୁମତି ମିଳି ନ ଥିଲା। ଫିଲ୍ମରେ ଆପତ୍ତିଜନକ ଦୃଶ୍ୟ ସହିତ ଅଶ୍ଳୀଳ ଦ୍ୱି ଅର୍ଥ ବୋଧକ ଭାଷା ଥିବାରୁ ଏହାକୁ ଭାରତର ସେଣ୍ଟ୍ରାଲ ବୋର୍ଡ ଅଫ୍ ଫିଲ୍ମ ସାର୍ଟିଫିକେଶନ୍ ତତ୍କାଳୀନ ସିଇଓ ଶ୍ରବଣ କୁମାର ରିଲିଜ୍ ଅନୁମତି ପ୍ରଦାନ କରି ନ ଥିଲେ। ନିର୍ମାତା ଏହାକୁ ଓଟିଟି ପ୍ଲାଟଫର୍ମରେ ରିଲିଜ୍ କରିବାକୁ ମନସ୍ଥ କରିଥିଲେ। ଫିଲ୍ମକୁ ନେଟ୍‌ଫ୍ଲିକ୍ସରେ ରିଲିଜ୍ କରାଗଲା। ନେଟ୍‌ଫ୍ଲିକ୍ସରେ ଫିଲ୍ମଟି ନୂଆ ଇତିହାସ ରଚିଛି। ଚଳିତ ସପ୍ତାହରେ ଏହା ଟପ୍ ୧୦ ଟ୍ରେଣ୍ଡ୍‌ରେ ଶୀର୍ଷରେ ରହିଛି।



# ବାତ୍ୟାପ୍ରବଣ ବଙ୍ଗୋପସାଗର



**ଆରବ ସାଗରରେ ସୃଷ୍ଟି ହୋଇଥିବା ସାମୁଦ୍ରିକ ଘୂର୍ଣ୍ଣିଝଡ଼ 'ତଉକ୍ତାଏ' ପଶ୍ଚିମ ଉପକୂଳବର୍ତ୍ତୀ ରାଜ୍ୟରେ ତାଣ୍ଡବ ସୃଷ୍ଟି କରିଛି। ଏହା ପରେ ବଙ୍ଗୋପସାଗରରେ ଡରାଇଲାଣି ବାତ୍ୟା 'ୟାସ୍'। ଓଡ଼ିଶା ସମେତ ବଙ୍ଗଳା ଉପକୂଳବର୍ତ୍ତୀ ଅଞ୍ଚଳରେ ପ୍ରତିବର୍ଷ ବାତ୍ୟା ସୃଷ୍ଟି ହୋଇ ବହୁ ଧନଜୀବନ ହାନି କରୁଛି। ଏହା ପଛର କାରଣ ସାମୁଦ୍ରିକ ଜଳବାୟୁ ଏବଂ ଭୌଗୋଳିକ ଗଠନ।**

**ନୂଆଦିଲ୍ଲୀ:** 'ତଉକ୍ତାଏ'ଠାରୁ ଅଧିକ ଭୟଙ୍କର ହେବ 'ୟାସ୍'। ଏଭଳି ଅନୁମାନ କରିଛି ଭାରତୀୟ ପାଣିପାଗ ବିଭାଗ। ମେ ୨୨ରୁ ଓଡ଼ିଶା ସମେତ ପୂର୍ବ ଉପକୂଳବର୍ତ୍ତୀ ରାଜ୍ୟରେ ଏହାର ପ୍ରଭାବ ଅନୁଭୂତ ହେବ। ୭୨ ଘଣ୍ଟା ଭିତରେ ଏହା ଘନୀଭୂତ ହେବା ସହ ସାମୁଦ୍ରିକ ଝଡ଼ର ରୂପ ନେଇ ଉତ୍ତର-ପଶ୍ଚିମ ଦିଗରେ ଗତି କରିବ। ଏହା ଓଡ଼ିଶାର ବାଲେଶ୍ୱର ଏବଂ ପଶ୍ଚିମବଙ୍ଗ ଦେଇ ୨୬ ତାରିଖରେ ସ୍ଥଳଭାଗ ଅତିକ୍ରମ କରିବ ବୋଲି ଅନୁମାନ କରାଯାଉଛି। ସାଧାରଣତଃ ଏପ୍ରିଲରୁ ଡିସେମ୍ବର ମଧ୍ୟରେ ବାତ୍ୟା ସୃଷ୍ଟି ହେଉଥିଲେ ହେଁ ଅକ୍ଟୋବରକୁ ବାତ୍ୟାର ମାସ ବୋଲି ବିବେଚନା କରାଯାଉଥିଲା। ହେଲେ କିଛି ବର୍ଷ ହେଲା ନୂଆ ଧାରା ଦେଖିବାକୁ ମିଳୁଛି। ଏବେ ଏପ୍ରିଲ ଏବଂ ମେ'ରେ ଲଗାତର ବାତ୍ୟା ସୃଷ୍ଟି ହେଉଛି। ବିଶ୍ୱତାପନ ପ୍ରଭାବରେ ବଦଳୁଥିବା ଜଳବାୟୁ ଏହାର କାରଣ ବୋଲି ପାଣିପାଗ ବିଶେଷଜ୍ଞମାନେ ମତବ୍ୟକ୍ତ କରିଛନ୍ତି।

ଭାରତର ଅର୍ଥନୀତିକୁ ଦୋହଲାଇ ଦେଉଥିବା ପ୍ରାକୃତିକ ବିପର୍ଯ୍ୟୟ ମଧ୍ୟରେ ବାତ୍ୟା ଅନ୍ୟତମ। ବନ୍ୟା, ଭୂକମ୍ପ ଅପେକ୍ଷା ସାମୁଦ୍ରିକ ଘୂର୍ଣ୍ଣିଝଡ଼ ପ୍ରଭାବରେ ପ୍ରତିବର୍ଷ ବହୁ କୋଟି ଟଙ୍କାର କ୍ଷତି ହେଉଛି। ଗତ ୧୨୦ ବର୍ଷର ଇତିହାସ ମଧ୍ୟରେ ମାତ୍ର ୧୪% ସାମୁଦ୍ରିକ ବାତ୍ୟା ଏବଂ ୨୩% ଅତି ଭୟଙ୍କର ସାମୁଦ୍ରିକ ଘୂର୍ଣ୍ଣିଝଡ଼ ଆରବ ସାଗରରେ ସୃଷ୍ଟି ହୋଇଛି। ଏହି ସମୟରେ ବଙ୍ଗୋପସାଗରରେ ୮୬% ଘୂର୍ଣ୍ଣିଝଡ଼ ଏବଂ ୭୭% ଭୟଙ୍କର ବାତ୍ୟା ସଙ୍ଗଠିତ ହୋଇଛି। ବିଶେଷ କରି ଓଡ଼ିଶା-ବଙ୍ଗଳା ଉପକୂଳବର୍ତ୍ତୀ ରାଜ୍ୟ ଏହାର ପ୍ରଭାବରେ ସର୍ବାଧିକ କ୍ଷତିଗ୍ରସ୍ତ ହେଉଛି।

ସାମୁଦ୍ରିକ ବାୟୁଚଳନ ଯୋଗୁ ବଙ୍ଗଳା ଉପକୂଳ ସବୁଠାରୁ ଅଧିକ ବାତ୍ୟାପ୍ରବଣ। ଆରବ ସାଗର ତୁଳନାରେ ବଙ୍ଗୋପସାଗର ଅଧିକ ଉଷ୍ମ। ତେଣୁ ଏଭଳି ଗରମ ଜଳବାୟୁ ବାତ୍ୟା ସୃଷ୍ଟି ପାଇଁ ଅନୁକୂଳ ବାତାବରଣ ସୃଷ୍ଟି କରିଥାଏ। ଇତିହାସର ୩୬ ଭୟଙ୍କର ଟ୍ରପିକାଲ ସାଇକ୍ଲୋନ୍ ଭିତରୁ ୨୬ଟି ବଙ୍ଗଳା-ଓଡ଼ିଶା ଉପକୂଳରେ ମାଡ଼ ହୋଇଛି। ଏଥିରେ ସର୍ବାଧିକ ପ୍ରଭାବିତ ହୋଇଛି ଓଡ଼ିଶା। ଆନ୍ଧ୍ରପ୍ରଦେଶ, ତାମିଲନାଡୁ, ପଶ୍ଚିମବଙ୍ଗ ଉପରେ ମଧ୍ୟ ବାତ୍ୟାର ପ୍ରଭାବ ପଡୁଛି। ଅନୁରୂପ ଭାବେ ପୂର୍ବ ଉପକୂଳ ରାଜ୍ୟର ଭୂମି ପଶ୍ଚିମ ଉପକୂଳବର୍ତ୍ତୀ ରାଜ୍ୟ ଅପେକ୍ଷା ଅଧିକ ସମତଳ। ତେଣୁ ବଙ୍ଗୋପ ସାଗରରେ ସୃଷ୍ଟି ହେଉଥିବା ବାତ୍ୟା ସିଧାସଳଖ ମାଡ଼ ହୋଇଥାଏ। ଅଧିକାଂଶ ସମୟରେ ଏହାର ଦିଗ ପରିବର୍ତ୍ତନ କରି ନ ଥାଏ। ହେଲେ ଆରବସାଗର ତଟବର୍ତ୍ତୀ ରାଜ୍ୟରେ ଏଥିରେ ବ୍ୟତିକ୍ରମ ଦେଖାଯାଏ। ସ୍ଥଳଭାଗ ଛୁଇଁବା ପୂର୍ବରୁ ଅନ୍ତିମ ସମୟରେ ଏହା ଦିଗ ପରିବର୍ତ୍ତନ କରିବାର ନଜିର ରହିଛି।

ଏକ ରିପୋର୍ଟ ଅନୁଯାୟୀ, ବଙ୍ଗୋପସାଗରରେ ସୃଷ୍ଟି ହେଉଥିବା ବାତ୍ୟା ଭିତରୁ ୪୮% ଓଡ଼ିଶା, ୨୨% ଆନ୍ଧ୍ର, ୧୮.୫% ପଶ୍ଚିମବଙ୍ଗ ଏବଂ ୧୧.୫% ତାମିଲନାଡୁ ଉପକୂଳରେ ମାଡ଼ ହୋଇଥାଏ। ଭାରତୀୟ ଉପମହାଦେଶରେ ଅଧିକ ତାପମାତ୍ରା ବିଶିଷ୍ଟ ସାମୁଦ୍ରିକ ଅଞ୍ଚଳରେ ବାତ୍ୟା ସୃଷ୍ଟି ହୋଇଥାଏ। ଏହାର ଗତି ଯେତେ ଧୀମା ହୁଏ, ଏହା ସେତିକି ଶକ୍ତିଶାଳୀ ହୋଇ ବିନାଶ ଘଟାଇଥାଏ। ସ୍ଥଳବିଶେଷରେ ଆରବସାଗର ଅପେକ୍ଷା ବଙ୍ଗୋପସାଗରରେ ହେଉଥିବା ବାତ୍ୟା ଅଧିକ ଶକ୍ତିଶାଳୀ। ଏଠାରେ ଘଣ୍ଟାପ୍ରତି ୧୧୯ରୁ ୨୨୧ କିଲୋମିଟର ବେଗରେ ପବନ ପ୍ରବାହିତ ହୋଇଥାଏ, ଯାହାକୁ ଭୟଙ୍କର ବାତ୍ୟା ଭାବେ ବର୍ଗୀକରଣ କରାଯାଇଛି। କମ୍ ଚାପ କ୍ଷେତ୍ର ଏବଂ ପବନର ବେଗ ଏହାକୁ ଏଭଳି ଶକ୍ତିଶାଳୀ କରିଥାଏ। ୨୦୦ ବର୍ଷର ଇତିହାସକୁ ଦେଖିଲେ ବାଂଲାଦେଶରେ ବାତ୍ୟାଜନିତ ମୃତ୍ୟୁ ସର୍ବାଧିକ। ମୋଟ ମୃତ୍ୟୁ ସଂଖ୍ୟାର କେବଳ ୪୦% ଏଠାରେ ହୋଇଛି। ସେହିପରି ଭାରତରେ ଏହି ସଂଖ୍ୟା ଏକ ଚତୁର୍ଥାଂଶ।

# ଓଟିଟିରେ ରିଲିଜ୍ ହେବନି 'ମୈଦାନ'



ଅଜୟ ଦେବଗନ

**ମୁମ୍ବାଇ:** ବଲିଉଡ୍ ଷ୍ଟାର ଅଜୟ ଦେବଗନଙ୍କ ଅଭିନୀତ ଚଳଚ୍ଚିତ୍ର 'ମୈଦାନ' ଓଟିଟି ପ୍ଲାଟଫର୍ମରେ ରିଲିଜ୍ ହେବା ନେଇ ଚର୍ଚ୍ଚା ଜୋର୍ ଧରିଥିଲା। ତେବେ ପେ' ପର୍-ଭିଉ ଡିଜିଟାଲ ରିଲିଜ୍ ଗୁଜବକୁ ଗୁରୁବାର ଚଳଚ୍ଚିତ୍ର ନିର୍ମାତା ବୋନି କପୁର, ଆକାଶ ଚାଓ୍ୱଲା ଏବଂ ଅରୁଣାଭ ଜୟ ସେନ୍‌ଗୁପ୍ତା ଖଣ୍ଡନ କରିଛନ୍ତି। ଓଟିଟି ପ୍ଲାଟଫର୍ମରେ ଚଳଚ୍ଚିତ୍ର ମୁକ୍ତିଲାଭ ନେଇ ଏପର୍ଯ୍ୟନ୍ତ କୌଣସି ଆଲୋଚନା ହୋଇ ନ ଥିବା ସେମାନେ ସ୍ପଷ୍ଟ କରିଦେଇଛନ୍ତି। ସମସ୍ତଙ୍କ ସୁରକ୍ଷା ପାଇଁ ସରକାରଙ୍କ କୋଭିଡ୍ ଗାଇଡଲାଇନ ମାନି ଚଳଚ୍ଚିତ୍ରକୁ ସମ୍ପୂର୍ଣ୍ଣ କରିବା ଉପରେ ଏବେ ଗୁରୁତ୍ୱ ଦିଆଯାଉଛି। ତେଣୁ ଗୁଜବ ପ୍ରଚାରରୁ ଦୂରେଇ ରହିବା ପାଇଁ ନିର୍ମାତାମାନେ ନିବେଦନ କରିଛନ୍ତି। ଭାରତୀୟ ଫୁଟ୍‌ବଲ୍ କୋଚ୍ ସୟେଦ ଅବଦୁଲ ରହିମଙ୍କ ଜୀବନୀ ଦ୍ୱାରା ଅନୁପ୍ରାଣିତ ହୋଇ ଉକ୍ତ ଚଳଚ୍ଚିତ୍ର ନିର୍ମାଣ କରାଯାଇଛି। ଏହାର ନିର୍ଦ୍ଦେଶନା ଦେଇଛନ୍ତି ଅମିତ୍ ରବୀନ୍ଦ୍ରନାଥ ଶର୍ମା। ଦଶହରାରେ ଏହାର ରିଲିଜ୍ ପାଇଁ ଲକ୍ଷ୍ୟ ରଖାଯାଇଛି। ଅଜୟ ଦେବଗନଙ୍କ ବ୍ୟତୀତ ଉକ୍ତ ଚଳଚ୍ଚିତ୍ରରେ ପ୍ରିୟାମଣି, ଗଜରାଜ ରାଓ ଏବଂ ରୁଦ୍ରନୀଳ ଘୋଷ ଅଭିନୟ କରିଛନ୍ତି। 'ମୈଦାନ' ହିନ୍ଦୀ ସମେତ ତାମିଲ, ତେଲୁଗୁ ଏବଂ ମାଲୟାଲମ ଭାଷାରେ ମୁକ୍ତିଲାଭ କରିବା ଆଶା କରାଯାଉଛି।

# ଟିକା ବିକି କୋଟିପତି



ଷ୍ଟିଫେନ୍ ବେଂସଲ

**ୱାଶିଂଟନ:** ପୃଥିବୀରେ କରୋନା ସଂକ୍ରମଣ ଯୋଗୁ ସ୍ଥିତି ସଙ୍କଟ ଜନକ ହେବାରେ ଲାଗିଛି। ଏପରିସ୍ଥଳେ କରୋନା ସଂକ୍ରମଣ ରୋକିବା ପାଇଁ ଉପଯୋଗୀ ସାବ୍ୟସ୍ତ ହେଉଥିବା ସାନିଟାଇଜର, ମାସ୍କ, ହ୍ୟାଣ୍ଡ୍‌ୱାଶ୍ ଆଦିର ଚାହିଦା ବଢ଼ିଛି। ଏସବୁ ପ୍ରସ୍ତୁତ କରି ବହୁ ଲୋକଙ୍କ ଆର୍ଥିକ ସ୍ଥିତି ଏବେ ସୁଧୁରି ଯାଇଛି। ସେହିପରି ଭାକ୍ସିନ୍ ବିକ୍ରି କରି ପୃଥିବୀର ୯ ଜଣ ବ୍ୟକ୍ତି କୋଟିପତି ପାଲଟି ଯାଇଛନ୍ତି। ଏବେ ସେମାନଙ୍କ ସମ୍ପତ୍ତି ପରିମାଣ ୧୦୦ କୋଟିରୁ ଅଧିକ ରହିଛି। ଏନେଇ ପିପୁଲ୍ସ ଭାକ୍ସିନ୍ ଆଲାଏନ୍ସ ପକ୍ଷରୁ ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି। କରୋନା ମହାମାରୀ ଯୋଗୁ ଧନୀ ପାଲଟିଥିବା ଏହି ୯ ଜଣଙ୍କ ମୋଟ ସମ୍ପତ୍ତି ୧,୪୧,୧୨୨ କୋଟି ଟଙ୍କାରେ ପହଞ୍ଚିଛି। ପ୍ରକାଶିତ ତାଲିକାର ଶୀର୍ଷରେ ମଡର୍ନା ଭାକ୍ସିନ୍ ସିଇଓ ଷ୍ଟିଫେନ୍ ବେଂସଲ ରହିଛନ୍ତି। ଏହି ସୂଚନା ଫୋର୍ବସ ଧନିକ ତାଲିକା ଆଧାରରେ ପ୍ରସ୍ତୁତ କରାଯାଇଥିବା ପିପୁଲ୍ସ ଭାକ୍ସିନ୍ ଆଲାଏନ୍ସର ଅଂଶବିଶେଷ ଅକ୍ସଫେମ୍ ଚାରିଟିର ଏନା ମେରିଓଟ୍ ସୂଚନା ଦେଇଛନ୍ତି। ତାଲିକାର ବାୟୋଏନ୍‌ଟେକ୍ ସିଇଓ ଓଗର ସାହିନ୍ ମଧ୍ୟ ରହିଛନ୍ତି। ଏଥିରେ ଚାଇନାର ଭାକ୍ସିନ୍ କମ୍ପାନୀ କୋସିନୋ ବାୟୋଲୋଜିକ୍ସର ସହସଂସ୍ଥାପକଙ୍କ ନାମ ମଧ୍ୟ ରହିଛି।

# ଭାକ୍ସିନ ନିଅ, ରୁଷିଆ ବୁଲ





**ମହାମାରୀ ବଦଳାଇ ଦେଇଛି ଲୋକଙ୍କ ଜୀବନ ଶୈଳୀ। ଦେଶ ବିଦେଶ ଭ୍ରମଣକାରୀଙ୍କ ଯାତ୍ରାରେ ରୋକ ଲାଗିଛି। ଏଥିଯୋଗୁ ପ୍ରଭାବିତ ହୋଇଛି ପର୍ଯ୍ୟଟନ କ୍ଷେତ୍ର। ବିମାନ, ରେଳ ଚଳାଚଳ ଉପରେ କଟକଣା ଯୋଗୁ ଟୁରିଜିମ୍ ଇଣ୍ଡଷ୍ଟ୍ରୀ ବ୍ୟାପକ କ୍ଷତି ସହିଛି। ଏବେ କରୋନା ଟିକାକରଣକୁ ନେଇ ପର୍ଯ୍ୟଟନ ଶିଳ୍ପ ଆଶାବାଦୀ ହୋଇଥିବାବେଳେ ଅଣ୍ଟାସଳଖିବାକୁ ଯୋଜନା କରୁଛି। ଏହି କ୍ରମରେ ଲୋକଙ୍କୁ ଟିକା ଦେଇ ବିଦେଶ ବୁଲାଇନେବାକୁ ସ୍ୱତନ୍ତ୍ର ପ୍ୟାକେଜ ପ୍ରସ୍ତୁତ କରିଛି ଦୁବାଇର ଏକ ଟ୍ରାଭେଲ ଏଜେନ୍ସି**

**ନୂଆଦିଲ୍ଲୀ:** ଭାରତରେ ବିଦେଶୀ ଟିକାର ଚାହିଦାକୁ ଦେଖି ଦୁବାଇର ଏକ ଟ୍ରାଭେଲ ଏଜେନ୍ସି ଦିଲ୍ଲୀରୁ ମସ୍କୋ ଯିବା ପାଇଁ ଏକ ସ୍ୱତନ୍ତ୍ର ପ୍ୟାକେଜ ଆଣିଛି। ଏହି ପ୍ୟାକେଜ ଅନୁସାରେ ଜଣେ ବ୍ୟକ୍ତି ୧.୨୯ ଲକ୍ଷ ଟଙ୍କାରେ ରୁଷିଆ କରୋନା ଟିକା ସ୍ପୁଟନିକ୍ ଭି'ର ଦୁଇଟି ଡୋଜ୍ ନେବା ସହ ଦିଲ୍ଲୀରୁ ମସ୍କୋ ଯାଇପାରିବେ। ଟିକାର ଦୁଇଟି ଡୋଜ୍ ମଧ୍ୟରେ ଥିବା ୨୦ ଦିନ ବ୍ୟବଧାନରେ ପର୍ଯ୍ୟଟକ ରୁଷିଆ ବୁଲିପାରିବେ।

## ଟ୍ରାଭେଲ ଏଜେନ୍ସିର ୨୪ ଦିନିଆ ପ୍ୟାକେଜ

୧.୨୯ ଲକ୍ଷ ଟଙ୍କାରେ ମୋଟ ୨୪ ଦିନ ଯାତ୍ରା ଏବଂ ଟିକାର ଲାଭ ଉଠାଇପାରିବେ ବୋଲି ଏଜେନ୍ସି ପକ୍ଷରୁ କୁହାଯାଇଛି।

ଏହି ପ୍ୟାକେଜ ପାଇଁ ଲୋକେ ବେଶ ଆଗ୍ରହୀ ଥିବା ସମ୍ପୃକ୍ତ ଏଜେନ୍ସି କହିଛି। ମେ ୨୯ରୁ ଟ୍ରିପ୍ ଆରମ୍ଭ ହେଉଥିବାବେଳେ ପ୍ରଥମ ବ୍ୟାଚ୍‌ର ସମସ୍ତ ୨୮ ସିଟ୍ ବୁକ୍ ହୋଇସାରିଛି। ଜୁନ୍ ୭ ଓ ୧୫ରେ ପରବର୍ତ୍ତୀ ବ୍ୟାଚ୍ ଦିଲ୍ଲୀରୁ ମସ୍କୋ ଅଭିମୁଖେ ବାହାରିବ। ଯଦି କୌଣସି ବ୍ୟକ୍ତି କରୋନା ଟିକା ନେଇନାହାନ୍ତି ତେବେ ତାଙ୍କୁ ସ୍ପୁଟନିକ ଭି ଡୋଜ୍ ଦିଆଯିବା ସହ ସମୁଦାୟ ୨୫ ଦିନ ଓ ୨୪ ରାତିର ଟୁରିଜିମ୍ ଏହି ପ୍ୟାକେଜ୍‌ରେ ରହିବ। ୨୫ ଦିନ ମଧ୍ୟରୁ ଦୁଇ ଦିନ ଟିକାକରଣ ପାଇଁ ରଖାଯିବ। ଏହାସହ ଯିବା ଆସିବା ପାଇଁ ବିମାନ ଟିକେଟ ଖର୍ଚ୍ଚ, ସେଣ୍ଟ ପିଟର୍ସବର୍ଗର ୩ ଷ୍ଟାର ହୋଟେଲରେ ରହିବା ସୁବିଧା, ୨୪ ଦିନର ଖାଇବା ଏବଂ ରୁଷିଆ ବୁଲିବା ଖର୍ଚ୍ଚ ଏହି ପ୍ୟାକେଜରେ ଅନ୍ତର୍ଭୁକ୍ତ। ଗୋଟିଏ ଟ୍ରିପ୍‌ରେ ପ୍ରାୟ ୩୦ ଯାତ୍ରୀଙ୍କୁ ନିଆଯିବାକୁ ବ୍ୟବସ୍ଥା ହୋଇଛି। ତେବେ ଏହି ପ୍ୟାକେଜ୍ ନେଉଥିବା ପର୍ଯ୍ୟଟକଙ୍କୁ ଭିଜା ବାବଦ ୧୦ ହଜାର ଟଙ୍କା ଅଲଗା ଭାବେ ଦେବାକୁ ପଡ଼ିବ ବୋଲି ଟ୍ରାଭେଲ ଏଜେନ୍ସି କହିଛି। ଏବେ ସୁଦ୍ଧା ଭାରତରୁ ରୁଷିଆକୁ ବିମାନ ଚଳାଚଳ ଉପରେ କୌଣସି କଟକଣା ଲଗାଯାଇନାହିଁ।

## Business

# ଆସିବ ନୂଆ ଆଇଟି ଇ-ଫାଇଲିଂ ପୋର୍ଟାଲ

ନୂଆଦିଲ୍ଲୀ,୨୦।୫

- ଜୁନ୍ ୭ରୁ ଶୁଭାରମ୍ଭ ନେଇ ଯୋଜନା
- ୟୁଜର ଫ୍ରେଣ୍ଡ୍‌ଲି ହେବ ନୂଆ ସିଷ୍ଟମ





ଚଳିତବର୍ଷ ଜୁନ୍ ୭ରୁ ଟିକସଦାତାଙ୍କ ଲାଗି ନୂଆ ଇ-ଫାଇଲିଂ ପୋର୍ଟାଲ ଆଣିବାକୁ ଆୟକର (ଆଇଟି) ବିଭାଗ ପକ୍ଷରୁ ଯୋଜନା ରଖାଯାଇଛି। ଏହା ଦ୍ୱାରା ନିୟମିତ ଆଇଟିଆର୍ ଏବଂ ଅନ୍ୟାନ୍ୟ ଟିକସ ସମ୍ପର୍କିତ କାର୍ଯ୍ୟ କରିବାକୁ ସହଜ ହେବ ବୋଲି ଗୁରୁବାର ଜଣେ ସରକାରୀ ଅଧିକାରୀ କହିଛନ୍ତି। ଏଥିଲାଗି ବର୍ତ୍ତମାନର ୱେବ୍‌ପୋର୍ଟାଲ ୬ ଦିନ ବା ଜୁନ୧ରୁ ୬ ଯାଏ ବନ୍ଦ ରହିବ। ପୋର୍ଟାଲକୁ ୟୁଜର ଫ୍ରେଣ୍ଡ୍‌ଲି ଭାବେ ପ୍ରସ୍ତୁତ କରାଯାଉଥିବା କୁହାଯାଉଛି। ଏ ସମ୍ପର୍କରେ ଆୟକର ବିଭାଗର ସିଷ୍ଟମ ୱିଙ୍ଗ ପକ୍ଷରୁ ଏକ ଅର୍ଡର ଜାରି କରାଯାଇଛି।

ନୂଆ ସିଷ୍ଟମ ପାଇଁ ବର୍ତ୍ତମାନର ପୋର୍ଟାଲକୁ ଜୁନ୍ ପହିଲାରୁ ୬ ଯାଏ ଆୟକର ବିଭାଗର ଅଧିକାରୀ କିମ୍ବା ବ୍ୟକ୍ତିବିଶେଷ ବ୍ୟବହାର କରିପାରିବେ ନାହିଁ। ଜୁନ୍ ୧୦ ପରଠାରୁ ସମସ୍ତ ଅଧିକାରୀ ଟିକସ ସଂକ୍ରାନ୍ତ ଶୁଣାଣି କିମ୍ବା ଅନୁପାଳନ ଦିଗରେ ପୁଣି ଥରେ କାର୍ଯ୍ୟ କରିପାରିବେ। ସେହି ଅନୁସାରେ ଟିକସଦାତାଙ୍କୁ ସମୟ ଦେବାକୁ ବିଭାଗ ପକ୍ଷରୁ ଅବଗତ କରାଯାଇଛି। ଯଦି ଏହି ଅବଧିରେ କୌଣସି କାର୍ଯ୍ୟ ଥାଏ ତାହାକୁ ପୂର୍ବରୁ କରାଯିବ କିମ୍ବା ସ୍ଥଗିତ ରଖାଯିବ।

ନୂଆ ଇ-ଫାଇଲିଂ ପୋର୍ଟାଲ ଆସିଲେ ଏହା ଦ୍ୱାରା ଟିକସଦାତା ବ୍ୟକ୍ତିଗତ ଏବଂ ବାଣିଜ୍ୟିକ ବର୍ଗରେ ଆୟକର ରିଟର୍ନ(ଆଇଟିଆର୍) ପାଇଁ ବ୍ୟବହାର କରିପାରିବେ। ଏହାବାଦ୍ ରିଫଣ୍ଡ ସମେତ ଟିକସବିଭାଗ ସହ ଅନ୍ୟାନ୍ୟ କାର୍ଯ୍ୟ କରିପାରିବାକୁ ସକ୍ଷମ ହେବେ। ଏହାବାଦ୍ ଟିକସ ଅଧିକାରୀମାନେ ଏହାକୁ ନୋଟିସ ପଠାଇବା, ଟିକସଦାତାଙ୍କ ଠାରୁ ଉତ୍ତର ଲାଭ କରିବା, ଟିକସଦାତାଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ରଖିବା, ଚୂଡ଼ାନ୍ତ ନିଷ୍ପତ୍ତି ସମ୍ପର୍କରେ ଅବଗତ କରାଇବା ଭଳି କାର୍ଯ୍ୟ କରିପାରିବେ ବୋଲି ଜଣାପଡିଛି। ଏହା ମଧ୍ୟରେ ଆସେସମେଣ୍ଟ, ଅପିଲ, ଏକଜେମ୍‌ଶନ ଏବଂ ପେନାଲ୍ଟି ଭଳି ବିଭିନ୍ନ ଅର୍ଡର ସାମିଲ ରହିଛି।

# ୩୩୮ ପଏଣ୍ଟ ଖସିଲା ସେନ୍‌ସେକ୍ସ

ମୁମ୍ବାଇ,୨୦।୫

ଲଗାତର ଦ୍ୱିତୀୟ ଦିନ ଲାଗି ଭାରତୀୟ ପୁଞ୍ଜି ବଜାରରେ କାରବାର ହ୍ରାସ ପାଇଛି। ଗୁରୁବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ(ବିଏସ୍‌ଇ) ସେନ୍‌ସେକ୍ସ ୩୩୮ ପଏଣ୍ଟ ନିମ୍ନରେ ରହିଛି। ଏଚ୍‌ଡିଏଫ୍‌ସି ବ୍ୟାଙ୍କ, ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଏବଂ ଆଇସିଆଇସିଆଇ ବ୍ୟାଙ୍କର ଶେୟାର କାରବାର ବିଶେଷ ଭାବେ ପ୍ରଭାବିତ ହୋଇଛି। ୩୦ ଶେୟାରବିଶିଷ୍ଟ ସେନ୍‌ସେକ୍ସ ୩୩୭.୭୮ ପଏଣ୍ଟ (୦.୬୮%) ନିମ୍ନରେ ରହିବା ଯୋଗୁ ୪୯,୫୬୪.୮୬ ପଏଣ୍ଟରେ ବନ୍ଦ ହୋଇଛି। ସେହିଭଳି ନିଫ୍ଟି କାରବାର ୧୨୪.୧୦ ପଏଣ୍ଟ (୦.୮୩%) ନିମ୍ନରେ ରହିବା ଯୋଗୁ ୧୪,୯୦୬.୦୫ ପଏଣ୍ଟ ସ୍ତରରେ ବନ୍ଦ ହୋଇଛି।

# ୨୬ରେ କଳାଦିବସ ପାଳିବେ ଟ୍ରେଡ୍ ୟୁନିୟନ

ମୁମ୍ବାଇ,୨୦।୫

ଚଳିତ ମାସ ୨୬ ତାରିଖରେ ଦେଶର କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନଗୁଡ଼ିକର ଜଏଣ୍ଟ ଫୋରମ ପକ୍ଷରୁ କଳାଦିବସ ପାଳନ ଲାଗି ଗୁରୁବାର ଘୋଷଣା କରାଯାଇଛି। ଏହି ଦିନ କଳାବ୍ୟାଜ ପରିଧାନ, କଳାପତାକା ପ୍ରଦର୍ଶନ ସହ ଦାବିପତ୍ର ସରକାରଙ୍କୁ ପ୍ରଦାନ କରାଯିବ। ସମସ୍ତଙ୍କୁ ମାଗଣାରେ ଟିକାକରଣ, ମାଗଣା ରାଶନ, ଗରିବଙ୍କୁ ମାସକୁ ୭,୫୦୦ ଟଙ୍କା ପ୍ରଦାନ, ୩ କୃଷି ଆଇନ ପ୍ରତ୍ୟାହାର, କୃଷିଜାତ ସାମଗ୍ରୀ ଲାଗି ଉଚିତ ସହାୟକ ମୂଲ୍ୟ ପ୍ରଦାନ ଭଳି ବିଭିନ୍ନ ଦାବି ସଙ୍ଗଠନ ରଖିବ। ଏଥିରେ ସାରା ଦେଶର ୧୦ ଶ୍ରମିକ ସଙ୍ଗଠନ ଯୋଗଦେବେ ବୋଲି ଜଣାପଡିଛି।

# ଜିଡିପି ଆକଳନ କମାଇଲା କ୍ରେଡିଟ୍ ସୁଇସ୍

ମୁମ୍ବାଇ,୨୦।୫

କରୋନା ମହାମାରୀ ଲାଗି ଦେଶର ଅର୍ଥ ବ୍ୟବସ୍ଥା ପ୍ରଭାବିତ ହୋଇ ରହିଛି। ଖାଉଟି ଚାହିଦା ଉପରେ କରୋନାର ଦ୍ୱିତୀୟ ଲହର ଚାପ ପକାଇଛି। ଏଭଳି ସ୍ଥିତିରେ ସ୍ୱିସ୍ ବ୍ରୋକରେଜ ଫାର୍ମ କ୍ରେଡିଟ୍ ସୁଇସ୍ ଭାରତର ନୋମିନାଲ୍ ଜିଡିପି ଆକଳନକୁ ୧୫୦ରୁ ୩୦୦ ବେସିସ୍ ପଏଣ୍ଟ ହ୍ରାସ କରି ୧୩ରୁ ୧୪% ରଖିଛି। ଚଳିତ ଆର୍ଥିକ ବର୍ଷ ଦ୍ୱିତୀୟ ଭାଗରେ ଭାରତୀୟ ଅର୍ଥବ୍ୟବସ୍ଥା ଦ୍ରୁତ ହାରରେ ସୁଧାର ପଥକୁ ଫେରିବ। ଲକ୍‌ଡାଉନ ଟିକସ ସଂଗ୍ରହ ଉପରେ କୌଣସି ପ୍ରଭାବ ପକାଇବ ନାହିଁ ବୋଲି ଏହା କହିଛି। ଉଲ୍ଲେଖଯୋଗ୍ୟ, କରୋନା ପ୍ରଥମ ଲହରରେ ଭାରତ ବଜାରର ଜିଡିପି ବିଶେଷଭାବେ ପ୍ରଭାବିତ ହୋଇଛି। ଗତବର୍ଷ ଜିଡିପି ନକାରାତ୍ମକ ରହିଥିବା ଜଣାପଡ଼ିଛି।

**BIKASHA FINANCE**
BIKASHA FINANCE
ସମସ୍ତ ପ୍ରକାର LOAN ଯୋଗାଇ ଦେଉଛି। ମାର୍କଶିଟ, ପର୍ସନାଲ, ସମ୍ପତ୍ତି, ଗୃହ, ବ୍ୟବସାୟ, କୃଷି, ଶିକ୍ଷା, କୁକୁଡ଼ା ଓ ଗୋପାଳନ ଇତ୍ୟାଦି ସମସ୍ତ ପ୍ରକାର LOAN ଘରେ ବସି ପାଆନ୍ତୁ।
ସୁଧ = 2%
Mob.: 8280503279
7656825022
Retamunda, Bhatigaon, Baragarh

# ବ୍ୟାଡ୍ ବ୍ୟାଙ୍କକୁ ଆସିପାରେ ୮୦ ଏନ୍‌ପିଏ ଆକାଉଣ୍ଟ

ନୂଆଦିଲ୍ଲୀ,୨୦।୫

ଆସନ୍ତା ମାସରୁ ନ୍ୟାଶନାଲ ଆସେଟ୍ ରିକନ୍‌ଷ୍ଟ୍ରକଶନ କମ୍ପାନୀ ଲିମିଟେଡ(ଏନ୍‌ଏଆର୍‌ସିଏଲ୍) ବା ବ୍ୟାଡ୍ ବ୍ୟାଙ୍କ କାର୍ଯ୍ୟକ୍ଷମ ହୋଇପାରେ। ଦେଶର ବିଭିନ୍ନ ବ୍ୟାଙ୍କ ଏହି ନୂଆ ବ୍ୟାଙ୍କକୁ ପ୍ରାୟ ୮୦ ବୃହତ୍ ଏନ୍‌ପିଏ ଆକାଉଣ୍ଟ ସ୍ଥାନାନ୍ତର କରିପାରନ୍ତି। ବଜେଟ





୨୦୨୧-୨୨ରେ ବ୍ୟାଡ୍ ବ୍ୟାଙ୍କ ସ୍ଥାପନ କରିବା ଲାଗି ଘୋଷଣା କରାଯାଇଥିଲା। ବ୍ୟାଙ୍କଗୁଡ଼ିକର ଏନ୍‌ପିଏକୁ ଗ୍ରହଣ କରିବା ସହ ଏହାର ରିଜଲ୍ୟୁଶନ ଦିଗରେ ଏହା କାମ କରିବ ବୋଲି କୁହାଯାଇଥିଲା। ବ୍ୟାଙ୍କଗୁଡିକ ପକ୍ଷରୁ ଧାର୍ଯ୍ୟ କରାଯାଇଥିବା ପ୍ରତି ଏନ୍‌ପିଏ ଆକାଉଣ୍ଟଗୁଡିକର ମୂଲ୍ୟ ପ୍ରାୟ ୫୦୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ରହିଛି। ଏହାକୁ ପ୍ରସ୍ତାବିତ ନୂଆ ବ୍ୟାଙ୍କକୁ ସ୍ଥାନାନ୍ତର କରାଯିବ ବୋଲି ପ୍ରକ୍ରିୟା ସହ ଜଡିତ ଜଣେ ଅଧିକାରୀ କହିଛନ୍ତି।

ଏହାବାଦ୍ ବ୍ୟାଙ୍କଗୁଡ଼ିକର ଲୋନ୍‌ବୁକରୁ ପ୍ରାୟ ୨ ଲକ୍ଷ କୋଟି ଟଙ୍କାର ଏନ୍‌ପିଏ ବ୍ୟାଡ୍ ବ୍ୟାଙ୍କକୁ ସ୍ଥାନାନ୍ତର ହୋଇପାରେ ବୋଲି କୁହାଯାଉଛି। ବ୍ୟାଙ୍କଗୁଡ଼ିକର ବୁକ୍ ଏବଂ ଚାପଗ୍ରସ୍ତ ସମ୍ପତ୍ତି ପରିଚାଳନା କରିବା ଲାଗି ପଦକ୍ଷେପ ସମ୍ପର୍କରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ବଜେଟ ୨୦୨୧-୨୨ରେ ଘୋଷଣା କରିଥିଲେ। ଚାପଗ୍ରସ୍ତ ସମ୍ପତ୍ତିକୁ ଅଧିଗ୍ରହଣ କରିବା ଲାଗି ଆସେଟ୍ ରିକନ୍‌ଷ୍ଟ୍ରକଶନ କମ୍ପାନୀ ଲିମିଟେଡ ଏବଂ ଆସେଟ୍ ମ୍ୟାନେଜମେଣ୍ଟ କମ୍ପାନୀ ଲିମିଟେଡ ସ୍ଥାପନ କରିବା ଲାଗି ଯୋଜନା ରଖାଯାଇଛି। ଉଲ୍ଲେଖଯୋଗ୍ୟ, ଏନ୍‌ପିଏ ପରିଚାଳନା ଲାଗି ଏକ ବ୍ୟାଡ୍ ବ୍ୟାଙ୍କ ଗଠନ କରାଯାଉ ବୋଲି ଇଣ୍ଡିଆନ ବ୍ୟାଙ୍କ ଆସୋସିଏଶନ(ଆଇବିଏ) ପକ୍ଷରୁ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଥିଲା। ସରକାର ଏହି ପ୍ରସ୍ତାବକୁ ଗ୍ରହଣ କରିଥିଲେ।

ଠକେଇ ଘୋଷଣା ହୋଇଥିବା ଋଣ ବ୍ୟାଡ୍ ବ୍ୟାଙ୍କ ପରିସରକୁ ଆସିପାରିବ ନାହିଁ ବୋଲି ରିଜର୍ଭ ବ୍ୟାଙ୍କ କହିସାରିଛି। ମାର୍ଚ୍ଚ ୨୦୨୦ ସୁଦ୍ଧା ଏହି ବର୍ଗରେ ୧.୯ ଲକ୍ଷ କୋଟି ଟଙ୍କାର ଋଣ ସାମିଲ ରହିଛି। ପ୍ରସ୍ତାବିତ ବ୍ୟାଙ୍କ ଯେଭଳି ଠିକ୍ ଭାବେ କାର୍ଯ୍ୟ କରିବ ସେ ନେଇ ଏକ କମିଟି ଗଠନ କରିବାକୁ ଆର୍‌ବିଆଇ ଗତମାସରେ ପଦକ୍ଷେପ ନେଇଛି।

ମନେ ପଡୁଛି

ବାବାଙ୍କ ଦ୍ୱାଦଶାହ ଉପଲକ୍ଷେ



ସ୍ୱର୍ଗତ ଡ. ବୃନ୍ଦାବନ ଚନ୍ଦ୍ର ପାଢ଼ୀ
ଆବିର୍ଭାବ: ୩୧।୦୭।୧୯୩୫
ତିରୋଧାନ:୦୭।୦୫।୨୦୨୧
ବାବା, ତୁମେ ଓଡ଼ିଶା ପଶୁପାଳନ ବିଭାଗର ଉଚ୍ଚ ପଦସ୍ଥ ଅଧିକାରୀ ପଦରୁ ଅବସର ଗ୍ରହଣ କଲାପରେ ନିଜକୁ ସମାଜ ସେବା ଏବଂ ପରିବେଶ ସୁରକ୍ଷାରେ ଉତ୍ସର୍ଗ କରିଥିଲ। ଓଡ଼ିଆ ଭାଷାର ସ୍ୱାଭିମାନ ଓ ସୁରକ୍ଷା ପାଇଁ ଅହରହ ଉଦ୍ୟମ ଜାରି ରଖିଥିଲ। ବିଭିନ୍ନ ସଂଗଠନ ସହିତ ନିଜକୁ ଜଡ଼ିତ ରଖି ଓଡ଼ିଆ ଭାଷାର ସୁରକ୍ଷା ପାଇଁ ଅନେକ ଲେଖା ପ୍ରକାଶ କରିଥିଲ। ତନ୍ମଧ୍ୟରୁ 'ଗଞ୍ଜାମ ପର୍ଯ୍ୟଟନ' ଓ 'ଜୀବନର ଚଲାପଥରେ କିଛି ସ୍ମୃତି କିଛି ଅନୁଭୂତି' ବେଶ୍ ଆଦୃତ ହୋଇ ପାରିଥିଲା।
ତୁମ୍ଭର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ସମସ୍ତ ପରିବାର ସଦସ୍ୟଙ୍କ ତରଫରୁ ଭଗବାନଙ୍କ ନିକଟରେ ପ୍ରାର୍ଥନା।
ଧ-୬୬୬୮

ଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



୰ମନୋରଞ୍ଜନ ପଟ୍ଟୋଯୋଶୀ
୧୯୫୫- ୨୦୨୧
ଶ୍ରୀରାମ ମେଡିକାଲ୍ ଷ୍ଟୋର, ସାକ୍ଷୀଗୋପାଳ
ତୁମର ଅମର ଆତ୍ମାର ସଦ୍‌ଗତି ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଶୋକସନ୍ତପ୍ତ:-ପୁତୁରା: ବିଭୂତି-ରଞ୍ଜନ ଓ ପରିବାରବର୍ଗ
ଧ-୬୬୬୩୫

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ଲଳିତା ରାଉତରାୟ
ସ୍ୱାମୀ: ଶଶିଭୂଷଣ ରାଉତରାୟ
ଲାଲବାଗ, ଯାଜପୁର ଟାଉନ
ଆବିର୍ଭାବ: ୨୨।୧୧।୧୯୫୦
ତିରୋଧାନ:୧୧।୦୫।୨୦୨୧
ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ।
ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ ।।
ଆପଣଙ୍କ ଅବର୍ତ୍ତମାନରେ ଆମେ ଆପଣଙ୍କ ଅନାବିଳ ସ୍ନେହ, ଶ୍ରଦ୍ଧା, ଭଲପାଇବା, ଉଦାରତା, ଆଶୀର୍ବାଦକୁ ପାଥେୟ କରି ଜୀବନ ଅତିବାହିତ କରିବୁ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଆମେ ସମସ୍ତେ ଶ୍ରୀଜଗନ୍ନାଥ, ମା' ବିରଜାଙ୍କ ଶ୍ରୀଚରଣରେ ବିନମ୍ର ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ:- ନିଶି, କୁନିବୋଉ, ପରେଶ, ମିନି, ସନ୍ତୋଷ, ଜିତା, ସିଲୁ, ଜଲି, କାଳିଆ, ମିଲି, ଗୁରିଆ, ସଞ୍ଜୁ, ରଞ୍ଜୁ, ବେଞ୍ଜୁ, ଦୀପା, ମଞ୍ଜୁ ଓ ବନ୍ଧୁପରିଜନ...
ଧ-୨୦୭୪୫

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଟଙ୍କଧର ରାଉତ
(ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ, କେନ୍ଦୁପାଟଣା, ବାରଙ୍ଗ)
ସ୍ଥାନ: ପଟିଆଗଡ଼, ଭୁବନେଶ୍ୱର
ଆବିର୍ଭାବ: ୨୨।୦୮।୧୯୪୬
ତିରୋଧାନ: ୧୧।୦୫।୨୦୨୧
"ପ୍ରଭୁ ଜଗନ୍ନାଥଙ୍କ ନିକଟରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରୁଅଛୁ।"
ଆପଣଙ୍କର ପତ୍ନୀ, ଭାଇ, ଭଉଣୀ, ପୁତ୍ର, ପୁତୁରା, ପୁତ୍ରବଧୂ, କନ୍ୟା, ଜ୍ୱାଇଁ, ନାତି, ନାତୁଣୀ, ପରିବାର ଓ ବନ୍ଧୁବର୍ଗ।
ଧ-୭୦୯୨୪

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰କେଶବ କୁମାର ରାଉତ (କାଞ୍ଚନ)
ଧରାବତରଣ: ୦୧।୦୬।୧୯୪୯
ସ୍ୱର୍ଗାରୋହଣ: ୧୧।୦୫।୨୦୨୧
କର୍ମମୟ ଜୀବନର ଅବସାନ ଘଟାଇ ମଇ ୧୧ ତାରିଖ ରାତିରେ କରୋନା ମହାମାରୀ ଆପଣଙ୍କୁ କବଳିତ କଲା ଓ ଆପଣ କାଳକୋଳରେ ଶୋଇଗଲେ। ଡାକ୍ତରମାନେ କିଂ କର୍ତ୍ତବ୍ୟ ବିମୂଢ଼ ଓ ଆମ୍ଭେମାନେ ହତବାକ୍ ହୋଇ ଯାହା ଚାହିଁ ରହିଥିଲୁ। ଆମେ ବିଶ୍ୱାସ କରି ପାରୁନାହୁଁ କି ଆପଣ ଅଶରୀରୀ ହୋଇଗଲେ। ଆମ ଘରକୁ ଆଉ ଫେରିବେ ନାହିଁ। ଆପଣ ସିନା ଚାଲିଗଲେ କିନ୍ତୁ ଆପଣଙ୍କର କାର୍ଯ୍ୟଶୈଳୀ ଓ ଉପଦେଶଗୁଡ଼ିକ ଆମପାଇଁ ସର୍ବଦା ଜୀବନ୍ତ ଓ ଅମର ହୋଇ ରହିବ। ଆପଣଙ୍କର ଶୋକସନ୍ତପ୍ତ ପରିବାର ଶ୍ରୀଜଗତରନାଥ ଜଗନ୍ନାଥଙ୍କ ନିକଟରେ ଏହି ବିନମ୍ର ପ୍ରାର୍ଥନା କରୁଅଛୁ କି ଆପଣଙ୍କ ଆତ୍ମା ସଦ୍‌ଗତି ପ୍ରାପ୍ତକରୁ ଓ ଆପଣ ଆପଣଙ୍କ ସ୍ୱର୍ଗ ନିବାସରେ ଶାନ୍ତିରେ ଅବସ୍ଥାନ କରି ଆମ୍ଭମାନଙ୍କୁ ଅମୃତ ଦୃଷ୍ଟିରେ ଚାହିଁଥାନ୍ତୁ। ଆପଣଙ୍କର ଶୋକସନ୍ତପ୍ତ ପରିବାରବର୍ଗ:- ଧର୍ମପତ୍ନୀ: କଳ୍ପନା, ପୁଅ: ମିହିର, ସମୀର, ସାଗର, ଶିଶିର, ପୁତ୍ରବଧୂ: ମମତା, ପ୍ରିୟମ୍ବଦା, ଅମ୍ବିକା, ସରିତା, ନାତୁଣୀ/ନାତି: ସିମ୍ରନ୍, ସାଇ ସିଦ୍ଧାର୍ଥ, ସାଇ ସାଦବିକ, ବନ୍ଧୁ ଓ ପରିବାରବର୍ଗ ।
ମିହିର ରାଉତ, ସ୍ଥାନ ପଟିଆଗଡ଼ (ରାଉତ ସାହି)
ଧ-୨୦୭୪୮

# ଆଧୁନିକ ଭାରତୀୟ ଫୁଟ୍‌ବଲ ପ୍ରଶିକ୍ଷଣର ଜନକ



ଅଶୋକ ମହାନ୍ତି

**୧୯୫୦ରୁ ୧୯୬୨ ମସିହା ପର୍ଯ୍ୟନ୍ତ ଭାରତୀୟ ଫୁଟବଲ ଦଳ ଏସୀୟ ମହାଦେଶର ଅନ୍ୟତମ ଶ୍ରେଷ୍ଠ ଦଳର ମାନ୍ୟତା ପାଇଥିଲା। ଏହି ସମୟକୁ ଭାରତୀୟ ଫୁଟବଲର ଇତିହାସକାରମାନେ 'ସୁବର୍ଣ୍ଣ ଯୁଗ' ବୋଲି ଅଭିହିତ କରିଛନ୍ତି। ଭାରତୀୟ ଫୁଟବଲର ଅନ୍ତର୍ଜାତୀୟ ସ୍ତରରେ ଏହି ଅଭ୍ୟୁଦୟର କର୍ଣ୍ଣଧାର ସାଜିଥିଲେ ସୟେଦ୍ ଅବଦୁଲ ରହିମ...**

ବର୍ତ୍ତମାନ ଭାରତୀୟ ପୁରୁଷ ଫୁଟବଲ ଦଳ ବିଶ୍ୱ ମାନ୍ୟତାରେ ୧୦୫ ଏବଂ ଏସୀୟ ଦେଶମାନଙ୍କ ମଧ୍ୟରେ ୧୫ତମ ସ୍ଥାନରେ ରହିଛି। କିନ୍ତୁ ୫୦ ଦଶକ ଏବଂ ୬୦ ଦଶକର ଆଦ୍ୟ ଭାଗରେ ଏପରି ସ୍ଥିତି ନ ଥିଲା। ୧୯୫୦ରୁ ୧୯୬୨ ମସିହା ପର୍ଯ୍ୟନ୍ତ ଭାରତୀୟ ଫୁଟବଲ ଦଳ ଏସୀୟ ମହାଦେଶର ଅନ୍ୟତମ ଶ୍ରେଷ୍ଠ ଦଳର ମାନ୍ୟତା ପାଇଥିଲା ଏବଂ ଏହି ସମୟକୁ ଭାରତୀୟ ଫୁଟବଲର ଇତିହାସକାରମାନେ 'ସୁବର୍ଣ୍ଣ ଯୁଗ' ବୋଲି ଅଭିହିତ କରିଛନ୍ତି। ଭାରତୀୟ ଫୁଟବଲର ଅନ୍ତର୍ଜାତୀୟ ସ୍ତରରେ ଏହି ଅଭ୍ୟୁଦୟର କର୍ଣ୍ଣଧାର ସାଜିଥିଲେ ସୟେଦ୍ ଅବଦୁଲ ରହିମ। ଭାରତୀୟ ଫୁଟବଲ ପ୍ରଶିକ୍ଷଣର ଏହି ପ୍ରବାଦ ପୁରୁଷ ଫୁଟବଲ ଦୁନିଆରେ 'ରହିମ ସାହାବ' ଭାବେ ପରିଚିତ ଥିଲେ।

୬୦ ଦଶକର ମଧ୍ୟଭାଗରୁ ଭାରତୀୟ ଫୁଟବଲର ଅଗ୍ରଗତିରେ ଅଙ୍କୁଶ ଲାଗିବା ଆରମ୍ଭ ହୋଇଥିଲା। ଭାରତୀୟ ଦଳ ଶେଷଥର ପାଇଁ ୧୯୭୦ ବ୍ୟାଙ୍କକ୍ ଏସୀୟ କ୍ରୀଡ଼ାରେ ବ୍ରୋଞ୍ଜପଦକ ଜିତିଥିଲା। ପରେ ଦୀର୍ଘ ୫ ଦଶନ୍ଧି ଧରି ଏସୀୟ କ୍ରୀଡ଼ାରେ ଦଳ ପଦକ ପାଇବାରୁ ବଞ୍ଚିତ (ସାଫ୍ ଏବଂ ସାଗ୍ କ୍ରୀଡ଼ାର ପରିସଂଖ୍ୟାନରୁ ବାଦ୍ ଦିଆଯାଇଛି) ହୋଇଛି। ଏହା ବ୍ୟତୀତ ଏସିଆ କପ୍ ପ୍ରତିଯୋଗିତାରେ (୧୯୬୪, ଇସ୍ରାଏଲ୍) ରୌପ୍ୟ ଜିଣିବାରେ ସକ୍ଷମ ହୋଇଥିଲା ଭାରତୀୟ ଫୁଟବଲ ଦଳ।

## କୁଆମାର କ୍ଲବରୁ ଆରମ୍ଭ

ଅବଦୁଲ ରହିମ ହାଇଦ୍ରାବାଦ୍‌ର ଏକ ମଧ୍ୟବିତ୍ତ ପରିବାରରେ ୧୯୦୯ ଅଗଷ୍ଟ ୧୭ରେ ଜନ୍ମଗ୍ରହଣ କରିଥିଲେ। ହାଇଦ୍ରାବାଦ ସହରରେ ପ୍ରଚଳିତ ଫୁଟବଲ ଅନୁକୂଳ ପରିବେଶ ଏବଂ ଖେଳର ଲୋକପ୍ରିୟତା ଯୁବକ ରହିମଙ୍କୁ ଫୁଟବଲ ପ୍ରେମରେ ପକାଇଥିଲା। ସହରର ତତ୍କାଳୀନ ଜଣାଶୁଣା କୁଆମାର କ୍ଲବରୁ ତାଙ୍କ ଖେଳ ଜୀବନ ଆରମ୍ଭ ହୋଇଥିଲା। ଶୁଣାଯାଏ ଯେ ରହିମ କିଛିଦିନ ପାଇଁ ଡଚ୍ (ନେଦରଲାଣ୍ଡ) କ୍ଲବ ଏଏସ୍‌ଭି ହୋଏକ୍ ପାଇଁ ମଧ୍ୟ ଖେଳିଥିଲେ।

ଓସ୍‌ମାନିଆ ବିଶ୍ୱବିଦ୍ୟାଳୟକୁ ଫୁଟବଲରେ ପ୍ରତିନିଧିତ୍ୱ କରିଥିବା ରହିମ୍ ପରବର୍ତ୍ତୀ ସମୟରେ ହାଇଦ୍ରାବାଦ ସିଟି ପୋଲିସର ପ୍ରଶିକ୍ଷକ ଦାୟିତ୍ୱ ତୁଲାଇଥିଲେ। ସ୍ନାତକ ପାଠ୍ୟକ୍ରମ ଅଧାରୁ ଛାଡି ଜଣେ ଶିକ୍ଷକ ଭାବେ କାର୍ଯ୍ୟ କରୁଥିବା ରହିମ ପୁନଶ୍ଚ ଏହାକୁ ଶେଷ କରିବା ସହିତ ଶାରୀରିକ ଶିକ୍ଷା (ଫିଜିକାଲ ଏଜୁକେଶନ୍)ରେ ଡିପ୍ଲୋମା ହାସଲ କରି ଚନ୍ଦରଘାଟ ଉଚ୍ଚ ବିଦ୍ୟାଳୟ ଏବଂ ଦାରୁଲ-ଉଲ-ଉଲୁମ ଉଚ୍ଚ ବିଦ୍ୟାଳୟରେ କ୍ରୀଡ଼ା ଶିକ୍ଷକ ଭାବେ କାର୍ଯ୍ୟ କରିଥିଲେ। ୧୯୪୩ରେ ସେ ହାଇଦ୍ରାବାଦ୍ ଫୁଟବଲ ଆସୋସିଏଶନର ସମ୍ପାଦକ ନିର୍ବାଚିତ ହୋଇଥିଲେ ଏବଂ ଫୁଟବଲ ପ୍ରଶିକ୍ଷଣକୁ ଆପଣେଇ ଥିଲେ। ତାଙ୍କ ତାଲିମରେ ହାଇଦ୍ରାବାଦ ସିଟି ପୋଲିସ ଦଳ ୫ ଥର ପ୍ରସିଦ୍ଧ ରୋଭର୍ସ କପ୍ ଟାଇଟଲ ବିଜେତା ହୋଇଥିଲା। ୧୯୪୯ରେ ରହିମଙ୍କୁ ଭାରତୀୟ ଫୁଟବଲ ଦଳର ପ୍ରଶିକ୍ଷକ ଦାୟିତ୍ୱ ମିଳିଲା। ତାଙ୍କ ପ୍ରଶିକ୍ଷଣରେ ଭାରତୀୟ ଦଳ ସିଲୋନ୍ ଗସ୍ତ କରି ସଫଳତା ହାସଲ କରିଥିଲା।

୧୯୫୧ରେ ଦିଲ୍ଲୀଠାରେ ଅନୁଷ୍ଠିତ ପ୍ରଥମ ଏସୀୟ କ୍ରୀଡ଼ା ଫୁଟବଲରେ ଭାରତୀୟ ଦଳ ରହିମଙ୍କ ପ୍ରଶିକ୍ଷଣରେ ଉତ୍କୃଷ୍ଟ ପ୍ରଦର୍ଶନ ଜରିଆରେ ଏସୀୟ ମହାଦେଶର ଶ୍ରେଷ୍ଠ ଦଳଗୁଡ଼ିକୁ ପରାସ୍ତ କରିବାରେ ସକ୍ଷମ ହୋଇଥିଲା। ଫାଇନାଲରେ ଅପେକ୍ଷାକୃତ ଶକ୍ତିଶାଳୀ ଇରାନ୍‌କୁ ୧-୦ ଗୋଲରେ ହରାଇ ସ୍ୱର୍ଣ୍ଣ ପଦକ ଜିତିଥିଲା। ସୈଲେନ୍ ମାନାଙ୍କ



(ଅବଦୁଲ ରହିମ: ୧୯୦୯-୧୯୬୩)

ନେତୃତ୍ୱାଧୀନ ଭାରତୀୟ ଦଳର ତାରକା ଫରୱାର୍ଡ ସାଉ ମେୱାଲାଲ ମ୍ୟାଚ୍‌ର ୩୪ତମ ମିନିଟ୍‌ରେ ଏକମାତ୍ର ବିଜୟ ସୂଚକ ଗୋଲ ସ୍କୋର କରିଥିଲେ। ଅନ୍ତର୍ଜାତୀୟ ସ୍ତରରେ ଏହା ଥିଲା ରହିମ୍‌ଙ୍କର ପ୍ରଥମ ବଡ ସଫଳତା।

## ଅଲିମ୍ପିକ୍ସରେ ଶ୍ରେଷ୍ଠ

ରହିମ୍ ସାହାବଙ୍କର ପ୍ରଶିକ୍ଷଣର ଯାଦୁ ପୁନର୍ବାର ଦେଖିବାକୁ ମିଳିଥିଲା ୧୯୫୬ ମେଲବୋର୍ନ ଅଲିମ୍ପିକ୍ସରେ। ଭାରତୀୟ ଦଳ (ପ୍ରଥମ ରାଉଣ୍ଡର ପ୍ରତିଦ୍ୱନ୍ଦ୍ୱୀ ହଙ୍ଗେରୀ ଅନୁପସ୍ଥିତ ଥିଲା) ସିଧାସଳଖ କ୍ୱାର୍ଟର ଫାଇନାଲରେ ଘରୋଇ ଅଷ୍ଟ୍ରେଲିଆ ଦଳକୁ ୪-୨ ଗୋଲରେ ପରାସ୍ତ କରିଥିଲା। ଏହି ମ୍ୟାଚ୍‌ରେ ଭାରତୀୟ ଷ୍ଟ୍ରାଇକର ନାଭାଲ ଡିସୋଜା ଏସିଆ ମହାଦେଶର ପ୍ରଥମ ଖେଳାଳି ଭାବେ ହ୍ୟାଟ୍ରିକ୍ (୩ ଗୋଲ) ଅର୍ଜନ କରି ଏକ ନିଆରା ରେକର୍ଡ ସୃଷ୍ଟି କରିଥିଲେ। ସେମିଫାଇନାଲରେ ଯୁଗୋସ୍ଲୋଭିଆ ଏବଂ ତୃତୀୟ ସ୍ଥାନ ପାଇଁ ମ୍ୟାଚ୍‌ରେ ବୁଲ୍‌ଗେରିଆଠାରୁ ପରାସ୍ତ ହୋଇ ଚତୁର୍ଥ ସ୍ଥାନ ହାସଲ କରିବା ଆଜି ପର୍ଯ୍ୟନ୍ତ ଅଲିମ୍ପିକ୍ସରେ ଭାରତର ଶ୍ରେଷ୍ଠ ପ୍ରଦର୍ଶନ ହୋଇ ରହିଛି।

ରହିମ୍‌ଙ୍କର ପ୍ରଶିକ୍ଷଣରେ ଭାରତୀୟ ଦଳ ତା'ର ଶେଷ ଏବଂ ଶ୍ରେଷ୍ଠ ସଫଳତା ପାଇଥିଲା ଜାକର୍ତ୍ତାଠାରେ ଅନୁଷ୍ଠିତ ୧୯୬୨ ଏସୀୟ କ୍ରୀଡ଼ାରେ। ତାରକା ଖଚିତ ଦୁର୍ଦ୍ଧର୍ଷ ଅଗ୍ରଭାଗ ଖେଳାଳି ଚୁନି ଗୋସ୍ୱାମୀ, ପି.କେ. ବାନାର୍ଜୀ ଏବଂ ବଳରାମ, ନିର୍ଭରଯୋଗ୍ୟ ଫୁଲବ୍ୟାକ୍ ଜର୍ଣ୍ଣେଲ ସିଂ ଏବଂ ଦକ୍ଷ ଗୋଲରକ୍ଷକ ପିଟର ଥଙ୍ଗରାଜ ପ୍ରଭୃତି ଖେଳାଳିମାନେ ପ୍ରଶିକ୍ଷକ ରହିମ୍‌ଙ୍କର ରଣକୌଶଳକୁ ମ୍ୟାଚରେ ନିର୍ଭୁଲ ଭାବେ ପ୍ରୟୋଗ କରି ଅପେକ୍ଷାକୃତ ଶକ୍ତିଶାଳୀ ପ୍ରତିଦ୍ୱନ୍ଦ୍ୱୀମାନଙ୍କୁ ପରାସ୍ତ କରିବାରେ ସକ୍ଷମ ହୋଇଥିଲେ।

ଫାଇନାଲ ଏକଲକ୍ଷ ଦର୍ଶକଙ୍କ ଉପସ୍ଥିତିରେ ଖେଳା ଯାଇଥିଲା। ଲିଗ୍ ପର୍ଯ୍ୟାୟରେ ଦକ୍ଷିଣ କୋରିଆଠାରୁ ଭାରତ ୦-୨ ଗୋଲରେ ପରାଜିତ ହୋଇଥିଲା। ଫାଇନାଲରେ ସମାନ ପ୍ରତିଦ୍ୱନ୍ଦ୍ୱୀ ରହିଥିବାରୁ ରହିମ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରିଥିଲେ। ସେଣ୍ଟର ଫରୱାର୍ଡ ଖେଳାଳିଙ୍କୁ ମିଡ୍‌ଫିଲ୍ଡ ଅଞ୍ଚଳକୁ ପଛକୁ ଆଣି ଫୁଲବ୍ୟାକ ସ୍ଥାନରେ ଖେଳୁଥିବା ଜର୍ଣ୍ଣେଲ ସିଂଙ୍କୁ ଆକ୍ରମଣରେ ସାମିଲ କରିଥିଲେ। ଅଗ୍ରଭାଗରେ ସୁଯୋଗ ପାଇଥିବା ଜର୍ଣ୍ଣେଲ ବିଜୟ ସୂଚକ ଗୋଲ ଦେବାରେ ସକ୍ଷମ ହୋଇଥିଲେ। ଏହି ରଣ କୌଶଳକୁ ପରବର୍ତ୍ତୀ ସମୟରେ ୟୁରୋପୀୟ ଦଳମାନେ ପ୍ରୟୋଗ କରିଥିଲେ। ଏହି ମ୍ୟାଚକୁ ୨-୧ ଗୋଲରେ ଜିତି ଭାରତ ତା'ର ଶେଷ ସ୍ୱର୍ଣ୍ଣପଦକ ହାସଲ କରିଥିଲା।

## ଫୁଟ୍‌ବଲ ପ୍ରଫେଟ

୧୯୬୪ରେ ଭାରତୀୟ ଜାତୀୟ ଦଳର ପ୍ରଶିକ୍ଷକ ଆଲବର୍ଟୋ ଫର୍ନାଣ୍ଡୋ ବ୍ରାଜିଲରେ ଏକ ଫୁଟବଲ କର୍ମଶାଳାରେ ଯୋଗଦେବା ଅବସରରେ କହିଥିଲେ "ମୁଁ ରହିମଙ୍କଠାରୁ ୧୯୫୬ରେ ଯାହା ଶିଖିଥିଲି, ତାହା ବର୍ତ୍ତମାନ ବ୍ରାଜିଲରେ ଶିକ୍ଷା ଦିଆଯାଉଛି।" ରହିମ ପ୍ରକୃତରେ ଥିଲେ ଜଣେ "ଫୁଟବଲ ପ୍ରଫେଟ"। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ୧୯୫୬ରେ ରହିମ ଭାରତୀୟ ଦଳ ପାଇଁ ୪-୨-୪ ପଦ୍ଧତି ଅନୁସରଣ କରିଥିବା ବେଳେ, ତାହାର ଦୁଇବର୍ଷ ପରେ ୧୯୫୮ ବିଶ୍ୱକପରେ ବ୍ରାଜିଲ ଏହି ପଦ୍ଧତି (୪-୨-୪)ରେ ଖେଳି ବିଶ୍ୱ ଚାମ୍ପିୟନ ହୋଇଥିଲେ।

ବିଶିଷ୍ଟ ଫୁଟବଲ ଲେଖକ ଓ ଭାଷ୍ୟକାର ନୋଭି କାପାଡିଆ ତାଙ୍କର ଚର୍ଚ୍ଚିତ ପୁସ୍ତକ "ବେଆର ଫୁଟ୍ସ ଟୁ ବୁଟ୍ସ"ରେ ରହିମଙ୍କ ସମ୍ବନ୍ଧରେ ଲେଖିଥିଲେ। "ବ୍ରିଟିଶମାନେ ପ୍ରୟୋଗ କରୁଥିବା ଲମ୍ବା ଏବଂ ଉପରୁଆ ବଲ ସଞ୍ଚାଳନ ପଦ୍ଧତି ରହିମ ପସନ୍ଦ କରୁ ନ ଥିଲେ। ୟୁରୋପର ବିଭିନ୍ନ ଦେଶ, ବିଶେଷ ଭାବେ ୧୯୫୦ ଦଶକରେ "ମ୍ୟାଜିକ ମାଗରସ" ଭାବେ ପରିଚିତ ପ୍ରଖ୍ୟାତ ହଙ୍ଗେରିଆନ ଦଳ ପ୍ରୟୋଗ କରୁଥିବା କୌଶଳଗୁଡ଼ିକ ଅନୁଧ୍ୟାନ କରୁଥିଲେ ଏବଂ ଖେଳ ସମୟରେ "ଗ୍ରାଉଣ୍ଡ ପାସିଙ୍ଗ" ଉପରେ ଅଧିକ ଗୁରୁତ୍ୱ ଦେଉଥିଲେ।

୧୯୬୨ ଏସିୟ କ୍ରୀଡ଼ାରେ ସ୍ୱର୍ଣ୍ଣ ପଦକ ଜିତିବା ପରର ମୁହୂର୍ତ୍ତକୁ ମନେ ପକାଇ ଭାରତୀୟ ଦଳର ଅନ୍ୟତମ କିମ୍ବଦନ୍ତୀ ଖେଳାଳି ତୁଳସିଦାସ ବଳରାମ କହନ୍ତି "ରହିମ ସାହାବ କ୍ୟାନସର ରୋଗରେ ପୀଡ଼ିତ ହୋଇଥିଲେ ମଧ୍ୟ ପୂରା ଟୁର୍ନାମେଣ୍ଟ ସମୟରେ କେବେହେଲେ ବିଷାଦଗ୍ରସ୍ତ ଥିବା କିମ୍ବା ତାଙ୍କ କାର୍ଯ୍ୟରେ ଅବହେଳା କରିବା ଦେଖାଯାଇ ନ ଥିଲା। ଆମେ ସ୍ୱର୍ଣ୍ଣ ପଦକ ଜିତିବା ପରେ ତାଙ୍କ ଆଖିରୁ ଧାରଧାର ଆନନ୍ଦାଶ୍ରୁ ବୋହି ଚାଲୁଥିଲା। ଏକବର୍ଷ ପରେ ୧୯୬୩ ଜୁନ ୧୧ରେ ସେଇ ଦୁରାରୋଗ୍ୟ ବ୍ୟାଧିରେ ତାଙ୍କର ମୃତ୍ୟୁ ହୋଇଥିଲା।"

## 'ମଇଦାନ'କୁ ଅପେକ୍ଷା

ରହିମ୍‌ଙ୍କର ସୁପୁତ୍ର ସୟେଦ ଅବଦୁଲ ହାକିମ ମଧ୍ୟ ୧୯୬୦ ରୋମ ଅଲିମ୍ପିକ୍ସରେ ଭାରତୀୟ ଦଳର ସଦସ୍ୟ ଥିଲେ। ପରବର୍ତ୍ତୀ ସମୟରେ ଭାରତୀୟ କ୍ରୀଡ଼ା ପ୍ରାଧିକରଣ(ସାଇ)ର ଆଞ୍ଚଳିକ ନିର୍ଦ୍ଦେଶକ ଏବଂ ଜଣେ ଫିଫା ମାନ୍ୟତା ପ୍ରାପ୍ତ ରେଫରି ଭାବେ ପିତା ରହିମଙ୍କର ଫୁଟବଲ ପ୍ରତି ସମର୍ପିତ ଜୀବନ ଓ ଅବଦାନର ଧାରାକୁ ବଜାୟ ରଖିଥିଲେ। ତାଙ୍କ ମତରେ ତାଙ୍କ ପିତା ଅବଦୁଲ ରହିମ ଫୁଟବଲରେ 'ୱାନ ଟଚ୍ ଫୁଟବଲ' ପଦ୍ଧତିର ଆଦ୍ୟ ପ୍ରବର୍ତ୍ତକ ଥିଲେ, ଯାହା କି ପରବର୍ତ୍ତୀ ସମୟରେ ସାରା ବିଶ୍ୱରେ ଆଦୃତ ହୋଇଥିଲା।

ଭାରତୀୟ ଫୁଟବଲର ଏହି ସର୍ବକାଳୀନ ଓ ସର୍ବଶ୍ରେଷ୍ଠ ପ୍ରଶିକ୍ଷକଙ୍କୁ ଦେଶର ଫୁଟବଲ ପଣ୍ଡିତ ମାନେ ଆଧୁନିକ ଭାରତୀୟ ଫୁଟବଲ ପ୍ରଶିକ୍ଷଣର ଜନକ ଭାବେ ଅଭିହିତ କରିଥାନ୍ତି। ଇଂଲିଶରେ କୁହାଯାଉଥିବା 'ଅନସଙ୍ଗ ହିରୋ'ଙ୍କ ପରି ବିଭିନ୍ନ ସମ୍ମାନ ଓ ପୁରସ୍କାରରୁ ବଞ୍ଚିତ 'ରହିମ୍ ସାହାବ'ଙ୍କ ଅବିସ୍ମରଣୀୟ ଅବଦାନକୁ ଆଧାର କରି ବଲିଉଡରେ ପ୍ରସ୍ତୁତ ଏବଂ ରିଲିଜ ଅପେକ୍ଷାରେ ଥିବା ଅଜୟ ଦେବଗନ ଅଭିନୀତ ବାୟୋପିକ 'ମଇଦାନ'ରେ ରହିମ୍ ସାହାବଙ୍କ ପ୍ରେରଣାଦାୟୀ ସଫଳତାର କାହାଣୀ ଅସଂଖ୍ୟ ଫୁଟବଲପ୍ରେମୀ ଦର୍ଶକଙ୍କୁ ମୁଗ୍ଧ କରିବ, ଏଥିରେ ସନ୍ଦେହ ନାହିଁ।

# ମ୍ୟାଗ୍ନିଫିସେଣ୍ଟ ମେରି

**ଦେଶର ଅନ୍ୟତମ ଶ୍ରେଷ୍ଠ ମହିଳା କ୍ରୀଡ଼ାବିତ୍ ଏମ୍‌ସି ମେରିକମ୍ ବକ୍ସିଂରେ ସଫଳତାର ଶୀର୍ଷକୁ ଛୁଇଁଛନ୍ତି। ଭାରତର ପ୍ରଥମ ମହିଳା ବକ୍ସରଭାବେ ସେ ଅଲିମ୍ପିକ୍ସ ପଦକ ହାସଲ କରି ଇତିହାସ ସୃଷ୍ଟି କରିଥିଲେ। ନିଜର ଧୈର୍ଯ୍ୟ, ସାହସ, ନିଷ୍ଠା, ଅଧ୍ୟବସାୟ ବଳରେ ସେ ସବୁ ପ୍ରକାର ବାଧାବନ୍ଧନକୁ ପଛରେ ପକାଇ ବିଶ୍ୱ ବକ୍ସିଂରେ ନିଜ ତଥା ଦେଶ ପାଇଁ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ବନିଯାଇଛନ୍ତି।**

ଜୀବେ ଦୟା ଏକ ସଦ୍‌ଗୁଣ। ଜୀବନର ମୂଲ୍ୟ ବୁଝିଥିବା ମଣିଷ ସକଳ ଜୀବଙ୍କ ପ୍ରତି ସଦୟ ରୁହନ୍ତି। ସେହିପରି ଜଣେ ମଣିଷ ହେଲେ ବିଶ୍ୱ ବିଖ୍ୟାତ୍ ବକ୍ସର ଏମ୍‌ସି ମେରି କମ୍। ଖଟିଖିଆ ପରିବାରରେ ବଢ଼ି ଜୀବନକୁ ଶ୍ରେଷ୍ଠ କରିଥିବାରୁ ମୂଲ୍ୟବୋଧ ତାଙ୍କ ପାଇଁ ତାତ୍ପର୍ଯ୍ୟପୂର୍ଣ୍ଣ। ସେ ପିଲାଟି ବେଳୁ ଖେଳକୁଦରେ ଆଗ୍ରହୀ ଥିଲେ। ଫୁଟବଲ, ଭଲିବଲ ଖେଳୁଥିଲେ, ଦୌଡ଼ ଓ ଡିଆଁରେ ବି ମାତୁଥିଲେ। ତେବେ ଦିନ ଅତିକ୍ରାନ୍ତେ ଉତ୍ସାହରେ ପରିବର୍ତ୍ତନ ଘଟିଲା ଏବଂ ବକ୍ସିଂ ଭଳି ଏକ ସମର କ୍ରୀଡ଼ାରେ ମନୋନିବେଶ କଲେ। ଏହା ନବେ ଦଶକର ମଧ୍ୟଭାଗର କଥା। ସେତେବେଳେ ଦେଶରେ କେବଳ ପୁଅମାନେ ବକ୍ସିଂ ଖେଳୁଥିଲେ ଏବଂ ସେମାନଙ୍କ ପାଇଁ ଜାତୀୟ ଚାମ୍ପିୟନଶିପ୍ ଆୟୋଜିତ ହେଉଥିଲା। ସେହି ସମୟରେ ମେରି କମ୍ ମୁଷ୍ଟିଯୁଦ୍ଧ କ୍ରୀଡାରେ ପାଦ ଥାପିଥିଲେ। ତାଙ୍କ ପୂରାନାମ ମାଙ୍ଗ୍‌ତେ ଚୁଙ୍ଗ୍‌ନୀଜାଙ୍ଗ୍ ମେରି କମ୍। ୧୯୮୨, ନଭେମ୍ବର୨୪ରେ ମଣିପୁର ରାଜ୍ୟର ଚୂଡ଼ାଚାନ୍ଦପୁର ଜିଲା ମୈରାଙ୍ଗ ଲମ୍‌ଖାଇ ବ୍ଲକର କଙ୍ଗାଥୀ ଗ୍ରାମରେ ତାଙ୍କର ଜନ୍ମ। କମ୍ ଜନଜାତି ସମ୍ପ୍ରଦାୟର ବାପିଟିଷ୍ଟ ଖ୍ରୀଷ୍ଟିଆନ୍ ପରିବାରର ସେ ଜ୍ୟେଷ୍ଠ କନ୍ୟା। ବାପାଙ୍କ ନାମ ମାଙ୍ଗ୍‌ତେ ଟମ୍ପା କମ୍ ଓ ମାତା ମାଙ୍ଗ୍‌ତେ ଅଖମ କମ୍। ଦୁହେଁ ଶ୍ରମିକ ଭାବେ 'ଝୁମ୍' ଧାନ କ୍ଷେତରେ କାମ କରୁଥିଲେ। ମେରିକମ୍‌ଙ୍କ ପିତା ଟମ୍ପା କମ୍ ଜଣେ ନିୟମିତ କୁସ୍ତିବିତ୍ ଥିଲେ। ତେବେ ସେସବୁ ଆଜି ଅତୀତ। ମେରିକମ୍ ଯାହା ଭାବି ନ ଥିଲେ କି କଳ୍ପନା କରି ନ ଥିଲେ ତାହା ଆଜି ସାକାର ହୋଇଛି। ଅଜସ୍ର ଯଶ, ଖ୍ୟାତିର ଅଧିକାରୀ ହୋଇପାରିଛନ୍ତି। ଏହା ନିଶ୍ଚିତ ଏକ ବିରଳ ସାଫଲ୍ୟ। ସେହି ଉଚ୍ଚତାକୁ ପହଞ୍ଚିବା ଅନ୍ୟମାନଙ୍କ ପାଇଁ ଅସମ୍ଭବ ହୋଇପାରେ। ମାଳ ମାଳ ଚାମ୍ପିୟନଶିପ୍ ଟାଇଟିଲ୍, ସ୍ୱର୍ଣ୍ଣ ପଦକ, ଅଲିମ୍ପିକ୍ ପଦକ ଓ ପଦ୍ମଶ୍ରୀଠାରୁ ପଦ୍ମ ବିଭୂଷଣ ଯାଏ ତିନୋଟି ପଦ୍ମ ପୁରସ୍କାର, ଲିମ୍‌କା ବୁକ୍ ଅଫ୍ ରେକର୍ଡରେ ସ୍ଥାନ ଓ ମେଗ୍ନିଫିସେଣ୍ଟ ମେରୀ ଆୱାର୍ଡ ଇତ୍ୟାଦି। ୨୦୨୦ ମସିହାରେ ତାଙ୍କୁ ପଦ୍ମ ବିଭୂଷଣ ପ୍ରଦାନ କରାଯାଇଥିଲା। ସେ ମଧ୍ୟ ଟୋକିଓ ଅଲିମ୍ପିକ୍ସ ପାଇଁ ଅନ୍ତର୍ଜାତୀୟ ଅଲିମ୍ପିକ୍ସ କମିଟି (ଆଇଓସି)ର ମନୋନୀତ ରାଷ୍ଟ୍ରଦୂତ। ବିଶ୍ୱ ର୍‍ୟାଙ୍କିଙ୍ଗ୍ ତାଲିକାରେ ୧ ନଂ।



ମେରିକମ୍ ଚୂଡ଼ାଚାନ୍ଦପୁର କଲେଜରୁ ଗ୍ରାଜୁଏସନ୍ ଡିଗ୍ରୀ ହାସଲ କରିଥିଲେ। କିନ୍ତୁ କିଶୋର ବୟସରେ ପ୍ରାୟତଃ ଖେଳକୁଦରେ ସମୟ କଟିଥିଲା। ୧୯୯୮ ମସିହାରେ ତତ୍କାଳୀନ ଖ୍ୟାତନାମା ବକ୍ସର ଡିଙ୍ଗ୍‌କୋ ସିଂ ବ୍ୟାଙ୍କକ୍ ଏସିଆନ୍ ଗେମ୍‌ସ ବକ୍ସିଂରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ସିଂ ସେତେବେଳେ ମଣୀପୁର ସମେତ ଭାରତୀୟ କ୍ରୀଡ଼ାର ଜଣେ ମଡେଲ ପାଲଟି ଯାଇଥିଲେ। ୨ ହଜାର ମସିହାରେ ମେରିକମ୍ ରାଜଧାନୀ ଇମ୍ଫାଲର ସ୍ପୋର୍ଟସ୍ ଏକାଡେମୀରେ ନାମ ଲେଖାଇଥିଲେ। ତାଙ୍କ ଭଳି ପ୍ରତିଭାମାନେ ବକ୍ସିଂ ଖେଳକୁ ପ୍ରାଥମିକତା ଦେଲେ। ୨ ହଜାର ମସିହା ମଣୀପୁର ରାଜ୍ୟ ବକ୍ସିଂ ଚାମ୍ପିୟନଶିପ୍‌ରେ ବିଜୟୀ ହେବା ପରେ ମେରିକମ୍ ଲୋକଲୋଚନକୁ ଆସିଲେ ଏବଂ ଗଣମାଧ୍ୟମରେ ତାଙ୍କ ଫଟୋ ଦେଖି ତାଙ୍କ ବାପା ମଧ୍ୟ ପ୍ରେରିତ ହେଲେ। ୨ ହଜାର ମସିହା ପଞ୍ଜାବ ନ୍ୟାଶନାଲ ଗେମ୍ସରେ ଭାଗ ନେବାଲାଗି ଯାତ୍ରା କରୁଥିଲାବେଳେ ନୂଆଦିଲ୍ଲୀରେ ଆଇନ ଛାତ୍ର କାରୁଙ୍ଗ ଅଂଖୋଲାର୍‌ଙ୍କ ସହ ଭେଟ ହୋଇଥିଲା। ଅଂଖୋଲାର୍ ଦିଲ୍ଲୀ ୟୁନିଭର୍ସିଟି କଲେଜରେ ଆଇନ ଶିକ୍ଷା କରୁଥିଲେ। ସାକ୍ଷାତର ୪ ବର୍ଷ ପରେ ମେରିକମ୍ ଅଂଖୋଲାର୍‌ଙ୍କୁ ଜୀବନ ସାଥୀ କରିଥିଲେ। ତାଙ୍କର ତିନୋଟି ସନ୍ତାନ ଥିଲେ ସୁଦ୍ଧା ୨୦୧୮ରେ ମେରିଲୀନ୍ ନାମ୍ନୀ ଜଣେ ଶିଶୁ କନ୍ୟାକୁ ପାଳିତ କନ୍ୟା ରୂପେ ଗ୍ରହଣ କରିଥିଲେ ମେରିକମ୍। ସେ ନିଜ କ୍ୟାରିଅର ଭିତରେ ଯଥାକ୍ରମେ ୪୧, ୪୫, ୪୬, ୪୮ ଓ ୫୧ କିଲୋ ବର୍ଗ(ଲାଇଟ୍ ଫ୍ଲାଏ ଓ ଲାଇଟ୍ ୱେଟ୍)ରେ ରହି ବକ୍ସିଂ ଖେଳି ଆସିଛନ୍ତି।

### ଉପାଧି ଓ ପୁରସ୍କାର

୨୦୦୬ରେ ପଦ୍ମଶ୍ରୀ, ୨୦୧୩ରେ ପଦ୍ମଭୂଷଣ, ୨୦୨୦ରେ ପଦ୍ମବିଭୂଷଣ ଉପାଧି, ୨୦୦୯ ରାଜୀବ ଗାନ୍ଧୀ ଖେଳରତ୍ନ, ୨୦୦୩ ମସିହାରେ ଅର୍ଜୁନ ପୁରସ୍କାରରେ ସମ୍ମାନିତ ହୋଇଥିଲେ। ଅନ୍ତର୍ଜାତୀୟ ବକ୍ସିଂ ସଂଘ(ଏଆଇବିଏ) ପକ୍ଷରୁ ପ୍ରଥମ ଲିଜେଣ୍ଡ ଆୱାର୍ଡ, ୨୦୧୬ ବିଶ୍ୱ ଚାମ୍ପିୟନଶିପ୍ ପାଇଁ ବ୍ରାଣ୍ଡ ଆମ୍ବାସାଡର, ୨୦୦୭ ଲିମିକା ବୁକ୍ ଅଫ୍ ରେକର୍ଡ ପକ୍ଷରୁ ପିପୁଲ ଅଫ୍ ଦି ଇୟର ଆୱାର୍ଡ, ୨୦୦୮ ରିଏଲ ହିରୋଜ୍ ଆୱାର୍ଡ, ୨୦୦୮ ୟୁଥ୍ ଆଇକନ୍, ୨୦୧୦ ସ୍ପୋର୍ଟସ୍ ଓମେନ୍ ଅଫ୍ ଦି ଇୟର, ଅଲିମ୍ପିଆନ୍ ଫର୍ ଲାଇଫ୍, ୨୦୧୬ରେ ନର୍ଥ-ଇଷ୍ଟର୍ନ ହିଲ୍ ୟୁନିଭର୍ସିଟି ଓ କାଜିରଙ୍ଗା ୟୁନିଭର୍ସିଟି ତରଫରୁ ଡକ୍ଟରେଟ୍ ଡିଗ୍ରୀ ହାସଲ କରିଥିଲେ।

### ବିରଳ କନ୍ୟା

ଅଲିମ୍ପିକ୍ସ ସଫଳତା ସକାଶେ ମଣୀପୁର, ରାଜସ୍ଥାନ, ଆସାମ, ଅରୁଣାଚଳ ପ୍ରଦେଶ ସରକାର, କେନ୍ଦ୍ର ଜନଜାତି ବ୍ୟାପାର ମନ୍ତ୍ରଣାଳୟ, ନର୍ଥ-ଇଷ୍ଟର୍ନ କାଉନ୍‌ସିଲ ତରଫରୁ ଆର୍ଥିକ ପୁରସ୍କାର ସମେତ ଗୃହଜମି ପାଇଥିଲେ। ୨୦୧୮ରେ ମଣୀପୁର ସରକାର 'ମୀଥୋଇ ଲୀମା' (ବିରଳ କନ୍ୟା) ଆଖ୍ୟା ପ୍ରଦାନ କରିଥିଲେ। ରାଜଧାନୀ ଇମ୍ଫାଲର ଏକ ସଡ଼କ ପଥକୁ ଏମସି ମେରିକମ୍ ରୋଡ଼ ନାମକରଣ କରାଯାଇଛି।

### ଆତ୍ମଜୀବନୀକୁ ନେଇ ଚଳଚ୍ଚିତ୍ର

୨୦୧୩ରେ ଆତ୍ମଜୀବନୀ ପର୍ଯ୍ୟବସିତ ପୁସ୍ତକ 'ଅନ୍‌ବ୍ରେକେବୁଲ' ପ୍ରକାଶିତ। ଏହାର ସହ ଲେଖକ ଥିଲେ ଡିନା ସର୍ତ୍ତୋ ଏବଂ ପୁସ୍ତକଟିକୁ ପ୍ରକାଶ କରିଥିଲା ହର୍ପର କଲିନ୍‌ସ କମ୍ପାନୀ। ୨୦୧୪ରେ ଆତ୍ମଜୀବନୀ ଫିଲ୍ମ 'ମେରିକମ୍' ଯେଉଁଥିରେ ମୁଖ୍ୟ ଭୂମିକାରେ ପ୍ରିୟଙ୍କା ଚୋପ୍ରା ଅଭିନୟ କରିଥିଲେ। ଶିଶୁ ପୁସ୍ତକ 'ଦି ଗୁଡ ନାଇଟ୍ ଷ୍ଟୋରିଜ୍ ଫର୍ ରିବେଲ୍ ଗର୍ଲ'ରେ ତାଙ୍କ ଜୀବନୀ ସାମିଲ। ୨୦୧୬ରେ ନିର୍ମିତ ପ୍ରାମାଣିକ ଫିଲ୍ମ 'ୱିଥ୍ ଦିସ୍ ରିଙ୍ଗ'ରେ ମେରିକମ୍ ନିଜ ଅନୁଭୂତି ସମ୍ପର୍କରେ ବର୍ଣ୍ଣନା କରିଛନ୍ତି।

ପଶୁ ଅଧିକାର ପ୍ରସଙ୍ଗରେ ସେ ଜଣେ ଆଗ ଧାଡ଼ିର କର୍ମୀ। ପଶୁଙ୍କ ହିତ ପାଇଁ କାର୍ଯ୍ୟରତ 'ପେଟା' ସଂଗଠନର ମେରିକମ୍ ଜଣେ ଦୃଢ ସମର୍ଥକ। ସର୍କସରେ ହାତୀ ପ୍ରଦର୍ଶନ ବିଲୋପ ଦିଗରେ ତାଙ୍କ ଭୂମିକାକୁ ଅସ୍ୱୀକାର କରିହେବନି। ଏଥିପାଇଁ ସେ ଏକ ବିଜ୍ଞାପନ ଫିଲ୍ମରେ ଆହ୍ୱାନ ଦେଇଥିଲେ ଯାହା ସରକାରଙ୍କ ଉପରେ ପ୍ରଭାବ ପକାଇଥିଲା। ସର୍କସରେ ହାତୀ, ବାଘ, ସିଂହ ଆଦି ପଶୁମାନଙ୍କୁ ଖେଳ ପ୍ରଦର୍ଶନ ପାଇଁ ନିଷ୍ଠୁରତା ପ୍ରୟୋଗ କରାଯାଉଥିଲା। ଏହାକୁ ସେ କଡ଼ା ଭାଷାରେ ବିରୋଧ କରୁଥିଲେ।

**ସ୍ୱାଗତ ସମ୍ପଦ**
**ଶ୍ରୀ ଗୌର କୁଟୀର, ବଡ଼ବଜାର, ବାରିପଦା**

# ଲେଡି ଧୋନୀ

**ଭାରତୀୟ କ୍ରିକେଟରେ ଜଣେ ଲେଡି ଧୋନୀଙ୍କ ଏଣ୍ଟ୍ରି ହୋଇଛି। ସେ ହେଉଛନ୍ତି ଇନ୍ଦ୍ରାଣୀ ରୟ। ମୂଳତଃ କୋଲକାତାରେ ରହୁଥିଲେ ମଧ୍ୟ ସେ ଏବେ ଝାଡଖଣ୍ଡ ତରଫରୁ ଖେଳୁଛନ୍ତି। ମହେନ୍ଦ୍ର ସିଂ ଧୋନୀଙ୍କୁ ଆଦର୍ଶ ମାନୁଥିବା ଇନ୍ଦ୍ରାଣୀ ଗତ ଘରୋଇ ଦିନିକିଆ ଟୁର୍ନାମେଣ୍ଟରେ ଦମ୍‌ଦାର ପ୍ରଦର୍ଶନ କରିଛନ୍ତି।**

ଭାରତୀୟ ମହିଳା କ୍ରିକେଟରେ ଜଣେ ଯୁବା, ଦକ୍ଷ ଉଇକେଟକିପର ବ୍ୟାଟ୍ସୱମ୍ୟାନଙ୍କର ଆବିର୍ଭାବ ହୋଇଛି। ସେ ହେଉଛନ୍ତି ଝାଡ଼ଖଣ୍ଡର ଇନ୍ଦ୍ରାଣୀ ରୟ। ଇଂଲଣ୍ଡ ଗସ୍ତରେ ଭାରତ ୭ଟି ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିବ। ଏଥିପାଇଁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଘୋଷଣା କରିଥିବା ୨୧ ଜଣିଆ ଦଳରେ ଏକମାତ୍ର ନୂଆ ଚେହେରା ଭାବେ ଇନ୍ଦ୍ରାଣୀ ସ୍ଥାନ ପାଇଛନ୍ତି। ଉଭୟ ଉଇକେଟକିପିଂ ଓ ବ୍ୟାଟିଂରେ ସେ ଘରୋଇ କ୍ରିକେଟରେ ଦକ୍ଷତା ପ୍ରମାଣ କରିଛନ୍ତି। ଚଳିତବର୍ଷ ମାର୍ଚ୍ଚ-ଏପ୍ରିଲ୍‌ରେ ଖେଳାଯାଇଥିବା ଘରୋଇ ଦିନିକିଆ ଟୁର୍ନାମେଣ୍ଟରେ ସେ ୭୬ ରନ ହାରରେ ୮୬.୫୨ ଷ୍ଟ୍ରାଇକରେଟ୍‌ରେ ସର୍ବାଧିକ ୪୫୬ ରନ ସଂଗ୍ରହ କରିଥିଲେ। ଏଥିରେ ଦୁଇଟି ଅପରାଜିତ ଶତକ ସାମିଲ ରହିଛି। ମୂଳତଃ ପଶ୍ଚିମବଙ୍ଗରେ ରହୁଥିବା ଇନ୍ଦ୍ରାଣୀ ପୂର୍ବତନ ଅଧିନାୟକ ମହେନ୍ଦ୍ର ସିଂ ଧୋନୀଙ୍କୁ ନିଜର ଆଦର୍ଶ ମାନନ୍ତି। ଧୋନୀଙ୍କ ଭଳି ସେ ଦଳରେ ଫିନିଶର ଭୂମିକା ନିର୍ବାହ କରିବାକୁ ଚାହାନ୍ତି।

ଧୋନୀଙ୍କ ଭିଡିଓ ଦେଖି ସେ ତାଙ୍କ ପରି ଉଇକେଟକିପିଂ ଓ ବ୍ୟାଟିଂ କରିବାର ଅଭ୍ୟାସ କରିଥାନ୍ତି। ଅନ୍ୟପଟରେ କହିବାକୁ ଗଲେ ଭାରତୀୟ କ୍ରିକେଟରେ ଜଣେ ଲେଡି ଧୋନୀଙ୍କ ଏଣ୍ଟ୍ରି ହୋଇଛି। ଇନ୍ଦ୍ରାଣୀ ଧୋନୀଙ୍କ ରାଜ୍ୟ ଝାଡ଼ଖଣ୍ଡ ତରଫରୁ ଘରୋଇ କ୍ରିକେଟ ଖେଳୁଛନ୍ତି। ସେ ଧୋନୀଙ୍କ ଭଳି ରେଲୱେରେ ଚାକିରି କରୁଛନ୍ତି। ଜାତୀୟ ଦଳରେ ସ୍ଥାନ ପାଇବା ପରେ ସେ ଏବେ ଭାରତ ପାଇଁ ବିଶ୍ୱକପ୍ ଖେଳିବାର ସ୍ୱପ୍ନ ଦେଖୁଛନ୍ତି। ଧୋନୀଙ୍କ ଭଳି ଦଳରେ ଫିନିଶର ଭୂମିକା ନିର୍ବାହ କରିବାକୁ ଚାହେଁ ବୋଲି ସେ କୁହନ୍ତି। ଧୋନୀଙ୍କ ପୁରୁଣା ମ୍ୟାଚ୍‌ର ଭିଡିଓ ଦେଖି ତାଙ୍କ ଭଳି କିପିଂ ଓ



ଇନ୍ଦ୍ରାଣୀ ରୟ

ବ୍ୟାଟିଂ କରିବାକୁ ପ୍ରୟାସ କରିଥାଏ ବୋଲି ସେ କୁହନ୍ତି। ଝାଡ଼ଖଣ୍ଡ ଦଳର କ୍ୟାମ୍ପରେ ଧୋନୀଙ୍କ ସହ ତାଙ୍କର ପ୍ରଥମଥର ପାଇଁ ସାକ୍ଷାତ ହୋଇଥିଲା ଓ କିପିଂ ତଥା ବ୍ୟାଟିଂ ନେଇ ସେ ଟିପ୍ସ ଦେଇଥିଲେ। କୋଲକାତାରେ ହିଁ ସେ କ୍ରିକେଟ ଖେଳିବା ଆରମ୍ଭ କରିଥିଲେ। ୧୫ ବର୍ଷରେ ଘର ପାଖରେ ଥିବା ଏକ କ୍ରିକେଟ ଏକାଡେମୀରେ ଟ୍ରେନିଂ ନେଇଥିଲି ଓ ଏହାପରେ ୧୯ ବର୍ଷରୁ କମ ବଙ୍ଗଳା ଦଳରେ ମୋର ଚୟନ ହୋଇଥିଲା। ଏହାପରେ ଜାତୀୟ କ୍ରିକେଟ ଏକାଡେମୀ (ଏନ୍‌ସିଏ)ରେ ଟ୍ରେନିଂ ନେବାକୁ ମନୋନୀତ ହୋଇଥିଲି। ଏନ୍‌ସିଏରେ ଟ୍ରେନିଂ ନେବାରେ ଫାଇଦା ହୋଇଥିଲା ଓ ବହୁତ କିଛି ଶିଖିବାକୁ ମିଳିଥିଲା।

କ୍ରିକେଟ ଖେଳିବାକୁ ବାପା ବିରୋଧ କରୁଥିଲେ। ଦିଦିଙ୍କ ଭଳି ପାଠପଢା ଉପରେ ମନୋନିବେଶ କରିବାକୁ ସେ ଚାହୁଁଥିଲେ। କ୍ରିକେଟ ଖେଳିବା ଦ୍ୱାରା ପାଠ ପଢାରେ ସମସ୍ୟା ଆସିଥିଲା ଓ ପରୀକ୍ଷାରେ କମ୍ ନମ୍ବର ଆସିଥିଲା। ଫଳରେ ପ୍ରାକ୍ଟିସ ବନ୍ଦ କରିବାକୁ ପଡିଥିଲା। ତେବେ ମୋ କୋଚ୍ ପାଚୁ ଗୋପାଲ ମାଞ୍ଜି ବାପାଙ୍କୁ ଆସି ବୁଝାଇଥିଲେ। ପୁଣି ମା' ମଧ୍ୟ ମୋର କ୍ରିକେଟ ଟ୍ରେନିଂ ଜାରି ରଖିବା ପାଇଁ ଅନୁମତି ଦେବାକୁ ବାପାଙ୍କୁ ଅନୁରୋଧ କରିଥିଲେ। ଏହାପରେ ବାପା ହିଁ ମୋତେ ଟ୍ରେନିଂ ନେବାକୁ ଏକାଡେମୀକୁ ନେବା ଆଣିବା କରିଥିଲେ।

ପ୍ରଥମେ ବଙ୍ଗଳା ଦଳ ତରଫରୁ ୧୯ ବର୍ଷରୁ କମ୍ ଦଳ ପାଇଁ ଖେଳିଥିଲି। ଏହାପରେ ସିନିୟର ଦଳ ପାଇଁ ଖେଳିଥିଲି। ତେବେ ୨୦୧୭ରେ ଦଳରୁ ବାଦ୍ ପଡିଥିଲି। ଫଳରେ ବିଭିନ୍ନ କ୍ଲବ ପାଇଁ ଖେଳିଥିଲି। ଝାଡ଼ଖଣ୍ଡରେ ଆୟୋଜିତ ଏକ କ୍ଲବ ମ୍ୟାଚ୍ ଖେଳିବା ଅବସରରେ ଆର.ଏନ୍. ସିଂ ମୋତେ ଝାଡ଼ଖଣ୍ଡ ପାଇଁ ଖେଳିବାକୁ ପରାମର୍ଶ ଦେଇଥିଲେ। ଗତ ୩ ବର୍ଷ ହେବ ଝାଡ଼ଖଣ୍ଡ ପାଇଁ ୨୩ ବର୍ଷରୁ କମ୍ ଓ ସିନିୟର ଦଳ ପାଇଁ ଖେଳ ଜାରି ରଖିଛି। ଓପନର ଭାବେ ଝାଡ଼ଖଣ୍ଡ ତରଫରୁ ଭଲ ପ୍ରଦର୍ଶନ କରିଛି। ଘରୋଇ କ୍ରିକେଟ ଭଲ ଖେଳିବାରୁ ଜାତୀୟ ଦଳରେ ସ୍ଥାନ ମିଳିଛି ବୋଲି ସେ କୁହନ୍ତି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୨ Press Regd. No.ORIORI/2005/14845 Postal Regd. No. BN/42/21-23. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ଶୁକ୍ରବାର, ମେ ୨୧/୨୦୨୧ Sambalpur, Friday, May 21/ 2021

# ଭାରତୀୟ ମହିଳା ପ୍ରଥମ ପିଙ୍କ୍‌ବଲ ଟେଷ୍ଟ ଖେଳିବେ

ନୂଆଦିଲ୍ଲୀ, ୨୦।୫ (ପି.ଟି.)




ଭାରତୀୟ ମହିଳା କ୍ରିକେଟ ଦଳ ପ୍ରଥମଥର ପାଇଁ ପିଙ୍କ୍‌ବଲ ଟେଷ୍ଟ ଖେଳିବାର ସୌଭାଗ୍ୟ ହାସଲ କରିବ। ଆଗାମୀ ଅଷ୍ଟ୍ରେଲିଆ ଗସ୍ତରେ ଭାରତୀୟ ମହିଳା ଦିବାରାତ୍ର ଟେଷ୍ଟ ଖେଳି ଇତିହାସ ସୃଷ୍ଟି କରିବ। ସେପ୍ଟେମ୍ବର ୩୦ରୁ ଅକ୍ଟୋବର ୩ ମଧ୍ୟରେ ଭାରତ ଅଷ୍ଟ୍ରେଲିଆ ଗସ୍ତରେ ଯିବାର କାର୍ଯ୍ୟକ୍ରମ ରହିଛି।

ଏହି ଦିବାରାତ୍ର ମ୍ୟାଚ୍ ପର୍ଥରେ ଆୟୋଜନ ହେବ। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସମ୍ପାଦକ ଜୟ ଶାହା ଏ ନେଇ ଘୋଷଣା କରିବା ପରେ କ୍ରିକେଟ ଅଷ୍ଟ୍ରେଲିଆ ପର୍ଥରେ ଅବଶ୍ୟ ଏ ପର୍ଯ୍ୟନ୍ତ କୌଣସି ଦିବାରାତ୍ର ଟେଷ୍ଟ ଖେଳାଯାଇ ନାହିଁ ବୋଲି ସୂଚନା ଦେଇଛି। ମହିଳ କ୍ରିକେଟର ପ୍ରଚାର ଓ ପ୍ରସାର ପାଇଁ ଆମର ପ୍ରୟାସ ଜାରି ରହିଛି। ଫଳସ୍ୱରୂପ ଭାରତୀୟ ମହିଳା ଦଳ ଏହି ପିଙ୍କ ବଲ୍ ଟେଷ୍ଟ ଖେଳିବ ବୋଲି ଶାହା ଟୁଇଟ କରି ଜଣାଇଛନ୍ତି। ଦୀର୍ଘ ୭ ବର୍ଷ ପରେ ଭାରତୀୟ ମହିଳା ଦଳ ଜୁନ ୧୬ରେ ଇଂଲଣ୍ଡରେ ପ୍ରଥମଥର ପାଇଁ ଟେଷ୍ଟ ଖେଳିବ। ଏହାପରେ ଅଷ୍ଟ୍ରେଲିଆ ଗସ୍ତରେ ଆଉ ଏକ ଟେଷ୍ଟ ଖେଳିବ। ଭାରତ ମଧ୍ୟ ସେପ୍ଟେମ୍ବର ୧୯ରୁ ୨୪ ମଧ୍ୟରେ ୩ଟି ଦିନିକିଆ ଓ ଅକ୍ଟୋବର ୭ରୁ ୧୧ ମଧ୍ୟରେ ୩ଟି ଟି୨୦ ମ୍ୟାଚ୍ ଖେଳିବ। ୨୦୦୬ରେ ଭାରତ ଶେଷଥର ପାଇଁ ଅଷ୍ଟ୍ରେଲିଆ ବିପକ୍ଷରେ ଟେଷ୍ଟ ଖେଳିଥିଲା। ମହିଳା କ୍ରିକେଟ ଇତିହାସରେ ଭାରତ ଓ ଅଷ୍ଟ୍ରେଲିଆ ଦ୍ୱିତୀୟ ପିଙ୍କ୍ ବଲ୍ ଟେଷ୍ଟରେ ପରସ୍ପରକୁ ଭେଟିବେ। ତେବେ ଏ ପର୍ଯ୍ୟନ୍ତ ୨୦୧୭ ନଭେମ୍ବରରେ ଇଂଲଣ୍ଡ ଓ ଅଷ୍ଟ୍ରେଲିଆ ମଧ୍ୟରେ ଏକମାତ୍ର ଦିବାରାତ୍ର ଟେଷ୍ଟ ଖେଳାଯାଇଛି ଓ ଏହା ଅମୀମାଂସିତ ରହିଥିଲା।

ପିଙ୍କ୍‌ବଲ ଟେଷ୍ଟ ଭାରତ ପାଇଁ ନିଶ୍ଚିତ ଭାବେ ଏକ ଚ୍ୟାଲେଞ୍ଜ ବୋଲି ଜଣେ ପୂର୍ବତନ କ୍ରିକେଟର କହିଛନ୍ତି। ଭାରତୀୟ ମହିଳା କ୍ରିକେଟରମାନେ ପୂର୍ବରୁ ପିଙ୍କ୍‌ବଲରେ ଖେଳି ନାହାନ୍ତି। ଫଳରେ ଭାରତକୁ ନିଶ୍ଚିତ ଭାବେ ଅଭ୍ୟାସ ମ୍ୟାଚ୍ ଖେଳିବାର ସୁଯୋଗ ମିଳିବ। ଇଂଲଣ୍ଡ ଓ ଅଷ୍ଟ୍ରେଲିଆ ମହିଳା ଦଳ ନିୟମିତ ଭାବେ ଟେଷ୍ଟ ଖେଳିଆସୁଛନ୍ତି। ଏବେ ଭାରତ ଏହି ଦୁଇ ଶ୍ରେଷ୍ଠ ଦଳ ବିପକ୍ଷରେ ଟେଷ୍ଟ ଖେଳିବ। ଟେଷ୍ଟ ଖେଳିବାକୁ ଆମେ ବ୍ୟଗ୍ର ଅଛୁ ବୋଲି ଅଷ୍ଟ୍ରେଲିଆ ଅଧିନାୟିକା ମେଗ୍ ଲାନିଂ କହିଛନ୍ତି। ଏହି ପିଙ୍କ୍‌ବଲ ଟେଷ୍ଟ ନିଶ୍ଚିତ ଭାବେ ରୋମାଞ୍ଚକ ହେବ ବୋଲି ସେ ଆଶା ପ୍ରକାଶ କରିଛନ୍ତି।

### ଅଷ୍ଟ୍ରେଲିଆ ଗସ୍ତ କାର୍ଯ୍ୟସୂଚୀ

| ତାରିଖ | ମ୍ୟାଚ୍ | ଭେନ୍ୟୁ |
|---|---|---|
| ସେପ୍ଟେମ୍ବର ୧୯ | ପ୍ରଥମ ଦିନିକିଆ | ସିଡ୍‌ନୀ ଓଭାଲ (ଦିବାରାତ୍ର) |
| ସେପ୍ଟେମ୍ବର ୨୨ | ଦ୍ୱିତୀୟ ଦିନିକିଆ | ଜଙ୍କସନ ଓଭାଲ |
| ସେପ୍ଟେମ୍ବର ୨୪ | ତୃତୀୟ ଦିନିକିଆ | ଜଙ୍କସନ ଓଭାଲ |
| ସେପ୍ଟେମ୍ବର ୩୦ | ପିଙ୍କ୍‌ବଲ ଟେଷ୍ଟ | ୱାକା ଗ୍ରାଉଣ୍ଡ (ଦିବାରାତ୍ର) |
| ଅକ୍ଟୋବର ୭ | ପ୍ରଥମ ଟି୨୦ | ନର୍ଥ ସିଡ୍‌ନୀ ଓଭାଲ |
| ଅକ୍ଟୋବର ୯ | ଦ୍ୱିତୀୟ ଟି୨୦ | ନର୍ଥ ସିଡ୍‌ନୀ ଓଭାଲ |
| ଅକ୍ଟୋବର ୧୧ | ତୃତୀୟ ଟି୨୦ | ନର୍ଥ ସିଡ୍‌ନୀ ଓଭାଲ |

# ଦ୍ରାବିଡ୍ ହେବେ ଟିମ୍ ଇଣ୍ଡିଆ ମୁଖ୍ୟ କୋଚ୍

ନୂଆଦିଲ୍ଲୀ,୨୦।୫(ପି.ଟି.)

ପୂର୍ବତନ ଭାରତୀୟ ଅଧିନାୟକ ତଥା ଜାତୀୟ କ୍ରିକେଟ ଏକାଡେମୀ (ଏନ୍‌ସିଏ) ମୁଖ୍ୟ କୋଚ୍ ରାହୁଲ ଦ୍ରାବିଡ୍‌ଙ୍କୁ ଆଉ ଏକ ଗୁରୁଦାୟିତ୍ୱ ନିର୍ବାହ କରିବାକୁ ଯାଉଛନ୍ତି। ଆସନ୍ତା ଜୁଲାଇରେ ଭାରତ ଶ୍ରୀଲଙ୍କା ଗସ୍ତରେ ଯିବାର କାର୍ଯ୍ୟକ୍ରମ ରହିଥିବା ବେଳେ ଦ୍ରାବିଡ୍‌ଙ୍କୁ ଦଳରେ ମୁଖ୍ୟ କୋଚ ନିଯୁକ୍ତ କରାଯିବ ବୋଲି ସୂଚନା ମିଳିଛି।

ବେଙ୍ଗାଲୁରୁସ୍ଥିତ ଏନ୍‌ସିଏର ମୁଖ୍ୟ ନିଯୁକ୍ତ ହେବା ପରେ ଦ୍ରାବିଡ୍ ଭାରତ ଏ ଓ ୧୯ ବର୍ଷରୁ କମ୍ ଭାରତୀୟ ଦଳର କୋଚ୍ ପଦ ଛାଡିଥିଲେ। ଶ୍ରୀଲଙ୍କା ଗସ୍ତ ବେଳେ ମୁଖ୍ୟ କୋଚ୍ ରବି ଶାସ୍ତ୍ରୀଙ୍କ ତତ୍ତ୍ୱାବଧାନରେ ଭାରତୀୟ ଟେଷ୍ଟ ଦଳ ଇଂଲଣ୍ଡ ଗସ୍ତରେ ଥିବ। ତେଣୁ ଶାସ୍ତ୍ରୀଙ୍କ ଅନୁପସ୍ଥିତିରେ ଦ୍ରାବିଡ୍ ଶ୍ରୀଲଙ୍କା ଗସ୍ତରେ ଯିବାକୁ


ରାହୁଲ ଦ୍ରାବିଡ୍

ଥିବା ଭାରତୀୟ ଦଳର ମୁଖ୍ୟ କୋଚ୍ ଦାୟିତ୍ୱ ତୁଲାଇବେ ବୋଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ଜଣେ ସଦସ୍ୟଙ୍କ ସୂତ୍ରରୁ ପ୍ରକାଶ। ମେ' ୧୭ ତାରିଖରେ ଦ୍ରାବିଡଙ୍କୁ ଏହି ପଦ ପାଇଁ ବିବେଚନା କରାଯାଇଥିଲା। ବୋଲିଂ କୋଚ୍ ପାରସ ମହାମ୍ବ୍ରେ ସପୋର୍ଟ ଷ୍ଟାଫ୍‌ରେ ସାମିଲ ହେବେ। ଶ୍ରୀଲଙ୍କା ଗସ୍ତରେ ଭାରତ ୩ଟି ଲେଖାଏ ଟି୨୦ ଓ ଦିନିକିଆ ମ୍ୟାଚ୍ ଖେଳିବ। ଅବଶ୍ୟ ଏହି ଗସ୍ତର କାର୍ଯ୍ୟସୂଚୀ ପରେ ଘୋଷଣା କରାଯିବ।

### ଶ୍ରୀଲଙ୍କା ଗସ୍ତ

ଭାରତୀୟ ଦଳରେ କେତେଜଣ ଯୁବ ଖେଳାଳିଙ୍କ ସହ ନାମୀ ସୀମିତ ଓଭର କ୍ରିକେଟର ମଧ୍ୟ ସାମିଲ ହୋଇଛନ୍ତି। ଏହି ଦଳରେ ଅଧିନାୟକ ଦୌଡ଼ରେ ସାମିଲ ହୋଇଛନ୍ତି ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା, ଅଭିଜ୍ଞ ଓପନର ଶିଖର ଧାୱନ ଓ ଯୁବ ମିଡିଲଅର୍ଡର ବ୍ୟାଟ୍ସମ୍ୟାନ ଶ୍ରେୟାସ ଆୟାର। ତେବେ ଆୟାର ଇଞ୍ଜୁରିରୁ ମୁକ୍ତ ହେଉଛନ୍ତି କି ନା ତାହା ଦେଖିବାକୁ ବାକି ରହିଛି।


ଫିଫା ବିଶ୍ୱକପ ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚ ଖେଳିବାପାଇଁ ଦୋହାରେ ପହଞ୍ଚିଥିବା ଭାରତୀୟ ଫୁଟବଲ ଦଳ।

# ଟପ୍ସରେ ଅର୍ଜୁନ, ଅରବିନ୍ଦ, ସୀମା ଓ ସୁମିତ୍

ନୂଆଦିଲ୍ଲୀ, ୨୦।୫ (ପି.ଟି.)

କ୍ରୀଡ଼ାମନ୍ତ୍ରାଳୟର ଟାର୍ଗେଟ ଅଲିମ୍ପିକ ପୋଡିୟମ ସ୍କିମ୍ (ଟପ୍ସ)ର କୋର୍ ଗ୍ରୁପ୍‌ରେ ଅଲିମ୍ପିକ ଯୋଗ୍ୟତା ହାସଲ କରିଥିବା ରୋୟର ଅର୍ଜୁନ ଲାଲ୍ ଜାଟ୍ ଓ ଅରବିନ୍ଦ ସିଂ ଏବଂ ରେସ୍‌ଲର ସୀମା ବିସ୍‌ଲା ଓ ସୁମିତ୍ ମଲିକ୍‌ଙ୍କୁ ସାମିଲ କରାଯାଇଛି। ମନ୍ତ୍ରଣାଳୟ ଆହୁରି ମଧ୍ୟ ଭାରତର ଷ୍ଟାର କୁସ୍ତି ଯୋଦ୍ଧା ଭିନେଶ ଫୋଗତଙ୍କୁ ଟୋକିଓ ଗେମ୍ସ ପର୍ଯ୍ୟନ୍ତ ବିଦେଶରେ ଟ୍ରେନିଂ ଜାରି ରଖିବା ପାଇଁ ଅନୁମତି ଦେଇଛନ୍ତି। ସେ ଦେଇଥିବା ପ୍ରସ୍ତାବ ମିଶନ ଅଲିମ୍ପିକ ସେଲ୍ ଦ୍ୱାରା ଅନୁମୋଦ ଲାଭ କରିଥିଲା। ରୋୟର ଅର୍ଜୁନ ଲାଲ ଜାଟ୍ ଓ ଅରବିନ୍ଦ ସିଂ ଡେଭଲପମେଣ୍ଟ ଗ୍ରୁପ୍‌ରୁ କୋର୍ ଗ୍ରୁପ୍‌କୁ ସ୍ଥାନାନ୍ତର କରାଯାଇଛି। ଅନ୍ୟପକ୍ଷରେ ନିକଟରେ ଅଲିମ୍ପିକ କୋଟା ହାସଲ କରିଥିବାରୁ ରେସ୍‌ଲର ସୀମା ବିସ୍‌ଲା ଓ ସୁମିତ୍ ମଲିକ୍‌ଙ୍କୁ କୋର୍ ଗ୍ରୁପ୍‌ରେ ସାମିଲ କରାଯାଇଥିବା ମନ୍ତ୍ରଣାଳୟ ତରଫରୁ କୁହାଯାଇଛି। ନିକଟରେ ବିଶ୍ୱ ମହିଳା ଡବଲ୍ସ ର୍‍ୟାଙ୍କିଙ୍ଗ ତାଲିକାର ଟପ୍ ୧୦୦ ମଧ୍ୟରେ ପ୍ରବେଶ କରିଥିବା ଅଙ୍କିତା ରାଇନାଙ୍କୁ ମଧ୍ୟ ଟପ୍ସ କୋର୍ ଗ୍ରୁପ୍‌ରେ ସ୍ଥାନିତ କରାଯାଇଛି। ସେ ସାନିଆ ମିର୍ଜାଙ୍କ ପାର୍ଟନର ହୋଇ ବିଲି ଜିନ୍ କିଙ୍ଗ୍ କପ୍‌ରେ ଖେଳିଥିଲେ। ଅଲିମ୍ପିକ ଗେମ୍ସ ପାଇଁ ପ୍ରସ୍ତୁତି ସକାଶେ ପର୍ତ୍ତୁଗାଲରେ ୫ ସପ୍ତାହ ଟ୍ରେନିଂ ନେବା ଲାଗି ରୋୟର ଅର୍ଜୁନ ଓ ଅରବିନ୍ଦ ଦେଇଥିବା ପ୍ରସ୍ତାବ ଟପ୍ସ ଦ୍ୱାରା ଗୃହୀତ ହୋଇଯାଇଛି। ଏହି ଡବଲ୍ସ ସ୍କଲର୍ସ ଯୋଡ଼ି ଚଳିତ ମାସ ପ୍ରଥମ ଭାଗରେ ଟୋକିଓରେ ଅଲିମ୍ପିକ ଯୋଗ୍ୟତା ହାସଲ କରିଛନ୍ତି। ସେମାନେ ଜୁନ୍ ୧ରୁ ପର୍ତ୍ତୁଗାଲସ୍ଥିତ ପୋଟିଂ ହାଇପରଫର୍ମାନ୍ସ ସେଣ୍ଟରଠାରେ ଟ୍ରେନିଂ ନେବେ। ଏବାଦରେ ପ୍ରାୟ ୨୧ ଲକ୍ଷ ଟଙ୍କା ଖର୍ଚ୍ଚ ହେବ। ଭିନେଶ ୨୦୧୯ ବିଶ୍ୱ ଚାମ୍ପିୟନଶିପ୍‌ରେ ୫୩କେଜି ଓଜନ ଶ୍ରେଣୀରେ ଅଲିମ୍ପିକ କୋଟା ହାସଲ କରିଥିଲେ। ସେ ଜୁନ୍ ୯ ପର୍ଯ୍ୟନ୍ତ ବୁଦାପେଷ୍ଟଠାରେ ଟ୍ରେନିଂ ନେବେ। ସେଠାରେ ସେ ପୋଲାଣ୍ଡ ଓପନ୍ (ଜୁନ୍ ୯ରୁ ୧୩)ରେ ଭାଗ ନେବା ଲାଗି ଯିବେ। ପରେ ବୁଦାପେଷ୍ଟକୁ ଫେରି ସେଠାରେ ଜୁଲାଇ ୨ ପର୍ଯ୍ୟନ୍ତ ରହିବେ। ଭିନେଶଙ୍କ ସହିତ ତାଙ୍କ କୋଚ୍ ଓଲର ଆକସ, ଶେୟାରିଂ ପାର୍ଟନର ପ୍ରିୟଙ୍କା ଏବଂ ଫିଜିଓ ଥେରାପିଷ୍ଟ ପୂର୍ଣ୍ଣିମା ରମଣ ଏନଗମ୍‌ଦିର ରହିବେ। ମିଶନ ଅଲିମ୍ପିକ ସେଲ୍ ତାଙ୍କ ପ୍ରସ୍ତାବକୁ ଗୃହୀତ କରିବା ସହ ଭାରତୀୟ କୁସ୍ତି ମହାସଂଘ ଜରିଆରେ ଟପ୍ସକୁ ପଠାଇ ଦେଇଛି। ଭିନେଶଙ୍କ ଟ୍ରେନିଂ ଓ ପ୍ରତିଯୋଗିତା ବାବଦରେ ୨୦.୨୧ ଲକ୍ଷ ଟଙ୍କା ବ୍ୟୟ ହେବ। ସେ ଏହାଛଡ଼ା ଟପ୍ସରୁ ୧.୧୩ କୋଟି ଟଙ୍କା ଆର୍ଥିକ ସହାୟତା ପାଇ ସାରିଛନ୍ତି। ଜାନୁୟାରୀ ଓ ଜୁନ୍ ମଧ୍ୟରେ ଡବଲ୍ସ ଖେଳାଳି ଡିଭିଜ ଶରନ ଓ ରୋହନ ବୋପାନ୍ନା ଯଥାକ୍ରମେ ୧୪ ଓ ୧୩ଟି ଟୁର୍ନାମେଣ୍ଟ ଖେଳିଛନ୍ତି। ଏ ବାବଦରେ ହୋଇଥିବା ଖର୍ଚ୍ଚ ଟପ୍ସ ଦ୍ୱାରା ଗୃହୀତ ହୋଇଛି। ଶରନ ଏବାଦରେ ୩୦ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିବା ଦର୍ଶାଇଛନ୍ତି।

# ମିଲଖା ସିଂ କରୋନା ପଜିଟିଭ

**ନୂଆଦିଲ୍ଲୀ/ ଚଣ୍ଡିଗଡ଼, ୨୦।୫ (ପି.ଟି.):** କିମ୍ବଦନ୍ତୀ ଭାରତୀୟ ଧାବକ ମିଲ୍‌ଖା ସିଂ କରୋନା ସଂକ୍ରମଣର ଶିକାର ହୋଇଛନ୍ତି। ସେ କୋଭିଡ୍-୧୯ ଟେଷ୍ଟରେ ପଜିଟିଭ ବୋଲି ଜଣାପଡିଛି। ଫଳରେ ଚଣ୍ଡିଗଡ଼ସ୍ଥିତ ତାଙ୍କ ବାସଭବନରେ ସେ ଆଇସୋଲେଶନରେ ରହିଛନ୍ତି। ଫ୍ଲାଇଙ୍ଗ୍ ଶିଖ୍ ନାମରେ ଜଣାଥିବା ୯୧ ବର୍ଷୀୟ ମିଲ୍‌ଖାଙ୍କଠାରେ କୌଣସି ଲକ୍ଷଣ ଦେଖିବାକୁ ମିଳିନାହିଁ। ତେବେ ସେ ଆଦୌ ବିଚଳିତ ନୁହନ୍ତି ବୋଲି କୁହାଯାଇଛି।



ଘରେ କାର୍ଯ୍ୟକରୁଥିବା କେତେଜଣ ବ୍ୟକ୍ତି ପଜିଟିଭ ବୋଲି ଜଣାପଡିବା ପରେ ମିଲଖାଙ୍କ ସମେତ ପରିବାରର ଅନ୍ୟ ସଦସ୍ୟମାନେ ଟେଷ୍ଟ କରାଇଥିଲେ। ତେବେ କେବଳ ମୋ ରିପୋର୍ଟ ପଜିଟିଭ ଆସିଥିଲା ବୋଲି ବୁଧବାର ମିଲ୍‌ଖା କହିଛନ୍ତି। ମୁଁ ସୁସ୍ଥ ଅଛି। ମୋର ଜ୍ୱର କିମ୍ବା କଫ ନାହିଁ। ଆଉ ୩-୪ ଦିନ ମଧ୍ୟରେ ସୁସ୍ଥ ହୋଇଯିବି ବୋଲି ମୋ ଡାକ୍ତର କହିଛନ୍ତି। ଗତକାଲି ଜଗିଂ କରିଛି। ନିୟମିତ ବ୍ୟାୟାମ କରୁଛି ବୋଲି ସେ କହିଛନ୍ତି। ତେବେ ପରିବାର ଅନ୍ୟ ସଦସ୍ୟମାନେ ସଂକ୍ରମିତ ହୋଇନାହାନ୍ତି ବୋଲି ସ୍ପଷ୍ଟ କରାଯାଇଛି। ମିଲ୍‌ଖାଙ୍କ ପୁଅ ତଥା ଜଣାଶୁଣା ଗଲ୍ଫର ଜୀଭ ମିଲ୍‌ଖା ସିଂ ଦୁବାଇରେ ଅଛନ୍ତି ଓ ଚଳିତ ସପ୍ତାହରେ ସେ ଭାରତ ଫେରିବେ ବୋଲି କହିଛନ୍ତି। ମିଲ୍‌ଖା କ୍ୟାରିୟରର ୪ଥର ଏସିଆନ ଗେମ୍ସ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସେ ମଧ୍ୟ ୧୯୫୮ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ୧୯୬୦ ରୋମ ଅଲିମ୍ପିକ୍ସରେ ସେ ୪୦୦ ମିଟର ଫାଇନାଲରେ ଚତୁର୍ଥ ସ୍ଥାନ ଅଧିକାର କରିଥିଲେ।

# ଶ୍ରୀଜେସ୍ ଆଥଲେଟିକ୍ କମିଟି ସଦସ୍ୟ

ଲାଉସାନେ, ୨୦।୫ (ପି.ଟି.)

ଭାରତୀୟ ପୁରୁଷ ହକି ଦଳର ଷ୍ଟାର ଗୋଲ୍‌କିପର ପି.ଆର. ଶ୍ରୀଜେସ୍ ଗୁରୁବାର ଏଫ୍‌ଆଇଏଚ୍ (ଫେଡେରେଶନ ଅଫ୍ ଇଣ୍ଟରନ୍ୟାଶନାଲ ହକି) ଆଥଲେଟ୍ସ କମିଟର ଜଣେ ସଦସ୍ୟ ଭାବେ ନିଯୁକ୍ତି ପାଇଛନ୍ତି। ହକିର ବିଶ୍ୱ କାର୍ଯ୍ୟନିର୍ବାହୀ ପରିଷଦ ଭର୍ଚ୍ଚୁଆଲ ବୈଠକ ଜରିଆରେ ଏହି ନିଯୁକ୍ତି ଦେଇଛି। ଅଭିଜ୍ଞ ଶ୍ରୀଜେସ୍ ଅତୀତରେ ଭାରତୀୟ ହକି ଦଳର ଅଧିନାୟକ ଦାୟିତ୍ୱ ତୁଲାଇଛନ୍ତି। ୪୭ତମ ଏଫ୍‌ଆଇଏଚ୍ କଂଗ୍ରେସର ଦୁଇ ଦିନ ପୂର୍ବରୁ ଅନୁଷ୍ଠିତ କାର୍ଯ୍ୟନିର୍ବାହୀ ପରିଷଦ ବୈଠକରେ




ଶ୍ରୀଜେସ୍‌ଙ୍କ ବ୍ୟତୀତ ଅନ୍ୟ ୩ ଜଣ ସଦସ୍ୟଙ୍କୁ ନିଯୁକ୍ତି ଦିଆଯାଇଛି। ସେମାନେ ହେଲେ ମାର୍ଲେନା ରିବାଚା (ପୋଲାଣ୍ଡ), ମହମ୍ମଦ ମିଆ (ଦକ୍ଷିଣ ଆଫ୍ରିକା) ଓ ମ୍ୟାଟ ସ୍ୱାନ (ଅଷ୍ଟ୍ରେଲିଆ)। ୩୩ ବର୍ଷୀୟ ଶ୍ରୀଜେସ୍ ଭାରତୀୟ ଦଳର ଅନ୍ୟତମ ସିନିୟର ଖେଳାଳି। ୪୭ତମ ଏଫ୍‌ଆଇଏଚ୍ କଂଗ୍ରେସ ମଧ୍ୟ ଅନ୍‌ଲାଇନ୍‌ରେ ହେବ।

# ଆର୍ଚରଙ୍କ କହୁଣିରେ ହେବ ଅସ୍ତ୍ରୋପଚାର

**ଲଣ୍ଡନ, ୨୦।୫ (ପି.ଟି.):** ଇଂଲଣ୍ଡ ପେସ୍ ବୋଲର ଜୋଫ୍ରା ଆର୍ଚରଙ୍କର ଡାହାଣ କହୁଣିରେ ଶୁକ୍ରବାର ଅସ୍ତ୍ରୋପଚାର ହେବ। ଫଳତଃ ଅଗଷ୍ଟ ୪ରୁ ଭ୍ରମଣକାରୀ ଭାରତ ବିପକ୍ଷରେ ଖେଳାଯିବାକୁ ଥିବା ୫ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜରେ ତାଙ୍କ ଖେଳିବା ନେଇ ସନ୍ଦେହ ସୃଷ୍ଟି ହୋଇଛି। ଆର୍ଚର ଇତିମଧ୍ୟରେ ନ୍ୟୁଜିଲାଣ୍ଡ ବିପକ୍ଷ ଦୁଇ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜରୁ ବାଦ୍ ପଡ଼ିସାରିଛନ୍ତି। କହୁଣିରେ ତାଙ୍କର ଦ୍ୱିତୀୟ ଥର ଅସ୍ତ୍ରୋପଚାରହେବାକୁଯାଉଛି।

# 'ଏକ ସମୟରେ ୨ଟି ଦଳ, ଭାରତ ପ୍ରଥମ'

ଇସଲାମାବାଦ, ୨୦।୫

ଇଂଲଣ୍ଡରେ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲ ଏବଂ ଘରୋଇ ଦଳ ବିପକ୍ଷରେ ୫ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ଖେଳିବା ପାଇଁ ବିରାଟ କୋହଲିଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ୟୁକେ ଯିବ। ସେହି ସମୟରେ ଆଉ ଏକ ଭାରତୀୟ ଦଳ ଶ୍ରୀଲଙ୍କା ଗସ୍ତକରି ସୀମିତ ଓଭର କ୍ରିକେଟ ଖେଳିବ। ଏଥିରେ ଖୁବ୍ ପ୍ରଭାବିତ ହୋଇଛନ୍ତି ପୂର୍ବତନ ପାକିସ୍ତାନ କ୍ରିକେଟ ଅଧିନାୟକ ଇଞ୍ଜାମାମ-ଉଲ୍-ହକ୍। ତାଙ୍କ ମତରେ ଭାରତ ଏକମାତ୍ର ଦଳ ଯିଏକି ଏକ ସମୟରେ ୨ଟି ଜାତୀୟ ଦଳ ଗଠନ ପାଇଁ ସମର୍ଥ। ଏକଦା ଅଷ୍ଟ୍ରେଲିଆ ଏହା କରିବା ପାଇଁ ଚେଷ୍ଟା କରିଥିଲା, ମାତ୍ର ବିଫଳ ହୋଇଥିଲା। ହେଲେ ଭାରତ ଏଥିରେ ସଫଳ ହେବାକୁ ଯାଉଛି। ଖାଲି ସେତିକି ନୁହେଁ ଇଂଲଣ୍ଡ ଏବଂ ଶ୍ରୀଲଙ୍କା ଯିବାକୁ ଥିବା ଉଭୟ ଦଳ ଖୁବ୍ ଶକ୍ତିଶାଳୀ ମନେହେଉଛନ୍ତି ବୋଲି ଇଞ୍ଜାମାମ ପ୍ରକାଶ କରିଛନ୍ତି।




"ଭାରତର ଦ୍ୱିତୀୟ ଦଳ ଗଠନ ଚିନ୍ତାଧାରା ବେଶ୍ ଉତ୍ସାହଜନକ। ଭାରତ ଏବେ ଯାହା କରିବାକୁଯାଉଛି ଅଷ୍ଟ୍ରେଲିଆ ତାହାକୁ ପୂର୍ବରୁ କରିବାକୁ ଚେଷ୍ଟା କରିଥିଲା। ମାତ୍ର ଏଥିରେ ସଫଳ ହୋଇ ନ ଥିଲା। ମୁଁ ଭାବୁଛି ପ୍ରଥମଥର ପାଇଁ ଏକ ଜାତୀୟ ଦଳ ଏକ ସମୟରେ ୨ଟି ଭିନ୍ନ ସିରିଜ ଖେଳିବାକୁ ଯାଉଛି। ଦୁଇଟି ଯାକ ଦଳ ଭିନ୍ନ ଦେଶରେ ଖେଳିବେ। ସବୁଠାରୁ ବଡ଼ କଥା ହେଲା ଉଭୟ ହେଉଛନ୍ତି ଜାତୀୟ ଦଳ'' ବୋଲି ଏକ ସାକ୍ଷାତ୍‌କାରରେ ଇଞ୍ଜାମାମ କହିଛନ୍ତି। ଯେତେବେଳେ ଅଷ୍ଟ୍ରେଲିଆ ପିକ୍‌ରେ ଥିଲା, ଅର୍ଥାତ୍ ୧୯୯୫ ଏବଂ ୨୦୦୫-୨୦୧୦ରେ ୨ଟି ଅନ୍ତର୍ଜାତୀୟ ଦଳ ଗଠନ ପାଇଁ ଚେଷ୍ଟା କରିଥିଲା। ଅଷ୍ଟ୍ରେଲିଆ 'ଏ' ଓ ଅଷ୍ଟ୍ରେଲିଆ 'ବି' ନାମରେ ଏହାକୁ ଖେଳାଇବାକୁ ଚାହିଁଥିଲା। ତେବେ ସେତେବେଳେ ଏହାକୁ ଅନୁମତି ମିଳି ନ ଥିଲା। ଅଷ୍ଟ୍ରେଲିଆ ଶ୍ରେଷ୍ଠ ପ୍ରଦର୍ଶନ କରୁଥିବାବେଳେ ଯାହା କରିପାରି ନ ଥିଲା ଭାରତ ଏବେ ତାହା କରିବାକୁ ଯାଉଛି। ସମ୍ପ୍ରତି କରୋନାଜନିତ ଆଇସୋଲେଶନ ପ୍ରୋଟୋକଲ ମାନିବାକୁ ଥିବାରୁ ଗୋଟିଏ ଦଳକୁ କମ୍ ବ୍ୟବଧାନରେ ୨ଟି ଦେଶକୁ ପଠାଇବା ସମ୍ଭବ ନ ଥିଲା ବୋଲି ଏହି ପୂର୍ବତନ ପାକିସ୍ତାନ ଅଧିନାୟକ କହିଛନ୍ତି।

ଭାରତର ପ୍ରଥମ ପସନ୍ଦ ଦଳ ୟୁକେରେ ବିଶ୍ୱ ଟେଷ୍ଟ ସିରିଜ ଫାଇନାଲ ସହିତ ଇଂଲଣ୍ଡ ବିପକ୍ଷରେ ଟେଷ୍ଟ ସିରିଜ ଖେଳିବ। ସେହି ସମୟରେ ଦ୍ୱିତୀୟ ଶ୍ରେଣୀୟ ଦଳ ଶ୍ରୀଲଙ୍କାରେ ସୀମିତ ଓଭର କ୍ରିକେଟ ଖେଳିବ। ଅଭିଜ୍ଞ ଖେଳାଳିମାନେ ଟେଷ୍ଟ ଦଳରେ ସାମିଲ ହୋଇଥିବାବେଳେ ଶ୍ରୀଲଙ୍କା ଗସ୍ତରେ ପ୍ରତିଭାସମ୍ପନ୍ନ ଯୁବ ଖେଳାଳିଙ୍କୁ ସୁଯୋଗ ମିଳିବ। ତେବେ ଇଂଲଣ୍ଡ ଗସ୍ତରେ ଯାଉଥିବା ଦଳ ପରି ଶ୍ରୀଲଙ୍କା ପାଇଁ ମନୋନୀତ ହେବାକୁ ଥିବା ଦଳ ସମାନ ଶକ୍ତିଶାଳୀ ହେବ ବୋଲି ଇଞ୍ଜାମାମ ଅନୁଭବ କରୁଛନ୍ତି। ଇଣ୍ଡିଆନ ପ୍ରିମିୟର ଲିଗ୍ ଏବଂ ଘରୋଇ କ୍ରିକେଟର ଢାଞ୍ଚା ଯୋଗୁ ଭାରତରେ ବହୁ ପ୍ରତିଭାସମ୍ପନ୍ନ ଖେଳାଳି ସାମ୍ନାକୁ ଆସିଛନ୍ତି। ଦକ୍ଷ ଓ ପ୍ରତିଭାସମ୍ପନ୍ନ ଖେଳାଳିଙ୍କ ଏକ ପୁଲ୍ ଭାରତ ନିକଟରେ ଥିବାରୁ ୨ଟି ଦଳ ଗଠନ ସମ୍ଭବ ହୋଇପାରୁଛି। ଶ୍ରୀଲଙ୍କା ଗସ୍ତରେ ଯିବାକୁ ଥିବା ଖେଳାଳିଙ୍କୁ ଦେଖିଲେ ଯେପରି ମୁଖ୍ୟ ଭାରତୀୟ ଦଳ ଖେଳିବାକୁ ଯାଉଛି ବୋଲି ଅନୁଭବ ହେଉଛି। ଏହା ସେମାନଙ୍କ ବେଞ୍ଚ୍ ଷ୍ଟ୍ରେନ୍ଥର ଫଳ। ଏବେ ଭାରତୀୟ ଦଳ ପକ୍ଷରୁ ଖେଳିବା ପାଇଁ ୫୦ ଖେଳାଳି ପ୍ରସ୍ତୁତ ବୋଲି ଇଞ୍ଜାମାମ କହିଛନ୍ତି।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

ଧରିତ୍ରୀ
DHARITRI
ସମ୍ବଲପୁର, ଶୁକ୍ରବାର, ୨୧ ମେ, ୨୦୨୧



## ବଜ୍ରପାତରେ ମିସ୍ତ୍ରିଙ୍କ ମୃତ୍ୟୁ

ନୂଆପଡ଼ା ଅଫିସ: ନୂଆପଡା ଜିଲା ଜୋଙ୍କ ଥାନା ଭଇଁଷାତାଲ ପଞ୍ଚାୟତ ମହତମତୋରା ଗାଁରେ ବଜ୍ରପାତରେ ଜଣେ ଘର ମିସ୍ତ୍ରୀଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ମୃତକ ହେଲେ ଦୀପଚନ୍ଦ ସାହୁ (୩୮)। ବୁଧବାର ସନ୍ଧ୍ୟାରେ ସଦର ବ୍ଲକ ଭଇଁଷାତାଲ ପଞ୍ଚାୟତ ମହତମତୋରା ଗାଁର ଦୀପଚନ୍ଦ କୌଣସି କାମରେ ଖରିଆରରୋଡ ପଟେ ଯାଉଥିଲେ। ଏହି ସମୟରେ କାଳବୈଶାଖୀ ବର୍ଷା ହେବାରୁ ଏକ ନିମ୍ବ ଗଛ ତଳେ ଲୁଚିଥିଲେ। ବର୍ଷା କମିବାରୁ ଗଛ ତଳରୁ ବାହାରି ଯାଉଥିବା ବେଳେ ତାଙ୍କ ଉପରେ ବଜ୍ରପାତ ହୋଇଥିଲା । ଏଥିରେ ସେ ଗୁରୁତର ଆହତ ହୋଇଥିଲେ। ଖବର ପାଇ ଗାଁ ଓ ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଖରିଆରରୋଡ ସିଏଚ୍‌ସିକୁ ଅଣିଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଜୋଙ୍କ ଥାନା ପୋଲିସ ଶବ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି ।

## ସଂକ୍ଷେପରେ

### କରୁଆଁଝର କଣ୍ଟେନମେଣ୍ଟ ଜୋନ

**ଦେଓଗାଁ,୨୦।୫(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ବଡବନ୍ଧ ପଞ୍ଚାୟତ ଅନ୍ତର୍ଗତ କରୁଆଁଝରରେ ଗୁରୁବାର ଦିନକରେ ୧୦ କରୋନା ଆକ୍ରାନ୍ତ ଚିହ୍ନଟ ପରେ ଉକ୍ତ ଗାଁକୁ ପ୍ରଶାସନ ପକ୍ଷରୁ କଣ୍ଟେନମେଣ୍ଟ ଜୋନ ଘୋଷଣା କରାଯାଇଛି । ଏଥିସହ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡା.ସୁରେନ୍ଦ୍ର କୁମାର ପାରକିଆଙ୍କ ନିର୍ଦ୍ଦେଶକ୍ରମେ ଭ୍ରାମ୍ୟମାଣ ଡାକ୍ତରୀ ଦଳର ସ୍ୱାସ୍ଥ୍ୟକର୍ମୀମାନେ ଗାଁକୁ ଯାଇ ଔଷଧ ଦେବା ସହ ଘରେ ପୃଥକବାସରେ ରହିବାପାଇଁ ସଚେତନ କରିଛନ୍ତି। ସ୍ଥାନୀୟ ସରପଞ୍ଚ ଧ୍ରୁବଲେ ରାଉତ, କାର୍ଯ୍ୟ ନିର୍ବାହୀ ଅଧିକାରୀ ଅରୁଣ ନାଗ, ପୂର୍ବତନ ସରପଞ୍ଚ ଅନ୍ତର୍ଯ୍ୟାମୀ ଭୋଇ ପ୍ରମୁଖ ଉପସ୍ଥିତ ରହି ଗ୍ରାମବାସୀଙ୍କୁ ସଚେତନ କରିଥିଲେ । ପ୍ରଶାସନ ବ୍ଲକରେ ଏପର୍ଯ୍ୟନ୍ତ ଉପରଝର ପଞ୍ଚାୟତ ନୂଆଁପାଲି, କୁତୁର୍ଲା ପଞ୍ଚାୟତ ମୁରସିଂର ବାଗପଡା ଓ ଚର୍ଚ୍ଚପଡା, ମକୁନ୍ଦପୁର ପଞ୍ଚାୟତର ରୁଗୁଡିପାଲି, ଗୌରଗୋଠ ପଞ୍ଚାୟତର ଆମ୍ବଦହନ, ଦେଷଣ୍ଡ ପଞ୍ଚାୟତର ଦେଷଣ୍ଡ ଓ ସାଲେପାଲି ପଞ୍ଚାୟତ ବଡଡୁଙ୍ଗୁରୀପାଲି ଆଦି ୭ଟି ସ୍ଥାନକୁ କଣ୍ଟେନମେଣ୍ଟ ଜୋନ ଘୋଷଣା କରିସାରିଛି ।

### ନାଟ୍ୟ କର୍ମଶାଳା ଉଦ୍‌ଯାପିତ

**ଭବାନୀପାଟଣା, ୨୦।୫ (ଡି.ଏନ.ଏ.):** କଳାହାଣ୍ଡିର ଅଗ୍ରଣୀ ନାଟ୍ୟାନୁଷ୍ଠାନ 'ନାଟ୍ୟକ୍ଷେତ୍ର' ପକ୍ଷରୁ ଭର୍ଚୁଆଲ ମାଧ୍ୟମରେ ଚାଲିଥିବା ନାଟ୍ୟ କର୍ମଶାଳା ଉଦ୍‌ଯାପିତ ହୋଇଯାଇଛି। କର୍ମଶାଳାରେ ଓଡିଶା ସଙ୍ଗୀତ ନାଟକ ଏକାଡେମୀ ସଚିବ ପ୍ରବୋଧ ରଥ, ନାଟ୍ୟକାର ତଥା ଗବେଷକ ପରମେଶ୍ୱର ମୁଣ୍ଡ, ବିଶିଷ୍ଟ ନାଟ୍ୟକାର ତଥା ନିର୍ଦ୍ଦେଶକ ମନୋଜ ରଥ ଅଂଶ ଗ୍ରହଣ କରିଥିଲେ। ପ୍ରଥମେ ନାଟକରୁ ବିଦାୟ ନେଇଥିବା ଦିଙ୍ଗଗତ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା କରାଯାଇଥିଲା। ପରେ ସଭାପତି ନିର୍ଦ୍ଦେଶକ ସୌରଭ ମହାପାତ୍ରଙ୍କ ସଭାପତିତ୍ୱରେ ଭର୍ଚୁଆଲ ମାଧ୍ୟମରେ ନାଟକର ପ୍ରତ୍ୟେକ ବିଷୟରେ ଆଲୋଚନା ହୋଇଥିଲା। ଏଥିରେ ଯୁବ ଅଭିନେତା ଆଶୁତୋଷ ପୁରୋହିତ, ରାମେଶ୍ୱର ତ୍ରିପାଠୀ, ଶୁଭମ ବେହେରା, ଲିପିକା ପ୍ରିୟଦର୍ଶିନୀ ବିଶ୍ୱାଳ, ମାନସ ପଣ୍ଡା, ଆଲୋକ କୁମାର ସାହୁ, ସାର୍ଥକ ଭରଦ୍ୱାଜ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସୌରଭ ମହାପାତ୍ର ଧନ୍ୟବାଦ ଦେଇଥିଲେ।

### ଶିକ୍ଷାବିତ୍ ଘାସିରାମ ସାହୁଙ୍କ ପରଲୋକ

**ଅମରପାଲି,୨୦।୫(ଡି.ଏନ୍.ଏ.):** ସୁବର୍ଣ୍ଣପୁର ଜିଲା ବୀରମହାରାଜପୁ ବ୍ଲକ



ଅନ୍ତର୍ଗତ କମିରା ଗ୍ରାମର ଶିକ୍ଷାବିତ୍ ତଥା ସାହିତ୍ୟିକ ଘାସିରାମ ସାହୁଙ୍କ ଗୁରୁବାର ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୮୦ବର୍ଷ ହୋଇଥିଲା। ସେ କିଛିଦିନ ହେଲା ନିମୋନିଆଁ ରୋଗରେ ପୀଡ଼ିତ ହୋଇ ଭୀମସାରରେ ଚିକିତ୍ସା ହେଉଥିଲେ। ସେ କଂଗ୍ରେସ ଦଳ ସହିତ ଜଡ଼ିତ ଥିଲେ। ଏହା ସହିତ ସେ ଜଣେ ସାହିତ୍ୟିକ, କଳାକାର ଭାବେ ମଧ ଅଞ୍ଚଳରେ ପରିଚିତ ଥିଲେ। ସେ ସୁବଳୟା ଶାଖା ନୀଳାଚଳ ସାରସ୍ୱତ ସଂଘର ସଭାପତି ଥିଲେ। କମିରା ଗ୍ରାମରେ ହାଇସ୍କୁଲ, ସୁବଳୟାରେ କଲେଜ ସ୍ଥାପନରେ ତାଙ୍କର ପ୍ରମୁଖ ଭୂମିକା ରହିଥିଲା। ଗାଁ ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଛି।

### ବର୍ଷୀୟାନ ନାଗରିକଙ୍କ ପରଲୋକ

**ବରଗଡ଼ ଅଫିସ୍,୨୦।୫:** ବରଗଡ଼ ଜିଲା ଅତାବିରା ବ୍ଲକ ଦୁଲମପୁର ପଞ୍ଚାୟତ ଅଧୀନ



ଖଲିଆପାଲି ଗ୍ରାମର ବର୍ଷିୟାନ ନାଗରିକ ଗୋକୁଳ ମହାକୁରଙ୍କ ମଙ୍ଗଳବାର ବିଳମ୍ବିତ ରାତ୍ରିରେ ପରଲୋକ ହୋଇଛି। ତାଙ୍କୁ ୯୧ବର୍ଷ ହୋଇଥିଲା। ଡୁମାଲ ଜାତିକୁ ସଙ୍ଗଠିତ କରିବାରେ ସ୍ୱର୍ଗତ ମହାକୁର ଉଭୟ ବରଗଡ଼ ଓ ସମ୍ବଲପୁର ଜିଲାରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ତାଙ୍କ ପରଲୋକରେ ଅଞ୍ଚଳରେ ଗଭୀର ଶୋକପ୍ରକାଶ ପାଇଛି । ସ୍ୱର୍ଗତ ମହାକୁରଙ୍କ ପୁଅ ମୀନକେତନ ମୁଖାଗ୍ନି ଦେଇଥିଲେ ।

# ମରାମତି କାର୍ଯ୍ୟ ନିମ୍ନମାନର

**କୋକସରା, ୨୦।୫ (ଡି.ଏନ.ଏ.)**

**ଓଡ଼ିଶା ଆଦର୍ଶ ବିଦ୍ୟାଳୟ**



- ବିନା ସୂଚନା ଫଳକରେ ଚାଲିଛି କାମ
- କାର୍ଯ୍ୟର ସ୍ଥାୟିତ୍ୱକୁ ନେଇ ପ୍ରଶ୍ନବାଚୀ

କଳାହାଣ୍ଡି ଜିଲା କୋକସରା ବ୍ଲକ ବଙ୍ଗୋମୁଣ୍ଡାସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ମରାମତି କାର୍ଯ୍ୟ ଚାଲିଛି। ବିନା ସୂଚନା ଫଳକ ଓ ବିଭାଗୀୟ ଅଧିକାରୀଙ୍କ ଅନୁପସ୍ଥିତିରେ କାର୍ଯ୍ୟ ଚାଲିଥିବା ଦେଖିବାକୁ ମିଳିଛି। ଫଳରେ କାର୍ଯ୍ୟର ସ୍ଥାୟିତ୍ୱକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ସୂଚନା ଯେ, ଗତ ମର୍ଚ୍ଚ ୬ ତାରିଖରେ ଧର୍ମଗଡ ବିଧାୟକ ମୌଷଧି ବାଗ ଆଦର୍ଶ ବିଦ୍ୟାଳୟ ମରାମତି ଓ ଉନ୍ନତିକରଣର ଶୁଭାରମ୍ଭ କରି ପ୍ରାୟ ୪୮ଲକ୍ଷ ବ୍ୟୟରେ ବିଦ୍ୟାଳୟ ମରାମତି କାର୍ଯ୍ୟ ପାଇଁ ଅନୁଦାନ ଆସିଥିବା କହିଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ମରାମତି କାର୍ଯ୍ୟ ଆରମ୍ଭ ହୋଇଥିଲା। କଳାହାଣ୍ଡି ପୂର୍ତ୍ତ ବିଭାଗ କାର୍ଯ୍ୟାଦେଶରେ ଆରମ୍ଭ ହୋଇଥିବା ଏହି ମରାମତି କାର୍ଯ୍ୟକୁ ସମ୍ପାଦନ କରୁଥିବା ଠିକା ସଂସ୍ଥା ଏ ନେଇ କୌଣସି ସୂଚନା ଫଳକ ଲାଗାଇ ନାହିଁ। ଫଳରେ କାର୍ଯ୍ୟର କୌଣସି ଠିକ୍ ସୂଚନା ସାଧାରଣରେ ଜଣାପଡୁ ନାହିଁ। ଆଦର୍ଶ ବିଦ୍ୟାଳୟର ହଷ୍ଟେଲ ପାଚେରୀ ସହ ସ୍କୁଲ କୋଠାର ମରାମତି, ରଙ୍ଗବୋଳା ଓ ଅନ୍ୟ ଆନୁସାଙ୍ଗିକ ମରାମତି କାର୍ଯ୍ୟ ଜାରି ରହିଛି। ପୂର୍ତ୍ତ ବିଭାଗ କୌଣସି ଯନ୍ତ୍ରୀ କାର୍ଯ୍ୟ ତଦାରଖ ପାଇଁ ଉପସ୍ଥିତ ରହୁ ନ ଥିବା ଦେଖିବାକୁ ମିଳିଛି। ଏହାରି ମଧ୍ୟରେ ହଷ୍ଟେଲର ପାଚେରୀ କାର୍ଯ୍ୟ ଶେଷ ହୋଇଥିବାବେଳେ ଶ୍ରେଣୀ କୋଠରୀଗୁଡ଼ିକୁ ମରାମତି କରାଯାଉଛି। ଏ ନେଇ କାର୍ଯ୍ୟ ତଦାରଖ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ନବ ବେହେରାଙ୍କୁ ପଚାରିବାରୁ ମରାମତି କାମରେ ସୂଚନା ଫଳକ ଦେବା ସେମିତି କିଛି ନିୟମ ନାହିଁ, ବ୍ୟୟ ଅଟକଳ ଦେଖିବା ପରେ ଜଣାପଡିବ। କାର୍ଯ୍ୟ ସ୍ଥଳରେ ଆମେ ଉପସ୍ଥିତ ରହୁଛୁ କହିବା ସହ ନିମ୍ନମାନର କାମକୁ ଅସ୍ୱୀକାର କରିଥିଲେ। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ହେଉଥିବା କାର୍ଯ୍ୟ ମାନ ପରୀକ୍ଷା କରିବା ସହ ଉଚିତ୍ ପଦକ୍ଷେପ ଗ୍ରହଣ କରିବାକୁ ଅଭିଭାବକ ଓ ଜନସାଧାରଣରେ ଦାବି ହେଉଛି ।

# କରୋନା ଆକ୍ରାନ୍ତ ୨ଯୁବକ ମୃତ

**ଅମରପାଲି,୨୦।୫(ଡି.ଏନ୍.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଅଞ୍ଚଳରେ ଚିକିତ୍ସାଧୀନ ଅବସ୍ଥାରେ ୨ ଯୁବକଙ୍କ ମୃତ୍ୟୁ ଘଟିଛି। ଉଭୟେ କରୋନା ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିଲେ। ମୃତକଙ୍କ ମଧ୍ୟରେ କମିରା ପଞ୍ଚାୟତ ଲକ୍ଷ୍ମୀ ଗ୍ରାମର ଜଣେ ୪୩ ବର୍ଷୀୟ ଯୁବକ ଓ ଜଟେସିଂଘା ପଞ୍ଚାୟତ ଅନ୍ତର୍ଗତ ବଡ଼ଖମାର ଗ୍ରାମର ଜଣେ ୨୬ବର୍ଷୀୟ ଯୁବକ ରହିଛନ୍ତି। ଲକ୍ଷ୍ମୀ ଗ୍ରାମର ଯୁବକ ଗତ ୮ଦିନ ହେଲା ଜ୍ୱରରେ ପୀଡ଼ିତ ଥିଲେ। ଅସୁସ୍ଥ ହେବାରୁ ତାଙ୍କୁ ବୀରମହାରାଜପୁର ଡାକ୍ତରଖାନା ଅଣାଯାଇଥିଲା। ସେଠାରେ ପରୀକ୍ଷା ପରେ ସେ କରୋନା ଆକ୍ରାନ୍ତ ଚିହ୍ନଟ ହେଲେ। ତାଙ୍କୁ ସୋନପୁର କୋଭିଡ୍ ଡାକ୍ତରଖାନାରେ ଭର୍ତ୍ତି କରାଯାଇ ଚିକିତ୍ସା କରାଯାଉଥିବା ଅବସ୍ଥାରେ ମୃତ୍ୟୁ ଘଟିଛି। ସେହିପରି ବଡ଼ଖମାର ଗ୍ରାମର ଯୁବକ ଜଣକ ବୀରମହାରାଜପୁର ଡାକ୍ତରଖାନାକୁ ଚିକିତ୍ସା ପାଇଁ ଆସିଥିଲେ। ସେଠାରେ ସେ କରୋନା ଆକ୍ରାନ୍ତ ଜଣାପଡ଼ିବା ପରେ ତାଙ୍କୁ ମଧ ସୋନପୁର କୋଭିଡ ଡାକ୍ତରଖାନାରେ ଭର୍ତ୍ତି କରି ଚିକିତ୍ସା କରାଯାଉଥିବା ବେଳେ ମୃତ୍ୟୁ ହୋଇଛି। ଯୁବକ ଜଣକ ଗତବର୍ଷ ବିବାହ କରିଥିଲେ। ଉଭୟଙ୍କୁ କରୋନା ଗାଇଡ଼ଲାଇନ ଅନୁସାରେ ପ୍ରଶାସନ ଅନ୍ତିମ ସଂସ୍କାର କରିଛି।

# ମଶାଣି ସମ୍ପ୍ରସାରଣ କୋଭିଡ ମୃତ୍ୟୁ ଲୁଚାଇବାର ପ୍ରମାଣ

**ବଲାଙ୍ଗୀର ଅଫିସ, ୨୦।୫**

**କରୋନା ମୃତ୍ୟୁଜନିତ ସ୍ପଷ୍ଟୀକରଣ ଲୋଡିଲେ ବିଧାୟକ**

ରାଜ୍ୟରେ କରୋନା ସଂକ୍ରମିତଙ୍କ ସଂଖ୍ୟା ଏବଂ କରୋନା ସଂକ୍ରମିତ ମୃତ୍ୟୁ ସଂଖ୍ୟା ସମ୍ପର୍କରେ ରାଜ୍ୟ ସରକାରଙ୍କଠାରୁ ଲୋଇସିଂହା ବିଧାୟକ ସ୍ପଷ୍ଟୀକରଣ ଲୋଡିଛନ୍ତି। ଏନେଇ ଗୁରୁବାର ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କୁ ଚିଠି ଲେଖିଛନ୍ତି । ସରକାର ରାଜ୍ୟରେ କରୋନା ମୃତ୍ୟୁକୁ ନେଇ ଯେଉଁ ପରିସଂଖ୍ୟାନ ଦେଉଛନ୍ତି ତାହା ଏବଂ ମଶାଣି ମାନଙ୍କରେ କୋଭିଡ ଗାଇଡଲାଇନ୍ ପାଳନ ଅନୁଯାୟୀ କରାଯାଉଥିବା ଶବଦାହ ସଂଖ୍ୟା ସହ ସରକାରୀ ତଥ୍ୟ ଭୁଲ ଓ ବିଭ୍ରାନ୍ତିକର ହୋଇପଡିଛି ବୋଲି ସେ ସୂଚାଇଛନ୍ତି । ବର୍ତ୍ତମାନ ରାଜ୍ୟର ପୌରାଞ୍ଚଳଗୁଡିକରେ ମଶାଣି ସମ୍ପ୍ରସାରଣ ଓ ନୂଆ ମଶାଣି ପ୍ରତିଷ୍ଠା କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଏହା ରାଜ୍ୟ ସରକାରଙ୍କ କୋଭିଡ ମୃତ୍ୟୁଜନିତ ତଥ୍ୟ ଲୁଚାଇବାର ସାକ୍ଷ୍ୟ ପ୍ରମାଣ ଦେଉଛି ବୋଲି ସେ କହିଛନ୍ତି । ରାଜ୍ୟର ମଶାଣି ମାନଙ୍କରେ କୋଭିଡ ଗାଇଡଲାଇନ୍ ଅନୁଯାୟୀ କରାଯାଉଥିବା ଶବଦାହର ପ୍ରକୃତ ତଥ୍ୟ ଦିଆଗଲେ ଏହା ଭବିଷ୍ୟତରେ କରୋନା ମୁକାବିଲା ପାଇଁ ରୂପରେଖ ଓ ଯୋଜନା ପ୍ରସ୍ତୁତ କରିବାରେ ସହାୟକ ହେବ ବୋଲି ରାଜ୍ୟବାସୀ ଚାହୁଁଛନ୍ତି । ଏଦିଗରେ ରାଜ୍ୟ ସରକାର ସ୍ପଷ୍ଟୀକରଣ ଦେବେକି ବୋଲି ସେ ପ୍ରଶ୍ନ କରିଛନ୍ତି । ଏହି ଚିଠିରେ ଆମ ପରମ୍ପରାରେ ସର୍ବଦା ମୃତ ବ୍ୟକ୍ତିଙ୍କୁ ସମ୍ମାନ ଦିଆଯାଏ ଓ ଏଦିଗରେ ମଧ ବିହିତ ପଦକ୍ଷେପ ନେବାକୁ ସେ ଲେଖିଛନ୍ତି।

# ବିଧାୟକଙ୍କୁ ଫେରାଦ ହେଲେ ଚାଷୀ

**ବରଗଡ଼ ଅଫିସ୍,୨୦।୫**



ବରଗଡ଼ ବିଧାୟକଙ୍କୁ ଚାଷୀବୃନ୍ଦ ସ୍ମାରକପତ୍ର ପ୍ରଦାନ କରୁଛନ୍ତି ।

ବରଗଡ଼ ଜିଲାରେ ରବିଧାନ ସଂଗ୍ରହ ପ୍ରକ୍ରିୟାକୁ ୨ସପ୍ତାହ ବିତିଛି। କାଳବୈଶାଖୀ, ଲକ୍‌ଡାଉନ୍ ଏବଂ ଟୋକନ କଟକଣା ଯୋଗୁ ଏହି ପ୍ରକ୍ରିୟା ପ୍ରଭାବିତ ହୋଇଛି। ଚାଷୀଙ୍କ ଧାନ ଅମଳ ବିଳମ୍ବିତ ହୋଇଥିବାବେଳେ ଟୋକନ ଅବଧି ହ୍ରାସ ଚାଷୀଙ୍କୁ ଅଡୁଆରେ ପକାଇଛି। ଫଳରେ ଟୋକନ ଅବଧି ବୃଦ୍ଧି କରିବା ଦିଗରେ ବିହିତ ପଦକ୍ଷେପ ନେବା ପାଇଁ ଚାଷୀମହଲରେ ଦାବି ହୋଇଛି। ଏହି ଦାବି ନେଇ ଗୁରୁବାର ବରଗଡ଼ ବ୍ଲକ କଟାପାଲି ଗ୍ରାମର ଚାଷୀମାନେ ସ୍ଥାନୀୟ ବିଧାୟକ ଦେବେଶ ଆଚାର୍ଯ୍ୟଙ୍କୁ ଫେରାଦ ହୋଇଥିଲେ। ସେମାନେ ବିଧାୟକ ଆଚାର୍ଯ୍ୟଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରି ସେମାନଙ୍କ ଦାବି ଉପରେ ବିହିତ ପଦକ୍ଷେପ ନେବା ପାଇଁ ଅନୁରୋଧ କରିଛନ୍ତି । ଲକ୍‌ଡାଉନ କଟକଣା ଯୋଗୁ କୃଷି ଶ୍ରମିକମାନେ ଅନ୍ୟ ଜିଲାରୁ ଆସି ପାରି ନାହାନ୍ତି। ସେହିପରି କାଳବୈଶାଖୀ ଯୋଗୁ ଧାନ ଅମଳ ବାଧାପ୍ରାପ୍ତ ହୋଇଛି। କରୋନା କଟକଣା ସମୟରେ ଟୋକନ ଅବଧି ବୃଦ୍ଧି କରିବା ବଦଳରେ ୧ମାସରୁ ୧୫ଦିନକୁ ହ୍ରାସ କରାଯାଇଛି। ଫଳରେ ଟୋକନରେ ନିର୍ଦ୍ଧାରିତ ଅବଧି ମଧ୍ୟରେ ଧାନ ବିକ୍ରି କରିବା ସମ୍ଭବପର ନୁହେଁ। ଟୋକନ ଅବଧିକୁ ବାତିଲ କରି ଚାଷୀଙ୍କ ସମସ୍ତ ଧାନ କିଣିବାକୁ ଦାବି ହୋଇଛି। ସେହିପରି ମିଲର୍ସ ମଣ୍ଡିକୁ ଆସି ବଜାର ପ୍ରାଙ୍ଗଣରୁ ମିଲ୍‌କୁ ନିଜ ଖର୍ଚ୍ଚରେ ଧାନ ନେବାକୁ ଚାଷୀମାନେ ଦାବି କରିଛନ୍ତି। ସ୍ମାରକପତ୍ର ପ୍ରଦାନ ସମୟରେ ହଳଧର ସାହୁ, ବିରଞ୍ଚି ନାରାୟଣ ଦାଶ, ସାହେବ ପ୍ରଧାନ, ମହେନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

## ଦ୍ୱିତୀୟ ଡୋଜ୍ ନେଇ କରୋନା ପଜିଟିଭ

**ସୋନପୁର,୨୦।୫(ନି.ପ୍ର.)**

କୋଭିଶିଲ୍ଡ ଟିକା ନେବା ପରେ ପୁଣି ଜଣେ ଇଞ୍ଜିନିୟର ଓ ବୃଦ୍ଧ ଦମ୍ପତି କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସୋନପୁର ବ୍ଲକରେ କାର୍ଯ୍ୟରତ ଜଣେ କନିଷ୍ଠ ଯନ୍ତ୍ରୀ ଫେବୃୟାରୀ ୧୯ ତାରିଖରେ ପ୍ରଥମ ଡୋଜ୍ ଓ ମାର୍ଚ୍ଚ ୨୩ ତାରିଖରେ ଦ୍ୱିତୀୟ ଡୋଜ୍ ଟିକା ନେଇଥିଲେ। ତାଙ୍କୁ ଥଣ୍ଡା, କାଶ ଲାଗି ରହିବା ପରେ ଆଣ୍ଟିଜେନ୍ ଟେଷ୍ଟ କରାଯାଇଥିଲା। ଗତ ୧୦ ତାରିଖରେ ରିପୋର୍ଟ ପଜିଟିଭ୍ ଆସିଛି। କନିଷ୍ଠ ଯନ୍ତ୍ରୀ ନିଜ ଘରେ ସଙ୍ଗରୋଧରେ ରହିଥିବା ସୂଚନା ଦେଇଛନ୍ତି । ସେହିପରି ପଟାଭାଡିସ୍ଥିତ ଜିଲାର ଜନୈକ ବରିଷ୍ଠ ପ୍ରଶାସନିକ ଅଧିକାରୀଙ୍କ ମା, ବାପା ଦ୍ୱିତୀୟ ଡୋଜ୍ ଟିକା ନେବା ପରେ କରୋନା ସଂକ୍ରମିତ ହୋଇଛନ୍ତି। ବରିଷ୍ଠ ନାଗରିକଙ୍କ ଆଣ୍ଟିଜେନ୍ ଟେଷ୍ଟ ରିପୋର୍ଟ ୩ଦିନ ପୂର୍ବରୁ ପଜିଟିଭ୍ ଆସିଛି। ପ୍ରଶାସନ ପକ୍ଷରୁ ଦମ୍ପତିଙ୍କର ଆର୍ଟିପିସିଆର ରିପୋର୍ଟକୁ ପୁଣି ଅପେକ୍ଷା କରାଯାଇଛି। ଅନ୍ୟପକ୍ଷେ ଗତ ଅପ୍ରେଲ ମାସରେ ଲଛିପୁର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଜଣେ ଡାକ୍ତର ଦ୍ୱିତୀୟ ଡୋଜ୍ ନେବା ପରେ ମଧ କରୋନା ସଂକ୍ରମିତ ହୋଇଥିଲେ। ସମ୍ପୃକ୍ତ ଡାକ୍ତର ଜାନୁଆରୀ ମାସରେ ପ୍ରଥମ ଡୋଜ୍ ଓ ଫେବୃୟାରୀ ମାସରେ ଦ୍ୱିତୀୟ ଡୋଜ୍ ଟିକା ନେଇଥିଲେ। ତେବେ ଦ୍ୱିତୀୟ ଡୋଜ୍ ଟିକା ନେବାର ୪୫ ଦିନ ପରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ କରୋନା ହେବାର ଆଶଙ୍କା ରହିଥିଲେ ମଧ ଜୀବନ ହାନୀର ଭୟ ନଥିବା ବିଶେଷଜ୍ଞମାନେ ମତପ୍ରକାଶ କରିଛନ୍ତି।

# ଲଘୁବନଜାତ ଦ୍ରବ୍ୟ କ୍ରୟକେନ୍ଦ୍ର ଶୁଭାରମ୍ଭ



ଲଘୁବନଜାତ ଦ୍ରବ୍ୟ କ୍ରୟକେନ୍ଦ୍ର ଉଦ୍‌ଘାଟନ କରାଯାଉଛି ।

**ଭବାନୀପାଟଣା, ୨୦।୫ (ଡି.ଏନ.ଏ.)**

ଗୁରୁବାର ଲାଞ୍ଜିଗଡ଼ ବ୍ଲକଠାରେ ଲଘୁବନଜାତ ଦ୍ରବ୍ୟ କ୍ରୟ କେନ୍ଦ୍ର ସ୍ଥାପନ କରି ପ୍ରାୟ ୨୦ କୁଇଣ୍ଟାଲ ୪୦ କେଜି ତେନ୍ତୁଳି ୩୩ଜଣ ସଂଗ୍ରହକାରୀଙ୍କଠାରୁ ଟିଡିସିସି ମାଧ୍ୟମରେ କ୍ରୟ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲାପାଳ ଡ. ହର୍ଷଦ ପରାଗ ଗାଭାଲି, ଆଇଟିଡିଏ ବିରଞ୍ଚି ନାରୟଣ ଦରୱାନ, ଜିଲା ମଙ୍ଗଳ ଅଧିକାରୀ ଅରବିନ୍ଦ ରାଏ, ଶାଖା ପରିଚାଳକ ଟିଡିସିସି ନବଘନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଏହା ନିୟମଗିରି ଅଞ୍ଚଳରେ ବାସ କରୁଥିବା ତଥା ଆର୍ଥିକ ଅନଗ୍ରସର ଅଧିବାସୀଙ୍କୁ ସର୍ବନିମ୍ନ ସହାୟକ ମୂଲ୍ୟ (ଏମଏସପି) ଯୋଗାଇ ଦେବା ସହ ସେମାନଙ୍କୁ ଜୀବନର ମାନ ସୁଧାର ଆଣିବାରେ ନିଶ୍ଚିତ ଭାବେ ସହାୟକ ହେବ। ଏହି ଲଘୁବନଜାତ ଦ୍ରବ୍ୟ କ୍ରୟ କାର୍ଯ୍ୟକ୍ରମ ସମଗ୍ର ଜିଲାର ପ୍ରତି ଅଞ୍ଚଳରେ ଅନୁଷ୍ଠିତ ହେବ ଏବଂ ଜନସଚେତନତା ବାର୍ତ୍ତା ପ୍ରଦାନ କରାଯିବ ବୋଲିଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି ।

# ସମ୍ପର୍କୀୟ କଲେନି, ମୃତଦେହ ଦାହକଲେ ଏନ୍‌ଏସି କର୍ତ୍ତୃପକ୍ଷ

**ବିନିକା,୨୦।୫(ଡି.ଏନ୍.ଏ.)**

**ପୁଅ ବି କରୋନା ସଂକ୍ରମିତ ହୋଇ ମେଡିକାଲରେ**

କରୋନା ପଜିଟିଭ୍ ଯୋଗୁଁ ଜଣେ ପୁଅ ତାଙ୍କ ମୃତ ମାଙ୍କ ଅନ୍ତିମ ଦର୍ଶନ କରିପାରିଲେ ନାହିଁ। ଏଥି ସହ କରୋନା ସଂକ୍ରମଣ ଭୟରେ ସାହିପଡିଶା ଲୋକେ ବି ମୃତା ବୃଦ୍ଧାଙ୍କ ଅନ୍ତିମ ସଂସ୍କାର କାମରେ ସାମିଲ ହେଲେନାହିଁ। ସୁବର୍ଣ୍ଣପୁର ଜିଲା ବିନିକା ସହର ବେଲପଡାରେ ଘଟିଛି ଏହିଭଳି ଏକ ଘଟଣା। ଶେଷରେ ମହିଳାଙ୍କ ମୃତଦେହକୁ ବିନିକା ଏନ୍‌ଏସି ପକ୍ଷରୁ କୋଭିଡ୍-୧୯ ଗାଇଡ୍ ଲାଇନ ଅନୁସାରେ ସତ୍କାର କରାଯାଇଛି। ସୂଚନା ମୁତାବକ ବିନିକା ବେଲପଡାର ଜନୈକ ୫୫ ବର୍ଷୀୟ ବ୍ୟକ୍ତି କରୋନା ସଂକ୍ରମିତ ଚିହ୍ନଟ ହୋଇ ଗତ ୮ଦିନ ହେଲା ବଲାଙ୍ଗୀର ଭୀମ ଭୋଇ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ତାଙ୍କ ୭୪ବର୍ଷୀୟ ମା ଗତ ୯ତାରିଖ ଦିନ କୋଭିଡ୍ ପଜିଟିଭ୍ ଚିହ୍ନଟ ହେଲା ପରେ ହୋମ କ୍ୱାରେଣ୍ଟାଇନରେ ରହିଥିଲେ। ବୁଧବାର ରାତିରେ ବୃଦ୍ଧାଙ୍କର ମୃତ୍ୟୁ ହୋଇଯାଇଥିଲା । ହେଲେ ବୃଦ୍ଧାଙ୍କ ଅନ୍ତିମ ସଂସ୍କାର କରିବା ପାଇଁ ପଡୋଶୀ ଓ ସମ୍ପର୍କୀୟ କେହି ଘରୁ ଗୋଡ କାଢିଲେ ନାହିଁ । ଖବର ପାଇ ବିନିକା ଏନ୍‌ଏସି ଭାରାପ୍ରାପ୍ତ ନିର୍ବାହୀ ଅଧିକାରୀ ନିରଞ୍ଜନ ନାୟକଙ୍କ ନିର୍ଦ୍ଦେଶକ୍ରମେ ସତ୍କାର କରାଯାଇଥିଲା। କରୋନା ଯୋଗୁଁ ଦିନକୁ ଦିନ ମଣିଷପଣିଆ ହଜିବାରେ ଲାଗିଥିବା ଏହି ଘଟଣାରୁ ସ୍ପଷ୍ଟ ହେଉଛି।

# ୫ ବର୍ଷ ହେଲା କମ୍ୟୁନିଟି ସେଣ୍ଟର ଅସମ୍ପୂର୍ଣ୍ଣ



ଅସମ୍ପୂର୍ଣ୍ଣ କମ୍ୟୁନିଟି ସେଣ୍ଟର।

**ବାଉଁଶୁଣୀ,୨୦।୫(ଡି.ଏନ.ଏ):** ବୌଦ୍ଧ ବ୍ଲକ ଲକ୍ଷ୍ମୀପ୍ରସାଦ ପଞ୍ଚାୟତ କୋଡାସାହିରେ ନିର୍ମାଣାଧୀନ କମ୍ୟୁନିଟି ସେଣ୍ଟର ୫ବର୍ଷ ହେଲା ଅସମ୍ପୂର୍ଣ୍ଣ ହୋଇ ପଡ଼ିରହିଛି। ଫଳରେ ଯେଉଁ ଉଦ୍ଦେଶ୍ୟ ନେଇ ଏହା ନିର୍ମାଣ କରାଯାଇଥିଲା ସେ ନେଇ ସଂଶୟ ସୃଷ୍ଟି ହୋଇଛି। ସୂଚନାଯୋଗ୍ୟ,୨୦୧୫-୧୬ରେ ଏମ୍‌ପିଙ୍କ ଅନୁଦାନ ପାଣ୍ଠିରୁ କୋଡାସାହିରେ ଏକ କମ୍ୟୁନିଟି ସେଣ୍ଟର ନିର୍ମାଣ ପାଇଁ ଲକ୍ଷେ ଟଙ୍କା ଅନୁଦାନ ଦିଆଯାଇଥିଲା। ହେଲେ ଏହି କାମ ନିଷ୍ଟାଲ ଲେଭଲ ପର୍ଯ୍ୟନ୍ତ ହୋଇ ୫ ବର୍ଷ ହେଲା ଅଧାପନ୍ତରିଆ ହୋଇ ପଡିରହିଛି। ଫଳରେ ଏହା ସାହିବାସୀଙ୍କ ବିବାହ, ମୃତାହ ଓ ଧାର୍ମିକ ଆଦି ସାମାଜିକ କାର୍ଯ୍ୟକ୍ରମରେ ଲାଗିପାରୁନାହିଁ । ବିଭାଗୀୟ କର୍ତ୍ତୃପକ୍ଷ ତୁରନ୍ତ ଏହାକୁ ସମ୍ପୂର୍ଣ୍ଣ କରିବା ଦିଗରେ ଆବଶ୍ୟକ ପଦକ୍ଷେପ ନେବାକୁ ସାହିବାସୀ ଦାବି କରିଛନ୍ତି ।

# ଦିନକରେ ୩ଶହ ଟପିଲା

**ବୌଦ୍ଧ,୨୦।୫(ସ୍ୱ.ପ୍ର):** ବୌଦ୍ଧ ଜିଲାରେ ବର୍ତ୍ତମାନ କରୋନା ସଂକ୍ରମଣ ହୁ ହୁ ହୋଇ ବଢୁଛି। ଜିଲାର ଗ୍ରାମାଞ୍ଚଳ ସ୍ଥିତି ସଙ୍ଗୀନ ହୋଇପଡିଛି। ଗ୍ରାମାଞ୍ଚଳରେ ପର୍ଯ୍ୟାପ୍ତ ହୋମ୍ ଆଇସୋଲେଶନ ସୁବିଧା ନ ଥିବାରୁ ସଂକ୍ରମଣ ବହୁମାତ୍ରାରେ ବୃଦ୍ଧି ଘଟୁଛି। ଗୁରୁବାର ଜିଲାରେ ୩୧୩ ଜଣ ପଜିଟିଭ ଚିହ୍ନଟ ହୋଇଥିବା ବେଳେ ସେଥିରୁ ହରଭଙ୍ଗା ବ୍ଲକ ଦେବଗଡ ଗ୍ରାମରେ ୧୪୮ ରହିଛନ୍ତି। ଏହାପୂର୍ବରୁ ଜିଲାରେ ସଂକ୍ରମଣ ସଂଖ୍ୟା କେବେ ୩ଶହ ଛୁଇଁ ନ ଥିଲା। ଏହା ହେଉଛି ଦୁଇବର୍ଷ ଭିତରେ ସର୍ବାଧିକ ସଂଖ୍ୟକ କରୋନା ସଂକ୍ରମଣ। ସେହିପରି ଜିଲାରେ ମୃତ୍ୟୁ ସଂଖ୍ୟା ମଧ୍ୟ ବଢିବାରେ ଲାଗିଛି। ଆକ୍ରାନ୍ତଙ୍କ ମଧ୍ୟରେ ବୌଦ୍ଧ ଏନଏସି ଅଞ୍ଚଳର ୧୪ ଜଣ, ବୌଦ୍ଧ ବ୍ଲକ ୪୪ ଜଣ, ହରଭଙ୍ଗା ବ୍ଲକ ୧୯୯ ଜଣ ଓ କଣ୍ଟାମାଳ ବ୍ଲକ ଅଞ୍ଚଳରୁ ୫୬ ଜଣ ପଜିଟିଭ୍ ରହିଛନ୍ତି। ଜିଲାରେ ମୋଟ କୋଭିଡ ପଜିଟିଭ ସଂଖ୍ୟା ୭୧୪୨ରେ ପହଞ୍ଚିଛି। ବର୍ତ୍ତମାନ ସୁଦ୍ଧା ଜିଲାର ମୋଟ ଆକ୍ରାନ୍ତଙ୍କ ଭିତରୁ ୪୫୬୧ ଜଣ ସୁସ୍ଥ ହୋଇଥିବା ବେଳେ ୨୫୫୩ ଜଣ ସକ୍ରିୟ ଅଛନ୍ତି। ସରକାରୀ ଭାବେ ମୃତକଙ୍କ ସଂଖ୍ୟା ୨୮ରେ ପହଞ୍ଚିଥିବା ସୂଚନା ଓ ଲୋକସମ୍ପର୍କ ବିଭାଗ ସୂଚନା ଦେଇଛି ।

- ସଂକ୍ରମଣ କମିବା ନା ନେଉନି, ଗ୍ରାମାଞ୍ଚଳ ସ୍ଥିତି ସଙ୍ଗୀନ
- ଜିଲାରେ ୩୧୩, ଦେବଗଡ ଗାଁରେ ୧୪୮ ପଜିଟିଭ

**Office of District Manager**
**ODISHA STATE CIVIL SUPPLIES CORPORATION LTD. (OSCSC)**
Cuttack (District) Phone : 0671-2507744
District Web site : www.cuttack.nic.in

Tender No. 1749 Dt-20.05.2021

District Manager, Odisha State Civil Supplies Corporation Ltd., Cuttack invites tenders in Double Cover System through **ONLINE MODE ONLY** for the works below.

| | | |
|---|---|---|
| 1 | Name of the Work | Selection and appointment of **Handling** Contractor for handling of foodgrains (Rice & Wheat) at All RRCs Except PEG, Katarapa, Salipur. |
| 2 | Availability of bid document in the portal | From 21.05.2021 |
| 3 | Last Date / Time for receipt of bids in the portal | Dt.05.06.2021 up to 5 P.M. |
| 4 | Date/Time of Opening of Technical bid | Dt.07.06.2021 at 11.00 A.M. |
| 5 | Name and address of Officer Inviting Tender | District Manager, OSCSC Ltd., Chandinichowk, Cuttack (District) |

Tender documents and other details can be seen from the e-procurement portal **www.oscsc.in, www.foododisha.in & www.tendersodisha.gov.in** along with district website. Amendments / corrigendum / cancellation / retenders etc. if any shall be published only in above websites.

Sd/-
District Manager,
OSCSC Ltd, Cuttack

Odisha Coal and Power Limited
OCPL

**ODISHA COAL AND POWER LTD.**
**(A GOVT. OF ODISHA COMPANY)**
Zone-A, Ground Floor, Fortune Towers, Chandrasekharpur,
Bhubaneswar – 751023, Odisha., Tel No: 0674-2300654 /2300664

**SHORT NOTICE INVITING TENDER**

NITNo:OCPL/SER-124/2021
Date: 21/05/2021

Sealed bids in prescribed format are invited from companies/ agencies/firm for the following work:

| Sl. No. | Name of the work | Cost of tender paper | BID Security | Issue of tender document | Last date of sale/ download of tender document | Last date of submission / opening of bid |
|---|---|---|---|---|---|---|
| 01 | Transportation of Coal from Manoharpur Coal Mines to ACB / MCL Siding at Kanika, Sundargarh by Road | Rs.10,800/- (Rupees Ten thousand and eight hundred only) inclusive of GST @ 18%. | Rs.10,00,000/- (Rupees Ten lakhs only) | 21.05.2021 | 28.05.2021 | 11.00 A.M. on 31.05.2021<br>11.30 A.M. on 31.05.2021 |

For further details, bidders may visit our website, i.e. www.ocpl.org.in. Any clarification may please be addressed to the undersigned at the above address or by email to: a.kanungo@ocpl.org.in.

Sd./- Addl. General Manager (C&CA)

## ରୋଷେଇ ଗ୍ୟାସ୍ ଲିକ୍, ୫ ବଖରା ଜଳିଗଲା

ବାଉଁଶୁଣୀ (ଡି.ଏନ.ଏ): ବୌଦ୍ଧ ବ୍ଲକ ଅଁଳାପାଲି ଗ୍ରାମପଞ୍ଚାୟତ ଅଧୀନ ଗୁଡପଡା ଗ୍ରାମରେ ଗୁରୁବାର ପୂର୍ବାହ୍ନ ସାଢେ ୧୧ଟା ବେଳେ ରୋଷେଇ ଗ୍ୟାସ୍ ଲିକ୍ ହୋଇ ଅଗ୍ନିକାଣ୍ଡ ଘଟି ୫ବଖରା ଘର ପୋଡି ଯାଇଛି । ରସାନନ୍ଦ ରାଜହଂସଙ୍କ ଘରେ ରୋଷେଇ ଗ୍ୟାସ୍ ଲିକ୍ ହୋଇ ଅଗ୍ନିକାଣ୍ଡ ଘଟିଥିଲା। ଫଳରେ ଘରେ ଥିବା ସମସ୍ତ ଜିନିଷପତ୍ର ପୋଡି ଯାଇଥିଲା। ଖବର ପାଇ ବାଉଁଶୁଣୀ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଏହି ଅଗ୍ନିକାଣ୍ଡରେ ଶ୍ରୀପତି ରାଜହଂସଙ୍କ ୨ବଖରା ଏବଂ ଅଲେଖ ରାଜହଂସ, ରସାନନ୍ଦ ରାଜହଂସ ଓ ଉତ୍ତମ ରାଜହଂସଙ୍କ ବଖରା ଲେଖାଏଁ ଘରପୋଡି ଯାଇଥିବା ଜଣାପଡିଛି ।

# ସଂକ୍ଷେପରେ

## କାଠ ଜବତ, ଦୁଇ ଗିରଫ

କନ୍ଧମାଳ,୨୦।୫(ଡି.ଏନ.ଏ): ବୌଦ୍ଧ ବନ ବିଭାଗ ପକ୍ଷରୁ ଗୁରୁବାର କନ୍ଧମାଳ ରେଞ୍ଜ୍‌ର ଆମ୍ବପାଲି , ପଲସାଗୋରା ଓ ମଲିକପଦର ଗ୍ରାମରେ ଚଢାଉ କରାଯାଇଥିଲା। ଚଢାଉ ବେଳେ ଆମ୍ବପାଲି ଗ୍ରାମର ମନୋଜ ରଣାଙ୍କ ଘରୁ ୧୦.୬୭ ସିଫ୍ଟ, ପଲସାଗୋରା ଗ୍ରାମର କାର୍ତ୍ତିକ ବାଘଙ୍କ ଘରୁ ୨୮.୬୨ ସିଫ୍ଟ କାଠ ଓ ୭ଟି ଅଧାଗଢା ଆସବାବପତ୍ର ଜବତ କରାଯାଇଛି। ସେହିପରି ମଲିକପଦର ଗ୍ରାମର ରାଜୀବ ସାହୁଙ୍କ ଘରୁ ୧୩୨.୬ ସିଫ୍ଟ କାଠ, ୫୩ଟି ଅଧାଗଢା ଆସବାବପତ୍ର ଏବଂ କାଠ ତିଆରି ସରଞ୍ଜାମ ଜବତ ହୋଇଛି। ଜବତ କାଠ ଓ ଆସବାବପତ୍ରର ମୂଲ୍ୟ ୩୦ରୁ ୪୦ ଲକ୍ଷ ଟଙ୍କା ହେବ । ଏହି ଘଟଣାରେ ୨ଜଣଙ୍କୁ ଗିରଫ କରାଯିବା ସହ ୩ଟି ମାମଲା ରୁଜୁ ହୋଇଥିବା ସହକାରୀ ବନ ସଂରକ୍ଷକ ରାଜେନ୍ଦ୍ର ଗୋଛାୟତ କହିଛନ୍ତି ।

## ବିଧବାଙ୍କୁ ମିଳୁନି ସରକାରୀ ଯୋଜନାର ଲାଭ

ବାଉଁଶୁଣୀ,୨୦।୫(ଡି.ଏନ.ଏ): ବୌଦ୍ଧ ବ୍ଲକ ଟିକରପଡା ଗ୍ରାମପଞ୍ଚାୟତର କତମସିଂ



ଗ୍ରାମର ଜଣେ ବିଧବା ରଇବାରୀ ରଣବିଡାଙ୍କୁ ସରକାରୀ ଯୋଜନା ଅପହଞ୍ଚ ହୋଇପଡିଛି। ସରକାରୀ ଯୋଜନାରେ ସାମିଲ ହେବା ପାଇଁ ଆବେଦନ କରିଥିଲେ ମଧ କୌଣସି ସୁଫଳ ମିଳି ନ ଥିବା ରଇବାରୀ କହିଛନ୍ତି। ରଇବାରୀ ବୌଦ୍ଧ ବ୍ଲକ ବହିରା ଗ୍ରାମର ନାରାୟଣ ରାଜହଂସଙ୍କୁ ବିବାହ କରିଥିଲେ। ତାଙ୍କର ଦୁଇବର୍ଷର ଏକ ଶିଶୁପୁତ୍ର ଅଛନ୍ତି। ସ୍ୱାମୀଙ୍କ ମୃତ୍ୟୁ ପରେ ରଇବାରୀ ଆସି ଟିକରପଡା ଗ୍ରାମପଞ୍ଚାୟତ କତମସିଂରେ ନିଜ ଶିଶୁ ପୁତ୍ର ସହ ରହୁଛନ୍ତି। ମୂଲ ଲାଗିଲେ ପେଟକୁ ଦାନା ଯାଉଛି। ତେବେ ଆଜିଯାଏ ତାଙ୍କୁ ପରିବାର ମଙ୍ଗଳ ଯୋଜନାର ଟଙ୍କା, ବିଧବା ଭତ୍ତା କିମ୍ବା ରାଶନ କାର୍ଡ ମିଳିନାହିଁ। ଏଥିପାଇଁ ସେ ପଞ୍ଚାୟତ ଓ ବୌଦ୍ଧ ବ୍ଲକ ଅଫିସ୍‌ରେ ବାରମ୍ବାର ଆବେଦନ କରୁଥିଲେ ମଧ ଏସବୁ ଯୋଜନାରେ ହିତାଧିକାରୀ ହୋଇ ପାରିନାହାନ୍ତି । ଏ ଦିଗରେ ଜିଲାପାଳ ଦୃଷ୍ଟି ଦେବାକୁ ରଇବାରୀ ନିବେଦନ କରିଛନ୍ତି। ତେବେ ଏ ସମ୍ପର୍କରେ ପଞ୍ଚାୟତ କିମ୍ବା ବ୍ଲକ କର୍ତ୍ତୃପକ୍ଷଙ୍କ ମତାମତ ମିଳିପାରିନାହିଁ ।

## ଅଭିନେତା ଅଟଳ ବିହାରୀ ପଣ୍ଡା ଅସୁସ୍ଥ

ସୋନପୁର,୨୦।୫(ନି.ପ୍ର.): ବର୍ଷିୟାନ ସିନେ ଅଭିନେତା ଡ. ଅଟଳ ବିହାରୀ ପଣ୍ଡା(୮୩) ଅସୁସ୍ଥ । ବୁର୍ଲା ଭିମସାରରେ



ସେ ଚିକିତ୍ସିତ ହେଉଛନ୍ତି। ତାଙ୍କର ସୁଗାରସ୍ତର ବଢି ଯାଇଥିବା ପରିବାର ସୂତ୍ରରୁ ପ୍ରକାଶ। ଗତ ୧୯ ତାରିଖରେ ଡ. ପଣ୍ଡାଙ୍କ ସହଧର୍ମିଣୀ ଲଳିତାଙ୍କ ମୃତ୍ୟୁ ହୋଇଥିଲା। ଡ. ପଣ୍ଡା ଏକାଧାରରେ ଜଣେ ନାଟ୍ୟ ନିର୍ଦ୍ଦେଶକ, ମଞ୍ଚ ଓ ସିନେ ଅଭିନେତା। ଶଲା ବୁଢା ଓ ଆଦିମ ବିଚାର ଭଳି ଚଳଚ୍ଚିତ୍ରର ମୁଖ୍ୟ ଚରିତ୍ରରେ ଅଭିନୟ କରି ସେ ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ପ୍ରଶଂସା ପାଇଛନ୍ତି। ୨୦୧୪ରେ ଶ୍ରେଷ୍ଠ ଅଭିନେତା ଭାବେ ଓଡିଶା ରାଜ୍ୟ ଫିଲ୍ମ ଆୱାର୍ଡ ପାଇଥିଲେ। ଦୀର୍ଘ ବର୍ଷ ଧରି ସମ୍ବଲପୁରୀ ନାଟକ ଓ ସିନେମା ସହ ଜଡିତ ଥିବା ଡ. ପଣ୍ଡାଙ୍କ ଘର ସୁବର୍ଣ୍ଣପୁର ଜିଲା ବିନିକା ସହରରେ। ଅସୁସ୍ଥ ସୂଚନା ପାଇ ପଶ୍ଚିମ ଓଡିଶାର ବିଭିନ୍ନ ଅନୁଷ୍ଠାନ ଓ କଳାପ୍ରେମୀଙ୍କ ପକ୍ଷରୁ ବର୍ଷିୟାନ ଅଭିନେତାଙ୍କ ଆଶୁ ଆରୋଗ୍ୟ କାମନା କରାଯାଇଛି।

## ବାଉଁଶୁଣୀରେ କରୋନା ପରୀକ୍ଷା ଶିବିର

ବାଉଁଶୁଣୀ,୨୦।୫(ଡି.ଏନ.ଏ): ବୌଦ୍ଧ ବ୍ଲକ ବାଉଁଶୁଣୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ଯୁବ ସମାଜର ମିଳିତ ଉଦ୍ୟମରେ ଡିମିରିପାଲି ଓ ଜମଘାଟିଠାରେ ଗୁରୁବାର କରୋନା ପରୀକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୩୮୭ଜଣଙ୍କ କୋଭିଡ ଟେଷ୍ଟ କରାଯାଇଥିବାବେଳେ ସମସ୍ତଙ୍କର ଅମ୍ଳଜାନ ସ୍ତର ଓ ତାପମାତ୍ରା ପରୀକ୍ଷା କରାଯାଇଥିଲା। ଡିମିରିପାଲିରେ ୧୭ଜଣ କରୋନା ପଜିଟିଭ ଚିହ୍ନଟ ହେବା ପରେ ସେମାନଙ୍କୁ ସଙ୍ଗରୋଧରେ ରହିବା ପାଇଁ ପରାମର୍ଶ ଦିଆଯାଇଥିଲା। ସ୍ୱାସ୍ଥ୍ୟ କର୍ମୀ, ଅଙ୍ଗନୱାଡି କର୍ମୀ, ଆଶାକର୍ମୀ ଓ ସ୍ୱେଚ୍ଛାସେବୀ ଇଂ ରାକେଶ ତ୍ରିପାଠୀଙ୍କ ସମେତ ଅନ୍ୟମାନେ ସହଯୋଗ କରିଥିଲେ ।

# ଜଳସମ୍ପଦ ସଚିବଙ୍କ ହସ୍ତକ୍ଷେପ ଲୋଡ଼ିଲେ ବିଧାୟକ

ବଲାଙ୍ଗୀର ଅଫିସ, ୨୦।୫

**ଲକ୍‌ଡାଉନ ବେଳେ ଗାଁ ଛାଡିବାକୁ ନୋଟିସ ମାମଲା**

- ପ୍ରଶାସନିକ ନୋଟିସକୁ କହିଲେ ଅମାନବିକ
- ଦାବିପୂରଣ, ପୁନର୍ବାସ ବ୍ୟବସ୍ଥା ପରେ ବିସ୍ଥାପନ କରିବା ଦାବି କଲେ
- କୋଭିଡ ସମୟରେ କଠୋର ପଦକ୍ଷେପ ନିଆଯିବ ନାହିଁ: ଜିଲାପାଳ

ବଲାଙ୍ଗୀର ଜିଲା ପ୍ରଶାସନ ପକ୍ଷରୁ ଲୋୟର ସୁକ୍‌ତେଲ ପ୍ରକଳ୍ପ ପ୍ରଭାବିତ ଲୋଇସିଂହା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ପରଧିଆପାଲି ଗ୍ରାମବାସୀଙ୍କୁ ୭ ଦିନ ମଧ୍ୟରେ ଗାଁ ଓ ଘର ଛାଡିବାକୁ ନୋଟିସ ଦିଆଯାଇଛି। କୋଭିଡ ମହାମାରୀ, ଶଟ୍‌ଡାଉନ୍ ଓ ଲକ୍‌ଡାଉନ୍ ସମୟରେ ପ୍ରଶାସନର ଏଭଳି ବିଚିତ୍ର ଓ ଅମାନବିକ ନୋଟିସ ସମ୍ପର୍କରେ ଧରିତ୍ରୀରେ ଗୁରୁବାର ଖବର ପ୍ରକାଶନ ପରେ ହଇଚଇ ସୃଷ୍ଟି ହୋଇଥିଲା । କୋଭିଡ ସମୟରେ ଜନସାଧାରଣଙ୍କୁ ଅଯଥାରେ ଘରୁ ନ ବାହାରିବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ନିର୍ଦ୍ଦେଶନାମା ଜାରି କରିଥିବାବେଳେ ବଲାଙ୍ଗୀର ଜିଲା ପ୍ରଶାସନ ଉକ୍ତ ସରକାରୀ ନିର୍ଦ୍ଦେଶନାମାକୁ ଉଲ୍ଲଂଘନ କଲାଭଳି ଏକ ନୋଟିସ ଜାରି କରିବା ଘଟଣା ଚର୍ଚ୍ଚାର ବିଷୟ ହୋଇଥିଲା। ଉକ୍ତ ନୋଟିସକୁ ଅମାନବିକ ଦର୍ଶାଇ ପରଧିଆପାଲି ଗ୍ରାମବାସୀ ଏ ସଂକ୍ରାନ୍ତରେ ସ୍ଥାନୀୟ ଜନପ୍ରତିନିଧି, ମୁଖ୍ୟମନ୍ତ୍ରୀ ଓ ମାନବିକ ଅଧିକାର କମିଶନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏଭଳି ଅଭିଯୋଗ ପାଇବା ପରେ ଲୋଇସିଂହା ବିଧାୟକ ଡ. ମୁକେଶ ମହାଲିଙ୍ଗ ପ୍ରଶାସନିକ ନୋଟିସ ସଂକ୍ରାନ୍ତରେ ଜଳସମ୍ପଦ ବିଭାଗ ପ୍ରମୁଖ ସଚିବ ଅନୁ ଗର୍ଗଙ୍କୁ ଚିଠି ଲେଖି ତୁରନ୍ତ ଏଥିରେ ହସ୍ତକ୍ଷେପ ଲୋଡିଛନ୍ତି। ଜିଲା ପ୍ରଶାସନର ନୋଟିସକୁ ଅମାନୁଷିକ ଦର୍ଶାଇ ଏହା ମାନବିକ ଅଧିକାର ଓ କୋଭିଡ ଗାଇଡଲାଇନ୍ ଉଲ୍ଲଂଘନ କରୁଥିବା ସେ ଦର୍ଶାଇଛନ୍ତି । ଏଭଳି ନୋଟିସକୁ ରୋକିବା ଦିଗରେ ପଦକ୍ଷେପ ନେବାକୁ ସେ ପ୍ରମୁଖ ସଚିବ ଗର୍ଗଙ୍କୁ ଜଣାଇଛନ୍ତି ।

ଉକ୍ତ ଚିଠିରେ ବିଧାୟକ ମହାଲିଙ୍ଗ ଜଣାଇଛନ୍ତି ଯେ, ବିସ୍ଥାପିତ ହେବାକୁ ଥିବା ପରଧିଆପାଲି ଗ୍ରାମବାସୀ ଓ ଅନ୍ୟ ଗ୍ରାମର ଜନସାଧାରଣଙ୍କ ପୁନର୍ବାସ ସୁବ୍ୟବସ୍ଥା କରିବା ଏବଂ ସେମାନଙ୍କ ଦାବି ମୁତାବକ ସମ୍ପୂର୍ଣ୍ଣ କ୍ଷତିପୂରଣ ଦେଲାପରେ ଯାଇ ବିସ୍ଥାପନ କରାଯାଉ। କୋଭିଡ ସମୟରେ ବିସ୍ଥାପନ ନକରିବା ସହ ବିସ୍ଥାପିତ ହେବାକୁ ଥିବା ଲୋକଙ୍କ ପୁନର୍ବାସ ବ୍ୟବସ୍ଥା ଓ ଥଇଥାନ କେନ୍ଦ୍ର ଚିହ୍ନଟ ସୁନିଶ୍ଚିତ କରିବାକୁ ସେ ଚିଠିରେ ଜଣାଇଛନ୍ତି। ଲୋୟର ସୁକ୍‌ତେଲ ଜଳସେଚନ ପ୍ରକଳ୍ପ କାର୍ଯ୍ୟାଳୟ ପକ୍ଷରୁ ଗତ ଏପ୍ରିଲ ୧୩ ଓ ମଇ ୧୧ ତାରିଖ ଦିନ ଦୁଇଟି ନୋଟିସ ଜାରି କରାଯାଇଥିଲା। ହିତାଧିକାରୀଙ୍କ ଥଇଥାନ ଅନୁଦାନ ରାଶି ଓ ଥଇଥାନ ଅନୁକମ୍ପା ରାଶି ଓଡିଶା ସରକାରଙ୍କ ଜଳସମ୍ପଦ ବିଭାଗ ପକ୍ଷରୁ ମଞ୍ଜୁର ହୋଇଥିବା ସୂଚନା ଦିଆଯାଇ ହିତାଧିକାରୀମାନେ ପ୍ରାପ୍ୟ ନେଇ ଦ୍ୱିତୀୟ ନୋଟିସ ଜରି ହେବାର ୭ ଦିନ ମଧ୍ୟରେ ନିଜ ଗ୍ରାମସ୍ଥିତ ବାସଗୃହ ତ୍ୟାଗ କରି ଅନ୍ୟତ୍ର ବିସ୍ଥାପନ ନହେଲେ ଆଇନ ଅନୁଯାୟୀ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କୁହାଯାଇଥିଲା । ଉକ୍ତ ନୋଟିସ ସଂକ୍ରାନ୍ତରେ ଜିଲାପାଳ ଚଞ୍ଚଳ ରାଣାଙ୍କୁ ପଚରାଯିବାରୁ ସେ କହିଛନ୍ତି ଯେ, ପ୍ରକ୍ରିୟାଗତ ନୋଟିସ ସତ୍ତ୍ୱେ ଲକ୍‌ଡାଉନ୍ ସମୟରେ ବିସ୍ଥାପିତ ହେବାକୁ ଥିବା ଲୋକଙ୍କ ଘର ଛାଡିବା ପ୍ରସଙ୍ଗକୁ ମାନବିକତା ଦୃଷ୍ଟିରୁ ବିଚାର କରାଯିବ ଏବଂ ଲକ୍‌ଡାଉନ୍ ସମୟରେ ସେଭଳି କିଛିବି କଠୋର ପଦକ୍ଷେପ ନିଆଯିବନାହିଁ।

# ନବନିର୍ମିତ ଏମ୍‌ସିଏଚ୍ ସମ୍ମୁଖ ରାସ୍ତାରୁ ଜବରଦଖଲ ହଟିଲା



ମ୍ୟୁନିସିପାଲିଟି ପକ୍ଷରୁ ଜବରଦଖଲ ଉଚ୍ଛେଦ କରାଯାଉଛି ।

ସୋନପୁର,୨୦।୫(ନି.ପ୍ର.)

ସୁବର୍ଣ୍ଣପୁର ମ୍ୟୁନିସିପାଲିଟି ପକ୍ଷରୁ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ସ୍ପିନିଂ ମିଲ୍ ଡି-କଲୋନୀରୁ ଗୁରୁବାର ଜବରଦଖଲ ଉଚ୍ଛେଦ କରାଯାଇଛି। ରାସ୍ତାର ଉଭୟ ପାର୍ଶ୍ୱ ସରକାରୀ ଜମିରେ ୨୦ଜଣ ଜବରଦଖଲ କରି ଘର ନିର୍ମାଣ କରିଥିଲେ। ମ୍ୟୁନିସିପାଲିଟି ପକ୍ଷରୁ ନୋଟିସ ପରେ ୧୭ ଜଣ ଘର ଭାଙ୍ଗି ଦେଇଥିଲେ। ତେବେ ଅନ୍ୟ ୩ଜଣ ଘର ଭାଙ୍ଗି ନ ଥିଲେ। ପୋଲିସ ସହାୟତାରେ ଜେସିବି ଦ୍ୱାରା ଉକ୍ତ ଘର ଗୁଡିକୁ ଭଙ୍ଗାଯାଇଛି। ସୋନପୁର ଏସଡିପିଓ ପୁଷ୍ପାଞ୍ଜଳି ନିଙ୍ଗି, ମ୍ୟୁନିସିପାଲିଟି କାର୍ଯ୍ୟନିର୍ବାହୀ ଅଧିକାରୀ ସୂର୍ଯ୍ୟାଂଶୁ ରୁଟ୍ ଓ ଅତିରିକ୍ତ ତହସିଲଦାର(ମାଜିଷ୍ଟ୍ରେଟ୍) ପ୍ରମୋଦ କୁମାର ମେହେରଙ୍କ ଉପସ୍ଥିତିରେ ଜବରଦଖଲ ଉଚ୍ଛେଦ ହୋଇଥିଲା। ମହାନଦୀକୂଳରେ ଜାତୀୟ ସ୍ୱାସ୍ଥ୍ୟ ମିଶନ ଅନୁଦାନରେ ୫୦ଶଯ୍ୟା ବିଶିଷ୍ଟ ଏମ୍‌ସିଏଚ୍(ମାତୃ ଶିଶୁ ସ୍ୱାସ୍ଥ୍ୟକେନ୍ଦ୍ର) ନିର୍ମିତ ହେଉଛି । ଏହି କାର୍ଯ୍ୟ ପ୍ରାୟ ସମ୍ପୂର୍ଣ୍ଣ ହୋଇଗଲାଣି। ଏଠାରେ ୨୦ ଶଯ୍ୟା ବିଶିଷ୍ଟ କୋଭିଡ୍ ହସ୍ପିଟାଲ କାର୍ଯ୍ୟକ୍ଷମ ପାଇଁ ଯୁଦ୍ଧକାଳୀନ ଭିତ୍ତିରେ ପ୍ରସ୍ତୁତି ଚାଲିଛି। ତେଣୁ ଜିଲାପାଳ ମୋନିଷା ବାନାର୍ଜୀଙ୍କ ନିର୍ଦ୍ଦେଶ କ୍ରମେ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାତାୟତର ସୁବିଧା ପାଇଁ ସମ୍ମୁଖ ରାସ୍ତାରୁ ଜବରଦଖଲକାରୀଙ୍କୁ ହଟାଯାଇଥିଲା ।

# ଜିଲାକୁ ପୁଣି ଫେରିଲେ ୭୯ ପ୍ରବାସୀ ଶ୍ରମିକ




ପ୍ରବାସୀ ଶ୍ରମିକଙ୍କୁ ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରଖାଯାଇଛି।

ଖଡ଼ିଆଳ, ୨୦।୫ (ଡି.ଏନ.ଏ.)

ନୂଆପଡ଼ା ଜିଲାରେ କାମଧନ୍ଦା ମିଳୁ ନ ଥିବାରୁ ହଜାର ହଜାର ଗରିବ, ଖଟିଖିଆ, ଦିନ ମଜୁରିଆ ଭିଟାମାଟି ଛାଡି ବାହାର ରାଜ୍ୟକୁ କାମ ଅନେଷ୍ୱଣରେ ଯାଇ ଏବେ କରୋନା ଯୋଗୁ ଘର ବାହୁଡା ହେଉଛନ୍ତି। ମଙ୍ଗଳବାର ୧୧୩ଜଣ ଦାଦନ ଶ୍ରମିକ ନୂଆପଡ଼ା ଜିଲାକୁ ଫେରି ଥିବା ବେଳେ ଗୁରୁବାର ପୁଣି ୭୯ଜଣ ପ୍ରବାସୀ ଶ୍ରମିକ ପ୍ରତ୍ୟାବର୍ତ୍ତନ କରିଛନ୍ତି। ସେମାନଙ୍କୁ କୋଭିଡ୍ ନିୟମରେ ଯାଞ୍ଚ କରି ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରଖାଯାଇଛି। ସମସ୍ତଙ୍କ ଆଣ୍ଟିଜେନ ପରୀକ୍ଷା ପରେ ସମସ୍ତଙ୍କୁ ଗୃହ ସଙ୍ଗରୋଧକୁ ପଠାଇ ଦିଆଯାଇଛି। ଏହି ଶ୍ରମିକ ମଧ୍ୟରୁ ରାୟଗଡ଼ାରୁ ଫେରନ୍ତା ୬୫ଜଣ ବୋଡେନ ବ୍ଲକ ଲେସୁନପାଲି ତରାପୁର ଗ୍ରାମର ବୋଲି ଜଣାପଡ଼ିଛି। ୬୫ଜଣଙ୍କ ଆଣ୍ଟିଜେନ ପରୀକ୍ଷା ପରେ ୨ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ସେହିପରି ମୁମ୍ବାଇ ଫେରନ୍ତା ୮ଜଣ ଖଡ଼ିଆଳ ବ୍ଲକ ରାଣୀମୁଣ୍ଡା ଗ୍ରାମର ବୋଲି ଜଣାପଡ଼ିଛି। ୮ଜଣଙ୍କ ଆଣ୍ଟିଜେନ ପରୀକ୍ଷାରୁ ୪ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ସେମାନଙ୍କୁ ଗୃହ ସଙ୍ଗରୋଧରେ ରହିବାକୁ ପରାମର୍ଶ ଦିଆଯାଇ ଥିବା ଔଷଧ ବଣ୍ଟନ କରିଥିବା ଡାକ୍ତର ଅର୍ଣ୍ଣତା ଶଙ୍କର ଦାସ ପ୍ରକାଶ କରିଛନ୍ତି। ସେହିପରି କୋମନା ବ୍ଲକର ୬ଜଣ ତାମିଲନାଡୁ ଫେରନ୍ତା ପ୍ରବାସୀ ଶ୍ରମିକଙ୍କ ଆଣ୍ଟିଜେନ ପରୀକ୍ଷା ହୋଇଥିବା ବେଳେ ସମସ୍ତଙ୍କ ରିପୋର୍ଟ ନେଗେଟିଭ ଥିବା ଜଣାପଡ଼ିଛି।

## ଖବରଦାତାଙ୍କୁ ପୋଲିସର ଆକ୍ରମଣ ଘଟଣା ନେଇ ଦାବିପତ୍ର

ନୂଆପଡ଼ା ଅଫିସ,୨୦।୫

ପୁରୀରେ ଜଣେ କାର୍ଯ୍ୟରତ ଖବରଦାତାଙ୍କୁ ବୁଧବାର ପୋଲିସ ଆକ୍ରମଣ କରିଛି। ଏହି ଘଟଣାକୁ ନୂଆପଡା ଜିଲା ସାମ୍ବାଦିକ ସଂଘ କଡା ନିନ୍ଦା କରିଛି। ଏହା ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ନୂଆପଡା ଜିଲାପାଳ ସ୍ୱାଧାଦେବ ସିଂଙ୍କୁ ଗୁରୁବାର ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏହି ସମୟରେ ସଂଘ ସଭାପତି ସୁଶାନ୍ତ କର, ଲୋକନାଥ ମହାପାତ୍ର ଏବଂ ସଂଘ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ ।

## ଗୋଚାଲାଣ ରୋକିଲା କେଶରିଆ ହିନ୍ଦୁ ବାହିନୀ

ଲୋଇସିଂହା, ୨୦।୫(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ଅଞ୍ଚଳରୁ ନିୟମିତଭାବେ ଗୋଚାଲାଣ ହେଉଛି। ଗୁରୁବାର ଲୋଇସିଂହା ଥାନା ଅନ୍ତର୍ଗତ ଖଳିଆପାଲି ଗ୍ରାମରୁ ଗୋଚାଲାଣ ଉଦ୍ୟମ ପଣ୍ଡ କରିଛି ସ୍ଥାନୀୟ କେଶରିଆ ହିନ୍ଦୁ ବାହିନୀ। ସଂଗଠନର ସଦସ୍ୟ ଘଟଣାସ୍ଥଳରେ ପହଞ୍ଚିବା ପରେ ଚାଲାଣକାରୀ ସେଠାରୁ ଫେରାର ହୋଇଯାଇଥିଲେ। ଏହାପରେ ସେଠାରେ ଚାଲାନ ଉଦ୍ଦେଶ୍ୟରେ ବନ୍ଧା ଯାଇଥିବା ୭୦ରୁ ୮୦ଗୋରୁଙ୍କୁ ସଂଗଠନ ସଦସ୍ୟ ଛାଡି ଦେଇଥିବା ବ୍ଲକ ସଂଗଠନ ମନ୍ତ୍ରୀ ସୀତାରମ ପଧାନ ସୂଚନା ଦେଇଛନ୍ତି। ଲୋଇସିଂହା ଥାନା ଆଗଲପୁର ବ୍ଲକ ବକଟି ପଞ୍ଚାୟତ ଅଧୀନ ଖଳିଆପାଲି ଗାଁର ଦେଶୀ ମଦଭାଟି ସାମ୍ନାରୁ ଗୋରୁ ଚାଲାଣ ହେଉଥିବା ସଂଗଠନକୁ ସୂଚନା ମିଳିଥିଲା। ସଂଗଠନ ମନ୍ତ୍ରୀ ପଧାନଙ୍କ ନେତୃତ୍ୱରେ ଅଶୋକ ବିଶ୍ୱାଳ, ସୁମନ୍ତ ବିଶ୍ୱାଳ, ସହଦେବ ପଧାନ, ବ୍ୟସଦେବ ପଧାନଙ୍କ ସମେତ ୧୯ଜଣ ସଦସ୍ୟ ସେହି ସ୍ଥାନରେ ପହଞ୍ଚିଥିଲେ। ସେଠାରେ ବନ୍ଧା ଯାଇଥିବା ଗୋରୁଙ୍କୁ ଚାଲାଣ ପାଇଁ ୨ଟି ପିକଅପରେ ଚାଲାଣ ଉଦ୍ୟମ କରାଯାଉଥିଲା। ବାହିନୀର ସଦସ୍ୟଙ୍କୁ ଦେଖି ଚାଲାଣ ଉଦ୍ଦେଶ୍ୟରେ ଆସିଥିବା ୨ ଗାଡି ଓ ୫ ଜଣ ଚାଲାଣକାରୀ ଘଟଣାସ୍ଥଳରୁ ଖସି ପଳାଇଥିଲେ ।

## ସ୍ତ୍ରୀଙ୍କ ତଣ୍ଟି ଚିପି ହତ୍ୟା ଘଟଣା: ସ୍ୱାମୀ ଅଟକ

ଲୋଇସିଂହା.୨୦।୫(ଡି.ଏନ.ଏ)

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ତଥା ଆଗଲପୁର ବ୍ଲକ ସଁସା ଗ୍ରାମରେ ଗତ ମାର୍ଚ୍ଚ ୨୬ତାରିଖରେ ଦଶମୀ ସାହୁଙ୍କୁ(୨୭) ତାଙ୍କ ସ୍ୱାମୀ ସୁଦାମ ସାହୁ ତଣ୍ଟି ଚିପି ହତ୍ୟା କରି ଫେରାର ହୋଇଯାଇଥିଲେ। ଅଧିକ ଯୌତୁକ ଦାବି ଓ ଚରିତ୍ରକୁ ସନ୍ଦେହ କରି ଝିଅଁ ହତ୍ୟା କରିଥିବା ନେଇ ମୃତାଙ୍କ ବାପା ଜଟାଧାରୀ ସାହୁ ଅଭିଯୋଗ କରିଥିଲେ। ଏ ନେଇ ଥାନାରେ ଏକ ମାମଲା(ନଂ.୭୯/୨୧) ରୁଜୁ କରି ପୋଲିସ ଅଭିଯୁକ୍ତଙ୍କୁ ଧରିବା ପାଇଁ ତନାଘନା ଚଲାଇଥିଲା । ଘଟଣାର ୫୪ ଦିନ ପରେ ଲୋଇସିଂହା ପୋଲିସ ଅଭିଯୁକ୍ତ ସ୍ୱାମୀଙ୍କୁ ବଲାଙ୍ଗୀରରୁ ଧରିଛି। ଘଟଣା ସମ୍ପର୍କରେ ତାଙ୍କୁ ପଚରାଉଚରା କରାଯାଉଛି। ତଣ୍ଟି ଚିପି ହତ୍ୟା କରିଥିବା ଅଭିଯୁକ୍ତ ସ୍ୱୀକାର କରିଛନ୍ତି। ଶୁକ୍ରବାର ତାଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ କହିଛି। ପୋଲିସ ସୂଚନାମତେ, ସଁସା ଗାଁର ସୁଦାମ ସାହୁ ୮ବର୍ଷ ତଳେ ବରଗଡ ଜିଲା ବିଜେପୁର ଥାନା ଅନ୍ତର୍ଗତ କଟାଁପାଲି ଗାଁର ଜଟାଧାରୀ ସାହୁଙ୍କ ଝିଅ ଦଶମୀ(ଶୀଲା)ଙ୍କୁ ବୈଦିକ ରୀତିରେ ବିବାହ କରିଥିଲେ । ବିବାହ ପରଠାରୁ ସୁଦାମ ଯୌତୁକ ବାବଦକୁ ଅଧିକ ୫୦ହଜାର ଟଙ୍କ ଦାବି କରି ଆସୁଥିଲେ । ଇତି ମଧ୍ୟରେ ସେମାନଙ୍କର ଗୋଟିଏ ପୁଅ ଓ ଝିଅ ହୋଇଥିଲେ। ଏହାସତ୍ତ୍ୱେ ଦଶମୀଙ୍କୁ ଅନେକ ସମୟରେ ସୁଦାମ ଶାରୀରିକ ଓ ମାନସିକ ନିର୍ଯାତନ ଦେଇଆସୁଥିଲେ । ମାର୍ଚ୍ଚ ୨୫ ତାରିଖ ରାତିରେ ସୁଦାମ ଓ ଦଶମୀଙ୍କ ମଧ୍ୟରେ କୌଣସି କାରଣକୁ ନେଇ ବଚସା ହୋଇଥିଲା । ସୁଦାମ ଉତ୍‌କ୍ଷିପ୍ତ ହୋଇ ଦଶମୀଙ୍କ ତଣ୍ଟି ଚିପି ଦେଇଥିଲେ ଓ ସେଥିରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା ।

# ବିଡିଓଙ୍କ ବଦଳି ଦାବିକଲେ ପଞ୍ଚାୟତ ସମିତି ଅଧକ୍ଷା

କଣ୍ଟାବାଞ୍ଜି,୨୦।୫(ଡି.ଏନ.ଏ.)

ବଲାଙ୍ଗୀର ଜିଲା ତୁରେକେଲା ବିଡିଓ ନିୟମିତ ଅଫିସ ଆସୁନାହାନ୍ତି। ଦାଦନ ପ୍ରବଣ ଏହି ବ୍ଲକରେ କରୋନା ମହାମାରୀ ସମୟରେ ଅଞ୍ଚଳବାସୀଙ୍କୁ ସରକାରୀ ଯୋଜନାରେ ସହାୟତା କରିବା ପରିବର୍ତ୍ତେ ହେଡକ୍ୱାର୍ଟର୍ସରେ ନ ରହି କଣ୍ଟାବାଞ୍ଜିସ୍ଥିତ ବାସଭବନରେ ରହୁଛନ୍ତି। ଏହିଭଳି ଅଭିଯୋଗ ଆଣିଛନ୍ତି ଖୋଦ୍ ପଞ୍ଚାୟତ ସମିତି ଅଧକ୍ଷା ଅନୁ ଭୁଏ। ଗତ ସୋମବାର ବିଡିଓ ମନୋରଞ୍ଜନ ପାଣିଗ୍ରାହୀଙ୍କ ସହ କାର୍ଯ୍ୟରତ ସମସ୍ତ କର୍ମଚାରୀ କାର୍ଯ୍ୟାଳୟକୁ ଠିକ୍ ସମୟରେ ପହଞ୍ଚି ନ ଥିବାରୁ ବ୍ଲକ ଅଫିସର ମୁଖ୍ୟ ଫାଟକରେ ତାଲା ଝୁଲୁଥିବା ଦେଖାଯାଇଥିଲା। ଏଥିଯୋଗୁ ବିଭିନ୍ନ କାମରେ ବ୍ଲକ ଆସିଥିବା ଲୋକେ ନିରାଶ ହୋଇ ଫେରିଥିଲେ। କାମଧନ୍ଦା ନ ପାଇ ଏହି ଅଞ୍ଚଳର ଲୋକେ ଅନ୍ୟ ରାଜ୍ୟକୁ ଦାଦନ ଖଟି ଯାଉଛନ୍ତି। ଏପରିସ୍ଥଳେ ବ୍ଲକ ମାଧ୍ୟମରେ କାର୍ଯ୍ୟକାରୀ ହେଉଥିବା ଏମ୍‌ଜିଏନ୍‌ଆରଇଜିଏସ୍, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ମୋ କୁଟୀର ତଥା ଅନ୍ୟାନ୍ୟ ଉନ୍ନୟନମୂଳକ କାର୍ଯ୍ୟ ସୂଚାରୁରୂପେ ହୋଇପାରୁନାହିଁ। ଯାହା ବି ହେଉଛି ସେଥିରେ ନାନା ଅନିୟମିତତା ହେଉଥିବା ଅଧକ୍ଷା ଭୁଏ ଅଭିଯୋଗ ଆଣିଛନ୍ତି। ଏଣୁ ପ୍ରଶାସନିକ ନିଷ୍କ୍ରିୟତା ଦୂର କରି ଜନକଲ୍ୟାଣ କାମକୁ ତ୍ୱରାନ୍ୱିତ କରିବାକୁ ହେଲେ ବିଡିଓଙ୍କୁ ତୁରନ୍ତ ବଦଳି କରିବାକୁ ଅଧକ୍ଷା ଭୁଏଙ୍କ ସହ ସମିତି ସଭ୍ୟ କୌଶିକ ମେହେର, ବିଧାୟକ ପ୍ରତିନିଧି କାର୍ତ୍ତିକ ପୁଟେଲ, ହିଆଲ ସରପଞ୍ଚ ହରିସିଂ ପୋଢ, ସମିତି ସଭ୍ୟ ଲୋକନାଥ ଥପା, ହଲନଭଟା ସରପଞ୍ଚ ବଂଶୀ ତାଣ୍ଡି, ଖଗସା ପଞ୍ଚାୟତ ସମିତି ସଭ୍ୟ ହରେକୃଷ୍ଣ ସଗରିଆ, ଘୁନେଶ ସମିତି ସଭ୍ୟ କୈବଲ ଭୋଇ, ଧାମନଡଙ୍ଗା ସମିତି ସଭ୍ୟ ଖେଲନ୍ତି ସମରଥ ପ୍ରମୁଖ ଜିଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଏ ନେଇ ବିଡିଓ ପାଣିଗ୍ରାହୀଙ୍କୁ ତାଙ୍କ ମୋବାଇଲ ନଂ. ୯୮୬୧୬୭୮୨୭୭ରେ ଯୋଗାଯୋଗ କରାଯାଇଥିଲା। ରିଙ୍ଗ ହେବା ସତ୍ତ୍ୱେ ସେ ରିସିଭ ନ କରିବାକରୁ ପ୍ରତିକ୍ରିୟା ମିଳିପାରି ନାହିଁ।

# କୋଭିଡ୍ କଣ୍ଟ୍ରୋଲ ରୁମରେ ୨୦ ଶିକ୍ଷକ ନିୟୋଜିତ



କୋଭିଡ୍ କଣ୍ଟ୍ରୋଲ ରୁମ୍‌ରେ ନିୟୋଜିତ ଶିକ୍ଷକମାନେ ।

ନୂଆପଡ଼ା ଅଫିସ,୨୦।୫

ନୂଆପଡା ଜିଲା କୋମନା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଥିବା କୋଭିଡ୍ କଣ୍ଟ୍ରୋଲ ରୁମରେ ୨୦ ଜଣ ଶିକ୍ଷକ ସେବା ଯୋଗାଉଛନ୍ତି। ସକାଳ ୬ରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ୩ ସିଫ୍ଟରେ କାର୍ଯ୍ୟ କରୁଛନ୍ତି। ହୋମ ଆଇସୋଲେଶନରେ ଥିବା କରୋନା ରୋଗୀଙ୍କ ସ୍ୱାସ୍ଥ୍ୟ ସମ୍ପର୍କରେ ପଚାରି ବୁଝନ୍ତି। ରୋଗୀମାନଙ୍କୁ ପରାମର୍ଶ ଦେଉଥିବା ବେଳେ ଗୁରୁତର ରୋଗୀଙ୍କୁ ନୂଆପଡା କୋଭିଡ୍ କେୟାର ସେଣ୍ଟରକୁ ଡାକ୍ତରଙ୍କ ପରାମର୍ଶ ପରେ ପଠାଉଛନ୍ତି।

# ଜାତିଆଣ ମନ୍ତବ୍ୟ ନେଇ ମାମଲା ରୁଜୁ

ବୌଦ୍ଧ,୨୦।୫(ସ୍ୱ.ପ୍ର)

ବୌଦ୍ଧ ଜିଲାର ଜଣେ ସରପଞ୍ଚଙ୍କ ସ୍ୱାମୀ ୱାର୍ଡମେମ୍ବରଙ୍କୁ ଗାଳିଗୁଲଜ କରିବା ସହ ଜାତିଆଣ ମନ୍ତବ୍ୟ ଦେଇଛନ୍ତି। ଏଭଳି ଅଭିଯୋଗ ହେବା ପରେ ପୋଲିସ ସରପଞ୍ଚଙ୍କ ସ୍ୱାମୀଙ୍କ ନାମରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

ପୋଲିସ ସୂଚନା ମୁତାବକ, ହରଭଙ୍ଗା ବ୍ଲକ ବାଣୀଭୂଷଣପୁର ଗ୍ରାମପଞ୍ଚାୟତ ୪ ନଂ. ୱାର୍ଡର ୱାର୍ଡମେମ୍ବର ଅଶୋକ ବେହେରା ଗତ ବୁଧବାର ସକାଳ ୭ଟା ସମୟରେ ଚାରିଛକ ବଜାରକୁ ସଉଦା ପାଇଁ ଆସିଥିଲେ। ଏହି ସମୟରେ ସରପଞ୍ଚଙ୍କ ସ୍ୱାମୀ ପ୍ରଶାନ୍ତ ପାତ୍ର ପୁରୁଣା ଆଜବେଷ୍ଟସକୁ ନେଇ ୱାର୍ଡମେମ୍ବର ବେହେରାଙ୍କୁ ଗାଳିଗୁଲଜ କରିବା ସହ ଜାତିଆଣ ମନ୍ତବ୍ୟ ଦେଇଥିଲେ। ଏ ନେଇ ୱାର୍ଡମେମ୍ବର ବେହେରା ପୁରୁଣାକଟକ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୪୬/୨୧) ରୁଜୁ କରିଛି। ଅନ୍ୟପକ୍ଷେ ଏହି ଘଟଣାକୁ ଅନ୍ୟ ୱାର୍ଡମେମ୍ବର ମାନେ ନିନ୍ଦା କରିବା ସହ ତୁରନ୍ତ କାର୍ଯ୍ୟନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ଏ ନେଇ ପୁରୁଣାକଟକ ଥାନାଧିକାରୀ ଜ୍ୟୋସ୍ନା କାଉଁରିଙ୍କୁ ପଚାରିବାରୁ ସରପଞ୍ଚଙ୍କ ସ୍ୱାମୀ ଜଣେ ୱାର୍ଡମେମ୍ବରଙ୍କୁ ଗାଳିଗୁଲଜ ଓ ଜାତିଆଣ ମନ୍ତବ୍ୟ ଦେଇଥିବା ନେଇ ଅଭିଯୋଗ ହୋଇଛି। ଏ ନେଇ ଏକ ମାମଲା ରୁଜୁ କରି ତଦନ୍ତ ପାଇଁ ବୌଦ୍ଧ ଏସ୍‌ପିଙ୍କୁ ଜଣାଇଥିବା କାଉଁରି ପ୍ରକାଶ କରିଥିଲେ। ତେବେ ଏ ସମ୍ପର୍କରେ ସରପଞ୍ଚଙ୍କ ସ୍ୱାମୀ ପ୍ରଶାନ୍ତ ପାତ୍ରଙ୍କ ମତାମତ ମିଳିପାରିନାହିଁ ।

# ଉଦାହରଣ ସାଜିଛନ୍ତି ଆଶିଷ

**ମାଟିକାମ କରି ପରିବାର ପୋଷଣ**

ବରଗଡ଼ ଅଫିସ୍,୨୦।୫

କରୋନା ସଂକ୍ରମଣକୁ ପ୍ରତିହତ କରିବା ପାଇଁ ରାଜ୍ୟବ୍ୟାପୀ ଲକ୍ ଡାଉନ୍ କଟକଣା ଲାଗୁ ହୋଇଛି । ଏହି କଟକଣା ଲୋକଙ୍କ ରୋଜଗାରକୁ ଛଡାଇ ନେଇଛି। ଏଭଳି ସମୟରେ ବରଗଡ଼ ଜିଲା ଗାଇସିଲେଟ୍ ବ୍ଲକ କଟାବାହାଲ ପଞ୍ଚାୟତ ଯୁବାଖୋଲ ଗ୍ରାମର ଜଣେ ଉଚ୍ଚ ଶିକ୍ଷିତ ଯୁବକ ଆଶିଷ ଜ୍ୟୋତିଷ(୨୪) ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ମାଟିକାମ କରି ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜିଛନ୍ତି।

ଯୁବାଖୋଲ ଗ୍ରାମର ସୁଦାମ ଜ୍ୟୋତିଷଙ୍କ ମଧ୍ୟମ ପୁଅ ଆଶିଷ। ସ୍ନାତକ ପଢ଼ିଥିବା ଆଶିଷ ପିଲାବେଳୁ ଜଣେ ମେଧାବୀ ଛାତ୍ର। ଲକଡାଉନ୍ ଯୋଗୁ ଶିକ୍ଷାନୁଷ୍ଠାନ ଗୁଡ଼ିକରେ ଅନଲାଇନ୍ କ୍ଲାସ ଚାଲିଥିଲା। ତାଙ୍କ ଗ୍ରାମ ଅପହଞ୍ଚ ଇଲାକାରେ ଥିବାରୁ ମୋବାଇଲ ନେଟ୍‌ୱାର୍କ ବାଧାପ୍ରାପ୍ତ ହୋଇଥାଏ। ଫଳରେ ସ୍ନାତକୋତ୍ତର



ଆଶିଷ ଜ୍ୟୋତିଷ ମାଟି ବୋହୁଛନ୍ତି।

ଡିଗ୍ରୀରେ ଆଡ଼ମିଶନ କରିଥିଲେ ସୁଦ୍ଧା ସେ ଅନଲାଇନ କ୍ଲାସ କରିବାରେ ସକ୍ଷମ ହୋଇ ହୋଇ ନ ଥିଲେ। ତେଣୁ ଡିଗ୍ରୀ ହାସଲ ପଛରେ ନ ପଡି ମାଟିକାମ, କେନ୍ଦୁପତ୍ର ବାନ୍ଧି କିଛି ରୋଜଗାର କରୁଥିବା କହିଛନ୍ତି ଆଶିଷ। ଗତବର୍ଷ ଲକ୍‌ଡାଉନ ସମୟରେ ସେ ଏଭଳି କାମ କରିଥିଲେ ଏବଂ ଏଥର ମଧ୍ୟ ସେହି କାମକୁ ଜୀବିକା ଭାବେ ଆଦରି ନେଇଛନ୍ତି। ସେ ବାପାଙ୍କ ସହିତ ଗ୍ରାମର ଏକ ଜଳାଶୟରେ ମାଟିକାମ କରୁଛନ୍ତି ଏବଂ ଦୈନିକ ପ୍ରାୟ ଅଢ଼େଇ ଶହରୁ ୩ଶହ ଟଙ୍କା ପର୍ଯ୍ୟନ୍ତ ରୋଜଗାର ହେଉଛି ବୋଲି ସେ କହିଛନ୍ତି। ସେହିପରି ଆଶିଷଙ୍କ ବଡ଼ଭାଇ ଆଲୋକ ସ୍ନାତକୋତ୍ତର ଡିଗ୍ରୀ ଏବଂ ସାନଭାଇ ଆକାଶ ସ୍ନାତକ ଡିଗ୍ରୀ ହାସଲ କରିଛନ୍ତି। ସେମାନେ ମଧ୍ୟ ଲକଡାଉନରେ କେନ୍ଦୁପତ୍ର ସଂଗ୍ରହ, କେନ୍ଦୁପତ୍ର ବାନ୍ଧିବା, ଟୋଲ ସଂଗ୍ରହ କରୁଛନ୍ତି । ସେଥିରୁ ଯାହା ରୋଜଗାର ହେଉଛି ସେଥିରେ ପରିବାର ଚଳୁଛି ବୋଲି ଆଶିଷ କହିଛନ୍ତି ।